ପଠନ ପତ୍ର

(ପ୍ରଶିକ୍ଷାର୍ଥୀମାନଙ୍କ ନିମନ୍ତେ)



ଉଦୟ
UDAY
Creating Change Makers

ଉଦୟ
UDAY

Creating Change Makers

ପଠନ ପତ୍ର

(ପ୍ରଶିକ୍ଷାର୍ଥୀମାନଙ୍କ ନିମନ୍ତେ)

୨୦୨୧

ଉଦୟ
UDAY

ପୁସ୍ତିକା ସମ୍ବନ୍ଧରେ ପଦେ

'ମିଶନ-ଉଦୟ' କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସେସ୍ (KISS), ଜାତିସଂଘ ଜନସଂଖ୍ୟା ପାଣ୍ଠି (UNFPA) ଏବଂ ଗ୍ରାମୀଣ ବିଦ୍ୟୁତକରଣ ନିଗମ (REC)ର ଏକ ମିଳିତ ଉଦ୍ୟମ ଯାହା ଓଡ଼ିଶାର ଦୁର୍ଗମ ଅନୁନ୍ନତ ଅଞ୍ଚଳର ଯୁବ ବର୍ଗମାନଙ୍କ ବିବିଧ ସମସ୍ୟାକୁ ସମ୍ବୋଧନ କରିବା ସହିତ ସାମାଜିକ ପରିବର୍ତ୍ତନର ନାୟକ ସୃଷ୍ଟି କରିବ। ଯେଉଁମାନେ, ବିକାଶର ନେତୃତ୍ୱ ନେବେ ଏବଂ ନିଜ ଅଞ୍ଚଳର ସମ ବୟସ୍କ ବ୍ୟକ୍ତିମାନଙ୍କୁ ଏହି କାର୍ଯ୍ୟ ପାଇଁ ପ୍ରଭାବିତ କରିବେ।

ଏହି ପ୍ରକଳ୍ପ ମାଧ୍ୟମରେ କୋରାପୁଟ, ମାଲକାନଗିରି, ରାୟଗଡ଼ା ଏବଂ କନ୍ଧମାଳ ଜିଲ୍ଲାର ୧୫୦୦ ଯୁବ ବ୍ୟକ୍ତି (ବୟସ ୧୮ ରୁ ୩୦)ମାନଙ୍କୁ କୌଶଳ ଶିକ୍ଷା ଦ୍ୱାରା ଦକ୍ଷତା ବୃଦ୍ଧି, ନେତୃତ୍ୱ, ସରକାରୀ ପ୍ରକଳ୍ପରୁ ସୁବିଧା ପ୍ରାପ୍ତି, ସାମାଜିକ ଉଦ୍ୟୋଗ, ସକ୍ରିୟ ନାଗରିକତ୍ୱ ଇତ୍ୟାଦିରେ ତାଲିମ ଦେଇ ସଶକ୍ତିକରଣ କରାଯାଉ ଅଛି। ଏହି ସହାୟକ ପୁସ୍ତିକା ତାଲିମ ସମୟରେ ଉଦୟସାଥିମାନଙ୍କୁ ଦିଆଯାଇଥିବା ପଠନପତ୍ରର ଏକ ସଂକଳନ ମାତ୍ର।

ଏହି ପଠନପତ୍ରଟିକୁ ସଂକଳିତ କରିବାପାଇଁ ଅନେକ ପ୍ରକାଶିତ ପୁସ୍ତିକାର ସହାୟତା ନିଆଯାଇ ଅଛି। ଯଥା, ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ 'ପଞ୍ଚାୟତିରାଜ ସହାୟିକା ପୁସ୍ତିକା', ରାଜ୍ୟ ଏଡସ୍ ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ 'ଜୀବନ ପାଇଁ ଶିକ୍ଷା', KISS-UNFPA ଦ୍ୱାରା ପ୍ରକାଶିତ ଜୀବନ କୌଶଳ ଶିକ୍ଷା କାର୍ଯ୍ୟକ୍ରମର ବିଭିନ୍ନ ପୁସ୍ତିକା, FEDO ଭୁବନେଶ୍ୱର, PRADAN ନୂଆ ଦିଲ୍ଲୀ, ALC India Hyderabad ଏବଂ ACSTI ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ଅନ୍ୟାନ ପୁସ୍ତିକା ମାନ।

ଆମେ ଆଶାକରୁ, ଏହି ପୁସ୍ତିକା ଉଦୟସାଥିମାନଙ୍କୁ ନିଜ ଅଞ୍ଚଳରେ ଗୋଷ୍ଠିସ୍ତରୀୟ ସଚେତନତା କାର୍ଯ୍ୟକ୍ରମରେ ସାହାର୍ଯ୍ୟ କରିବ।

Project Management Unit - UDAY, KISS

ସୂଚୀପତ୍ର

କ୍ର.ସଂ.	ବିଷୟ	ପୃଷ୍ଠା
୧.	**ଜୀବନ କୌଶଳ**	୦୧-୦୫
	■ ଜୀବନ କୌଶଳ ଏବଂ ଏହାର ପ୍ରକାରଭେଦ	
	■ ମୂଲ୍ୟବୋଧ ଏବଂ ବିଶ୍ୱାସ	
	■ ଯୋଗାଯୋଗ	
	■ ନେତୃତ୍ୱ	
	■ ବିବାଦ ପରିଚାଳନା	
୨.	**ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ**	୦୭-୩୪
	■ ପ୍ରଜନନ ଅଙ୍ଗର ପରିବର୍ତ୍ତନ ଓ ଯୌନ ପରିପକ୍ୱତା	
	■ ଋତୁସ୍ରାବ	
	■ ଗର୍ଭ ଧାରଣ	
	■ ଗର୍ଭ ନିରୋଧିକରଣ	
	■ ପ୍ରଜନନ ପଥ ସଂକ୍ରମଣ ଓ ଯୌନ ସଂକ୍ରମଣ	
	■ ଏଚ.ଆଇ.ଭି / ଏଡ୍‌ସ	
	■ ବାଲ୍ୟବିବାହ ଓ ଅପ୍ରାପ୍ତ ବୟସରେ ଗର୍ଭଧାରଣ	
	■ ଲିଙ୍ଗଗତ ବୈଷ୍ୟମତା ଓ ହିଂସା	
	■ ପ୍ରଜନନ ସ୍ୱାସ୍ଥ୍ୟ ସମ୍ପର୍କରେ ଭ୍ରମଧାରଣା ଓ ବିଶ୍ୱାସ	
	■ କୋଭିଡ୍-୧୯	
୩.	**ଜୀବିକା ସମ୍ବଳିତ କୌଶଳ**	୩୫-୬୭
	■ ଉଦ୍ୟାନ କୃଷୀ	
	■ ବନ୍ୟ ଜାତ ଦ୍ରବ୍ୟ	
	■ ପଶୁ ସମ୍ପଦ	
	■ ବ୍ୟାଙ୍କ କ'ଣ	
	■ ଅର୍ଥ ପ୍ରେରଣ	
	■ ବୀମା	
	■ ପେନସନ୍	
	■ ବ୍ୟାଙ୍କ ଋଣ ପାଇଁ ପ୍ରକଳ୍ପର ମୂଲ୍ୟାୟନ	

୫. ସରକାରୀ ଯୋଜନା ୭୯-୧୦୬

- ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ
- ଖାଦ୍ୟ ସୁରକ୍ଷା ଅଧିନିୟମ ଏବଂ ସାଧାରଣ ବଣ୍ଟନ ପ୍ରଣାଳୀ
- ଭତ୍ତା ଏବଂ ସାମାଜିକ ସୁରକ୍ଷା ଯୋଜନା
- ଗ୍ରାମୀଣ ଆବାସ ଯୋଜନା
- ସମନ୍ୱିତ ବାଳ ବିକାଶ ଯୋଜନା
- ଜନନୀ ସୁରକ୍ଷା ଯୋଜନା
- ମମତା ଯୋଜନା
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
- ସ୍ୱଚ୍ଛ ଭାରତ ମିଶନ
- ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା
- ପ୍ରଧାମମନ୍ତ୍ରୀ ରୋଜଗାର ଉତ୍ପନ୍ନ କାର୍ଯ୍ୟକ୍ରମ
- ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା
- କିଶାନ୍ କ୍ରେଡିଟ୍ କାର୍ଡ଼
- ପରମ୍ପରାଗତ କୃଷି ବିକାଶ ଯୋଜନା
- ଜଙ୍ଗଲ ଅଧିକାର ଅଧିନିୟକ
- ଦେଶାନ୍ତରରେ ଦେଖାଯାଉଥିବା ସମସ୍ୟା
- ଦିନଦୟାଲ ଉପଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା
- ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା

୫. ଉଦ୍ୟୋଗୀ ୧୦୭-୧୧୭

- ପ୍ରରୋଚନା ଓ ଅବତାରଣା
- ଉଦ୍ୟୋଗୀ ଏବଂ ତାର ଲକ୍ଷଣ
- ଉଦ୍ୟୋଗ ସ୍ଥାପନର ପନ୍ଥା ଏବଂ ସେମାନଙ୍କର ଗୁରୁତ୍ୱ
- ବ୍ୟବସାୟ / ସେବାଭିତ୍ତିକ ଉଦ୍ୟୋଗ

ଜୀବନ କୌଶଳ

ଜୀବନ କୌଶଳ ଏବଂ ଏହାର ପ୍ରକାରଭେଦ

ଜୀବନ କୌଶଳର ଅର୍ଥ-ଦୈନନ୍ଦିନ ଜୀବନରେ ଆସୁଥିବା ବିଭିନ୍ନ ସମସ୍ୟାର ସାମ୍ନା କରି ଫଳପ୍ରଦ ସମାଧାନ ନିମନ୍ତେ ନିଜ ଭିତରେ ଏକ ସକରାତ୍ମକ ଚିନ୍ତାଧାରାର ବିକାଶ କରିବା।

ଜୀବନ କୌଶଳଗୁଡ଼ିକ ବ୍ୟକ୍ତି ମଧ୍ୟରେ ଥିବା ଅନ୍ତର୍ନିହିତ ଜ୍ଞାନ, ଗୁଣ, ଅନୁଭୂତି ତଥା ଅନୁଭବକୁ ପରିସ୍ଥିତିର ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ କ୍ଷମତା ପ୍ରଦାନ କରିଥାଏ। କିଶୋର/କିଶୋରୀ ନିଜ ଜୀବନର ଯଥାର୍ଥ ମୂଲ୍ୟାଙ୍କନ କରିବା ସହିତ କ'ଣ କେତେବେଳେ କେଉଁ କାର୍ଯ୍ୟ କରିବାକୁ ହେବ ଜାଣିଥା'ନ୍ତି। ତେଣୁ ଜୀବନ କୌଶଳ ମଣିଷକୁ ଏପରି ସାମର୍ଥ୍ୟ ପ୍ରଦାନ କରିଥାଏ; ଯାହା ଦ୍ୱାରା ମଣିଷ ଏକ ସୁସ୍ଥ ମାନସିକତା ନେଇ ଉଚିତ୍ ବ୍ୟବହାର ପ୍ରଦର୍ଶନ କରିପାରେ, ଏହା ସହିତ ସଫଳତାର ସଠିକ୍ ଦିଗଗୁଡିକୁ ମଧ୍ୟ ନିର୍ଦ୍ଧାରଣ କରିପାରେ। ତେଣୁ ଆମେ ଜୀବନ କୌଶଳଗୁଡ଼ିକୁ ଉପଯୁକ୍ତ ଭାବେ ଆହରଣ କରି ଏହାର ଉଚିତ୍ ପ୍ରୟୋଗ କରିପାରିଲେ ଏହା ଆମର ଆତ୍ମ ସଚେତନତାକୁ ପ୍ରଭାବିତ କରିଥାଏ। ଏହା ସହିତ ଅନ୍ୟମାନଙ୍କ ମନରେ ଆମେ ଏକ ପରିବର୍ତ୍ତିତ ପ୍ରତିଚ୍ଛବି ସୃଷ୍ଟି କରିଥାଉ ଏବଂ ଆତ୍ମ ସମ୍ମାନକୁ ନେଇ ଏକ ଉନ୍ନତ ମାନର ଦୃଷ୍ଟିକୋଣ ସୃଷ୍ଟି କରିଥାଏ।

ଜୀବନ କୌଶଳ, ଶିକ୍ଷା ଓ ଜ୍ଞାନର ଏକ ଏପରି ସମନ୍ୱୟ ଯାହା ଯୁବକ, ଯୁବତୀମାନଙ୍କ ନିଜ ଜୀବନରେ ନିଷ୍ପତ୍ତି ନେବାରେ ସହାୟକ ହୋଇଥାଏ। ଏହା ଦ୍ୱାରା ବିଭିନ୍ନ ଦକ୍ଷତା ବୃଦ୍ଧି ହୋଇଥାଏ, ଯଥା; ଆତ୍ମ ସଚେତନତା, ସମ ଅନୁଭୂତି, ସମସ୍ୟା ସମାଧାନ, ନିଷ୍ପତ୍ତି ନିର୍ଦ୍ଧାରଣ, ସୃଜନାତ୍ମକ ଚିନ୍ତା, ବିଶ୍ଳେଷଣାତ୍ମକ ଚିନ୍ତା, ପାରସ୍ପରିକ ସମ୍ପର୍କ, ଫଳପ୍ରଦ ଯୋଗାଯୋଗ, ଆବେଗ ସହିତ ଅବସ୍ଥାନ ଓ ମାନସିକ ଚାପ ପରିଚାଳନା। ଏହିଭଳି ଭାବେ ଜୀବନ କୌଶଳ ଶିକ୍ଷା କିଶୋର / କିଶୋରୀ / ଯୁବକ / ଯୁବତୀମାନଙ୍କ ମଧ୍ୟରେ ଏକ ସକରାତ୍ମକ ସାମାଜିକ ସମ୍ପର୍କ ପ୍ରତିଷ୍ଠା କରିବା ଏବଂ ସ୍ୱାସ୍ଥ୍ୟପ୍ରଦ ବ୍ୟବହାର ପାଇଁ ସକ୍ଷମ କରିଥାଏ।

ଦକ୍ଷତାର ପ୍ରକାର ଭେଦ

ସାକ୍ଷରତା ଦକ୍ଷତା : ପଢ଼ିବା, ଲେଖିବା ଓ ଗାଣିତିକ ହିସାବ ଇତ୍ୟାଦି।

ଭାଷା ଦକ୍ଷତା : ଲେଖିବା ଓ କହିବା ବେଳେ ଭଲ ଭାବେ ଭାଷାର ପ୍ରୟୋଗ କରିବା / ସୁନ୍ଦର ଭାବେ ଲେଖିବା ଓ କହିପାରିବା ଇତ୍ୟାଦି।

କାର୍ଯ୍ୟନିର୍ବାହ କରିବାର ଦକ୍ଷତା : ବ୍ୟାଙ୍କରେ ଟଙ୍କା ଜମା କରାଇବା / ଉଠାଇବା ତଥା ଟ୍ରେନ୍ ଯାତ୍ରା କରିବା ପାଇଁ ଟିକେଟ୍ କରି ପାରୁଥିବା ଦକ୍ଷତା ଇତ୍ୟାଦି।

ଧନ୍ଦାମୂଳକ ଦକ୍ଷତା : ଜମିରେ ହଳ କରିପାରିବା, ଭଲ ସିଲେଇ ବା ବୁଣାବୁଣି କରିପାରିବା ଇତ୍ୟାଦି।

କ୍ରୀଡ଼ା ଦକ୍ଷତା : ଫୁଟବଲ୍, ହକି, କ୍ରିକେଟ୍, ଦୌଡ଼ାଦୌଡ଼ି ଖେଳ ଏବଂ ଅନ୍ୟାନ୍ୟ ଖେଳ।

ସାଂସ୍କୃତିକ ଦକ୍ଷତା : ନାଚ, ଗୀତ, ଡ୍ରାମା, ନାଟକ, ଏକକ ଅଭିନୟ ଇତ୍ୟାଦି...

ଜୀବନ ଦକ୍ଷତା : ଜୀବନର ବିଭିନ୍ନ ସୁବିଧା ଅସୁବିଧା, ବିପଦ ଆପଦ ଅନୁକୂଳ-ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଏକ ସୁସ୍ଥ ସୁନ୍ଦର ସରସ ଜୀବନ ଯାପନ କରିବା। ଯଥା (୧) ଆତ୍ମ ସଚେତନତା (୨) ସମାନୁଭବ (୩) ସଫଳ ଭାବବିନିମୟ (୪) ପାରସ୍ପରିକ ସଂପର୍କ (୫) ସୃଜନାତ୍ମକ ଚିନ୍ତା (୬) ବିଶ୍ଳେଷଣାତ୍ମକ ଚିନ୍ତା (୭) ନିଷ୍ପତ୍ତି ନିର୍ଦ୍ଧାରଣ (୮) ସମସ୍ୟାର ସମାଧାନ (୯) ଆବେଗର ପରିଚାଳନା (୧୦) ମାନସିକ ଚାପର ସୁପରିଚାଳନା।

(ଜୀବନ କୌଶଳ ମଣିଷକୁ ଏପରି ସାମର୍ଥ୍ୟ ପ୍ରଦାନ କରିଥାଏ, ଯାହାଦ୍ୱାରା ସେ ଏକ ସୁସ୍ଥ ମାନସିକତାକୁ ନେଇ ଅନ୍ୟମାନଙ୍କ ସହ ଉଚିତ ବ୍ୟବହାର କରିବା ସଂଗେ ସଂଗେ ଏକ ଶୃଙ୍ଖଳିତ ସାମାଜିକ ପ୍ରାଣୀ ଭାବରେ ବଞ୍ଚିପାରିବ।

- ଜୀବନ କୌଶଳ ଦକ୍ଷତା ଆମର ସକାରାତ୍ମକ ତଥା ବିଭିନ୍ନ ପରିବେଶ ପରିସ୍ଥିତିରେ ଅତି ସହଜରେ ଖାପ ଖୁଆଇ ଚଳିପାରିବା ଗୁଣଟିକୁ ବୃଦ୍ଧି କରିଥାଏ, ସେ ବିଷୟରେ ଧାରଣା ଦେବେ।
- ଆମ ସମସ୍ତଙ୍କ ପାଖରେ ଏହି ଦକ୍ଷତାଗୁଡ଼ିକ ଅଛି ଏବଂ ଏହାକୁ ଆମେ ସମସ୍ତେ ବ୍ୟବହାର କରିଥାଉ।
- ଦକ୍ଷତାଗୁଡ଼ିକ ଅଭ୍ୟାସ, ଧୈର୍ଯ୍ୟ ଓ ପ୍ରୟାସ କରିବା ଦ୍ୱାରା ଅର୍ଜ୍ଜନ ଓ ବୃଦ୍ଧି କରାଯାଇପାରେ।
- ଜୀବନ କୌଶଳ ଦକ୍ଷତା ବୃଦ୍ଧି କରିବା ଦ୍ୱାରା ପରିବେଶ ପରିସ୍ଥିତି ତଥା ବ୍ୟକ୍ତି ବିଶେଷଙ୍କ ସହିତ ଖାପ ଖୁଆଇ ଚଳିପାରିବା।
- ଜୀବନ କୌଶଳଗୁଡ଼ିକୁ ଅଭ୍ୟାସକ୍ରମେ ପ୍ରୟୋଗ କରିବା ଦ୍ୱାରା ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ, ପରିବାରର ବିକାଶ, ସମାଜ ତଥା ଜାତି ଓ ଦେଶର ବିକାଶ ମଧ୍ୟ ହୋଇଥାଏ।

ଆତ୍ମ ମୂଲ୍ୟାୟନ କ'ଣ :

ଆତ୍ମ ମୂଲ୍ୟାୟନ କହିଲେ ଆମେ ନିଜକୁ କେତେ ମୂଲ୍ୟ ଦେବାକୁ ବୁଝାଏ। ଏହାର ଅର୍ଥ ଆମେ ନିଜକୁ କେତେ ଗୁରୁତ୍ୱ ଦେଉଛେ, ନିଜର କିଭଳି ଯତ୍ନ ନେଉଛେ, ନିଜର ସଫଳତା ଓ ସମୃଦ୍ଧି ସମ୍ପର୍କରେ କେତେ ଚିନ୍ତା କରୁଛେ ଇତ୍ୟାଦିକୁ ବୁଝାଏ।

ନିମ୍ନଲିଖିତ ସାଧନଗୁଡ଼ିକ ଜଣେ ବ୍ୟକ୍ତିର ଆତ୍ମ ମୂଲ୍ୟାୟନରେ ସହାୟକ ହୋଇଥାଏ। ଏଗୁଡ଼ିକ ଯଥାକ୍ରମେ :

ଜଣେ ବ୍ୟକ୍ତିର ଶାରିରୀକ ପ୍ରକାରଭେଦକୁ ନେଇ ଅନୁଭବ। ସମବୟସ୍କମାନେ ଜଣେ ବ୍ୟକ୍ତିକୁ କିପରି ଗ୍ରହଣ କରନ୍ତି ଏବଂ କ'ଣ ମନ୍ତବ୍ୟ ଦିଅନ୍ତି, ଜଣେ ବ୍ୟକ୍ତିଙ୍କର ଆତ୍ମବିଶ୍ୱାସ। ପରିବାର ସଦସ୍ୟ ଏବଂ ସମ୍ପର୍କୀୟମାନଙ୍କର ବ୍ୟକ୍ତିପ୍ରତି ମନ୍ତବ୍ୟ।

ନିମ୍ନଲିଖିତ ୪ଟି ଅବସ୍ଥାରେ ଏକ ସୁସ୍ଥ ଆତ୍ମ ମୂଲ୍ୟାୟନ ସଂଗଠିତ ହୋଇଥାଏ। ଯଥା :

- ଲୋକମାନଙ୍କ ସହିତ ସଂଯୋଗ (Connectiveness) ସମ୍ପର୍କ
- ନିଜର ସ୍ୱତନ୍ତ୍ର ଚିନ୍ତାଧାରା, ଅଭ୍ୟାସ, ପ୍ରତିଭା ସମ୍ପର୍କରେ ଅନୁଭବ କରିବା (Uniqueness)
- ନିଜର କ୍ଷମତା ବା ଶକ୍ତି (Power)
- ମୋର ନିଜର ଆଦର୍ଶ ବ୍ୟକ୍ତିତ୍ୱ (Role Models)

ମୂଲ୍ୟବୋଧ ଏବଂ ବିଶ୍ୱାସ (Values & Beliefs)

ମୂଲ୍ୟବୋଧ କ'ଣ :

ମୂଲ୍ୟବୋଧ ଅର୍ଥ ଜଣେ ବ୍ୟକ୍ତିର ନିଜସ୍ୱ ଚିନ୍ତାଧାରା ବା ଆଦର୍ଶ ଯାହା ଆମର ବ୍ୟକ୍ତିଗତ ବ୍ୟବହାର, ଅନ୍ୟମାନଙ୍କ ସହିତ ଭାବନାର ଆଦାନ ପ୍ରଦାନର ଶୈଳୀ ଏବଂ ଆମ ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣକୁ ବୁଝାଇଥାଏ। ଏହା ମଧ୍ୟ ଆମର .... ଜୀବନ ପ୍ରତି ଦୃଷ୍ଟିକୋଣ,

ଆବେଗ ଏବଂ ଆମ ମନୋବୃତ୍ତିକୁ ପରିଚାଳିତ କରିଥାଏ । ଏହା ଆମର ପାରିବାରିକ ସଂସ୍କାର, ପିତାମାତାଙ୍କ ଶିକ୍ଷା ବ୍ୟକ୍ତିଗତ ରୁଚିକୁ ନେଇ ଆମ ଭିତରେ ସଂଗଠିତ ହୋଇଥାଏ । ଏହି ମୂଲ୍ୟବୋଧକୁ ବିଭିନ୍ନ ପ୍ରକାରରେ ବିଭକ୍ତ କରାଯାଇପାରେ ।

- Personal values ବ୍ୟକ୍ତିଗତ ମୂଲ୍ୟବୋଧ
- Family values ପାରିବାରିକ ମୂଲ୍ୟବୋଧ
- Cultural values ସାଂସ୍କୃତିକ ମୂଲ୍ୟବୋଧ
- Social values ସାମାଜିକ ମୂଲ୍ୟବୋଧ
- Work values କାର୍ଯ୍ୟଦକ୍ଷତାଭିତ୍ତିକ ମୂଲ୍ୟବୋଧ ।

ବ୍ୟକ୍ତି ମଧ୍ୟରେ ନିମ୍ନଲିଖିତ ୫ଟି ଉପାୟ ମାଧ୍ୟମରେ ସକାରାତ୍ମକ ମୂଲ୍ୟବୋଧର କିପରି ସୃଷ୍ଟି ହୋଇପାରିବ ।

୧. Caring – ଯତ୍ନଶୀଳତା – ଅନ୍ୟ ପ୍ରତି ଯତ୍ନଶୀଳ ହେବାର ଅଭ୍ୟାସ କରିବା ।
୨. Integrity – ସଂହତି ନିଜ କର୍ମ, ବାକ୍ୟ, ... ମଧ୍ୟରେ ସଂହତି ସ୍ଥାପନା କରିବାର ଅଭ୍ୟାସ କରିବା ।
୩. Honesty – ସାଧୁତା
୪. Responsibility – ଦାୟିତ୍ୱବୋଧତା / ଦାୟିତ୍ୱ ଗ୍ରହଣ ଓ ସମ୍ପାଦନ ପ୍ରତି ଆଗ୍ରହ କରିବା
୫. Self Control – ଆତ୍ମ ନିୟନ୍ତ୍ରଣ, (ନିଜ ଆବେଗର ନିୟନ୍ତ୍ରଣ, ନିଜ ବ୍ୟବହାରର ସଂଯମତା ଓ ଶାଳିନତା ଅଭ୍ୟାସ କରିବା)

ନିଜ ଭିତରେ ଆତ୍ମ ମୂଲ୍ୟାୟନକୁ ବୃଦ୍ଧି କରିବାର ୧୦ଟି ସହଜ ଉପାୟ ।

୧. ନିଜକୁ ଭଲ ଲାଗୁଥିବା ଏବଂ ନିଜେ ଉପଭୋଗ କରୁଥିବା କେତୋଟି କାମର ତାଲିକା ପ୍ରସ୍ତୁତ କର ।
୨. ନିଜ ପାଖରେ ଥିବା ବୁଦ୍ଧି ଓ ପ୍ରତିଭାର ଚିହ୍ନଟ କର ଓ ତାରିଫ କର ।
୩. ନିଜକୁ ପ୍ରଶଂସା କର, ଧନ୍ୟବାଦ ଦିଅ, ଉପହାର ଦିଅ ।
୪. ପ୍ରାର୍ଥନା ଓ ଧ୍ୟାନର ନିୟମିତ ଅଭ୍ୟାସ କର ।
୫. ନିଜକୁ ସମ୍ମାନ ଦିଅ, ସ୍ୱାସ୍ଥ୍ୟର ଯତ୍ନ ନିଅ ।
୬. ନିଜ ଭିତରେ ଏବଂ ନିଜ ସମ୍ପର୍କରେ ନକାରାତ୍ମକ ଚିନ୍ତାଧାରାକୁ ଆସିବାକୁ ଦିଅନାହିଁ ।
୭. ନିଜକୁ ଭଲ ଲାଗୁଥିବା ବା ନିଜର ପ୍ରିୟ ଲୋକମାନଙ୍କ ସହିତ ସମୟ ଅତିବାହିତ କର ।
୮. ପ୍ରତିଦିନ କିଛି ସମୟ ଏକାକୀ ନୀରବରେ ବସ, ପ୍ରକୃତି ସହିତ ସମୟ ବିତାଅ ।
୯. ନିଜର ଆଦର୍ଶ ବ୍ୟକ୍ତିମାନଙ୍କର ତାଲିକା ବନାଅ ।
୧୦. ନିଜର ତ୍ରୁଟିଗୁଡ଼ିକୁ ଗ୍ରହଣ କର ଏବଂ ସେଥିରୁ କ'ଣ ଶିଖିଲ ସେ ବିଷୟରେ ଚିନ୍ତା କର ।

ଯୋଗାଯୋଗ (Communication)

- ନିଜର ଭାବନା, ଚିନ୍ତାଧାରା, ଆବେଗ ଓ ବିଶ୍ୱାସକୁ ଅନ୍ୟମାନଙ୍କ ପାଖରେ ସଫଳ ଭାବରେ ପହଞ୍ଚାଇବାର ମାଧ୍ୟମକୁ ଯୋଗାଯୋଗ କୁହାଯାଏ । ଯୋଗାଯୋଗରେ ଜଣେ ପ୍ରେରକ ଏବଂ ଅନ୍ୟଜଣେ ଗ୍ରାହକ ରହିଥାନ୍ତି । ଯୋଗାଯୋଗ ଉଭୟ ବାଚନିକ ଓ ଅବାଚନିକ ଦ୍ୱାରା ହୋଇଥାଏ । ଆମେମାନେ ମୁଖ୍ୟତଃ ବାଚନିକ ଯୋଗାଯୋଗ ବ୍ୟତିତ ଅବାଚନିକ ଯୋଗାଯୋଗ ଅଧିକାଂଶରେ କରିଥାଉ ।

- ନିଜକୁ ଠିକ୍ ଢଙ୍ଗରେ ଭାଷା ଅଥବା ଶାରୀରିକ ପରିଭାଷାରେ ଉପସ୍ଥାପନ କରିବାକୁ ଫଳପ୍ରଦ ଯୋଗାଯୋଗ କୁହାଯାଏ । ଏହା ଆମକୁ ଆମର ସାଂସ୍କୃତିକ ଅଭିବୃଦ୍ଧି ଏବଂ ପରିସ୍ଥିତିଗତ ଅନୁକୂଳ ସଫଳତା ଦିଗରେ ସାହାଯ୍ୟ କରିବା ସହିତ ଅନୁକୂଳ ପରିସ୍ଥିତିରେ ସମୟ ଉପଯୋଗୀ ଆମେ ଆମର ଇଚ୍ଛା, ଆଗ୍ରହ, ମତାମତ, ଆଶଙ୍କା, ଦୁର୍ବଳତା, ସାହାଯ୍ୟ ସହଯୋଗ, ଆବଶ୍ୟକତାକୁ ଭଲ ରୂପେ ଉପସ୍ଥାପନ କରିପାରିବା ।

ସଫଳ ଯୋଗାଯୋଗ ପାଇଁ ମନେରଖନ୍ତୁ :

- କେଉଁ ସମସ୍ୟା ବା ବିଷୟରେ ଆଲୋଚନା କରିବେ ତାହା ପୂର୍ବରୁ ସ୍ଥିର କରନ୍ତୁ ।
- ଦୁଇ ଖୋଲା ମନରେ ଆଲୋଚନା କରିବା ପାଇଁ ଉଭୟଙ୍କ ପାଖରେ ସମୟ ଥିବା ଆବଶ୍ୟକ ।
- ପୂର୍ବରୁ ଥରେ ଅଭ୍ୟାସ କରି ନିଅନ୍ତୁ ଫଳରେ ଆପଣ ଆଲୋଚନା ସମୟରେ ନିଜର ମତ ଠିକ୍‌ରେ ପ୍ରକାଶ କରିବେ ।
- ଆଲୋଚନା କରିବା ପୂର୍ବରୁ ସାମ୍ନା ବ୍ୟକ୍ତିଙ୍କୁ ଭଲଭାବେ ନିରୀକ୍ଷଣ କରନ୍ତୁ ଏବଂ ଏକ ସକରାତ୍ମକ ଦିଗରୁ ଆଲୋଚନା ଆରମ୍ଭ କରନ୍ତୁ ।
- ସମସ୍ୟା ଉପରେ ଯୁକ୍ତି ଦର୍ଶାନ୍ତୁ, ବ୍ୟକ୍ତିଙ୍କ ଉପରେ ନୁହେଁ ।

ଯୋଗାଯୋଗର ଶୈଳୀ:

ଆକ୍ରମଣାତ୍ମକ ଶୈଳୀରେ (aggressive style), ଶୁଣିଲା ପରି ଭାବଭଙ୍ଗୀ ନିଷ୍କ୍ରିୟ ଶୈଳୀର (Passive style), ସକାରାତ୍ମକ ଶୈଳୀର (assertive style) ଥିଲା ।
ସକାରାତ୍ମକ ଶୈଳୀର ଯୋଗାଯୋଗ ଅନ୍ୟକୁ ବୁଝିବାକୁ ଏବଂ ସମ୍ପର୍କକୁ ସୁଦୃଢ଼ କରିଥାଏ ।

ନେତୃତ୍ୱ (Leadership)

"ନେତୃତ୍ୱର ଅର୍ଥ ସଫଳ ଯୋଜନା ପ୍ରସ୍ତୁତ କରିବାର ଦକ୍ଷତା ଏବଂ ସମସ୍ତ ଅସୁବିଧା ମଧ୍ୟରେ ଏହାର ରୂପାୟନ ପାଇଁ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବା" - **ଲର୍ଡ ମୋରଗାନ**

ସୁଦୃଢ଼ ନେତୃତ୍ୱ ପାଇଁ ଗୁଣାବଳୀ :

ନିସ୍ୱାର୍ଥପର ଭାବନା ସହିତ ଉଚ୍ଚ ବିଚାର, ଉଦାହରଣପୂର୍ଣ୍ଣ ନେତୃତ୍ୱ, ସାହସ, ଇଚ୍ଛା ଶକ୍ତି, ଉଦ୍ୟମୀ, ଜ୍ଞାନ, ସୁଗମ୍ୟତା, ଯୋଗାଯୋଗର କଳା

ବିବାଦ ପରିଚାଳନା (Conflict Management)

ବିବାଦ କାହାକୁ କହିବା ?

ବିବାଦ ଦୁଇଜଣ ବ୍ୟକ୍ତି ବା ଦଳ ମଧ୍ୟରେ ଥିବା ମତାନ୍ତରକୁ ବୁଝାଏ, ଯାହାକି ବେଳେ ବେଳେ ସଂଘର୍ଷ ଆଡକୁ ଗତି କରେ ।

ବିବାଦର ସ୍ତର

ବିବାଦ ଅନେକ ସ୍ତରରେ ଦେଖାଦିଏ ଯଥା : ବ୍ୟକ୍ତିର ଅନ୍ତଦ୍ୱନ୍ଦ୍ୱ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଦ୍ୱନ୍ଦ୍ୱ, ଦଳ ମଧ୍ୟରେ ଦ୍ୱନ୍ଦ୍ୱ, ବିଭିନ୍ନ ଦଳ ମଧ୍ୟରେ ଦ୍ୱନ୍ଦ୍ୱ, ଦେଶ ଦେଶ ମଧ୍ୟରେ ଦ୍ୱନ୍ଦ୍ୱ

ବିବାଦର କାରଣ

ବିବାଦ ବିଭିନ୍ନ କାରଣରୁ ଦେଖାଯାଏ । ଯଥା : ସମ୍ପତି, ବିଶ୍ୱାସ ବା ମୂଲ୍ୟବୋଧ, ଆବଶ୍ୟକତା (କ୍ଷମତା, ସମ୍ମାନ, ସ୍ନେହ, ବନ୍ଧୁତା)

ବିବାଦର ଅନ୍ୟ ଦିଗ

ଭଲ ଭାବରେ ଅନୁଧ୍ୟାନ କଲେ ଜାଣିବାଯେ, ବିବାଦର କିଛି ଭଲ ଦିଗ ମଧ୍ୟ ଅଛି । ବିବାଦ ଶୂନ୍ୟ ସମାଜ ସମ୍ଭବ ନୁହେଁ ।

୧. ବିବାଦ ଦ୍ୱାରା ଦଳପ୍ରତି ଆନୁଗତ୍ୟ ବୃଦ୍ଧି ପାଏ ।, ୨. ବିବାଦ ସାମାଜିକ ସମସ୍ୟାର ଏକ ସଙ୍କେତ ।, ୩. ବିବାଦ ବା ସଂଗ୍ରାମ ପରେ ଦେଶରେ ପରିବର୍ତ୍ତନ କ୍ରିୟାଶୀଳ ହୁଏ ।

ବିବାଦ ସମାଧାନର ପ୍ରକାର

ଦୂରେଇ ରହିବା

କୌଣସି ସମସ୍ୟା ନାହିଁ ବା କିଛି ଘଟିନାହିଁ । ଏହି ପ୍ରକାର ସମସ୍ୟା ସମାଧାନ କରୁଥିବା ବ୍ୟକ୍ତି ନିଜର ଭାବନା ଓ ମତ ସାବ୍ୟସ୍ତ କରନ୍ତି ନାହିଁ, ଜାଗା ଛାଡି ପଳାଇ ଯାଆନ୍ତି । ଯେତେବେଳେ, ମୁକାବିଲା କରିବାରେ ବିପଦ ଥାଏ, ବା ମୁକାବିଲା କରିବାପାଇଁ ଅଧିକ ସମୟ ଦରକାର ବା ସମସ୍ୟାର ସମାଧାନ ହୋଇପାରିବ ନାହିଁ, ଦୂରେଇ ରହିବା ଶ୍ରେୟକର କିନ୍ତୁ ଭାବନା ବା ଆବେଗ ଦିନେ ନା ଦିନେ ବିସ୍ଫୋଟିତ ହେବ ।

ମୁକାବିଲା କରିବା

ଏହି ପ୍ରକାର ସମାଧାନରେ, କୌଣସି କଥାକୁ ଭ୍ରୁକ୍ଷେପ ନକରି ଲକ୍ଷ ହାସଲ କରିବାର ଝୁଙ୍କ ଥାଏ । ଜୋରରେ କଥାବାର୍ତ୍ତା ହୁଏ ଏବଂ ସମୟ ସମୟରେ ହିଂସାରେ ପରିଣତ ହୁଏ । ତତ୍‌କ୍ଷଣାତ୍ ଫଳ ଦରକାର ହେଲେ ଏହି ପନ୍ଥା ଗ୍ରହଣ କରାଯାଇପାରେ କିନ୍ତୁ ସମୟ ସମୟରେ ହିଂସା ଉଗ୍ର ରୂପ ଧାରଣ କରିପାରେ ।

ପରିସ୍ଥିତି ସହିତ ନିଜକୁ ସାମିଲ କରିବା

ଅନ୍ୟର ମତକୁ ସମ୍ମାନ ଦେଇ ନିଜକୁ ସାଲିସ କରାଯାଏ । ଯଦି ନିଜର ଭୁଲ ଥାଏ ଏହା ଉତ୍ତମ ଉପାୟ । ଅନ୍ୟକୁ ଖୁସି କରି ନିଜର ଖୁସିକୁ ଜଳାଞ୍ଜଳି ଦେଲେ ସମସ୍ୟାର ସବୁ ବେଳେ ସମାଧାନ ହୋଇ ନ ପାରେ ।

ଆପୋଷ ସମାଧାନ

ଆପୋଷ ସମାଧାନ ଦ୍ୱାରା କିଛି ଲାଭ ହେଲେ କିଛି କ୍ଷତି ସହିବାକୁ ପଡେ । ଶୀଘ୍ର ସମାଧାନ ଚାହୁଁଥିଲେ ଏବଂ ଅନ୍ୟ କିଛି ବାଟ ନ ଥିଲେ ଏହା ଉତ୍ତମ ପନ୍ଥା । ଏହାଦ୍ୱାରା ତତ୍କାଳିକ ସମସ୍ୟା ସମାଧାନ ହୋଇପାରେ କିନ୍ତୁ ବୃହତ୍ତର ସମସ୍ୟା ନୁହେଁ ।

ସମସ୍ୟା ସମାଧାନ

ଏହି ସମାଧାନ ସମସ୍ତଙ୍କୁ ଖୁସି କରିବ । ଜିଦଖୋର ବ୍ୟକ୍ତି, ଯେଉଁମାନେ ସାମାନ୍ୟ ନଇଁବା ପାଇଁ ରାଜି ନଥାନ୍ତି, ତାହା ପାଇଁ ଏହା ଏକ ଭଲ ଉପାୟ । ଏହି ଉପାୟ ଅବଲମ୍ବନ କରିବା ପାଇଁ ଯଥେଷ୍ଟ ସମୟ ଏବଂ ବାର୍ତ୍ତାଳାପର କଳାର ଆବଶ୍ୟକତା ଅଛି ।

ପ୍ରଜନନ ଓ ଯୌନ ସ୍ୱାସ୍ଥ୍ୟ

ପ୍ରଜନନ ସ୍ୱାସ୍ଥ୍ୟ, ଗର୍ଭଧାରଣ ଓ ଗର୍ଭ ନିରୋଧିକରଣ

କୈଶୋର ଏକସମୟ ଯେତେବେଳେ ଦେହ ଏବଂ ମନରେ ବହୁ ପରିବର୍ତ୍ତନ ଆସେ। ହରମୋନର ପ୍ରଭାବ ଫଳରେ ଭାବ ପ୍ରବଣତା ଅସ୍ୱାଭାବିକ ଭାବେ ଆନ୍ଦୋଳିତ ହୁଏ। ଶାରୀରିକ ଅନୁପାତର ଦ୍ରୁତପରିବର୍ତ୍ତନ ଏବଂ ଯୌନାଙ୍ଗର ବିକାଶ ହେତୁ କିଶୋର କିଶୋରୀମାନଙ୍କ ମନରେ ନୂତନ ଶିହରଣ ସେମାନଙ୍କୁ ବିଭ୍ରମକରେ ଏବଂ ଉଦ୍‌ବେଗର କାରଣ ହୋଇଥାଏ। ପ୍ରକୃତ ତଥ୍ୟକୁ ଜାଣି ନ ଥିବାରୁ ଅଧିକାଂଶ କିଶୋର କିଶୋରୀଙ୍କର ଯୌନ ଏବଂ ଯୌନତା ସମ୍ପର୍କୀୟ ପ୍ରଶ୍ନଗୁଡ଼ିକ ସମ୍ବନ୍ଧରେ ଭ୍ରମାତ୍ମକ ଧାରଣା ଥାଏ। ଏହି ପରିଚ୍ଛେଦର ଲକ୍ଷ୍ୟ ହେଲା ସେମାନଙ୍କୁ କିଶୋରାବସ୍ଥାରେ ଆସୁଥିବା ଦୈହିକ, ଜ୍ଞାନାତ୍ମକ, ସାମାଜିକ ତଥା ଭାବ ପ୍ରବଣତାରେ ପରିବର୍ତ୍ତନ ସମ୍ପର୍କରେ ଧାରଣା ଦେବା। ଏହା ତାଙ୍କୁ ଲିଙ୍ଗ ଏବଂ ଯୌନକ୍ରିୟା ସମ୍ପର୍କୀୟ ଭ୍ରମାତ୍ମକ ଧାରଣାକୁ ଦୂରକରିବାରେ ସାହାଯ୍ୟ କରିବ ଏବଂ ନିଜର ତଥା ଅନ୍ୟମାନଙ୍କର ଯୌନ ଚେତନାର ବିକାଶ ଘଟାଇବ। ଏହି ପରିଚ୍ଛେଦରେ ଆଲୋଚିତ ହୋଇଥିବା ଅନ୍ୟାନ୍ୟ ବିଷୟଗୁଡ଼ିକ ହେଲା – ଉପଯୁକ୍ତ ପୁଷ୍ଟିର ଗୁରୁତ୍ୱ, ସ୍ଥୂଳତା, କାଠବ୍ରଣ ଓ ଶରୀରର ଗନ୍ଧ ଏବଂ କେତେକ କିଶୋରୀମାନଙ୍କ ଖାଦ୍ୟଗ୍ରହଣ ଅତିମାତ୍ରାରେ ହ୍ରାସ ଭଳି ବିଶେଷ ଉଦ୍‌ବିଘ୍ନତା।

କୈଶୋର କାଳରେ ଦୈହିକ ପରିବର୍ତ୍ତନ

ସବେଗ ଅଭିବୃଦ୍ଧି : ସାତରୁ ନ' ବର୍ଷ ସମୟ ମଧ୍ୟରେ ବାଳକ ଏବଂ ବାଳିକାମାନେ ବଢ଼ି ଯୁବକ ଓ ଯୁବତୀ ହୁଅନ୍ତି। ଦୁଇ ତିନି ବର୍ଷର ଏକ ସଂକ୍ଷିପ୍ତ କାଳରେ ସେମାନେ ସବେଗ ଅଭିବୃଦ୍ଧି ଅନୁଭବ କରନ୍ତି। ହଠାତ୍ ସେମାନଙ୍କର ଉଚ୍ଚତା ଏବଂ ଓଜନ ବୃଦ୍ଧି ପାଏ। ସବେଗ ଅଭିବୃଦ୍ଧି ବାଳିକାମାନଙ୍କ କ୍ଷେତ୍ରରେ ବାଳକମାନଙ୍କ ତୁଳନାରେ ଦୁଇବର୍ଷ ଆଗରୁ ଆରମ୍ଭ ହୁଏ କିନ୍ତୁ ବାଳକମାନଙ୍କ ପାଇଁ ଏହା ଅଧିକ ସମୟ ରହେ। ଭାରତୀୟ ବାଳିକାମାନଙ୍କର ଏ ସମୟ ଆନୁମାନିକ ୧୦ରୁ ୧୩ ବର୍ଷ ବୟସ ମଧ୍ୟରେ ଆସିଲାବେଳେ ଭାରତୀୟ ବାଳକମାନଙ୍କ ଠାରେ ଏହା ୧୨ ରୁ ୧୭ ବର୍ଷ ମଧ୍ୟରେ ଆସେ। ନ'ବର୍ଷ ମଧ୍ୟରେ ବାଳକମାନଙ୍କର ହାରାହାରି ୩୬ସେ.ମି. ଉଚ୍ଚତା ଏବଂ ୨୫ କି.ଗ୍ରା. ଓଜନ ବୃଦ୍ଧି ହୋଇଥାଏ। ସେହିପରି ବାଳିକାମାନଙ୍କର ହାରାହାରି ୨୪ ସେ.ମି. ଉଚ୍ଚତା ଏବଂ ୨୧ କେ.ଜି. ଓଜନ ବଢ଼ିଥାଏ। ତେବେ ଏଗୁଡ଼ିକ ସବୁ ହେଲା ହାରାହାରି ମୂଲ୍ୟ ଏବଂ ଏଥିରେ ପରିଲକ୍ଷିତ ହେଉଥିବା ବହୁଳ ଭିନ୍ନତାକୁ ଅସ୍ୱାଭାବିକ ରୂପେ ବିଚାର କରିବା ଉଚିତ୍ ନୁହେଁ।

ଶାରୀରିକ ଅନୁପାତରେ ପରିବର୍ତ୍ତନ

ଉଚ୍ଚତା ଏବଂ ଓଜନର ଦ୍ରୁତ ଅଭିବୃଦ୍ଧି ସହିତ ଶାରୀରିକ ଅନୁପାତରେ ପରିବର୍ତ୍ତନ ଆସେ। ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ଅଭିବୃଦ୍ଧି ଲାଗି ନିଜସ୍ୱ ଅନୁକ୍ରମ ଓ ହାର ରହିଛି। ତହିଁରୁ କେତେକ ଧୀରେ ଧୀରେ ବଢ଼ିଲା ବେଳେ ଅନ୍ୟଗୁଡ଼ିକ ଦ୍ରୁତବେଗରେ ବଢ଼ନ୍ତି। ଏହି ବୟସରେ ଗୋଡ଼ ଏବଂ ବାହୁ ସମ୍ପୂର୍ଣ୍ଣ ଦୀର୍ଘତାରେ ପହଞ୍ଚିଲା ପୂର୍ବରୁ ପାଦ ଏବଂ ହାତ ଆକାରରେ ପ୍ରାୟ ବୟସ୍କ ଲୋକଙ୍କ ସହିତ ସମାନ ହୋଇଥାଏ। ବାଳିକାମାନଙ୍କ କାନ୍ଧ ତୁଳନାରେ ନିତମ୍ବ ପିଚା ଗୁଡ଼ିକ ଚଉଡ଼ା ହୋଇଯାଏ।

ପ୍ରଜନନ ଅଙ୍ଗର ପରିବର୍ତ୍ତନ ଓ ଯୌନ ପରିପକ୍ୱତା

ଶରୀର ଆକାରରେ ପରିବର୍ତ୍ତନ ସଙ୍ଗେ ସଙ୍ଗେ ପ୍ରଜନନ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଆସେ। ଏହା ଯୌନ ପରିପକ୍ୱତା ଆଡ଼କୁ ନେଇଯାଏ। ଜୀବନରେ ପ୍ରଥମଥର ପାଇଁ ବାଳିକା ଓ ବାଳକମାନଙ୍କ ମଧ୍ୟରେ ସୁସ୍ପଷ୍ଟ ବିଭେଦତା ପ୍ରକଟିତ ହୁଏ। ଯୌନ ପରିପକ୍ୱତା ପ୍ରଜନନ ବ୍ୟବସ୍ଥାରେ ଦୁଇ ପ୍ରକାର ପରିବର୍ତ୍ତନ ନେଇ ଗଠିତ : ପୁରୁଷଠାରେ ଶିଶ (penis), ମୁଷ୍କ (testes) ଭଳି ଏବଂ ନାରୀଠାରେ ଯୋନି (vagina), ଡିମ୍ବାଶୟ (ovaries) ଭଳି ପ୍ରାଥମିକ ଯୌନାଙ୍ଗ ସହିତ ଯାହା ସବୁ ସମ୍ପୃକ୍ତ ତାହାକୁ ପ୍ରାଥମିକ ଯୌନଚରିତ୍ରାବଳୀ କୁହାଯାଏ। ଏହାର ଆନୁସଙ୍ଗିକ ଶରୀରରେ ଦୃଶ୍ୟମାନ ପରିବର୍ତ୍ତନଗୁଡ଼ିକ ହେଲା ଦ୍ୱିତୀୟକ ଯୌନ ଚରିତ୍ରାବଳୀ। ନାରୀଠାରେ ସ୍ତନ୍ୟର ବିକାଶ, ପୁରୁଷର ମୁହଁରେ ଦାଢ଼ିନିଶ ଏବଂ ଉଭୟ ନାରୀ ଓ ପୁରୁଷର କାଖ ଓ ଯୌନାଙ୍ଗରେ କେଶ ଏହାର ଅନ୍ତର୍ଭୁକ୍ତ।

ସାମାଜିକ – ଭାବପ୍ରବଣ ପରିବର୍ତ୍ତନ

- କୈଶୋରରେ ହରମୋନ୍‌ମାନଙ୍କର ବୃଦ୍ଧିପ୍ରାପ୍ତ ସକ୍ରିୟତା କିଶୋରକିଶୋରୀମାନଙ୍କ ଭାବପ୍ରବଣତାରେ ପରିବର୍ତ୍ତନ ଆଣେ। ସେମାନେ ବାରମ୍ବାର ମାନସିକ ଅବସ୍ଥାରେ ପରିବର୍ତ୍ତନ ଅନୁଭବ କରନ୍ତି। ଏହାର ପରିସର ଅତ୍ୟନ୍ତ ଆନନ୍ଦ ଅନୁଭବଠାରୁ ଅତ୍ୟନ୍ତ ଦୁଃଖ ଅନୁଭବ ପର୍ଯ୍ୟନ୍ତ ହୋଇଥାଏ। ସମୟ ସମୟରେ କିଶୋରକିଶୋରୀମାନେ ସେମାନଙ୍କ ଭାବ ପ୍ରବଣତାକୁ ନିୟନ୍ତ୍ରିତ କରିବାକୁ ଅକ୍ଷମ ହୋଇପଡ଼ନ୍ତି ଏବଂ ସେଭଳି ପ୍ରତିକ୍ରିୟା କାହିଁକି ପ୍ରକାଶ କଲେ ତାହା ନେଇ ବିସ୍ମିତ ହୁଅନ୍ତି।
- ପୁନଶ୍ଚ ହର୍‌ମୋନୀୟ ପରିବର୍ତ୍ତନ ଫଳରେ ଉଭୟ ବାଳକ ଓ ବାଳିକାମାନଙ୍କଠାରେ ସୃଷ୍ଟିହୁଏ ଯୌନ ଆବଶ୍ୟକତା ସହିତ ସମ୍ପୃକ୍ତ ଏକ ଆବେଗ। ଏହା ଏକ ପ୍ରାକୃତିକ ଜୈବିକ ପ୍ରବୃତ୍ତି। କିଶୋରକିଶୋରୀଙ୍କ ପାଇଁ ଯୌନ କାମନାର ପ୍ରତ୍ୟକ୍ଷ ପରିଣତି ହେଲା –
  - ବିପରୀତ ଲିଙ୍ଗ ପ୍ରତି ଆକର୍ଷଣ।
  - କେତେକ ବ୍ୟକ୍ତିମାନଙ୍କ ପ୍ରତି ଅତ୍ୟଧିକ ଆକୃଷ୍ଟ ହେବା ବା ବଶୀଭୂତ ହେବା।
  - ଯୌନକାମନା ଚରିତାର୍ଥ କରିବା ଆବଶ୍ୟକତା।
  - ଗଭୀର ଭାବ ପ୍ରବଣତା ସମ୍ପର୍କର ଆବଶ୍ୟକତା।

କୈଶୋର ଅବସ୍ଥାରେ ବନ୍ଧୁମାନଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ସାଥୀମାନଙ୍କ ମଧ୍ୟରେ ସ୍ୱୀକୃତି ଏବଂ ଜନପ୍ରିୟତା କିଶୋରକିଶୋରୀଙ୍କ ପକ୍ଷରେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସ୍ୱୀକୃତି ଲାଭ ପାଇଁ ସମବୟସ୍କ ସାଥୀମାନଙ୍କ ଖିଆଲ ସହିତ ସଙ୍ଗତିକୁ ପ୍ରାଥମିକତା ଦିଆଯାଏ। କହିଲାବେଳେ ସାଧାରଣ ଭାଷାର ବ୍ୟବହାର କିମ୍ବା ନୂତନ କେଶବିନ୍ୟାସ ଏବଂ ଚାକଚକ୍ୟପୂର୍ଣ୍ଣ ପୋଷାକ ପିନ୍ଧି ଚେହେରାରେ ପରିବର୍ତ୍ତନ ଉପରେ ଜୋର୍ ଦେଲାଭଳି କେତେକ ଆଚରଣ ମାଧ୍ୟମରେ ଏହା ଅଭ୍ୟାସ କରାଯାଏ। ଅନ୍ୟାନ୍ୟ ପିଲା ବା ବୟସ୍କମାନଙ୍କଠାରୁ ଭିନ୍ନ ଦେଖିବା ଏବଂ କହିବା ଉପରେ ଜୋର୍ ଦିଅନ୍ତି। ଏପ୍ରକାର ସ୍ୱାଧୀନତା ଲାଗି ଆବଶ୍ୟକତା ପଡ଼ିବାର କାରଣ ହେଲା କୈଶୋରରେ ନିଜ ସମ୍ପର୍କରେ ସଚେତନତା ବୃଦ୍ଧି। ସେମାନେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଚାହାନ୍ତି।

ବୌଦ୍ଧିକ ବିକାଶ / କୈଶୋରରେ ଜ୍ଞାନାତ୍ମକ ପରିବର୍ତ୍ତନ

- ରୀତିସଙ୍ଗତ ଭାବେ ଚିନ୍ତା କରିବା କିଶୋରକିଶୋରୀଙ୍କ ଚିନ୍ତାର ଏକ ମୁଖ୍ୟ ଲକ୍ଷଣ। ସେମାନେ ସେମାନଙ୍କ ଚିନ୍ତାକୁ ସଂଯୋଜିତ କରିବା ଶକ୍ତିର ବିକାଶ ଘଟାଇଥାନ୍ତି। ତାହା ଉପରେ ଆନୟନ (ମନେ ମନେ ଆଲୋଚନା କରିବା) କରନ୍ତି ଏବଂ ତା'ପରେ ସେମାନେ ହୁଏତ ତାହାକୁ କାର୍ଯ୍ୟକାରୀ କରିବାର ନିଷ୍ପତ୍ତିରେ ଉପନୀତ ହୁଅନ୍ତି। ଉଦାହରଣ ସ୍ୱରୂପ, ଜଣେ ୧୬ବର୍ଷର ବାଳିକାକୁ କିଛି ଲୁଗା କିଣିବା ପାଇଁ ଟଙ୍କା ଦିଆଗଲା। ସେ ବିଭିନ୍ନ ଦୋକାନକୁ ଯାଇ ଲୁଗାର ପରିପାଟୀ ଦେଖିବ, ସେଗୁଡ଼ିକର

ଦାମ ବୁଝିବ ଏବଂ ତା'ପରେ ସେ କେଉଁଟି କିଣିବାକୁ ଚାହୁଁଛି ତାହା ସ୍ଥିର କରିବ ।

- କିଶୋରକିଶୋରୀମାନେ ମଧ୍ୟ ଭାବାତ୍ମକ ଚିନ୍ତା କରିବାକୁ କ୍ଷମ ଅଟନ୍ତି । ଅର୍ଥାତ୍ ସେମାନଙ୍କର ବାସ୍ତବ ହୋଇ ନ ଥିବା ଅନୁମାନସିଦ୍ଧ ଏବଂ କାଳ୍ପନିକ ଘଟଣାକୁ କଳ୍ପନା କରିବାର ଶକ୍ତି ରହିଛି । ଗଣିତ, ତର୍କଶାସ୍ତ୍ର, ବୈଜ୍ଞାନିକ ଧାରଣା, ଆଇନ୍ କିମ୍ବା ଭୂଗୋଳ ସହିତ ସମ୍ପୃକ୍ତ ସମସ୍ୟାବଳୀ ଏହାର ଅନ୍ତର୍ଭୁକ୍ତ । ଉଦାହରଣ ସ୍ୱରୂପ ଜଣେ କିଶୋର 'ଜୀବନ ଏକ ଗୋଲାପର ଶଯ୍ୟା' କିମ୍ବା 'ଆଲୋକ ଧ୍ୱନିଠାରୁ ଅଧିକ ବେଗରେ ଗତିକରେ' ଭଳି ଉକ୍ତିଗୁଡ଼ିକ ହୃଦୟଙ୍ଗମ କରିବାକୁ କ୍ଷମ ଅଟେ ।
- କିଶୋରକିଶୋରୀମାନେ ଅଧିକ ସୃଜନଶୀଳ ହୁଅନ୍ତି ।
- କିଶୋରକିଶୋରୀମାନଙ୍କ କଥୋପକଥନ ଭଙ୍ଗୀରେ ପରିବର୍ତ୍ତନ ପରିଲକ୍ଷିତ ହୁଏ । ସେମାନେ ଦୁଇ ରକମର ଭାଷା ବ୍ୟବହାର କରନ୍ତି । ଯଥା – She is bindas man ! । ଏକଦମ୍ କୁଲ୍ (cool) ହେ !
- ଏପରିକି ଗୋଟିଏ ଭାଷା ବ୍ୟବହାର କଲାବେଳେ ମଧ୍ୟ ସେମାନେ ଏଭଳି ବାକ୍ୟାଂଶମାନ ତିଆରି କରନ୍ତି ଯାହାକି ତାଙ୍କର ଜଣାଶୁଣା ଅନ୍ୟ କିଶୋରକିଶୋରୀମାନେ ହିଁ ବୁଝିପାରିବେ । ଏପରି କରିବା ଦ୍ୱାରା ସେମାନେ ସେମାନଙ୍କ ସମବୟସ୍କମାନଙ୍କ ସହିତ ଏକତା ପ୍ରତିଷ୍ଠା କରନ୍ତି ଏବଂ ଅସହିଷ୍ଣୁ ମନେ କରୁଥିବା ବୟସ୍କମାନଙ୍କଠାରୁ ଇଚ୍ଛାକୃତ ଭାବେ ବ୍ୟବଧାନ ସୃଷ୍ଟି କରନ୍ତି ।

ଏହି ପରିବର୍ତ୍ତନମାନ ଆସେ କାହିଁକି ?

ଶୈଶବାବସ୍ଥାରୁ କୈଶୋରର ଶେଷ ପର୍ଯ୍ୟନ୍ତ ଶରୀରରେ ଆସୁଥିବା ପରିବର୍ତ୍ତନମାନ କେନ୍ଦ୍ରୀୟସ୍ନାୟୁ ବ୍ୟବସ୍ଥା ଦ୍ୱାରା ନିୟନ୍ତ୍ରଣ ହୋଇଥାଏ । ଏହା ଅନାଳଗ୍ରନ୍ଥି (Endocrine) ବ୍ୟବସ୍ଥାରେ ଥିବା ଗ୍ରନ୍ଥିସମୂହ ଯଥା – ଥାଏରଏଡ୍ ଗ୍ରନ୍ଥି, ପିଟ୍ୟୁଟାରୀଗ୍ରନ୍ଥି ଏବଂ ଆଡ୍ରେନାଲ୍ ଗ୍ରନ୍ଥି ଉପରେ ପ୍ରଭାବ ପକାଇ ବୃଦ୍ଧିକୁ ନିୟନ୍ତ୍ରଣ କରେ । ସ୍ନାୟୁବ୍ୟବସ୍ଥାରୁ ସୂଚନା ପାଇଲେ ଏହି ଗ୍ରନ୍ଥିଗୁଡ଼ିକ ହର୍ମୋନ୍ ବୋଲି କୁହାଯାଉଥିବା ରାସାୟନିକ ପଦାର୍ଥ ଉତ୍ପନ୍ନ କରି ପ୍ରତ୍ୟକ୍ଷଭାବେ ରକ୍ତରେ ମିଶିବାକୁ ଦିଏ । ବୟଃପ୍ରାପ୍ତି ସମୟରେ ସକ୍ରିୟ ହେଉଥିବା ଅନ୍ୟଗ୍ରନ୍ଥିଗୁଡ଼ିକ ହେଲେ ନାରୀର ଡିମ୍ବାଶୟ ଏବଂ ପୁରୁଷର ମୁଷ୍କ । ତହିଁରେ ଲିଙ୍ଗୀୟ ହର୍ମୋନ୍ ସୃଷ୍ଟି ହୁଏ । ଏହି ହର୍ମୋନ୍‌ଗୁଡ଼ିକ ବାଳିକାର ଶରୀରକୁ ନାରୀସୁଲଭ ଏବଂ ବାଳକର ଶରୀରକୁ ପୁରୁଷସୁଲଭ ରୂପ ଦେଇ ଗଢ଼ନ୍ତି । ଏହାଛଡ଼ା ଉଭୟଙ୍କଠାରେ ବିପରୀତ ଲିଙ୍ଗୀୟ ହର୍ମୋନ୍ ମଧ୍ୟ ଅଳ୍ପ ପରିମାଣରେ ଥାଏ ।

ବୟଃପ୍ରାପ୍ତି ସମୟ ଆଗେଇ ଆସିଲେ ନାନାପ୍ରକାର ଗ୍ରନ୍ଥି ଅଧିକ ହାରରେ ସେମାନଙ୍କ ହର୍ମୋନ୍ ପ୍ରସ୍ତୁତ ଏବଂ ନିର୍ଗତ କରନ୍ତି । ଏହି ହର୍ମୋନ୍‌ଗୁଡ଼ିକ କେବଳ ଦୈହିକ ଏବଂ ଲିଙ୍ଗୀକ ବିକାଶକୁ ନୁହେଁ, ଆଚରଣକୁ ମଧ୍ୟ ପ୍ରଭାବିତ କରନ୍ତି ।

ବାଳିକା ଓ ବାଳକଙ୍କ ଯୌନ ପରିପକ୍ୱତା (ପ୍ରଜନନ ବ୍ୟବସ୍ଥାରେ ପରିବର୍ତ୍ତନ)

ନିମ୍ନୋକ୍ତ କ୍ରମରେ ବାଳିକା ଏବଂ ବାଳକମାନଙ୍କର ଯୌନ ପରିପକ୍ୱତା ଆସେ ।

ବାଳିକାମାନଙ୍କ ଯୌନ ପରିପକ୍ୱତା

ସ୍ତନ୍ୟର ଅଭିବୃଦ୍ଧି : ସମଗ୍ର କୈଶୋରରେ ସ୍ତନ୍ୟର ଅଭିବୃଦ୍ଧି ଘଟି ଚାଲିଥାଏ, ଯୁବଲୋମ ସୃଷ୍ଟି ହୁଏ । ଭଗ ଓ ଗର୍ଭାଶୟର ଅଭିବୃଦ୍ଧି । ଅନ୍ୟାନ୍ୟ ନାରୀଯୌନାଙ୍ଗର ଅଭିବୃଦ୍ଧି ଯଥା – ଭଗୋଷ୍ଠ ଏବଂ ଭଗଶିଶ୍ନିକା ।

ପ୍ରଥମ ଋତୁସ୍ରାବ: ଅଧିକାଂଶ ଲୋକଙ୍କର ବିଶ୍ୱାସ ସତ୍ତ୍ୱେ ବି ଋତୁସ୍ରାବ ବାଳିକାମାନଙ୍କ ଯୁବତ୍ୱପ୍ରାପ୍ତିର ପ୍ରଥମ ଲକ୍ଷଣ ନୁହେଁ, କିନ୍ତୁ ଏ ପ୍ରକ୍ରିୟାର ଘଟଣାଧାରାରେ ଏହା ବହୁ ବିଳମ୍ବରେ ଘଟେ । ଭାରତୀୟ ବାଳିକାମାନଙ୍କ ମଧ୍ୟରେ ଋତୁଉଦୟ ବୟସ ୧୧ରୁ ୧୫ ବର୍ଷ ମଧ୍ୟରେ, ହାରାହାରି ଭାବେ ଏହା ୧୩ବର୍ଷ ।

ବାଳକମାନଙ୍କ ଯୌନ ପରିପକ୍ୱତା

- ମୁଷ୍କଦ୍ୱୟର ଆକୃତି ବୃଦ୍ଧି ଏବଂ ମୁଷ୍ଟକୋଷ (ବ୍ୟାଗ ସଦୃଶ ଢାଞ୍ଚା) ଲୋଚାକୋଚା ହେବା ।
- ଯୌନାଙ୍ଗରେ ଲୋମ ସୃଷ୍ଟି ହୁଏ ।
- ବାହ୍ୟଯୌନାଙ୍ଗ ଶିଶ୍ନର ଆକାର ବୃଦ୍ଧି । ଏହା ପ୍ରାୟ ୨ ବର୍ଷ ଧରି ବୃଦ୍ଧି ପ୍ରାପ୍ତ ହୋଇଚାଲେ ।
- ପୌରୁଷଗ୍ରନ୍ଥି ଏବଂ ଶୁକ୍ରାଶୟ ପୁଟିକାର ଅଭିବୃଦ୍ଧି (ଯାହାକି ଏକତ୍ର ଶୁକ୍ରାଣୁ ବହନ କରୁଥିବା ଶୁକ୍ର ଉତ୍ପାଦନ କରନ୍ତି)
- ମୁହଁ ଓ କାଖରେ ଲୋମ ଉଠେ । ଏହା ମୁହଁର ଗାଲ, ଚିବୁକ ଏବଂ ଉପର ଓଠରେ ଅଧିକ ଉଠିଥାଏ ।
- ଶିଶ୍ନ ମାଧ୍ୟମରେ ପ୍ରଥମ ସ୍ୱତଃସ୍ଫୁର୍ତ୍ତ ଶୁକ୍ର ପ୍ରବାହକୁ ଶୁକ୍ରୋଦୟ (Spermanche) ବୋଲି କହନ୍ତି । ସାଧାରଣତଃ ଏହା ନିଦ୍ରାକାଳରେ ଘଟେ । କିଶୋର ଏହା ଜାଣି ନଥାଏ ।
- କିଶୋରୀର ଡିମ୍ବାଣୁଗୁଡ଼ିକ ପରିପକ୍ୱ ହେବାକୁ ଆରମ୍ଭ କରନ୍ତି । ଡିମ୍ବାଶୟରୁ ପରିପକ୍ୱ ଡିମ୍ବାଣୁଟିଏ ନିର୍ଗତ ହେବା (ଡିମ୍ବୋଦୟ ବା Ovulation) ପ୍ରଥମ ଋତୁସ୍ରାବ କିଛିମାସ ପରେ ଆରମ୍ଭ ହୁଏ ।
- ନିତମ୍ବ ଚଉଡ଼ା ଏବଂ ବର୍ତ୍ତୁଳାକାର ହୁଏ । ଛାତି ଏବଂ ଗୋଡ଼ରେ ଲୋମ ଉଠେ । କାଖତଳେ ଲୋମ ଉଠେ ।
- ସ୍ୱର କର୍କଶ ହେବା – ଏହା ହେବାର କାରଣ ହେଲା ସ୍ୱରବାକ୍ସ ବା ସ୍ୱରକ (Larynx) ବଡ଼ ହେବା ଏବଂ ସ୍ୱରତନ୍ତୁ (Vocal cord) ଲମ୍ବା ହେବା । ଏହି ପରିବର୍ତ୍ତନ ହେତୁ ସ୍ୱରର ତାରତ୍ୱ (Pitch) ହ୍ରାସ ପାଇବାରୁ ତାହା ଗମ୍ଭୀର ହୁଏ । ଉଚ୍ଚ ତାରତ୍ୱରୁ ନିମ୍ନ ତାରତ୍ୱକୁ ହ୍ରାସ ପାଉଥିଲା ସମୟରେ ସ୍ୱର ଅଣନିୟନ୍ତ୍ରିତ ଭାବେ କର୍କଶ ହୁଏ ।

ନିମ୍ନୋକ୍ତ ପ୍ରସଙ୍ଗଟି ଉପରେ ଜୋର୍ ଦେଇ ଉପସଂହାରରେ ପହଞ୍ଚ :

ବୟସ ବଢ଼ିବା ସଙ୍ଗେ ସଙ୍ଗେ ଶରୀରର ବିଭିନ୍ନ ଅଙ୍ଗର ବିକାଶ ଘଟିବା ଏକ ପ୍ରାକୃତିକ ପ୍ରକ୍ରିୟା । ଏହା ଅଲଗା ଅଲଗା ବ୍ୟକ୍ତିଙ୍କ କ୍ଷେତ୍ରରେ ବିଭିନ୍ନ । ପରିମଳ, ଉପଯୁକ୍ତ ପୁଷ୍ଟି ଏବଂ କୌଣସି ଅସୁସ୍ଥତାର ଲକ୍ଷଣ ସମ୍ପର୍କରେ ସନ୍ଦେହ ଆସିଲେ ଯଥାଶୀଘ୍ର ଚିକିତ୍ସା ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ବାଳକଙ୍କ ଯୌନାଙ୍ଗ ଏବଂ ଏଥି ସମ୍ପର୍କୀୟ କାର୍ଯ୍ୟାବଳୀ / ପଦ୍ଧତି ସମୂହ

(କ) ଶିଶ୍ନ (Penis) : ପୁରୁଷ ଅଙ୍ଗ । ଉତ୍ତେଜିତ ହେଲେ ଏହା ରକ୍ତରେ ଭରିଯାଏ ଏବଂ କଠିନ ହୋଇଯାଏ ।

(ଖ) ମୁଷ୍ଟକୋଷ (Scrotum) : ଶିଶ୍ନର ମୂଳରେ ଥିବା ମୁଷ୍ଟଧାରଣକାରୀ ଥଳି । ଏହା ମୁଷ୍ଟକୁ ସୁରକ୍ଷା ଦିଏ, ତାପମାତ୍ରା ନିୟନ୍ତ୍ରଣ କରେ । ଶୁକ୍ରାଣୁ ଉତ୍ପାଦନ ଏବଂ ତାହାକୁ ଜୀବନ୍ତ ରଖିବା ପାଇଁ ଦାୟୀ ।


(ଗ) ଶୁକ୍ରାବାହିନୀ (Vas deferens) : ଏହି ନଳୀ ମୁଷ୍ଟରୁ ମୂତ୍ରନଳୀ ମଧ୍ୟକୁ ଶୁକ୍ରାଣୁ ଗତି କରିବା ପାଇଁ ଏକ ପଥରୂପେ କାର୍ଯ୍ୟକରେ ।

(ଘ) ମୁଷ୍ଟ (Testes) : ମୁଷ୍ଟକୋଷ ମଧ୍ୟରେ ଥିବା ଦୁଇଟି ଗୋଲାକାର ଗ୍ରନ୍ଥି । ଏଗୁଡ଼ିକ ଶୁକ୍ରାଣୁ ଉତ୍ପାଦନ କରନ୍ତି ଏବଂ ତାହା ଗଚ୍ଛିତ କରି ରଖନ୍ତି । ପୁଂ ହରମୋନ୍ ଟେଷ୍ଟୋଷ୍ଟେରୋନ୍ (Testosteron) ମଧ୍ୟ ଏଥିରେ ଉତ୍ପନ୍ନ ହୁଏ ।

(ଙ) ଶୁକ୍ରାଶୟ ପୁଟିକା (Seminal Vesicle) ମୂତ୍ରାଶୟର ମୂଳରେ ଥିବା ମୃଣାସଦୃଶ ଢାଞ୍ଚା । ଏଥିରେ ଏକ ଗାଢ଼ ଦୁଧିଆ ରଙ୍ଗର ତରଳ ପଦାର୍ଥ ସୃଷ୍ଟି ହୁଏ, ଯାହାକି ଶୁକ୍ରର ଏକ ଅଂଶ ବିଶେଷ ଅଟେ । ଏହି ତରଳପଦାର୍ଥ ଶୁକ୍ରାଣୁକୁ ପୁଷ୍ଟି ଯୋଗାଏ ।

(ଚ) ପୌରୁଷଗ୍ରନ୍ଥି (Prostrate gland) – ଆକୃତିରେ ଏହି ଗ୍ରନ୍ଥି ଗୁଆ ସଦୃଶ୍ୟ ହେବ । ଏହା ମୂତ୍ରାଶୟ ଉପରେ ଯେଉଁଠି ମୂତ୍ରନଳୀ ଆରମ୍ଭ ହୋଇଛି ସେଇଠି ଥାଏ ଏବଂ ମୂତ୍ରନଳୀ ଏହାକୁ ବେଢ଼ି କରିଥାଏ । ପୌରୁଷଗ୍ରନ୍ଥି ଏକ ପତଳା ଓ ଦୁଧିଆ

ରଙ୍ଗର ତରଳ ପଦାର୍ଥ ଉତ୍ପନ୍ନ କରେ, ଯାହାକି ଶୁକ୍ରର ଏକ ଅଂଶ। ଏହା ଶୁକ୍ରାଣୁର ଗତିଶୀଳତାକୁ ସକ୍ରିୟ କରେ।



(ଛ) କାଓପର ଗ୍ରନ୍ଥି (Cowper's gland) : ମୂତ୍ରନଳୀର ଦୁଇପାର୍ଶ୍ୱରେ, ପୌରୁଷଗ୍ରନ୍ଥିର ତଳେ ଅବସ୍ଥିତ ଦୁଇଟି ମଟର ମଞ୍ଜି ଆକୃତିର ଗ୍ରନ୍ଥି। ଯୌନ ଉତ୍ତେଜନା କାଳରେ ଏଥିରୁ ଏକ ରଙ୍ଗହୀନ ଅଠାଳିଆ ପଦାର୍ଥ ଉତ୍ପନ୍ନ ହୋଇ ମୂତ୍ରନଳୀ ମଧ୍ୟକୁ ଆସେ। ଏହା ମୂତ୍ରନଳୀରେ ଥିବା ମୂତ୍ରର ଅମ୍ଳତ୍ୱ ହ୍ରାସକରେ।

(ଜ) ମୂତ୍ରନଳୀ (Urethra) : ଏହି ନଳୀମାଧ୍ୟମ ଦେଇ ମୂତ୍ରାଶୟରୁ ମୂତ୍ରବାହାରି ଶରୀର ବାହାରକୁ ଯାଏ। ଶୁକ୍ର ନିର୍ଗତ ହେବାର ମଧ୍ୟ ଏହା ଏକପଥ ଅଟେ।

(ଝ) ଶୁକ୍ରାଣୁ (Sperm) ପୁରୁଷ ଯୌନ କୋଷ ରୂପରେ ଏହା ବେଙ୍ଗଫୁଲା ସଦୃଶ। ଶୁକ୍ରକୋଷଗୁଡ଼ିକ ଖୁବ୍ ସାନ ଏବଂ କେବଳ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିହେବ। ସେଗୁଡ଼ିକ ବେଙ୍ଗଫୁଲାପରି ଦେଖାଯାଆନ୍ତି। ସାଧାରଣତଃ ଶୁକ୍ରାଣୁ ଉତ୍ପନ୍ନ ୧୨ ରୁ ୧୪ ବର୍ଷ ବୟସରୁ ଆରମ୍ଭ ହୁଏ।

(ଞ) ଶୁକ୍ର (Semen) : ସ୍ଖଳନ ସମୟରେ ଶିଶ୍ନରୁ ନିର୍ଗତ ହେଉଥିବା ଦୁଗ୍ଧ ରଙ୍ଗର ତରଳ ପଦାର୍ଥ। ଶୁକ୍ରରେ ଶୁକ୍ରାଣୁ ତଥା ପୌରୁଷଗ୍ରନ୍ଥି ଏବଂ ଶୁକ୍ରାଶୟ ପୁଟିକାରୁ ଉତ୍ପନ୍ନ ପଦାର୍ଥ ମଧ୍ୟ ମିଶିଥାଏ।

(ଟ) ଉତ୍‌ଥାନ (Erection) ଏହି ପ୍ରକ୍ରିୟାରେ ଚିନ୍ତା, କଳ୍ପନା, ସ୍ପର୍ଶ, ଯୌନ ଉତ୍ତେଜନା କିମ୍ବା ତାପମାତ୍ରା ହେତୁ ଶିଶ୍ନରେ ରକ୍ତ ଭରିଯାଏ ଏବଂ ତାହା ଉତ୍ତେଜିତ ହୋଇଯାଏ।

(ଠ) ସ୍ଖଳନ (Ejaculation) : ଯୌନ ଉତ୍ତେଜନା ଫଳରେ ଶିଶ୍ନରୁ ଶୁକ୍ର ନିର୍ଗତ ହେବାକୁ ସ୍ଖଳନ କହନ୍ତି। ପ୍ରତ୍ୟେକ ସ୍ଖଳନରେ ସାଧାରଣତଃ ୨୦ ରୁ ୪୦ ନିୟୁତ ଶୁକ୍ରାଣୁ ଥାଏ।

(ଡ) ସ୍ୱପ୍ନଦୋଷ (Spermanche) : ସାଧାରଣତଃ ନିଦ୍ରିତ ଅବସ୍ଥାରେ ସ୍ୱପ୍ନ ଦେଖିବା ହେତୁ ଘଟୁଥିବା ସ୍ୱତଃସ୍ଫୂର୍ତ୍ତ ଶୁକ୍ର ନିର୍ଗମନ।

ବାଳିକାମାନଙ୍କ ଯୌନାଙ୍ଗ ଏବଂ ସମ୍ପର୍କୀୟ କାର୍ଯ୍ୟାବଳୀ / ପ୍ରକ୍ରିୟା ସମୂହ :

(କ) ବୃହତ ଭଗୋଷ୍ଠ (Labia majora) : ଭଗର ଉଭୟ ପାର୍ଶ୍ୱରେ ଭାଙ୍ଗଭାଙ୍ଗ ହୋଇଥିବା ଦୁଇଟି ସେଟ୍। ଏହା କ୍ଷୁଦ୍ର ଭଗୋଷ୍ଠ (Labia minora), ଭଗ ଶିଶ୍ନକା (Clitoris) ଏବଂ ମୂତ୍ରନଳୀ ଓ ଭଗ ଦ୍ୱାରକୁ ସୁରକ୍ଷା ଦିଏ।

(ଖ) ଭଗ ଶିଶ୍ନିକା (Clitoris) : ଭଗୋଷ୍ଠ ଦ୍ୱୟର ସଙ୍ଗମସ୍ଥଳରେ ଅବସ୍ଥିତ ଏକ କ୍ଷୁଦ୍ର ଢାଞ୍ଚା; ନାରୀ ପାଇଁ ଉତ୍ତେଜନାର କେନ୍ଦ୍ର।

(ଗ) ଭଗଦ୍ୱାର (Vaginal opening) : ମୂତ୍ରନଳୀ ଏବଂ ମଳଦ୍ୱାର ମଝିରେ ଥିବା ମୁକ୍ତପଥ; ଋତୁସ୍ରାବ ଲାଗି ନିର୍ଗମନ ପଥ।

(ଘ) ଭଗ (Vagina) : ଜନ୍ମ ସମୟରେ ଶିଶୁ ଯେଉଁ ନାଳୀ ଦେଇ ବାହାରକୁ ବାହାରେ; ଋତୁସ୍ରାବର ପଥ, ଯୌନକ୍ରିୟା ଏବଂ ଶିଶୁ ଜନ୍ମ ଦେଲାବେଳେ ଏହା ପ୍ରସାରିତ ହୋଇପାରେ।


(ଙ) ଶ୍ରୋଣୀ (Pelvis) : ଆଭ୍ୟନ୍ତରୀଣ ପ୍ରଜନନ ଅଙ୍ଗସମୂହ, ମୂତ୍ରାଶୟ ଏବଂ ବୃହତ୍ ଅନ୍ତ୍ରକୁ ସହାୟତା କରୁଥିବା ବେସିନ ଆକୃତିର ହାଡ଼ ନିର୍ମିତ ଢାଞ୍ଚା।

(ଚ) ଯୋନିଚ୍ଛଦ (Hymen) : ଏହା ଭଗ ମଧ୍ୟରେ ବିସ୍ତାରିତ ହୋଇଥିବା ଏବଂ ଏହାକୁ ଆଂଶିକ ରୂପେ ଆଚ୍ଛାଦିତ କରି ରଖିଥିବା

ଶ୍ଳେଷ୍ମ ଝିଲ୍ଲୀର ଏକସ୍ତର। ଶାରୀରିକ ଶ୍ରମ କିମ୍ବା ଯୌନକ୍ରିୟା କାଳରେ ଏହା ଛିଡ଼ିଯାଏ।

(ଛ) ଗର୍ଭାଶୟ ଗ୍ରୀବା (Cervix) : ଗର୍ଭାଶୟର ମୁହଁ ବା ଦ୍ୱାର; ଭଗର ଉପରିଭାଗ ପର୍ଯ୍ୟନ୍ତ ବାହାରିଥାଏ।

(ଜ) ଗର୍ଭାଶୟ (Uterus) : ଶ୍ରେଣୀ ଅଞ୍ଚଳରେ ଅବସ୍ଥିତ ନାସପାତି ଆକୃତିର ମାଂସାଳ ଅଙ୍ଗ। ବୟଃପ୍ରାପ୍ତି ସମୟରେ ଏହା ଆରମ୍ଭ ହୁଏ, ଋତୁସ୍ରାବ କାଳରେ ସମୟକୁ ସମୟ (ସାଧାରଣତଃ ପ୍ରତିମାସରେ) ଏହା ଭିତରର ଆସ୍ତରଣ ବାହାରିଯାଏ, ଗର୍ଭଧାରଣ ସମୟରେ ଏହାରି ମଧ୍ୟରେ ଶିଶୁବଢ଼େ।



(ଝ) ଡିମ୍ବବାହୀ ନାଳୀ (Fallopian tubes) : ଡିମ୍ବାଶୟରୁ ଗର୍ଭାଶୟ ମଧ୍ୟକୁ ଡିମ୍ବାଣୁ ଗତି କରିବାର ପଥ; ନିଷେଚନ (fertilization) ପ୍ରକ୍ରିୟା ସମାହିତ ହେଉଥିବା ସ୍ଥାନ।

(ଞ) ଡିମ୍ବାଶୟ (Ovary) : ବୟଃପ୍ରାପ୍ତି ସମୟରେ ଅଣ୍ଡା ଛାଡ଼ିବା ଆରମ୍ଭ କରେ, ନାରୀ ଯୌନହର୍ମୋନ୍ ଉତ୍ପନ୍ନ କରେ।

(ଟ) ଡିମ୍ବାଣୁ (Ovum or Egg) : ପ୍ରାୟ ଗୋଟିଏ ପିନ୍‌ର ମୂନ ଆକାରର ଡିମ୍ବାଣୁ ଯଦି ଶୁକ୍ରାଣୁ ସହିତ ମିଳିତ ହୁଏ। ତା'ହେଲେ ଗର୍ଭଧାରଣ ସମ୍ଭବ ହୁଏ। ଯଦି ଡିମ୍ବାଣୁର ନିଷେଚନ ନ ଘଟେ ଅର୍ଥାତ୍ ତାହା ଶୁକ୍ରାଣୁ ସହିତ ମିଳିତ ନ ହୁଏ ତେବେ ତାହା ଦ୍ରବୀଭୂତ ହୋଇଯାଏ ଏବଂ ଋତୁସ୍ରାବରେ ବାହାରିଯାଏ।

(ଠ) ଡିମ୍ବୋଦୟ (Ovulation) : ଡିମ୍ବାଶୟ ଡିମ୍ବାଣୁଟିର ନିର୍ଗତ ହେବା, ସାଧାରଣତଃ ପ୍ରତିମାସରେ ଗୋଟିଏ କରି ଅଣ୍ଡା ନିର୍ଗତ ହୁଏ।

(ଡ) ନିଷେଚନ (Fertilization) ଡିମ୍ବାଣୁ ସହିତ ସୁକ୍ରାଣୁର ମିଳନ। ଏହା ଡିମ୍ବବାହୀ ନାଳୀ ମଧ୍ୟରେ ସମାହିତ ହୁଏ।

ପ୍ରଜନନ ସ୍ୱାସ୍ଥ୍ୟ କହିଲେ ବ୍ୟକ୍ତି ତା'ର ଜୀବନର ବିଭିନ୍ନ ସ୍ତରରେ ପ୍ରଜନନ ପ୍ରକ୍ରିୟା, ପ୍ରଜନନ କାର୍ଯ୍ୟକାରିତା ଏବଂ ପ୍ରଜନନ ପଦ୍ଧତିକୁ ବୁଝାଏ।

ପ୍ରଜନନ ଏବଂ ଯୌନ ସ୍ୱାସ୍ଥ୍ୟ କହିଲେ କେବଳ ଯୌନଅଙ୍ଗ ଜନିତ ଅସୁସ୍ଥତା ବା ଏଠାରେ ସୃଷ୍ଟି ହୋଇଥିବା କୌଣସି କ୍ଷତଜନିତ ଯନ୍ତ୍ରଣାକୁ ବୁଝାଏ ନାହିଁ। ଏହା ମଧ୍ୟରେ ଯୌନ ଅଭ୍ୟାସ ଏବଂ ଯୌନ ଇଚ୍ଛାଜନିତ ଶୃଙ୍ଖଳିତ ବ୍ୟବହାର ପ୍ରଦର୍ଶନ ବିଷୟ ମଧ୍ୟ ଅନ୍ତର୍ଭୁକ୍ତ।

ସର୍ବୋପରେ ବ୍ୟକ୍ତି ତା'ର ଯୌନ ଇଚ୍ଛାଗତ ଆବଶ୍ୟକତାକୁ ନେଇ ଶାରୀରିକ, ମାନସିକ ଏବଂ ସାମାଜିକ ସ୍ୱାସ୍ଥ୍ୟରେ ଉତ୍ତମ ପରିଚାଳନା ଏବଂ ଏହାର ସୁରକ୍ଷାକୁ ବୁଝାଏ।

ଋତୁସ୍ରାବ

ଋତୁସ୍ରାବ ହେଉଛି ଏକ ମାସିକ ପ୍ରକ୍ରିୟା ଯାହାକୁ ସାଧାରଣତଃ ପିରିୟଡ଼ ବା ମାସିକିଆ ବୋଲି କୁହାଯାଏ। ପ୍ରାୟ ୧୦ ରୁ ୧୯ ବର୍ଷ ବୟସ ମଧ୍ୟରେ ଅର୍ଥାତ୍ କିଶୋରୀ ଅବସ୍ଥାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ପ୍ରତି ମାସରେ ଗୋଟିଏ ଡିମ୍ବାଣୁ ଡିମ୍ବକୋଷରୁ ବାହାରି ଡିମ୍ବବାହୀ ନଳୀ ମଧ୍ୟଦେଇ ଜରାୟୁ / ଗର୍ଭାଶୟରେ ପହଞ୍ଚେ। ପ୍ରତି ମାସରେ ଡିମ୍ବାଣୁ ଯେତେବେଳେ ଡିମ୍ବାଶୟ ଛାଡ଼େ


ଗର୍ଭାଶୟରେ, ତା ପୂର୍ବରୁ ରକ୍ତ ଓ ଲାଳର ଏକ ଆସ୍ତରଣ ସୃଷ୍ଟି ହୁଏ। ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ଏହି ଆସ୍ତରଣ ମୋଟା ହେବାକୁ ଲାଗେ। ଡିମ୍ବାଣୁ କ୍ଷରତୀ ସମ୍ବନ୍ଧରେ ଯଦି ସହବାସ କରାଯାଏ, ମହିଳା ଜଣକ ଗର୍ଭବତୀ ହେବାର ସମ୍ଭାବନା ଅଧିକ ଥାଏ। ଗର୍ଭଧାରଣ କହିଲେ ଡିମ୍ବାଣୁ ଓ ଶୁକ୍ରାଣୁର ମିଳନରେ ଗର୍ଭ ଧାରଣ ପ୍ରକ୍ରିୟାକୁ ବୁଝାଇଥାଏ, ଯାହା ଡିମ୍ବବାହୀ ନଳୀରେ ସଂଗଠିତ ହୋଇଥାଏ। ଏହି ଗର୍ଭଧାରିତ ଡିମ୍ବାଣୁ ଯାହାକୁ ଭ୍ରୂଣ କୁହାଯାଏ। ଡିମ୍ବବାହୀ ନଳୀ ମଧ୍ୟ ଦେଇ ଗର୍ଭାଶୟରେ ପହଞ୍ଚିଥାଏ ଏବଂ ଗର୍ଭାଶୟ....। ମାତ୍ର ଯଦି ଗର୍ଭବତୀ ନ ହୁଏ ତେବେ ଏହି ଆସ୍ତରଣଟି ଲାଳ ଏବଂ ମିଶା ରକ୍ତ ଯୋନିଦ୍ୱାର ଦେଇ ବାହାରି ଆସେ। ପ୍ରତି ମାସରେ ଘଟୁଥିବା ଏହି ପ୍ରକ୍ରିୟାକୁ ମାସିକ ଋତୁସ୍ରାବ କୁହାଯାଏ। ଋତୁସ୍ରାବ ୩ - ୭ ପର୍ଯ୍ୟନ୍ତ ଲାଗିରହେ ଏବଂ ଏହା ୨୧ - ୩୫ ଦିନ ମଧ୍ୟରେ ହୋଇଥାଏ।

ଋତୁସ୍ରାବ ଏକ ପ୍ରାକୃତିକ, ସ୍ୱାଭାବିକ ଏବଂ ଜୈବିକ ପ୍ରକ୍ରିୟା ଅଟେ। ଏହି ସମୟରେ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ଉପରେ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ଏବଂ ଅଧିକ ପରିମାଣରେ ଲୌହସାର ଓ ପୁଷ୍ଟିସାରଯୁକ୍ତ ଖାଦ୍ୟ ଖାଇବା ଉଚିତ୍।

- ପ୍ରତ୍ୟେକ ଦିନ ପରିଷ୍କାର ଜଳରେ ସ୍ନାନ କରିବା ଉଚିତ୍।
- ପ୍ରଜନନ ଅଙ୍ଗକୁ ଧୋଇ ସଫା ରଖିବା ଦରକାର।
- ଋତୁସ୍ରାବ ସମୟରେ ଅତି କମ୍‌ରେ ଦିନକୁ ପ୍ରତି ୩-୪ ଘଣ୍ଟା ଅନ୍ତରରେ କପଡ଼ା ବଦଳାଇବା ଦରକାର।
- ଏହି ସମୟରେ ସାନିଟାରୀ ପ୍ୟାଡ଼ ବ୍ୟବହାର କରିବା ଉଚିତ୍। ଯଦି ଏହା ସମ୍ଭବ ନୁହେଁ, ଏଥିପାଇଁ ପରିଷ୍କାର ହାଲ୍‌କା ରଙ୍ଗର ସୂତା ଶୁଖିଲା କପଡ଼ା ବ୍ୟବହାର କରିବା ଉଚିତ୍।
- କପଡ଼ାକୁ ସାବୁନ୍ ଓ ପରିଷ୍କାର ଜଳରେ ଧୋଇ ସୂର୍ଯ୍ୟକିରଣ ଓ ପବନରେ ଶୁଖାଇବା ଉଚିତ୍।
- ଏହି ସମୟରେ ପ୍ରଜନନ ଅଙ୍ଗ ବିପଦପୂର୍ଣ୍ଣ ଥାଏ। ତେଣୁ ଜୀବାଣୁ ସଂକ୍ରମଣର ସମ୍ଭାବନା ଅଧିକ ଥାଏ। ଏଥିପ୍ରତି ସଚେତନ ହେବା ଆବଶ୍ୟକ।
- ଖେଳକୁଦ, ଦୌଡ଼ିବା ଏବଂ ଭ୍ରମଣ ଆଦି ଦୈହିକ କାର୍ଯ୍ୟକଳାପଠାରୁ ଏହି ସମୟରେ ଦୂରେଇ ରହିବା ଉଚିତ୍।
- ବିଶ୍ରାମ, ଏ ସମୟରେ ଏକାନ୍ତ ପ୍ରୟୋଜନ।
- ଏ ସମୟରେ ଅଧିକ ଋତୁସ୍ରାବ ଓ ଜୀବାଣୁ ସଂକ୍ରମଣ ହେବାର ସମ୍ଭାବନା ଥାଏ।
- ଆବଶ୍ୟକ ସ୍ଥଳେ ଡାକ୍ତର ପରାମର୍ଶ ନେବା ଉଚିତ୍।

ଗର୍ଭ ଧାରଣ

ଗର୍ଭଧାରଣ କହିଲେ ଡିମ୍ବାଣୁ ଓ ଶୁକ୍ରାଣୁର ମିଳନରେ ଗର୍ଭଧାରଣର ପ୍ରକ୍ରିୟାକୁ ବୁଝାଇଥାଏ, ଯାହା ଡିମ୍ବବାହୀ ନଳୀରେ ସଂଗଠିତ ହୋଇଥାଏ। ଏହି ଗର୍ଭଧାରିତ ଡିମ୍ବାଣୁ ଯାହାକୁ ଭ୍ରୂଣ କୁହାଯାଏ, ଡିମ୍ବବାହୀ ନଳୀ ମଧ୍ୟ ଦେଇ ଗର୍ଭାଶୟରେ ପହଞ୍ଚିଥାଏ ଏବଂ ଗର୍ଭାଶୟ ଗହ୍ୱରରେ ରୋପିତ ହୋଇ ବିକଶିତ ହୁଏ।



ଗର୍ଭ ନିରୋଧିକରଣ

ଗର୍ଭଧାରଣର ପ୍ରକ୍ରିୟାକୁ ଯେ ରୋକି ଥାଏ, ତାହା ଗର୍ଭନିରୋଧିକରଣ କୁହାଯାଏ।

ଗର୍ଭ ନିରୋଧକ ପଦ୍ଧତି ସେବା ଗ୍ରହଣ ପାଇଁ ପରାମର୍ଶ ସନ୍ତାନଜନ୍ମ ପୂର୍ବରୁ ବା ପରେ ମହିଳାଙ୍କୁ ଦିଆଯିବା ଆବଶ୍ୟକ କିନ୍ତୁ କୌଣସି ପରିସ୍ଥିତିରେ ଏହା ପ୍ରସବ ସମୟରେ କିମ୍ବା ପ୍ରସବ ବେଦନା ସମୟରେ କରାଯିବା ଅନୁଚିତ୍। ସେହିପରି ଗର୍ଭପାତ ପ୍ରକ୍ରିୟା ସମୟରେ ଏହି ପଦ୍ଧତି ସମ୍ପର୍କରେ ମହିଳାମାନଙ୍କୁ ପରାମର୍ଶ ଦିଆଯିବାକୁ ବାରଣ କରାଯାଇଛି।

ଗର୍ଭନିରୋଧିକରଣ ୨ଟି ପଦ୍ଧତି ଅଛି।

ସ୍ଥାୟୀ ପଦ୍ଧତି :

ପୁରୁଷ ବନ୍ଧ୍ୟାକରଣ (Vasectomy or Male Sterilisation)

ଏହା ପୁରୁଷମାନଙ୍କ ପାଇଁ ଏକ ସହଜ ସ୍ଥାୟୀ ପରିବାର ନିୟୋଜନ ପଦ୍ଧତି। ଏହା ଏକ ସରଳ ପ୍ରକ୍ରିୟା ଯାହା ୫ ରୁ ୧୦ ମିନିଟ୍ ସମୟ ନେଇଥାଏ। ଏଥିରେ ପୁରୁଷର ଅଣ୍ଡକୋଷରେ ଏକ ଛୋଟ ଛିଦ୍ର କରି ଶୁକ୍ରବାହୀ ନଳୀକୁ ଦୁଇପଟରୁ ବନ୍ଦ କରିଦିଆଯାଏ। ଏହି ଅସ୍ତ୍ରୋପଚାରର ୩ ମାସ ପର୍ଯ୍ୟନ୍ତ ନିରୋଧ କିମ୍ବା ଅନ୍ୟ କୌଣସି ଗର୍ଭ ନିରୋଧକ ବ୍ୟବହାର କରାଯିବା ଆବଶ୍ୟକ।

ମହିଳା ବନ୍ଧ୍ୟାକରଣ (Tubectomy or Female Sterilisation)

ଏହା ଏକ ପ୍ରମୁଖ ପରିବାର ନିୟୋଜନ ପଦ୍ଧତି। ଏହା ଅପେକ୍ଷାକୃତ ସହଜ ଓ ସରଳ ଯାହା ସ୍ଥାୟୀ ଭାବରେ ମହିଳାଙ୍କ ଡିମ୍ବବାହୀ ନଳୀର ବାଟକୁ ବନ୍ଦ କରି ଗର୍ଭଧାନ (Fertilisation) ରେ ବାଧା ସୃଷ୍ଟି କରିଥାଏ। ଏହି ଅସ୍ତ୍ରୋପଚାର ପ୍ରସବର ୭ଦିନ ମଧ୍ୟରେ କରାଯାଇପାରେ।

ଅସ୍ଥାୟୀ ପଦ୍ଧତି :

୧. **କଣ୍ଡୋମ :** ଏହି ପଦ୍ଧତିରେ ଉଭୟ ପୁରୁଷ ଓ ମହିଳା ପ୍ରତିବନ୍ଧକ ବା କଣ୍ଡୋମ (ପୁରୁଷ ଓ ମହିଳା) ବ୍ୟବହାର କରିପାରିବେ। ଏହା ଡ଼ିମ୍ବାଣୁକୁ ଶୁକ୍ରାଣୁ ସହ ମିଶିବାକୁ ଦିଏ ନାହିଁ ଏବଂ ଗର୍ଭସଂଚାର ଓ ଯୌନ ସଂକ୍ରମଣରୁ ରକ୍ଷା କରେ।

୨. **ଅନ୍ତଃ ଗର୍ଭାଶୟ ପଦ୍ଧତି (ଆଇ.ୟୁ.ସି.ଡି) :** କପର - ଟି ୩୮୦ ଏବଂ କପର-ଟି ୩୭୫ କ୍ରମାଗତ ଭାବେ ୧୦ ବର୍ଷ ଓ ୫ ବର୍ଷ ପର୍ଯ୍ୟନ୍ତ ବ୍ୟବହାରକାରୀଙ୍କୁ ସୁରକ୍ଷା ଦେଇଥାଏ। ଏହାକୁ ସନ୍ତାନ ପ୍ରସବର ୪୮ ଘଣ୍ଟା ମଧ୍ୟରେ ଲଗାଯାଇପାରେ। ନଚେତ୍ ଗର୍ଭପାତ ପରେ ପରେ ତୁରନ୍ତ ମହିଳାମାନେ ଲଗାଇ ପାରିବେ। ଏହାକୁ ଯେ କୌଣସି ତାଲିମ୍‌ପ୍ରାପ୍ତ ସେବାପ୍ରଦାନକାରୀ କରିଥାନ୍ତି। ଏହାର ହର୍‌ମୋନ୍ ଜନିତ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇ ନଥାଏ। ଏହା ଏକ୍‌ଟୋପିକ୍ ଗର୍ଭଧାରଣରୁ ମଧ୍ୟ ସୁରକ୍ଷା ଦେଇଥାଏ।

   ପ୍ରସବ ପରବର୍ତ୍ତୀ / ଗର୍ଭପାତ ପରବର୍ତ୍ତୀ / ଆଇ.ୟୁ.ସି.ଡି ଲଗାଇବା ପୂର୍ବରୁ ପରାମର୍ଶ ମାଧ୍ୟମରେ ମହିଳାଙ୍କର କୌଣସି ପ୍ରକାର ଯୌନ ସଂକ୍ରମଣ କିମ୍ବା ଏଚ୍.ଆଇ.ଭି ଅଛି କି ନାହିଁ ଜାଣିବା ଅତ୍ୟନ୍ତ ଆବଶ୍ୟକ।

୩. **ଇନ୍‌ଜେକ୍‌ସନ୍ :** ଏହା ହର୍‌ମୋନ୍‌ଯୁକ୍ତ ଓ ମାସିକ, ଦ୍ୱିମାସିକ କିମ୍ବା ୪ ମାସିଆ ହୋଇଥାଏ ଓ ଗର୍ଭ ନିୟନ୍ତ୍ରଣରେ ସାହାଯ୍ୟ କରେ।

୪. **ନିବୃତ୍ତ ରହିବା :** ଏହା କିଶୋର କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ସେମାନଙ୍କୁ ବିବାହ ପୂର୍ବରୁ ଯୌନ ସମ୍ପର୍କ ରଖିବାଠାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଏ।

୫. ଡିମ୍ବାଣୁ ଗର୍ଭାଧାନ ପାଇଁ ପ୍ରସ୍ତୁତ ଥିବା ସମୟରେ ସହବାସଠାରୁ ଦୂରେଇ ରହିବା ଏବଂ ଶୁକ୍ରାଣୁକୁ ଯୋନି ଗହ୍ୱରରେ ଜମା ହେବାକୁ ନ ଦେବା। (Withdrawal)

୬. **ସ୍ତନ୍ୟପାନ ଜନିତ ନିରୋଧକ ପଦ୍ଧତି :** ଏହା ଏକ ପ୍ରାକୃତିକ ଉପାୟ ଯାହା ଉଭୟ ମା' ଓ ଶିଶୁ ପାଇଁ ହିତକର। କେବଳ ନିମ୍ନଲିଖିତ ୩ଟି ସର୍ତ୍ତକୁ ପୂରଣ କଲେ ଏହା ଫଳପ୍ରଦ ହୋଇଥାଏ। ଯଥା : ୧) କେବଳ ସ୍ତନ୍ୟପାନ, ରାତି ଏବଂ ଦିନ (ଅତି କମ୍‌ରେ ଦିନକୁ ୮ ରୁ ୧୦ ଥର ଏବଂ ଅନ୍ତତଃ ରାତିରେ ଥରେ ଏବଂ ଦୁଇଟି ପରବର୍ତ୍ତୀ ଖୁଆଇବାର ଅନ୍ତର ୬ ରୁ ୮ ଘଣ୍ଟା ମଧ୍ୟରେ ହୋଇଥିବା ଆବଶ୍ୟକ। ୨) ପ୍ରସବ ପରେ ମା'ର ମାସିକ ଋତୁସ୍ରାବ ଫେରିନଥିବ। ୩) ଶିଶୁ ୬ ମାସରୁ କମ୍ ବୟସର ହୋଇଥିବା ଆବଶ୍ୟକ।

୭. ହରମୋନ୍ ଯୁକ୍ତ ବଟିକା ଯାହା ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ। OCP (Oral Contraceptive Pills)

୮. ଜରୁରୀକାଳୀନ ଗର୍ଭ ନିରୋଧକ ବଟିକା (Emergency Contraceptive Pills / ECP)

ଏହାକୁ କେବଳ ଜରୁରୀକାଳୀନ ପରିସ୍ଥିତି ଯଥା : ଅସୁରକ୍ଷିତ ଯୌନ ସମ୍ପର୍କ, ଗର୍ଭ ନିରୋଧକ ପଦ୍ଧତିର ବିଫଳତା ଇତ୍ୟାଦି ସମୟରେ ଅନିଚ୍ଛାକୃତ ଗର୍ଭଧାରଣକୁ ଏଡ଼ାଇବା ପାଇଁ ବ୍ୟବହାର କରାଯାଇଥାଏ। ଏହାକୁ ନିୟମିତ ପରିବାର ନିୟୋଜନ ପଦ୍ଧତି କିମ୍ବା ଗର୍ଭନିରୋଧକ ଭାବେ ବ୍ୟବହାର କରିବା ମନା। ଏହାର ନିୟମିତ ବ୍ୟବହାର ଶରୀରରେ ଋତୁସ୍ରାବ ଜନିତ ସମସ୍ୟା ସୃଷ୍ଟି କରିଥାଏ। ଡାକ୍ତରଙ୍କ ବିନା ପରାମର୍ଶରେ ECP ବ୍ୟବହାର କରିବା ଅନୁଚିତ୍।

ପ୍ରଜନନ ପଥ ସଂକ୍ରମଣ ଓ ଯୌନ ସଂକ୍ରମଣ

ପ୍ରଜନନ ପଥ ସଂକ୍ରମଣ ପ୍ରାଥମିକ ଅବସ୍ଥାରେ ଗମ୍ଭୀର ସ୍ଥିତି ସୃଷ୍ଟି କରୁନଥିଲେ ମଧ୍ୟ ଚିକିତ୍ସା ନ କଲେ ପରବର୍ତ୍ତୀ ସମୟରେ ମହିଳାମାନଙ୍କ କ୍ଷେତ୍ରରେ ଜଟିଳ ସ୍ୱାସ୍ଥ୍ୟଗତା ସମସ୍ୟା ସୃଷ୍ଟିକରିଥାଏ। ଯଥା - ଗର୍ଭପାତ, କ୍ୟାନସର। ଉଭୟ ନାରୀ ଓ ପୁରୁଷଙ୍କଠାରେ ବନ୍ଧ୍ୟାବସ୍ଥା ସୃଷ୍ଟି କରିବାର କାରଣ ହୋଇଥାଏ।

ଯୌନକ୍ରିୟା ମାଧ୍ୟମରେ ଯେଉଁ ସଂକ୍ରମଣ ବ୍ୟାପିଥାଏ ତାହାକୁ ଯୌନ ସଂକ୍ରମଣ କୁହାଯାଏ। ଏହି ରୋଗ ସାଧାରଣତଃ ବୀଜାଣୁ ଓ ଭୂତାଣୁମାନଙ୍କ ଦ୍ୱାରା ହୋଇଥାଏ। ସେଥିରୁ କେତୋଟି ସାଧାରଣ ରୋଗ ହେଲା ଗନେରିଆ, ସିଫିଲସ୍, ହର୍ପିସ୍, ଏଡସ୍ ଇତ୍ୟାଦି।

ପ୍ରଜନନ ପଥ ସଂକ୍ରମଣ ଓ ଯୌନ ସଂକ୍ରମଣ ଲକ୍ଷଣ :

- ଯୌନାଙ୍ଗ ଉପରେ କିମ୍ବା ନିକଟରେ କ୍ଷତ, ଫୁଲା, ଫୋଟକା, ଯନ୍ତ୍ରଣାଦାୟକ ଘା' ହୋଇଥାଏ।
- ଅଧିକ ଥର ପରିସ୍ରା ଲାଗିଥାଏ ଏବଂ ପରିସ୍ରା କରିବା ସମୟରେ ପୋଡ଼ାଜଳା ହୋଇଥାଏ।
- ପାଟିରେ ଘା' ହୋଇଥାଏ।
- ପରିସ୍ରା କରିବା ସମୟରେ ଯନ୍ତ୍ରଣା ଓ ଜଳାପୋଡା ହେବା।
- ସାମାନ୍ୟ ଜ୍ୱର ହେବା।
- ତଳିପେଟରେ ବ୍ୟଥା ହେବା।

- ଦୁର୍ଗନ୍ଧଯୁକ୍ତ ଧଳାସ୍ରାବ ହେବା ।
- ଜନନେନ୍ଦ୍ରିୟ ଚତୁଃପାର୍ଶ୍ୱରେ କୁଣ୍ଡାଇହେବା ଓ ଲାଲହୋଇ ଫୁଲିଯିବା ।
- ଏହି ସମୟରେ ମୁଣ୍ଡବିନ୍ଧିବା ସହ ବାନ୍ତି ଏବଂ ଜ୍ୱର ହୋଇଥାଏ ।
- ଯୋନି ପଥରୁ ଭିନ୍ନ ଭିନ୍ନ ରଙ୍ଗର ସ୍ରାବ ହୋଇଥାଏ ।
- ସହବାସ ସମୟରେ ଅତ୍ୟଧିକ କଷ୍ଟ ହୋଇଥାଏ ।
- ନାରୀମାନଙ୍କ କ୍ଷେତ୍ରରେ ଯୋନି ପଥରୁ ଅସ୍ୱାଭାବିକ ଦୁର୍ଗନ୍ଧଯୁକ୍ତ ସ୍ରାବ ହୋଇଥାଏ ।

କେତେକ ଯୁବକଯୁବତୀ ହୁଏତ ଯୌନକ୍ରିୟାରେ ସକ୍ରୀୟ ହୋଇପାରନ୍ତି ଏବଂ ସେମାନଙ୍କର ଏଚ.ଆଇ.ଭି (HIV) ସ୍ଥିତି ସମ୍ପର୍କରେ ଜାଣିବାକୁ ବ୍ୟଗ୍ର ହୋଇପାରନ୍ତି । ଆମ ଦେଶରେ ଏଚ.ଆଇ.ଭି (HIV) / ଏଡ୍ସ୍ (AIDS) ବ୍ୟାପିବାରେ ଲାଗିଥିବାରୁ ନିକଟ ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ଏଭଳି ବନ୍ଧୁମାନଙ୍କ ସମ୍ପର୍କରେ ଆସିପାରନ୍ତି, ଯେଉଁମାନେ କି ଏଚ.ଆଇ.ଭି. ଦ୍ୱାରା ଆକ୍ରାନ୍ତ ହୋଇଥାଇ ପାରନ୍ତି କିମ୍ବା ସେମାନଙ୍କ ପରିବାରରେ ଏଚ.ଆଇ.ଭି (HIV) ଯୁକ୍ତ ସଦସ୍ୟ ଥାଇପାରନ୍ତି ।

ଏହି ପରିଚ୍ଛେଦର ଲକ୍ଷ୍ୟ ହେଲା କୈଶୋର ଗର୍ଭଧାରଣ ଏଚ.ଆଇ.ଭି (HIV) / ଏଡ୍ସ୍ (AIDS) ସମେତ ଯୌନକ୍ରିୟା ମାଧ୍ୟମରେ ସଂରଚିତ ସଂକ୍ରମଣ ସମ୍ପର୍କରେ ସୂଚନା ପ୍ରଦାନ କରିବା । ଏହା ଯୁବକଯୁବତୀମାନଙ୍କୁ ସଂକ୍ରମଣ ପାଇଁ ସେମାନଙ୍କୁ ଦୁର୍ବଳତା ଏବଂ ନିଜକୁ ଏହାଠାରୁ କିପରି ସୁରକ୍ଷା ଦେଇପାରିବେ ତାହାର ମୂଲ୍ୟାୟନ କରିବାରେ ସାହାଯ୍ୟ କରିବ, ଏଚ.ଆଇ.ଭି. (HIV) / ଏଡ୍ସ୍ (AIDS) ପରୀକ୍ଷା କରିବା ସହିତ ଜଡ଼ିତ ପ୍ରଶ୍ନମାନ ମଧ୍ୟ ଏହି ପରିଚ୍ଛଦରେ ଅନୁଶୀଳନ କରାଯାଇଛି ।

ପ୍ରଜନନ ଅଂଗଗୁଡିକର ଉପଯୁକ୍ତ ଯତ୍ନ ନ ନେବା, ପରିଷ୍କାର ପରିଚ୍ଛନ୍ନ ନ ରହିବା, ମୂତ୍ରନଳୀରେ ହେଉଥିବା ସଂକ୍ରମଣକୁ ଚିକିତ୍ସା ନ କରାଇବା ଏବଂ ଅସୁରକ୍ଷିତ ଗର୍ଭପାତ କରାଇବା ଦ୍ୱାରା ପ୍ରଜନନ ନଳୀରେ ସଂକ୍ରମଣ ହୋଇଥାଏ । ଏହାକୁ ପ୍ରଜନନ ପଥ ସଂକ୍ରମଣ କୁହାଯାଏ । ପ୍ରଜନନ ପଥ ସଂକ୍ରମଣ ନାରୀ ବା ପୁରୁଷର ଜନନେନ୍ଦ୍ରିୟ ଅର୍ଥାତ୍ ନାରୀର ଯୋନି, ପୁରୁଷର ଲିଙ୍ଗ ଓ ମୂତ୍ରାଶୟରେ ଘଟୁଥିବା ବିଭିନ୍ନ ସଂକ୍ରମଣକୁ ବୁଝାଇଥାଏ ।

କାରଣ :

- ସର୍ବସାଧାରଣ ବ୍ୟବହାର କରୁଥିବା ଅପରିଷ୍କୃତ ଶୌଚାଳୟର ବ୍ୟବହାର ।
- ଋତୁସ୍ରାବ ସମୟରେ ସଫାସୁତୁରା ନରହିବା ।
- ମଳମୂତ୍ର ତ୍ୟାଗ ପରେ ପରିଷ୍କାର, ପରିଚ୍ଛନ୍ନ ନହେବା ।
- ସଠିକ୍ ପରିମାଣରେ ପାଣି ନ ପିଇବା ।

ଏଭଳି ପରିସ୍ଥିତିରୁ ଦୂରେଇ ରହିବା ପାଇଁ

- ସୁରକ୍ଷିତ ଯୌନ ସମ୍ପର୍କ ରଖିବା ।
- ଯୌନାଙ୍ଗକୁ ପରିଷ୍କାର, ପରିଚ୍ଛନ୍ନ ରଖିବା ।
- ରୋଗର ଲକ୍ଷଣ ଦେଖାଗଲେ ଲଜ୍ଜାବୋଧ ନ କରି ଡାକ୍ତରଙ୍କ ପରାମର୍ଶ ନେବା ।
- ଅସୁରକ୍ଷିତ ଗର୍ଭପାତ ଠାରୁ ଦୂରେଇ ରହିବା ।
- ମୂତ୍ରାଶୟରେ ସଂକ୍ରମଣ ହୋଇଥିଲେ ଯଥା ଶିଘ୍ର ଚିକିତ୍ସା କରାଇବା ।

ପ୍ରାଥମିକ ଅବସ୍ଥାରେ ଯୌନ ସଂକ୍ରମଣର ଚିକିତ୍ସା ନ କଲେ ପରବର୍ତ୍ତୀ ସମୟରେ ଏହା ଜଟିଳ ରୂପ ଧାରଣ କରି ଅନେକ ଦୁଃସାଧ୍ୟ ରୋଗ ସୃଷ୍ଟି କରିଥାଏ।

ଏଚ.ଆଇ.ଭି / ଏଡ୍ସ

ଏଚ.ଆଇ.ଭି (Human Immune Deficiency Virus):

ଏକ ବିଶେଷ ଧରଣର ଭୂତାଣୁ। ଏହା ଯୋଗୁଁ ଏଡ୍ସ୍ ହୋଇଥାଏ। ଏହାର ଆକାର ଅତି କ୍ଷୁଦ୍ର। କହିବାକୁ ଗଲେ ଆମର ଗୋଟିଏ କେଶର ମୋଟେଇ ଯେତିକି, ତା'ର ହଜାର ଭାଗରୁ ଭାଗେ ହେବ ଏ ଭୂତାଣୁର ଆକାର ଆକୃତି। ଜାକିଜୁକି ହୋଇ ବସିଥିବା ଏକଝିଙ୍କ ପରି ଏହା ଦେଖାଯାଏ। ଭୂତାଣୁମାନେ ହେଲେ ସରଳତମ ଜୀବନ୍ତ ଏକକ। ଏଡ୍ସ୍ ସୃଷ୍ଟିକାରୀ ଭୂତାଣୁ 'ରେଟ୍ରୋଭାଇରସ୍' ବର୍ଗର ଅନ୍ତର୍ଗତ। ଏଗୁଡିକ ଏତେ ସୂକ୍ଷ୍ମାତିସୂକ୍ଷ୍ମ ଯେ ସାଧାରଣ ଅନୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଏମାନଙ୍କୁ ଦେଖିହୁଏ ନାହିଁ। ସେଥିପାଇଁ ଇଲେକଟ୍ରନ ଅଣୁବୀକ୍ଷଣ ଯନ୍ତ୍ରର ସାହାଯ୍ୟ ନେବାକୁ ପଡ଼ିଥାଏ। ଭୂତାଣୁ ଜନିତ ନାନା ରୋଗ ଆମକୁ ଆକ୍ରମଣ କରିଥାଏ। ମିଳିମିଳା, ହାଡଫୁଟି, ଗାଲୁଆ, ପୋଲିଓ, ଇନ୍‌ଫ୍ଲୁଏଞ୍ଜା, ସାଧାରଣ ଥଣ୍ଡାସର୍ଦ୍ଦି ଆଦି ସେମାନଙ୍କ ମଧ୍ୟରେ ପ୍ରଧାନ।

ଏଚ.ଆଇ.ଭି ସଂକ୍ରମଣ ଯୋଗୁଁ ଆମ ଦେହର ରୋଗ ପ୍ରତିରୋଧୀ ଶକ୍ତି କମିଯାଏ। ଏଚ.ଆଇ.ଭି ୧ ଓ ୨ ଏପରି ଦୁଇପ୍ରକାରର ଥା'ନ୍ତି। ଏଚ.ଆଇ.ଭି - ୨ ଦ୍ୱାରା ଆକ୍ରାନ୍ତ ରୋଗୀ ଏଚ.ଆଇ.ଭି-୧ ଆକ୍ରାନ୍ତରୋଗୀଙ୍କଠାରୁ ଅପେକ୍ଷାକୃତ ଅଧିକ ଦିନ ବଞ୍ଚୁଥିବାର ଦେଖାଯାଏ। କିନ୍ତୁ ଦୁଃଖର କଥା ଭାରତରେ ମୁଖ୍ୟତଃ (ଶତକରା ପ୍ରାୟ ୮୮ ଭାଗ) ଏଚ.ଆଇ.ଭି - ୧ ସଂକ୍ରମଣ ଅଧିକଭାବେ ଦେଖାଯାଉଛି।

ଏଡ୍ସ (Acquired Immune Deficiency Syndrome) :

ଏହା ନିର୍ଦ୍ଦିଷ୍ଟ ଏକ ରୋଗନୁହେଁ, କିନ୍ତୁ ଡାକ୍ତରୀ ଭାଷାରେ ଅନେକଗୁଡିଏ ଉପସର୍ଗର ସମାହାରକୁ ଏଡ୍ସ୍ କୁହାଯାଇଛି, ଯାହା ଶରୀରର ଅନ୍ତର୍ନିହିତ ପ୍ରତିରୋଧୀ ଶକ୍ତିର ଦ୍ରୁତଅବକ୍ଷୟ ଯୋଗୁ ପ୍ରକାଶ ପାଇଥାଏ। ଏ ଇଂରାଜୀ ଶବ୍ଦ ଏକ୍ୱୟାର୍ଡରୁ ଆସିଛି ଯା'ର ଅର୍ଥ 'ଅର୍ଜିତ' ଅର୍ଥାତ୍ ଜନ୍ମରୁ ଦାୟାଦିନ ସୂତ୍ରେ ଏହା ଉପଲବ୍ଧ ହୋଇନଥାଏ। ଜୀବଦ୍ଦଶରେ ବ୍ୟକ୍ତି ନିଜର ଆଚରଣ ମାଧ୍ୟମରେ ଏହା ଅର୍ଜନ କରେ। ଆଇ.ଡି ହେଲା ଇମ୍ୟୁନ୍ ଡେଫିସିଏନ୍ସିର ସଂକ୍ଷିପ୍ତ ରୂପ ଯାହାର ଅର୍ଥ ହେଲା ପ୍ରତିରୋଧୀ ଶକ୍ତି ବିଭାଗର ଅବକ୍ଷୟ ବା ଦୁର୍ବଳତା; ଏସ୍ ର ଅର୍ଥ ହେଲା 'ସିଣ୍ଡ୍ରୋମ୍' ବା ଲକ୍ଷଣ ସମୂହ। ଏହା ଶରୀର ମଧ୍ୟରେ ପ୍ରବେଶ କରିବାର ୮ ରୁ ୧୦ ବର୍ଷ ମଧ୍ୟରେ ଶରୀରର ରୋଗପ୍ରତିରୋଧକ ଶକ୍ତିକୁ କମାଇ ବିଭିନ୍ନ ରୋଗର ସମୂହର ସମସ୍ୟା ସୃଷ୍ଟି କରିଥାଏ। ଯାହାକୁ ଆମେ ଏଡ୍ସ୍ କହିଥାଉ। ଏଡ୍ସ ଏକ ଅବସ୍ଥା।

ସିଣ୍ଡ୍ରୋମ :

ଏ ଶବ୍ଦ ବ୍ୟବହାରର ତାତ୍ପର୍ଯ୍ୟ ହେଲା ଯେ 'ଏଡସ୍' ନିର୍ଦ୍ଦିଷ୍ଟ ଭାବେ କୌଣସି ଏକ ରୋଗ ବିଶେଷ ବା ଗୋଟିଏ ଲକ୍ଷଣକୁ ବୁଝାଏ ନାହିଁ। ବରଂ ଅନେକ ପ୍ରକାର ଲକ୍ଷଣର ସମନ୍ୱିତ ପରିପ୍ରକାଶ ବା ଏକାଧିକ ରୋଗର ଉପସର୍ଗକୁ ନେଇ ଏହା ପ୍ରକଟିତ ହୁଏ। ତେଣୁ କୌଣସି ଗୋଟିଏ ଲକ୍ଷଣକୁ ବିଚାର କରି ଏହାର ଚିହ୍ନଟ କରାଯାଏନାହିଁ। ଭୀଷଣ ଜ୍ୱର, ଅତିସାର, ଦ୍ରୁତ ଓଜନ ହାନି, ଲହରା କାଶ ଆଦି ଲକ୍ଷଣ, ଯାହା ଏଡସ୍ ରୋଗର ପ୍ରଧାନ ଲକ୍ଷଣ ଭାବେ ପ୍ରକାଶ ପାଇଥାଏ। ସେଗୁଡିକ ଅନ୍ୟ କେତେକ ନିର୍ଦ୍ଦିଷ୍ଟ ରୋଗମାନଙ୍କର ସାଧାରଣ ଲକ୍ଷଣ ରୂପେ ମଧ୍ୟ ଦେଖାଯାଇଥାଏ।

ପ୍ରତିରୋଧକ ଶକ୍ତି – ସ୍ୱଚ୍ଛତା, ପ୍ରତିରୋଧୀ ଶକ୍ତି ଓ ଶ୍ୱେତରକ୍ତ କଣିକା :

ବିଭିନ୍ନ ରୋଗ ଆକ୍ରମଣକୁ ପ୍ରାଥମିକ ଭାବେ ପ୍ରତିହତ କରିବାରେ ଆମର ଅର୍ନ୍ତନିହିତ 'ପ୍ରତିରୋଧ ବିଭାଗର' ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ରୋଗ ପ୍ରତିରୋଧ ବା ବାହାରର ସଂକ୍ରମଣକୁ ବ୍ୟାହାତ କରିବା ପାଇଁ ଆମ ଶରୀରର ପ୍ରତିରକ୍ଷା ମାଧ୍ୟମଗୁଡିକ ହେଲା – ଆମର ଅକ୍ଷତ ଚର୍ମ ବା ତ୍ୱଚା, ମୁଖଗହ୍ୱରର ଲାଳ, ଚକ୍ଷୁର ଲୁହ, ଆନ୍ତ୍ରିକ ଓ ନାସାଗହ୍ୱରର ଝିଲ୍ଲୀ ଆଦି । ତା' ଛଡା ସବୁଠାରୁ ଶକ୍ତିଶାଳୀ ପ୍ରତିରକ୍ଷା କବଚ ହେଲା – ଆମର ରକ୍ତ । ରକ୍ତରେ ଥିବା ଶ୍ୱେତରକ୍ତ କୋଷିକାମାନେ ହେଲେ ଆମ ଶରୀରର ପ୍ରତିରକ୍ଷା ବାହିନୀର ମୁଖ୍ୟ ଯୋଦ୍ଧା । ଏଡ୍‌ସ ଭୂତାଣୁ ଶରୀରରେ ପ୍ରବେଶ କଲାମାତ୍ରେ ସେଗୁଡିକ ଶ୍ୱେତ ରକ୍ତ କୋଷିକା ଆଡକୁ ଆକର୍ଷିତ ହୋଇଥାନ୍ତି ଏବଂ କୋଷାଭ୍ୟନ୍ତରକୁ ପ୍ରବେଶ କରି କୋଷ ନାଭିକରେ ଥିବା ଆନୁବଂଶିକୀୟ ଗୁଣସୂତ୍ର ମାନଙ୍କରେ ମିଳିତ ହୋଇଯାନ୍ତି । ଆଧାରକୋଷର ଜିନୀୟ ବସ୍ତୁକୁ ଆୟୁଧ କରି ଏହି ଭୂତାଣୁ ଅତି ସହଜରେ ନିଜର ବଂଶବିସ୍ତାର କରିଚାଲନ୍ତି ।

ସୁଯୋଗ ଉଣ୍ଟୁଥିବା ସଂକ୍ରମଣ :

ଏଡ୍‌ସ୍ ଭୂତାଣୁ ସଂକ୍ରମଣ ଓ ବଂଶବୃଦ୍ଧି ପରେ ଶରୀରର ସାଧାରଣ ରୋଗପ୍ରତିରୋଧୀ ଶକ୍ତି ହ୍ରାସ ପାଇଯିବା ଯୋଗୁ ଶରୀରରେ ରୋଗସୃଷ୍ଟି ପାଇଁ ସୁଯୋଗ ଖୋଜୁଥିବା ଅନ୍ୟକେତେକ ଜୀବାଣୁ ଅତିସହଜରେ ସଂକ୍ରମଣ ଘଟାଇଥାନ୍ତି । ଏହି ପରିପ୍ରେକ୍ଷୀରେ ଯକ୍ଷ୍ମା, ଫୁସ୍‌ଫୁସ୍ ପ୍ରଦାହ ବା ନିମୋନିଆ, ଅତିସାର ବା ପତଳାଝାଡା, ମସ୍ତିଷ୍କପ୍ରଦାହ ଆଦିର ଶୀକାର ହେବାକୁ ଆକ୍ରାନ୍ତ ବ୍ୟକ୍ତିକୁ ପଡିଥାଏ । ଆମ ଦେଶର ଅଧିକାଂଶ ଏଡ୍‌ସ୍ ଆକ୍ରାନ୍ତ ବ୍ୟକ୍ତି (ପ୍ରାୟ ୬୦ ଶତାଂଶ) ଯକ୍ଷ୍ମା ରୋଗର ଶୀକାର ହେଉଥିବାର ମଧ୍ୟ ଦେଖାଯାଏ । ତା' ବୋଲି ପ୍ରତ୍ୟେକ ଯକ୍ଷ୍ମାଗ୍ରସ୍ତ ରୋଗୀ ଯେ ଏଡ୍‌ସ୍ ଆକ୍ରାନ୍ତ – ଏହା ଭାବିବା ଠିକ୍ ନୁହେଁ ।

ଏଚ୍.ଆଇ.ଭି. ଧାରକ ବ୍ୟକ୍ତି :

ଯେଉଁ ବ୍ୟକ୍ତିଠାରେ ଏଡସ୍ ଭୂତାଣୁ ପ୍ରବେଶ କରିଥାଏ ଏବଂ ସଂକ୍ରମଣ ସୁପ୍ତ ବା ଗୁପ୍ତ ଭାବରେ ରହିଥାଏ, ସେ ବ୍ୟକ୍ତିକୁ ଏଚ.ଆଇ.ଭି ପଜିଟିଭ ବା ଧାରକ କୁହାଯାଇଥାଏ । ମୂଳରୁ ମନେରଖିବାକୁ ହେବ ଯେ ଏପରି ଧାରକ ବ୍ୟକ୍ତିକୁ ଏଡ୍‌ସ୍ ରୋଗୀ କହିବା ଠିକ୍ ନୁହେଁ; କାରଣ ତା'ଠାରେ ରୋଗର କୌଣସି ଲକ୍ଷଣ ପରିଲକ୍ଷିତ ହୁଏ ନାହିଁ । ସେ ଲୋକ ପୂର୍ଣ୍ଣତଃ ସୁସ୍ଥ ଥାଏ ଏବଂ ସାଧାରଣ ଲୋକଙ୍କ ପରି ସେ ତା'ର କାମଦାମ କରିପାରେ । ବାହାରୁ ଦେଖିଲେ ତା'ଠାରେ କିଛି ବିକାର ବୈକ୍ଲବ୍ୟ ବା ଅସ୍ୱାଭାବିକତା ଜଣାପଡେ ନାହିଁ କେବଳ ରକ୍ତ ପରୀକ୍ଷାରୁ ଜଣାଯାଏ ଯେ ତା ଶରୀରରେ ଏଡ୍‌ସ୍ ଭୂତାଣୁ ଅଛନ୍ତି । ସମୟ କ୍ରମେ କିନ୍ତୁ ଏ' ଭୂତାଣୁଧାରୀ ବ୍ୟକ୍ତି ଏଡ୍‌ସ୍ ରୋଗ ଗ୍ରସ୍ତ ହୋଇପଡେ ଯେତେବେଳେ ତା'ର ଅନ୍ତର୍ନିହିତ ପ୍ରତିରୋଧୀ ଶକ୍ତି ପୂରାପୂରି ଅକ୍ଷମ ହୋଇଯାଏ ଏବଂ କୌଣସି ଚିକିତ୍ସା ତା'ଠାରେ ଫଳପ୍ରଦ ହୁଏ ନାହିଁ । ସାଧାରଣ ଭାବେ ଦେଖାଯାଇଛି ଯେ ଜଣେ ଭୂତାଣୁଧାରୀ ଏଚ.ଆଇ.ଭି. ପଜିଟିଭ ବ୍ୟକ୍ତି ପ୍ରାୟ ୭/୮ ବର୍ଷ ପରେ ରୋଗର ପୂର୍ଣ୍ଣ ଲକ୍ଷଣମାନ ପ୍ରକାଶ କରେ ।

ସଂକ୍ରମିତ ବ୍ୟକ୍ତି ସହ ଅସୁରକ୍ଷିତ ଯୌନ କ୍ରିୟା :

ଏଚ୍.ଆଇ.ଭି ସଂଚାରଣର ଏହାହିଁ ଆମ ଦେଶରେ ମୁଖ୍ୟ ମାଧ୍ୟମ ବୋଲି ଜଣାଯାଇଛି । କେବଳ ଆମ ଦେଶ କାହିଁକି ସାରା ପୃଥିବୀରେ ପ୍ରାୟ ୮୦ ଶତାଂଶ କ୍ଷେତ୍ରରେ ଏହାରି ଯୋଗୁ ସଂକ୍ରମଣ ବ୍ୟାପିବାର ଦେଖାଯାଉଛି । ଏ' ଭୂତାଣୁ ଖୁବ୍ ଅଧିକ ମାତ୍ରାରେ ସଂକ୍ରମିତ ପୁରୁଷର ବୀର୍ଯ୍ୟ ଏବଂ ସ୍ତ୍ରୀମାନଙ୍କ ଯୋନିସ୍ରାବ ତଥା ସେମାନଙ୍କ ମାସିକ ଋତୁସ୍ରାବରେ ଥିବାର ଦେଖାଯାଏ । ତେଣୁ ଏପରି ପୁରୁଷ – ସ୍ତ୍ରୀ କ୍ଷେତ୍ରରେ ସହବାସ ହେତୁ ପ୍ରତ୍ୟକ୍ଷ ସଂକ୍ରମଣ ଘଟିଥାଏ । ପୁଣି ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀମାନେ ଏ ସଂକ୍ରମଣରେ ଅଧିକ ଆକ୍ରାନ୍ତ ହୋଇଥାନ୍ତି; କାରଣ ସହବାସ ବେଳେ ସ୍ତ୍ରୀମାନଙ୍କର ଯୋନି ଝିଲ୍ଲୀର ଅଧିକ ଅଂଶ ପୁରୁଷ ଲିଙ୍ଗର ପ୍ରତ୍ୟକ୍ଷ ସଂସ୍ପର୍ଶରେ

ଆସିଥାଏ; ଫଳରେ ଭୂତାଣୁ ବେଶୀ ସଂଖ୍ୟାରେ ଯୋନି ଝିଲ୍ଲୀ ଭେଦକରି ରକ୍ତସ୍ରୋତକୁ ଚାଲିଯା'ନ୍ତି। ତାଛଡା ବୀର୍ଯ୍ୟରେ ଭୂତାଣୁ ଘନତ୍ୱ ଯୋନି ସ୍ରାବରେ ଦେଖାଯାଉଥିବା ଘନତ୍ୱଠାରୁ ଯଥେଷ୍ଟ ଅଧିକ ହୋଇଥାଏ। ଏ ସବୁ ଦିଗକୁ ଛାଡି ଆମ ଦେଶ ପରିପ୍ରେକ୍ଷୀରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ରହିଛି ଯାହାପାଇଁ ଆମର ସ୍ତ୍ରୀ ଲୋକମାନେ ଅଧିକରୁ ଅଧିକ ଏ'ରୋଗର ଶୀକାର ହୁଅନ୍ତି। ଆମର ନିମ୍ନ ଅର୍ଥନୈତିକ ଅବସ୍ଥା, ସ୍ତ୍ରୀମାନଙ୍କର ସାମାଜିକ ତଥା ଅର୍ଥନୈତିକ ପୁରୁଷ ନିର୍ଭରଶୀଳତା, ନ୍ୟୂନ ଶିକ୍ଷାଗତ ଯୋଗ୍ୟତା, ଆବଦ୍ଧ ପାରିବାରିକ ବେଷ୍ଟନୀ ଏବଂ ସର୍ବୋପରି ସ୍ୱାସ୍ଥ୍ୟ ସଂପର୍କିତ ସୂଚନା ଓ ସମ୍ବାଦ ଆହରଣ ପ୍ରତି ବୀତସ୍ପୃହତା ଆଦି କେତେକ କାରଣ ପାଇଁ ସ୍ତ୍ରୀମାନେ ଅପେକ୍ଷାକୃତ ଅଧିକ ସଂକ୍ରମିତ ହେବାର ଆଶଂକା ଥାଏ।

ସଂକ୍ରମିତ ରକ୍ତ - ସଂଚାରଣ :

ଏଚ.ଆଇ.ଭି ସଂକ୍ରମିତ ରକ୍ତକୁ ଅନ୍ୟଲୋକଠାରେ ଦିଆଗଲେ ଗ୍ରହୀତା ରକ୍ତସ୍ରୋତକୁ ପ୍ରତ୍ୟକ୍ଷ ଭାବେ ଭୂତାଣୁ ପ୍ରବେଶ କରିଥାଏ। ସୁତରାଂ ସଂଚାରଣ ପୂର୍ବରୁ ଦାତା ରକ୍ତର ଉପଯୁକ୍ତ ପରୀକ୍ଷା କରାଯିବା ଉଚିତ। ତାଦ୍ୱାରା ଦାତାରକ୍ତ ଏଚ.ଆଇ.ଭି. ଆକ୍ରାନ୍ତ କି ନୁହେଁ ଜଣାପଡ଼େ। କିନ୍ତୁ ରକ୍ତଦାନ କରୁଥିବା ଲୋକ ସଂଚାରଣ ପ୍ରଣାଳୀ ଯୋଗୁଁ ଏଚ.ଆଇ.ଭି ସଂକ୍ରମଣର ଶୀକାର ହେବାଭଳି ଆଶଂକା ଆଦୌ ନଥାଏ। ତେଣୁ ଅନ୍ୟଥା ସୁସ୍ଥ ସବଳ ଲୋକମାନେ ୩/୪ ମାସ ବ୍ୟବଧାନରେ ରକ୍ତଭଣ୍ଡାର ମାନଙ୍କରେ ରକ୍ତଦାନ କରିବା ଉଚିତ। ତଦ୍ଦ୍ୱାରା ରକ୍ତ ଭଣ୍ଡାରମାନଙ୍କରେ ଯଥେଷ୍ଟ ପରିମାଣ ବିଶୁଦ୍ଧ ରକ୍ତ ଉପଲବ୍ଧ ହୋଇପାରିବ, ଯାହା ଦରକାର ବେଳେ ଆମର, ଆମ ପରିବାର ବା ପ୍ରତିବେଶୀମାନଙ୍କର ଆବଶ୍ୟକତା ପୂରଣ କରିପାରିବ।

ସଂକ୍ରମିତ ଇଂଜେକସ୍ନ ଛୁଞ୍ଚି ଓ ସିରିଞ୍ଜ :

ସଂପୂର୍ଣ୍ଣରୂପେ ବିଶୋଧିତ ହୋଇନଥିବା ଇଂଜେକ୍ସନ ସିରିଞ୍ଜ ଓ ଛୁଞ୍ଚି ବ୍ୟବହାର ଯୋଗୁ ମଧ୍ୟ ଏଚ.ଆଇ.ଭି ସଂଚାରିତ ହୋଇଥାଏ। ବ୍ୟବହାର ପରେ ଠିକ୍ ଭାବେ ବିଶୋଧିତ ହୋଇନଥିବା ସିରିଞ୍ଜ ଓ ଛୁଞ୍ଚିରେ ଅତ୍ୟଳ୍ପ ହେଲେ ବି କିଛି ରକ୍ତ ବା ରକ୍ତଲାସା ଲାଗିରହିଥାଇପାରେ। ତେଣୁ ସେଗୁଡିକୁ ବ୍ୟବହାର କରି ଅନ୍ୟକୁ ଇଂଞ୍ଜେକ୍ସନ୍ ଦିଆଗଲେ ପ୍ରଥମ ଲୋକର ରକ୍ତ ଯଦି ଏଚ.ଆଇ.ଭି ବାହୀ ହୋଇଥାଏ, ତେବେ ଦ୍ୱିତୀୟ ଲୋକର ରକ୍ତସ୍ରୋତକୁ ଭୂତାଣୁ ସିଧା ପ୍ରବେଶ କରିଯାଏ। ଶିରାମାଧ୍ୟମରେ ହିରୋଇନ, କୋକେନ ଆଦି ନିଶାଗ୍ରହଣ କରୁଥିବା ଲୋକ ସାଧାରଣତଃ ସାଙ୍ଗସାଥି ମେଳରେ ଏକତ୍ର ଗୋଟିଏ ସିରିଞ୍ଜ ଓ ଛୁଞ୍ଚିରେ ପରସ୍ପର ଇଂଜେକ୍ସନ ନେଇଥାନ୍ତି। ଏପରି କ୍ଷେତ୍ରରେ ଜଣେ ଯଦି ଏଚ.ଆଇ.ଭି. ସଂକ୍ରମିତ ହୋଇଥାନ୍ତି। ତାଙ୍କଠାରୁ ତାଙ୍କର ଅନ୍ୟ ସତୀର୍ଥମାନଙ୍କୁ ଅଲକ୍ଷ୍ୟରେ ଏ ଭୂତାଣୁ ସଂଚାରିତ ହୋଇଥାଏ।

ଆକ୍ରାନ୍ତ ଗର୍ଭଧାରିଣୀଠାରୁ ତା'ର ଗର୍ଭସ୍ଥ ସନ୍ତାନ ପ୍ରତି ବିପଦ :

ଗର୍ଭଧାରିଣୀ ମା' ବି ଗର୍ଭସ୍ଥ ସନ୍ତାନକୁ ସଂକ୍ରମଣ ଦେଇଥାଏ। ଗର୍ଭାବସ୍ଥାରେ ମା'ଠାରେ ସଂକ୍ରମଣ ଥିଲେ ପ୍ରାୟ ୩୦ ଶତାଂଶ କ୍ଷେତ୍ରରେ ଗର୍ଭସ୍ଥ ଶିଶୁ ଆକ୍ରାନ୍ତ ହୁଏ। ଅନ୍ୟ ଭାବରେ କହିଲେ ପ୍ରତି ଦଶ ଜଣ ଏଚ.ଆଇ.ଭି ଆକ୍ରାନ୍ତ ଗର୍ଭବତୀ ନାରୀ ଜନ୍ମ ଦେଉଥିବା ସନ୍ତାନସନ୍ତତି ମାନଙ୍କ ମଧ୍ୟରେ ୩ ଜଣ ନବଜାତକ ଏଚ.ଆଇ.ଭି.ର ଶୀକାର ହୋଇଥାନ୍ତି। ଏମାନେ ଗର୍ଭସ୍ଥଥିଲାବେଳେ, କିମ୍ବା ପ୍ରସବ କାଳରେ ବା ପ୍ରସବୋତ୍ତର ସ୍ତନ୍ୟପାନ ବେଳେ ଏଚ.ଆଇ.ଭି. ଆକ୍ରାନ୍ତ ହୋଇପାରନ୍ତି।

HIV/AIDS କିପରି ବ୍ୟାପେ

- ଅସୁରକ୍ଷିତ ଯୌନ ସଂପର୍କ ଦ୍ୱାରା
- ଅଶୋଧିତ ରକ୍ତ ନେବା ଦ୍ୱାରା

- ସଂକ୍ରମିତ ମା'ଠାରୁ ଶିଶୁକୁ ସ୍ତନ୍ୟପାନ ଦ୍ୱାରା
- ଅଶୋଧିତ ଛୁଞ୍ଚି ଦ୍ୱାରା
- ଗର୍ଭଧାରଣ ସମୟରେ ମା'ଠାରୁ ଶିଶୁକୁ
- ଶିଶୁକୁ ଜନ୍ମ ଦେବା ସମୟରେ






HIV/AIDS ଲକ୍ଷଣ

- ବ୍ୟକ୍ତି HIV ଭୂତାଣୁ ଯୋଗୁଁ ସଂକ୍ରମିତ ହେବାଦ୍ୱାରା ଶରୀରରେ ସୃଷ୍ଟି ହୋଇଥିବା ରୋଗ ପ୍ରତିରୋଧକ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଫଳସ୍ୱରୂପ ବିଭିନ୍ନ ପ୍ରକାର ରୋଗର ଲକ୍ଷଣ ଏକ ସମୟରେ ଦେଖାଯାଏ।
- ପ୍ରାଥମିକ ଅବସ୍ଥାରେ କୌଣସି ସ୍ଥାୟୀ ଲକ୍ଷଣ ଜଣାପଡ଼େ ନାହିଁ।
- ଶରୀରର ପୂର୍ବ ଓଜନ ଅପେକ୍ଷା ଦଶ ପ୍ରତିଶତ ଅଧିକ ଓଜନ ହ୍ରାସ ପାଇଥାଏ।
- ଏକ ମାସରୁ ଅଧିକ ସମୟ ଧରି ଶରୀରରେ ଜ୍ୱର ଲାଗି ରହିବ।
- ସବୁବେଳେ କ୍ଲାନ୍ତ ଅନୁଭବ କରେ।
- ଏକମାସ ଧରି ତରଳଝାଡ଼ା ଲାଗି ରହିବ।
- ରାତିରେ ପ୍ରଚୁର ଝାଳ ବୋହିବ।
- ଚର୍ମରେ ଚେକା ଚେକା ହୋଇ ଫଳିଯିବ।
- ପାଟି ଘା, ଗ୍ରନ୍ଥି ଫୁଲିଯିବା।
- ହର୍‌ପିସ୍ ସଂକ୍ରମଣ ହେବା।



HIV/AIDS ର ନିରାକରଣ

୧. A - Abstinance (ନିବୃତ୍ତ ରହିବା)

୨. B - Be faithful towards yours partner (ନିଜ ସାଥି ପ୍ରତି ବିଶ୍ୱସ୍ତ ରହିବା)

୩. C - Correct and Consistent use of Condom (ସର୍ବଦା କଣ୍ଡୋମ୍‌ର ସଠିକ୍ ବ୍ୟବହାର)

ପରୀକ୍ଷା

HIV ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ଯେତେବେଳେ AIDS ରେ ପିଡ଼ୀତ ହୋଇଥାଏ, ତାହା ଜାଣିବା ପାଇଁ ଏହି ପରୀକ୍ଷାଗୁଡ଼ିକ କରାଯାଇଥାଏ।

୧. Western Blotting Test (ୱେଷ୍ଟର୍ନ ବ୍ଲଟିଙ୍ଗ୍ ଟେଷ୍ଟ)

୨. ELISA Test (Emyme-linked Immune Sorbent Assay) ଏଲିସା ଟେଷ୍ଟ

ଏଡ୍‌ସର ଚିକିତ୍ସା :

ଆଣ୍ଟି ରିଟ୍ରୋଭାଇରାଲ ଥେରାପି ଉପରୋକ୍ତ ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ଭଲ ହୁଏ ନାହିଁ। କେବଳ କିଛି ଦିନ ଉପଶମ ପାଇଁ ରୋଗୀକୁ ART (Anti-Retroviral Therapy) ଦିଆଯାଏ। ଏହା କେବଳ ଅଭିଜ୍ଞ ବିଶେଷଜ୍ଞଙ୍କ ପରାମର୍ଶ ଅଧିନରେ କରିବାକୁ ହୋଇଥାଏ।

ଏଡ୍‌ସ୍ ରୋଗୀମାନେ ସାମାଜିକ, ମାନସିକ ଓ ପାରିବାରିକ ବାସନ୍ଦରୁ ରକ୍ଷା ପାଇବାପାଇଁ ବିଭିନ୍ନ ଡାକ୍ତରଖାନାରେ / ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଇଣ୍ଟିଗ୍ରେଟେଡ କାଉନ୍‌ସେଲିଂ ଆଣ୍ଡ ଟେଷ୍ଟିଙ୍ଗ ସେଣ୍ଟରକୁ ICTC (Integrated Counselling and Testing Centre) ଯିବା ଉଚିତ୍।

ଏଚ୍.ଆଇ.ଭି / ଏଡ୍‌ସ୍ ବ୍ୟାପିବା ସମ୍ବନ୍ଧୀୟ ଭ୍ରାନ୍ତ ଧାରଣା

୧. ମଶା କାମୁଡ଼ିବା ଦ୍ୱାରା
୨. ସଂକ୍ରମିତ ରୋଗୀ ସଙ୍ଗେ ଖାଇବା ଓ ରହିବା ଦ୍ୱାରା
୩. ଆଲିଙ୍ଗନ କରିବା ଦ୍ୱାରା
୪. ଗୋଟିଏ ଶୌଚାଳୟ ବ୍ୟବହାର କରିବା ଦ୍ୱାରା
୫. କରମର୍ଦ୍ଦନ କରିବା ଦ୍ୱାରା (Handshake)
୬. କାଶିବା ଓ ଛିଙ୍କିବା ଦ୍ୱାରା
୭. ଗୋଟିଏ ପୋଖରୀରେ ଗାଧୋଇବା ଦ୍ୱାରା
୮. ଗୋଟିଏ ଗାମୁଛା ବ୍ୟବହାର ଦ୍ୱାରା
୯. ପାଟିର ଲାଳ ଓ ଦେହଳ ଝାଳଦ୍ୱାରା
୧୦. ଏଚ୍.ଆଇ.ଭି ସଂକ୍ରମିତ ବ୍ୟକ୍ତିଙ୍କ ସହ ବସାଉଠା କରିବା ଦ୍ୱାରା

ବାଲ୍ୟବିବାହ ଓ ଅପ୍ରାପ୍ତ ବୟସରେ ଗର୍ଭଧାରଣ

ବାଲ୍ୟବିବାହ – ସାଂପ୍ରତିକ ସମୟରେ ମଧ୍ୟ ବାଲ୍ୟବିବାହ ଏକ ଗୁରୁତର ସାମାଜିକ ସମସ୍ୟା ଭାବରେ ମୁଣ୍ଡ ଟେକିଛି। ଦାରିଦ୍ର୍ୟ, ଶିକ୍ଷା ତଥା ସଚେତନତାର ଅଭାବ ଓ ଅନ୍ଧବିଶ୍ୱାସ ଇତ୍ୟାଦି ବାଲ୍ୟବିବାହକୁ ଏକ ମୁଖ୍ୟ ସମସ୍ୟା ଭାବରେ ଗଢ଼ି ତୋଳିବାରେ ସାହାଯ୍ୟ କରୁଛି।

ଆଇନ ଅନୁଯାୟୀ ୧୮ ବର୍ଷରୁ କମ୍ ଝିଅ ଓ ୨୧ ବର୍ଷରୁ କମ୍ ପୁଅର ବିବାହ ଅନୁଷ୍ଠିତ ହେଲେ ତାହାକୁ ବାଲ୍ୟବିବାହ କୁହାଯାଏ।

କାରଣ – ସାଧାରଣତଃ ପୁରାତନ ଚିନ୍ତାଧାରା ଅନୁଯାୟୀ କିଶୋରୀମାନେ ଋତୁମତୀ ହେବା ପରେ ପରେ ସେମାନଙ୍କର ବାହାଘର କରିବା ନିମନ୍ତେ ପରିବାରରେ ତତ୍ପରତା ଦେଖାଦିଏ। କମ୍ ବୟସରେ ବିବାହ କରିବା ପଛରେ ଅନେକ ପ୍ରଥା ମଧ୍ୟ ରହିଛି, ଯେପରିକି ଝିଅ ହେଉଛି ଏକ ବୋଝ, ସେ ପରଧନ, ଯେତେଶୀଘ୍ର ତା' ଶାଶୁଘରକୁ ଚାଲିଯିବ ବାପା। ମା' ଦାୟିତ୍ୱରୁ ମୁକୁଳି ଯିବେ ଇତ୍ୟାଦି।

ପ୍ରଭାବ : କମ୍ ବୟସର ଝିଅ ବିବାହ ପାଇଁ ପରିପକ୍ୱତା ଲାଭ କରିନଥାଏ।

- ଏହି ସମୟରେ ମାତୃତ୍ୱ ଲାଭ କଲେ ଉଭୟ ମା' ଓ ଶିଶୁର ଜୀବନ ପ୍ରତି ବିପଦ ଦେଖାଦେବାର ସମ୍ଭାବନା ଥାଏ। (ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର ଅଧିକ ହୋଇଥାଏ।)
- ମା'ଠାରେ ଶାରୀରିକ ଦୁର୍ବଳତା, ରକ୍ତହୀନତା ଓ ସଂକ୍ରମଣର ସମ୍ଭାବନା ଦେଖାଦିଏ।
- ଶିଶୁର ଓଜନ କମ୍ ହେବା ସହ, ଶାରୀରିକ ଓ ମାନସିକ ବିକଳାଙ୍ଗ ଶିଶୁ ଜନ୍ମ ହେବାର ଦେଖାଦିଏ।
- ଏହି ସମୟରେ ମା'ଠାରୁ ସଠିକ୍ ପରିମାଣରେ କ୍ଷୀର ନପାଇ ଶିଶୁଟିର ଶାରୀରିକ ଓ ମାନସିକ ଅଭିବୃଦ୍ଧି ଘଟେ ନାହିଁ।
- କମ୍ ବୟସର ବାପା, ମା' ସମାଜରେ ନିଜକୁ ଖାପଖୁଆଇ ଚଳିପାରନ୍ତି ନାହିଁ।
- କମ୍ ବୟସରେ ବିବାହ ଯୋଗୁଁ ଉଭୟଙ୍କର ଶିକ୍ଷା ବାଧାପ୍ରାପ୍ତ ହୋଇଥାଏ।

ବାଲ୍ୟବିବାହ ସଂପର୍କିତ ଆଇନ୍ :

ଆମ ଦେଶରେ ୧୮ ବର୍ଷରୁ କମ୍ ଯୁବତୀ ଓ ୨୧ ବର୍ଷରୁ କମ୍ ଯୁବକଙ୍କର ବିବାହ କରାଇବା ଆଇନତଃ ଦଣ୍ଡନୀୟ ଅପରାଧ। ଏହି ଆଇନ୍‌କୁ ସଫଳ ଭାବରେ ରୂପାୟନ କରିବା ପାଇଁ ସମାଜରେ ସମସ୍ତଙ୍କର ଭୂମିକା ରହିଛି।


ଜଣେ ପଡୋଶୀର ଭୂମିକା



- ବାପା ମା ତଥା ଅଭିଭାବକ, ସମ୍ପର୍କୀୟ ଏବଂ ବୟୋଜ୍ୟେଷ୍ଠମାନଙ୍କୁ ଏ ବିଷୟରେ କହିପାରିବେ। ବାଲ୍ୟ ବିବାହର କୁ-ପରିଣାମ ବିଷୟରେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିପାରିବେ।
- ସେହି ବାଳିକା ସହ କଥା ହେବେ ଏବଂ ତାକୁ ବାଲ୍ୟ ବିବାହର ପରିଣାମ ବିଷୟରେ ବୁଝାଇ ପାରିବେ। ତାକୁ କୁହନ୍ତୁ ଯେ ଏହି ବିବାହ ନ କରିବା ତାଙ୍କର ଅଧିକାର ଅଟେ।
- ଯଦି ତୁମେ ବାଲ୍ୟ ବିବାହ ରୋକିବାରେ ଅସମର୍ଥ ତେବେ ଏହା ବିଷୟରେ ପୋଲିସକୁ ଅବଗତ କରାନ୍ତୁ ଏବଂ ନିଶ୍ଚିନ୍ତ ହୁଅନ୍ତୁ ଯେ ଏଫ୍‌ଆଇଆର୍ ବାଲ୍ୟ ବିବାହ ନିରୋଧ ଆଇନ୍ ଅନୁସାରେ ଦାଖଲ ହୋଇଛି।
- ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରିବା ବା ବାଲ୍ୟ ବିବାହରେ ସହଯୋଗ କରିବା ଭଳି କାର୍ଯ୍ୟକ୍ରମ ମାନଙ୍କରେ ଆପଣ ସାମିଲ୍ ନ ରହିବା ପାଇଁ ସୁନିଶ୍ଚିତ କରନ୍ତୁ।
- ବାଲ୍ୟ ବିବାହ ନିରୋଧ କର୍ତ୍ତୃପକ୍ଷ ତଥା ପୋଲିସକୁ ଆବଶ୍ୟକୀୟ ସୂଚନା ଏବଂ ସହଯୋଗ ପ୍ରଦାନ କରନ୍ତୁ।

ଶିକ୍ଷକ / ଶିକ୍ଷୟତ୍ରୀଙ୍କର ଭୂମିକା

- ବିଦ୍ୟାଳୟରେ ବାଲ୍ୟ ବିବାହ ସମ୍ବନ୍ଧୀୟ କର୍ମଶାଳାର ଆୟୋଜନ କରନ୍ତୁ। ଛାତ୍ରଛାତ୍ରୀମାନଙ୍କୁ ରଚନାତ୍ମକ ଶୈଳୀରେ ନିଜର ମତ ପ୍ରଦାନ କରିବା ନିମନ୍ତେ ସହଯୋଗ ପ୍ରଦାନ କରନ୍ତୁ। ଏହି କର୍ମଶାଳାରେ ଯୋଗଦେବାପାଇଁ ବାଲ୍ୟ ବିବାହ ନିରୋଧ ଅଧିକାରୀ କିମ୍ବା ପୋଲିସଙ୍କୁ ନିମନ୍ତ୍ରଣ କରନ୍ତୁ।



- ଯେଉଁ ଛାତ୍ରଛାତ୍ରୀମାନଙ୍କର ବାଲ୍ୟ ବିବାହର ଶିକାର ହେବାର ସମ୍ଭାବନା ରହିଛି, ନିୟମିତ ଭାବେ ଉପସ୍ଥାପନ ନେଇ ତାଙ୍କର ସୂଚନା ରଖନ୍ତୁ।
- ଛାତ୍ରଛାତ୍ରୀମାନଙ୍କର ଅନୁପସ୍ଥିତି ଅସ୍ୱାଭାବିକ ଲାଗିଲେ ବା ବାଲ୍ୟବିବାହର ସମ୍ଭାବନା ଥିଲେ ସେହି ଛାତ୍ର/ଛାତ୍ରୀଙ୍କ ଘରକୁ ଗସ୍ତ କରନ୍ତୁ।
- ତା ମା ବାପାଙ୍କୁ ବାଲ୍ୟ ବିବାହ ରୋକିବା ପାଇଁ ବୁଝେଇବାକୁ ଚେଷ୍ଟା କରନ୍ତୁ। ଏହାର ପରିଣାମ ଏବଂ ଆଇନର ପ୍ରଭାବ ବିଷୟରେ ବୁଝାନ୍ତୁ।
- ସମ୍ଭାବ୍ୟ ବାଲ୍ୟ ବିବାହ ବିଷୟରେ ଶିଶୁ କଲ୍ୟାଣ ସମିତି, ପୋଲିସ, ଚାଇଲ୍ଡ ଲାଇନ୍ - ୧୦୯୮ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ନିକଟରେ ରିପୋର୍ଟ କରିପାରିବେ।

ପଞ୍ଚାୟତର ଭୂମିକା




- ନିଜ ଆତ୍ମୀୟ ବିଶେଷଭାବେ ଅଭିଭାବକ ବା ମା-ବାପାଙ୍କୁ ବାଲ୍ୟବିବାହର ପରିଣାମ ବିଷୟରେ ସଚେତନ କରାନ୍ତୁ।
- ଗ୍ରାମ୍ୟ ଶିକ୍ଷା ସମିତି, ଅନ୍ତୁ।ବିଦ୍ୟାଳୟରେ ନାମକରଣ ଏବଂ ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀ ବିଶେଷକରି ଛାତ୍ରୀମାନଙ୍କର ଗତିବିଧିକୁ ଲକ୍ଷ୍ୟ ରଖିବେ।
- ବାଲ୍ୟ ବିବାହ ଭଳି ସମସ୍ୟାକୁ ନିରୀକ୍ଷଣରେ ରଖିବା ପାଇଁ ସମସ୍ତ ଗ୍ରାମରେ ଏକ ଶିଶୁ ସୁରକ୍ଷା ସମିତି ଅଛି ବୋଲି ନିଶ୍ଚିତ ହୁଅନ୍ତୁ।
- ବାଲ୍ୟ ବିବାହ ନିରୋଧ କର୍ତ୍ତୃପକ୍ଷ ତଥା ପୋଲିସକୁ ଆବଶ୍ୟକୀୟ ସୂଚନା ଏବଂ ସହଯୋଗ ପ୍ରଦାନ କରନ୍ତୁ।
- ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରିବା ବାଲ୍ୟ ବିବାହର ସହଯୋଗ କରିବା ଭଳି କାର୍ଯ୍ୟକ୍ରମ ମାନଙ୍କରେ କୌଣସି ବି ସଦସ୍ୟ ଯେପରି ସାମିଲ୍ ନ ରହିବେ ସୁନିଶ୍ଚିତ ହୁ

ପୋଲିସର ଭୂମିକା



- ବାଲ୍ୟ ବିବାହ ସଂପର୍କିତ ସମସ୍ତ ଅଭିଯୋଗପତ୍ର ଗ୍ରହଣ କରିବେ ଏବଂ ଏହାକୁ ପଞ୍ଜିକୃତ କରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।
- ନିର୍ଦ୍ଦେଶନାମା ନିମନ୍ତେ ଜିଲ୍ଲାପାଳ ଏବଂ ବାଲ୍ୟ ବିବାହ ନିରୋଧ ଅଧିକାରୀଙ୍କ ନିକଟରେ ଏହି ଅଭିଯୋଗ ଦାଖଲ କରନ୍ତୁ।
- ବାଲ୍ୟ ବିବାହ ହେଉଥିବାର ସତ୍ୟତା ଜାଣିବା ନିମନ୍ତେ ସେହି ସ୍ଥାନରେ ଯଥାଶିଘ୍ର ପହଞ୍ଚନ୍ତୁ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।
- ବାଲ୍ୟ ବିବାହରେ ସାମିଲ୍ ହୋଇଥିବା ନାବାଳକ / ବାଳିକାଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଗିରଫ କରନ୍ତୁ। ଏହା ଏକ ଦଣ୍ଡନୀୟ ଏବଂ ଜାମିନ ବିହୀନ ଅପରାଧ ଅଟେ। ନାବାଳକ / ବାଳିକାଙ୍କୁ ଉଦ୍ଧାର କରନ୍ତୁ, ସେମାନଙ୍କୁ ଗିରଫ କିମ୍ବା ହାତକଡି ପକାନ୍ତୁ ନାହିଁ।
- ଶିଶୁ କଲ୍ୟାଣ ସମିତି ଏବଂ ପ୍ରଥମ ଶ୍ରେଣୀ ନ୍ୟାୟିକ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ୨୪ ଘଣ୍ଟା ଭିତରେ ନାବାଳକ / ବାଳିକାଙ୍କୁ ପ୍ରସ୍ତୁତ କରନ୍ତୁ।

ଅପ୍ରାପ୍ତ ବୟସରେ ଗର୍ଭଧାରଣ



ନାମରୁ ଏହା ସ୍ପଷ୍ଟ ଯେ, କିଶୋରୀଟିଏ ଯେତେବେଳେ ଗର୍ଭବତୀ ହୁଏ ତାହାକୁ କିଶୋରୀର ଗର୍ଭଧାରଣ ବୋଲି କହନ୍ତି। ମା'ର ବୟସ ଯେତେ କମ୍ ଗର୍ଭଧାରଣର ଦୈହିକ ପରିଣାମ ସେତେ ଅଧିକ ଗମ୍ଭୀର। କାରଣ, ତା'ର ଯୌନାଙ୍ଗଗୁଡ଼ିକ ପରିପକ୍ୱ ସମୟର ଆକାର ଧାରଣ କରି ନ ଥାଏ ଏବଂ ତାହା ଗର୍ଭବେଦନା ଏବଂ ସନ୍ତାନ ଜନ୍ମ କାଳରେ ଅସୁବିଧା ସୃଷ୍ଟି କରିପାରେ। ଗର୍ଭଧାରଣ ଓ ସନ୍ତାନ ଜନ୍ମଜନିତ ଜଟିଳତା ହେତୁ ମୃତ୍ୟୁ ମଧ୍ୟ ଘଟିପାରେ। ଏଥିରୁ ଯିଏ ବଞ୍ଚିଯାଏ, ସେ ତା'ର ଅବଶିଷ୍ଟ ଜୀବନ ଦୈହିକ କୁପ୍ରଭାବ ହେତୁ ଯନ୍ତ୍ରଣା ଭୋଗିପାରେ। ସେମାନଙ୍କଠାରୁ ଜନ୍ମ ହେଉଥିବା ସନ୍ତାନଙ୍କ ଓଜନ ସାଧାରଣଙ୍କଠାରୁ କମ୍ ଅଟେ। ସେମାନେ ମୃତ୍ୟୁ ମୁଖରେ ପଡ଼ିବା କିମ୍ବା ରୋଗଗ୍ରସ୍ତ ହେବାର ସମ୍ଭାବନା ଅଧିକ। ଯଦି ବାଳିକାଟି ୧୫ ବର୍ଷରୁ କମ୍ ବୟସର ହୋଇଥାଏ, ତେବେ ଏହି ଦୈହିକ ପ୍ରଭାବ ଅଧିକ ମାରାତ୍ମକ ହୁଏ।

ଯଦି ଗର୍ଭବତୀ କିଶୋରୀଟି ଅବିବାହିତ ହୋଇଥାଏ ତେବେ, ତାକୁ ଅନେକ ମନସ୍ତାତ୍ତ୍ୱିକ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡ଼େ। ସମାଜ ଏବଂ ତା' ନିଜ ପରିବାର ତାକୁ ଘୃଣା ଦୃଷ୍ଟିରେ ଦେଖନ୍ତି, ତାକୁ ପଢ଼ା ଛାଡ଼ିବାକୁ ପଡ଼ିପାରେ ଏବଂ ସେ କାହାରି ସାଥିରେ ମିଶିପାରେ ନାହିଁ। ସାମାଜିକ ବାସନ୍ଦକୁ ଏଡ଼ାଇବା ପାଇଁ ବାପ ମା' ତାକୁ ତା'ର ଯୌନସଙ୍ଗୀ ସହିତ ବିବାହ ଦେବାକୁ ଚେଷ୍ଟା କରନ୍ତି କିମ୍ବା ସେମାନେ ଘରଛାଡ଼ି ପଳାଇଯାଇ ପାରନ୍ତି ଏବଂ ବିବାହ କରନ୍ତି। ଏଣୁ ସେମାନଙ୍କୁ ଏପରି ବୟସରେ ଦାୟିତ୍ୱର ବୋଝ ମୁଣ୍ଡାଇବାକୁ ପଡ଼େ ଯେତେବେଳେ କି ସେମାନଙ୍କୁ ଶାରୀରିକ ମାନସିକ ବୃଦ୍ଧି ସମ୍ପୂର୍ଣ୍ଣ ହୋଇ ନଥାଏ। ଜନ୍ମକାଳରେ ଓଜନକମ୍

ହୋଇଥିବାରୁ ଅଧିକ ଯତ୍ନ ଆବଶ୍ୟକ କରୁଥିବା ସେମାନଙ୍କର ଶିଶୁର ଲାଳନ ପାଳନ ଲାଗି ଏହି ବାଳକ ଓ ବାଳିକାଙ୍କ ଦୈହିକ ଶକ୍ତି ଏବଂ ଭାବ ପ୍ରବଣତାର ପରିପକ୍ୱତା ନ ଥାଏ । ବେଳେବେଳେ ବାଳିକାଟି ଗର୍ଭପାତ କରାଇପାରେ । ଗର୍ଭପାତ ଅଧିକ ଜଟିଳତା ସୃଷ୍ଟି କରିପାରେ ।

ବାଳକ ଅପେକ୍ଷା ବାଳିକାକୁ କିଶୋର କାଳରେ ଗର୍ଭଧାରଣର ପରିଣାମ ଅଧିକ ଭୋଗିବାକୁ ପଡ଼େ । ଅନେକ ସମୟରେ ବାଳିକାଟି ବନ୍ଧୁତ୍ୱ ହରାଇବା ଭୟରେ ବାଳକକୁ ଯୌନ ସମ୍ପର୍କ ପାଇଁ ମନା କରିପାରେ ନାହିଁ । ବେଳେବେଳେ ଉଭୟ ବାଳକ ତଥା ବାଳିକା ଏହାର ପରିଣାମ ହୃଦୟଙ୍ଗମ ନକରି ଯୌନକ୍ରିୟା ଜନିତ ପରୀକ୍ଷା କରିବାକୁ ଚାହାନ୍ତି । ସେମାନେ ବିବାହ ପର୍ଯ୍ୟନ୍ତ ଏଥିରେ ବିଳମ୍ବ କରିବା ଉଚିତ ।

ଶିଶୁଟିର ହସ ହସ ମୁହଁ ଦେଖିଲେ ମା'ଟିର ଜୀବନର ସମସ୍ତ ଖୁସି ଅନୁଭବ କରିଥାଏ । ସୁସ୍ଥ ଶିଶୁଟିଏ ସର୍ବଦା ଚଳଚଞ୍ଚଳ ଓ ଖୁସିରେ ରହିଥାଏ । ଶିଶୁଟିକୁ ଜନ୍ମଦେବା ପାଇଁ ମା'ଟିଏ ମଧ୍ୟ ସୁସ୍ଥ ରହିବା ନିତ୍ୟାନ୍ତ ଆବଶ୍ୟକ । ଆମ ସମାଜରେ ବିବାହ ପରେ ମାତୃତ୍ୱ ଲାଭକୁ ସମ୍ମତି ପ୍ରଦାନ କରାଯାଇଛି । କିନ୍ତୁ ଅପ୍ରାପ୍ତ ବୟସରେ ଗର୍ଭଧାରଣ ଉଭୟ ମା' ଓ ଶିଶୁପାଇଁ ଅନେକ ସମସ୍ୟାର କାରଣ ହେଉଛି ।

ଲକ୍ଷଣ :

- ମାସିକ ଋତୁସ୍ରାବ ବନ୍ଦ ହେବା ।
- ବାନ୍ତି ବାନ୍ତି ଲାଗିବା ଓ ବାନ୍ତି ହେବା ।
- ସ୍ତନ ଭାରି ଭାରି ଲାଗିବା ।
- ଦେହ ଦୁର୍ବଳ ଲାଗିବା
- ମୁଣ୍ଡ ବୁଲାଇବା

ଯୌନ ନିର୍ଯ୍ୟାତନା

ଯୌନ ନିର୍ଯ୍ୟାତନା ଅର୍ଥ ହେଲା ଏପରି କିଛି ଇଙ୍ଗିତ ଯାହା ପିଲାମାନଙ୍କର ଶାରିରୀକ ଓ ମାନସିକ ସ୍ତରରେ କଷ୍ଟ ଦେଇଥାଏ କିମ୍ବା ତାଙ୍କ ମନରେ ଚାପ ସୃଷ୍ଟି କରିଥାଏ । ଯାହାକି ପରବର୍ତ୍ତୀ କାଳରେ ପିଲାଙ୍କପାଇଁ ସମସ୍ୟା ସୃଷ୍ଟି କରିଥାଏ ।

ଯୌନ ନିର୍ଯ୍ୟାତନା ଶାରିରୀକ କିମ୍ବା ମାନସିକ ବ୍ୟବହାରଜନିତ ହୋଇଥାଏ । ଏଥିରେ ଶିଶୁ, ମହିଳା, ପୁରୁଷ ସମସ୍ତେ ପ୍ରଭାବିତ ହୋଇଥାନ୍ତି । ସାଧାରଣତଃ ଶାରିରୀକ ଯୌନ ନିର୍ଯ୍ୟାତନା କହିଲେ,

୧. ଶରୀରକୁ ଛୁଇଁବା କିମ୍ବା ଦେଖିବା ।
୨. ଶିଶୁକୁ ବେଶ୍ୟାବୃତ୍ତି କିମ୍ବା ଯୌନ କାର୍ଯ୍ୟକଳାପରେ ନିୟୋଜିତ କରିବା ।

ମାନସିକ ସ୍ତରରେ ନିର୍ଯ୍ୟାତନା କହିଲେ –

୧. ଆପତ୍ତିଜନକ ଚିଠି
୨. ଅଶ୍ଳୀଳ ଟେଲିଫୋନ୍ କଲ୍, ଏସ୍.ଏମ୍.ଏସ୍., ଏମ୍.ଏମ୍.ଏସ୍
୩. ଲିଙ୍ଗଭିତ୍ତିକ ଉପହାସ ବା ମନ୍ତବ୍ୟ ଦେବା ।
୪. ଯୌନ ସମ୍ବନ୍ଧୀୟ ଅଶ୍ଳୀଳ ଚିତ୍ର ଦେଖାଇବା ଇତ୍ୟାଦି ।

କୌଣସି କାର୍ଯ୍ୟ ଯାହା ଶିଶୁର ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ ଏବଂ ମାନସିକ ରୂପେ ବିଚଳିତ କରିଥାଏ ତାହାକୁ ମାନସିକ ଯୌନ ନିର୍ଯ୍ୟାତନା କୁହାଯାଇଥାଏ ।

କେଉଁ କେଉଁ ସ୍ଥାନରେ ଯୌନ ନିର୍ଯ୍ୟାତନା ହୁଏ ?

- ନିଜ ଗୃହରେ
- ବିଦ୍ୟାଳୟରେ
- କର୍ମକ୍ଷେତ୍ରରେ (ଅଫିସରେ)
- ଜନଗହଳିପୂର୍ଣ୍ଣ ସ୍ଥାନରେ (ମନ୍ଦିର, ଉତ୍ସବସ୍ଥଳରେ, ଯାତ୍ରା, ହାଟବଜାର)

ଶାରିରୀକ ନିର୍ଯ୍ୟାତନାର ଲକ୍ଷଣ

- ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ।
- ମୁହଁ ଓ ହାଡ଼ଗୋଡ଼ ଫୁଲିଯିବା ।
- କାମୁଡ଼ା ବା ପୋଡ଼ାଚିହ୍ନ
- ଚର୍ମର ରଙ୍ଗ ଫିକା ପଡ଼ିବା

ମାନସିକ ନିର୍ଯ୍ୟାତନାର ଲକ୍ଷଣ

- ନିରବ ରହିବା
- ବିଦ୍ୟାଳୟରେ ଅନୁପସ୍ଥିତ ରହିବା
- ଭୟ
- ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା

ଯୌନ ନିର୍ଯ୍ୟାତନାରୁ କିପରି ଦୂରେଇ ରହିବା ?

- ସର୍ବଦା ଦଳରେ ରହିବା
- ଅପରିଚିତ ବ୍ୟକ୍ତିଙ୍କୁ ଗୃହରେ ପ୍ରବେଶ କରାଇଦେବା ନାହିଁ ।
- ଯଦି ଅସ୍ୱାଭାବିକ ପରିସ୍ଥିତି ଦେଖିଲେ ବଡ଼ପାଟି କରି ଲୋକଙ୍କୁ ସାହାଯ୍ୟ ମାଗନ୍ତୁ ।
- ଅଶ୍ଳୀଳ ମନ୍ତବ୍ୟକୁ ସଙ୍ଗେ ସଙ୍ଗେ ବିରୋଧ କରିବା ।
- କେହି ଅଜଣାବ୍ୟକ୍ତି ପିଛା କରୁଛି ନିଜର ଗତିପଥ ବଦଳାଇ ଦେବା ।
- ଆତ୍ମସୁରକ୍ଷା ପାଇଁ ତାଲିମ ନେବା ।
- ବିଦ୍ୟାଳୟରେ ଯୌନନିର୍ଯ୍ୟାତନା ଜନିତ ସଚେତନତା କର୍ମଶାଳାରେ ଯୋଗଦାନ କରିବା ।
- ନିଜର ପିତାମାତା, ଅଭିଭାବକ ଓ ସାଙ୍ଗସାଥୀଙ୍କୁ ସଙ୍ଗେ ସଙ୍ଗେ ଜଣାନ୍ତୁ ।

ଯୌନ ନିର୍ଯ୍ୟାତନାକୁ ପ୍ରତିହତ କରିବାପାଇଁ ଆଇନ୍‌ସମ୍ମତ ସୁବିଧାଗୁଡ଼ିକ କ'ଣ ଆସ ଜାଣିବା

୧୮ ବର୍ଷରୁ କମ୍ ବୟସର ପିଲାମାନଙ୍କର ସୁରକ୍ଷା ନିମନ୍ତେ "ପୋକସୋ ଆକ୍ଟ" ୨୦୧୨ (Protection of Children from Sexual Offences) ଏକ ସ୍ୱତନ୍ତ୍ର ଆଇନ୍‌ର ବ୍ୟବସ୍ଥା ରହିଛି ଯାହାକି କିଶୋର ପିଲାମାନଙ୍କୁ ଯୌନ ଉତ୍ପୀଡ଼ନ, ଯୌନ ନିର୍ଯ୍ୟାତନା

ତଥା ଅଶ୍ଳିଳ ଇଙ୍ଗିତ ଆଦିରୁ ସୁରକ୍ଷା ପ୍ରଦାନ କରିଥାଏ । ଉକ୍ତ ଆଇନ୍ ଅନୁଯାୟୀ ୧୮ ବର୍ଷରୁ କମ୍ ପିଲାଙ୍କ ସହିତ ଘଟିଥିବା ଧର୍ଷଣ, ଯୌନ ନିର୍ଯ୍ୟାତନା, ଯୌନ ଉତ୍ପୀଡ଼ନ ତଥା କୌଣସି ପ୍ରକାର ଅଶ୍ଳୀଳ ଇଙ୍ଗିତ ହୋଇଥିଲେ, ଅଭିଯୁକ୍ତ ବ୍ୟକ୍ତି ନିମିତ୍ତ ସ୍ୱତନ୍ତ୍ର ଭାବରେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି ।

Juvenile Justice Act, ୨୦୦୦ ଅନୁସାରେ ୧୮ ବର୍ଷରୁ କମ୍ ପିଲାମାନଙ୍କୁ ସୁରକ୍ଷା ଦେବା ଓ ଯତ୍ନ ନେବାରୁ କେହି ବଞ୍ଚିତ କରିପାରିବେ ନାହିଁ ।

ଏହା ସହିତ ଯୌନ ନିର୍ଯ୍ୟାତିତ ବ୍ୟକ୍ତି ପଞ୍ଚାୟତ ସ୍ତରରେ ପୋଲିସ୍, ଗୋଷ୍ଠୀ ସହାୟକ କେନ୍ଦ୍ର ଓ ସ୍ୱାସ୍ଥ୍ୟ ସେବା ସଂଗଠନ ଆଦିର ସହାୟତା ନେଇପାରିବେ । ଏହା ବ୍ୟତୀତ ସରକାର ଶିଶୁ ଓ ମହିଳାମାନଙ୍କର ସୁରକ୍ଷା ନିମନ୍ତେ Helpline Number ମଧ୍ୟ ଜାରି କରିଛନ୍ତି ।

- ଶିଶୁ ସୁରକ୍ଷା ପାଇଁ ସହାୟତା ନମ୍ବର – ୧୦୯୮
- ମହିଳାଙ୍କ ପାଇଁ ସହାୟତା ନମ୍ବର – ୧୮୧

ଲିଙ୍ଗଗତ ବୈଷ୍ୟମତା ଓ ହିଂସା

Sex କାହାକୁ କୁହନ୍ତି

ପ୍ରତ୍ୟେକ ମଣିଷ ନିଜ ପିତାମାତାଙ୍କଠାରୁ ପାଇଥିବା ଜିନ୍‌ଗତ ଲକ୍ଷଣକୁ SEX କୁହାଯାଏ ଯାହାକି ପ୍ରତ୍ୟେକ ମଣିଷଙ୍କୁ ପୁରୁଷ ବା ନାରୀ ବୋଲି ସମାଜରେ ପରିଚୟ ଦେଇଥାଏ ।

Sex ଜନିତ ଧାରଣା

୧. ନାରୀ, ପୁରୁଷ କିମ୍ବା କ୍ଲିବଲିଙ୍ଗ ।
୨. ମହିଳା ହିଁ କେବଳ ସ୍ତନ୍ୟପାନ କରାଇପାରିବେ ।
୩. ମହିଳାମାନଙ୍କର କେବଳ ଋତୁସ୍ରାବ ହୁଏ ।
୪. ଗର୍ଭଧାରଣ କ୍ଷମତା କେବଳ ମହିଳାଙ୍କର ଥାଏ ।

Gender ଜନିତ ଧାରଣା

ପୁରୁଷ ଓ ନାରୀଙ୍କ ପାଇଁ ସମାଜଦ୍ୱାରା ସ୍ଥିରିକୃତ ସ୍ୱତନ୍ତ୍ର ବିଧି ବ୍ୟବସ୍ଥାକୁ Gender କୁହାଯାଏ ।

Gender ର ଲକ୍ଷଣ

- ମହିଳା ହିଁ କେବଳ ଗୃହକାର୍ଯ୍ୟ କରିବେ । (ରୋଷେଇ, ଘରସଫା, ବାସନ ମାଜିବା, ଲୁଗାସଫା)
- ମହିଳା କେବଳ ଲମ୍ବା ଚୁଟି ରଖିବେ ।
- ପୁରୁଷମାନେ ଗାଡ଼ି ଚଳାଇବେ, ଅଫିସ୍ ଯିବେ ବା ବାହାରକୁ ଯିବେ ।
- ପିଲାମାନଙ୍କର ଯତ୍ନ କେବଳ ମହିଳାମାନେ ନେବେ ।
- ଘରର କୌଣସି ମୁଖ୍ୟ ନିଷ୍ପତ୍ତିରେ କେବଳ ପୁରୁଷମାନେ ହିଁ ଭାଗନିଅନ୍ତି । (ଜମି କିଣାବିକା, ବିବାହ ନିଷ୍ପତ୍ତି, ଘରର ଆସବାବପତ୍ର କିଣାକିଣି)
- ରାଜନୀତିରେ କେବଳ ପୁରୁଷମାନଙ୍କ ଯୋଗଦାନ

- କେବଳ ପୁରୁଷର ହିଁ ବଂଶରକ୍ଷା ଓ ମୁଖାଗ୍ନି ଦେବାର ପରମ୍ପରା ଅଛି ।

କେଉଁ କେଉଁ ଅବସ୍ଥାରୁ ଲିଙ୍ଗଗତ (ବୈଷମ୍ୟତା) ଭେଦଭାବ ଦେଖାଦିଏ

୧. ମାତୃଗର୍ଭରୁ ଲିଙ୍ଗ ନିରୂପଣ କରାଯାଇ କନ୍ୟା ଭ୍ରୂଣହତ୍ୟା କରଯାଏ, କିନ୍ତୁ ପୁତ୍ର ସନ୍ତାନ ଥିବାର ଜଣାପଡ଼ିଲେ ମା ଓ ପୁତ୍ରର ଯତ୍ନ ନିଆଯାଏ ।

୨. ଜନ୍ମ ସମୟରେ – କନ୍ୟାସନ୍ତାନ ଜନ୍ମହେଲେ ସମସ୍ତଙ୍କ ମନ ଦୁଃଖ ହୋଇଥାଏ । କିନ୍ତୁ ପୁତ୍ରସନ୍ତାନ ହେଲେ ସମସ୍ତେ ଆନନ୍ଦ ହେବା ସହିତ ମିଠା ବାଣ୍ଟି ଭୋଜିଭାତ କରିଥାନ୍ତି ।

୩. ଶୈଶବ ଅବସ୍ଥାରେ – ଏହି ସମୟରେ ଶିଶୁପୁତ୍ରର ସ୍ୱାସ୍ଥ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ କନ୍ୟାସନ୍ତାନଙ୍କ କମ୍ ପ୍ରାଧାନ୍ୟ ଦିଆଯାଏ । ଏପରିକି ଖାଦ୍ୟପ୍ରଦାନରେ ପାତର ଅନ୍ତର କରାଯାଏ, ଯାହାଫଳରେ କନ୍ୟାସନ୍ତାନର ଶାରିରୀକ, ମାନସିକ ବିକାଶରେ ବାଧାପ୍ରାପ୍ତ ହୋଇଥାଏ ।

୪. କିଶୋର ଅବସ୍ଥାରେ – ପୁଅମାନଙ୍କର ପାଠପଢ଼ା ପ୍ରତି ଗୁରୁତ୍ୱ ଦିଆଯାଉଥିବା ସ୍ଥଳେ ଝିଅମାନଙ୍କର ପାଠପଢ଼ା ବନ୍ଦ କରାଯାଇ ସେମାନଙ୍କୁ ଗୃହକାର୍ଯ୍ୟ, ସାନ ଭାଇଭଉଣୀମାନଙ୍କ ଲାଳନପାଳନର ଦାୟିତ୍ୱ ତଥା ସମାଜର କାଇଦା କଟକଣା ଶିକ୍ଷା ଦିଆଯାଇ ବାହାଘର ଉପଯୋଗୀ କରାଯାଏ ।

୫. ଯୌବନ ଅବସ୍ଥା – ପୁରୁଷମାନେ ଖାଇସାରିଲା ପରେ ବଳକାଖାଦ୍ୟ ମହିଳାମାନେ ଖାଇଥାନ୍ତି । ଯଦିଓ ମହିଳାମାନେ ପୁରୁଷଙ୍କ ତୁଳନାରେ ଅଧିକ କାର୍ଯ୍ୟ କରିଥାନ୍ତି ସେହି ଅନୁସାରେ ଆବଶ୍ୟକୀୟ ପୁଷ୍ଟିକର ଖାଦ୍ୟ ମହିଳାମାନଙ୍କୁ ମିଳି ନଥାଏ ।

୬. ମଜୁରୀ କ୍ଷେତ୍ରରେ ପୁରୁଷ ତୁଳନାରେ ନାରୀଙ୍କୁ କମ୍ ପାରିଶ୍ରମିକ ମିଳିଥାଏ । ପୁରୁଷ ଓ ନାରୀ ଉଭୟ କାର୍ଯ୍ୟ କ୍ଷେତ୍ରରେ ଥିଲେ ମଧ୍ୟ ପରିଶେଷରେ ନାରୀକୁ ହିଁ ଘରର ସବୁକାର୍ଯ୍ୟ କରିବାକୁ ପଡ଼ିଥାଏ ।

ଭାରତୀୟ ସମ୍ବିଧାନ ଅନୁସାରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଭେଦରେ ସମସ୍ତେ ସମାନ ।

ବିଭିନ୍ନ କ୍ଷେତ୍ରରେ ବିଭିନ୍ନ ସମୟରେ ଲିଙ୍ଗଗତ ବୈଷମ୍ୟତା ଓ ହିଂସାକୁ ରୋକିବା ପାଇଁ ସରକାରୀ ସ୍ତରରେ ଅନେକ ଆଇନ୍ ପ୍ରଣୟନ କରାଯାଇଛି ।

- ପିତାମାତାଙ୍କ ବିନା ଅନୁମତିରେ ୨୦ ବର୍ଷର କମ୍ ବୟସର ପୁରୁଷ କିମ୍ବା ୧୮ ବର୍ଷ ବୟସର କମ୍ ମହିଳାଙ୍କୁ ପ୍ରଲୋଭନ ଦେଖାଇ ନେଲେ ଦଣ୍ଡିତ ହେବେ । (୩୬୫ ଦଫା)
- କୌଣସି ଝିଅକୁ ପିତାମାତାଙ୍କ ବିନା ଅନୁମତିରେ ବିବାହ ପ୍ରଲୋଭନ ଦେଖାଇପାରିବେ ନାହିଁ । (୩୬୬ ଦଫା)
- ନାବାଳିକାକୁ ବଳାତ୍କାର କଲେ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ (ଦଫା – ୩୬୬ କ)
- ବେଶ୍ୟାବୃତ୍ତି ଉଦ୍ଦେଶ୍ୟରେ ନାବାଳିକାକୁ ବିକ୍ରିକଲେ (ଦଫା ୩୭୨) ଏବଂ ଯେଉଁ ବ୍ୟକ୍ତି କିଣିବ ସେ ମଧ୍ୟ ଦଣ୍ଡନୀୟ (ଦଫା ୩୭୩)

ଆଇନ୍‌ଗତ ସାହାଯ୍ୟ ଓ ସୁବିଧା

ଏହି ଆଇନଗୁଡ଼ିକ ପାଳନ କରିବା ନିମନ୍ତେ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ଅନୁଷ୍ଠାନମାନ କାର୍ଯ୍ୟ କରୁଛନ୍ତି ।

- ରାଜ୍ୟ ମହିଳା କମିଶନ
- ଜାତୀୟ ମହିଳା କମିଶନ
- ମହିଳା ଥାନ
- ୱାନ୍ ଷ୍ଟପ୍ ସେଣ୍ଟର

ପ୍ରଜନନ ସ୍ୱାସ୍ଥ୍ୟ ସମ୍ପର୍କରେ ଭ୍ରମଧାରଣା ଓ ବିଶ୍ୱାସ

ବିଶ୍ୱାସ (ଇଣ୍ଡୋକ୍ସ କାର୍ଡରେ ଲେଖାଯିବ ବାଳିକାମାନଙ୍କ ପାଇଁ)	**ଠିକ୍ / ଭୁଲ୍** (ଆଲୋଚନାର ସଂଯୋଜକଙ୍କ ପାଇଁ)	**ବ୍ୟାଖ୍ୟା** (ଆଲୋଚନାର ସଂଯୋଜକଙ୍କ ପାଇଁ)
୧. ଥରେ ଜଣେ ବାଳିକାର ଋତୁସ୍ରାବ ଆରମ୍ଭ ହୋଇଗଲେ ସେ ଗର୍ଭବତୀ ହେବାକୁ କ୍ଷମ ହୋଇଯାଏ।	ଠିକ୍	ଯେତେବେଳେ ଜଣେ ବାଳିକାର ଋତୁସ୍ରାବ ଆରମ୍ଭ ହୁଏ, ଏହାର ଅର୍ଥ ତା'ର ପ୍ରଜନନ ଅଙ୍ଗଗୁଡ଼ିକ କାର୍ଯ୍ୟ କରିବାକୁ ଆରମ୍ଭ କଲେ ଏବଂ ସେ ଯଦି ଯୌନକ୍ରିୟା କରେ ତା'ହେଲେ ଗର୍ଭବତୀ ହୋଇପାରିବ। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ତା'ର ଦୈହିକ ଅଙ୍ଗଗୁଡ଼ିକ ଏବଂ ଶରୀର ତଥା ମାନସିକ ଅବସ୍ଥା ଶିଶୁ ଜନ୍ମ ଦେବା ଲାଗି ଆବଶ୍ୟକ ମତେ ପ୍ରସ୍ତୁତ ହୋଇଛି।
୨. ଋତୁସ୍ରାବ କାଳରେ ଜଣେ ବାଳିକା ଶାରୀରିକ କାର୍ଯ୍ୟ କଳାପରେ ଲିପ୍ତ ରହିବା ଉଚିତ ନୁହେଁ।	ଭୁଲ୍	ଋତୁସ୍ରାବ ଜଣେ ବାଳିକା / ନାରୀ ପାଇଁ କାର୍ଯ୍ୟକରିବାକୁ ନିବୃତ୍ତ ହେବାର କାରଣ ନୁହେଁ, ଯଦି ତା'ର ମାଂସପେଶୀରେ କ୍ଲେଶ ବା ସେହିଭଳି କୌଣସି ଅସୁବିଧା ନଥାଏ, ଜଣେ ବାଳିକା ଋତୁସ୍ରାବ ସମୟରେ ନିର୍ଦ୍ଦିଷ୍ଟ ପ୍ରକାର କାର୍ଯ୍ୟମାନ ନ କରିବାର କୌଣସି କାରଣ ନାହିଁ। ତେବେ, ସେ ନିଶ୍ଚୟ ପରିଷ୍କାର ରହିବା ଉଚିତ।
୩. ଜଣେ ବାଳକ ସହିତ ଅର୍ନ୍ତବାସ ଭାଗ କଲେ ଜଣେ ବାଳିକା ଗର୍ଭବତୀ ହୋଇପାରେ।	ଭୁଲ୍	ଜଣେ ବାଳିକା ସହିତ ଗର୍ଭବତୀ ହେବ କେବଳ ଯେତେବେଳେ ଜଳେ ବାଳକର ଶିଶ୍ନ ତା'ଭଗ ମଧ୍ୟରେ ପ୍ରବେଶ କରିବ ଏବଂ ସ୍ଖଳନ ଘଟିବ। ହେଲେ ବାଳକ ଏବଂ ବାଳିକାମାନେ ଅର୍ନ୍ତବାସ ବଦଳ କରି ପିନ୍ଧିବା ଏବଂ ଏପରିକି ବାଳିକାମାନେ ନିଜ ନିଜ ମଧ୍ୟରେ ତାହା କରିବାକୁ ଏଡାଇ ଯିବା ଭଲ।
୪. ଯଦି ଜଣେ ବାଳିକାର ୧୪ବର୍ଷ ପର୍ଯ୍ୟନ୍ତ ଋତୁସ୍ରାବ ନହୁଏ, ତାହା ଏକ ଚିନ୍ତାର ବିଷୟ	ଭୁଲ୍	ଶରୀରର କେତେକ ଜୈବିକ ଅଭିବୃଦ୍ଧି ହେଲାପରେ ଏବଂ ଶରୀରର ଓଜନ ଏକ ନିର୍ଦ୍ଦିଷ୍ଟ ଚରମ ଅବସ୍ଥାରେ ପହଞ୍ଚିଲା ପରେ ହିଁ କେବଳ ଋତୁସ୍ରାବ ହୁଏ। ଏହା ବଂଶଚରିତ୍ର, ଜାତି, ସ୍ୱାସ୍ଥ୍ୟବସ୍ଥା ଏବଂ ସମୁଦ୍ର ପତନରୁ ସ୍ଥାନର ଉଚ୍ଚତା ଦ୍ୱାରା ପ୍ରଭାବିତ। ଋତୁ ଉଦୟର ଆରମ୍ଭ ଲାଗି ପୁଷ୍ଟିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ବାଲ୍ୟାବସ୍ଥା ଅପେକ୍ଷା କିଶୋରୀର ଶକ୍ତି ଆବଶ୍ୟକତା ଖୁବ୍ ଅଧିକ। ସାଧାରଣ ଭାରତୀୟ ବାଳିକା ଗ୍ରହଣ କରୁଥିବା ପୁଷ୍ଟି ଯଥେଷ୍ଟ ନୁହେଁ। ଏହି କାରଣରୁ ଗ୍ରାମାଞ୍ଚଳ ଏବଂ ସହରର ଦରିଦ୍ର ବାଳିକାମାନଙ୍କର ଋତୁଉଦୟ ବୟସ ଧନୀ ବାଳିକାଙ୍କ ଠାରୁ ଅଧିକ। ପାର୍ବତ୍ୟ ଅଞ୍ଚଳରେ ବାସ କରୁଥିବା ବାଳିକାମାନଙ୍କର ଋତୁସ୍ରାବ ମଧ୍ୟ ଅଧିକ ବୟସରେ ହୁଏ। କାରଣ, ଉଚ୍ଚସ୍ଥାନ ବାଲ୍ୟକାଳରୁ ହିଁ ଶରୀର ଓଜନର ଅଭିବୃଦ୍ଧି ହାରକୁ ମନ୍ଥର କରିଥାଏ। ତେବେ, ଯଦି ଜଣେ ବାଳିକାର ୧୬ ବର୍ଷ ହେବା ପର୍ଯ୍ୟନ୍ତ ଋତୁସ୍ରାବ ନ ହୁଏ, ତାହା ଏକ ଚିନ୍ତାର କାରଣ ଏବଂ ସେ ଡାକ୍ତରଙ୍କ ପରାମର୍ଶ କରିବା ଉଚିତ।

୫. ଋତୁ ଉଭୟ ଆରମ୍ଭ ପରେ ଋତୁଚକ୍ରର ପ୍ରାରମ୍ଭରେ ଯଦି ବାଳିକାଟିର ଆବର୍ତ୍ତକାଳ (periods) ଅନିୟମିତ ହୁଏ କିମ୍ବା ମାସକୁ ଏହା ଦୁଇଥର ହୁଏ, ତାହା ଏକ ଚିନ୍ତାର କାରଣ।	ଭୁଲ୍	ପ୍ରଥମେ ପ୍ରାରମ୍ଭିକ ଆବର୍ତ୍ତକାଳଗୁଡ଼ିକ (....) ଅନିୟମିତ ହୁଏ, ତାହା ପ୍ରତି ମାସରେ ସମାନ ସମୟ ବ୍ୟବଧାନରେ ନହୋଇପାରେ। କିଶୋରୀମାନଙ୍କ କ୍ଷେତ୍ରରେ ଏ ସମୟ ବ୍ୟବଧାନ ଅତିକମ୍‌ରେ ୧୨ଦିନ କିମ୍ବା ଅତିବେଶିରେ ୨ମାସ ଭଳି ହୋଇପାରେ। ପ୍ରାୟ ୨ ବର୍ଷ ଧରି ଋତୁସ୍ରାବରେ ଏପରି ଶୀଘ୍ର ବା ବିଳମ୍ବ ଘଟିବା ଏକ ସାଧାରଣ କଥା। ଅଧିକାଂଶ କ୍ଷେତ୍ରରେ ଏହି ଅନିୟମିତା ବିଶେଷ କିଛି ଅସୁବିଧା କରେ ନାହିଁ। ତଥାପି ଯଦି ସନ୍ଦେହ ହୁଏ, ବାଳିକାଟି ଜଣେ ଡାକ୍ତରଙ୍କ ପରାମର୍ଶ କରିପାରେ।
୬. ଋତୁସ୍ରାବ ଅପରିଷ୍କାର ଅଟେ।	ଭୁଲ୍	ଋତୁସ୍ରାବ ଏକ ପ୍ରାକୃତିକ ଘଟଣା। କୁହାଯାଏ ଯେ, ଋତୁସ୍ରାବ କାଳରେ 'ଗର୍ଭାଧାନ ନ ଘଟିଥିବା ହେତୁ ଗର୍ଭାଶୟ କ୍ରନ୍ଦତରତ ଥାଏ।' ବୟଃପ୍ରାପ୍ତି ବା ଯୌନକ୍ରାନ୍ତି ସମୟରେ ହର୍‌ମୋନୀୟ ପରିବର୍ତ୍ତନ ଡିମ୍ବାଶୟ ଦ୍ୱୟକୁ ଡିମ୍ବାଣୁମାନ ଉତ୍ପନ୍ନ କରିବାକୁ ଉତ୍ତେଜିତ କରେ। ତହିଁରୁ କୌଣସିଟିରୁ ଗୋଟିଏ ଡିମ୍ବାଣୁ ଡିମ୍ବବାହୀ ନାଳୀ ଦେଇ ଗର୍ଭାଶୟକୁ ଗତିକରେ। ଗର୍ଭାଶୟ ନିଷେଚିତ ଡିମ୍ବାଣୁକୁ ଗ୍ରହଣ କରିବା ପାଇଁ ଏକ ସ୍ଥୂଳ ଆସ୍ତରଣ ସୃଷ୍ଟିକରେ। ଯଦି ଡିମ୍ବାଣୁଟିର ଶୁକ୍ରାଣୁଟିଏ ସହିତ ମିଳନ ହୁଏ ତା'ହେଲେ ଗର୍ଭାଧାନ ସମ୍ଭବ ହୁଏ ଏବଂ ନିଷେଚିତ ଡିମ୍ବାଣୁଟି ଗର୍ଭାଶୟରେ ସ୍ଥାପିତ ହୁଏ। କିନ୍ତୁ ଯଦି ଡିମ୍ବାଣୁଟି ନିଷେଚିତ ନ ହୁଏ (ହର୍‌ମୋନୀୟ ପରିବର୍ତ୍ତନ ହେତୁ) ତା'ହେଲେ ଗର୍ଭାଶୟ 'କାନ୍ଦିବାକୁ' ଲାଗେ। ଏପରି ସ୍ଥଳେ ସୃଷ୍ଟି ହୋଇଥିବା ଆସ୍ତରଣଟି ନଷ୍ଟ ହେବାକୁ ଲାଗେ ଏବଂ ଶରୀର ତାହାକୁ ଋତୁସ୍ରାବ ରକ୍ତ ରୂପେ ପରିତ୍ୟାଗ କରେ। ଏହି ରକ୍ତରେ ନାଳ, ରସ, ଭାଙ୍ଗି ଯାଇଥିବା ସୂକ୍ଷ୍ମ ନଳୀର ରକ୍ତ ଏବଂ ନିଷେଚିତ ହୋଇ ନଥିବା ଡିମ୍ବାଣୁ ଥାଏ।
୭. ଜଣେ ବାଳିକାର କେବେ ଋତୁସ୍ରାବ ଘଟିବ ବାଳକମାନେ କହି ଦେଇପାରିବେ।	ଭୁଲ୍	ଏପରି କରିବାର କୌଣସି ବାଟ ନାହିଁ। ଜଣକୁ ଦେଖି କହିଦେଲା ଭଳି କୌଣସି ଲକ୍ଷଣ ଋତୁସ୍ରାବର ନାହିଁ।
୮. ଋତୁସ୍ରାବକାଳୀନ ସ୍ନାନ ପେଶୀଶୂଳ କରାଇପାରେ।	ଭୁଲ୍	ଏହା ସତ୍ୟ ନୁହେଁ। ଅନ୍ୟପକ୍ଷରେ ଏଇ ସମୟରେ ନିୟମିତ ସ୍ନାନ କରିବା ଏବଂ ପରିମଳ ରକ୍ଷା କରିବା ଅତି ଗୁରୁତ୍ୱପୂର୍ଣ୍ଣ। କେତେକଲୋକ ବିଶ୍ୱାସ କରନ୍ତି ଯେ, ଋତୁସ୍ରାବ ଚାଲିଥିଲା ବେଳେ ସ୍ନାନ କରିବା ଏବଂ କେଶ ଧୋଇବା କ୍ଷତିକାରକ। ଏ ଉଭୟ ମଧ୍ୟରେ ଆଦୌ କୌଣସି ସମ୍ପର୍କ ନାହିଁ।
୯. ସାନ ସାନ ସ୍ତନ୍ୟ ହେବା ଏକ ସାଧାରଣ କଥା	ଠିକ୍	ସ୍ତନ୍ୟର ଆକାର ଓ ରୂପ ଜିନୀୟ ପୃଷ୍ଠଭୂମି ଉପରେ ନିର୍ଭରଶୀଳ ଏବଂ ବୟସ ଅନୁସାରେ ବଦଳିଥାଏ। ସ୍ତନ୍ୟର ସାଧାରଣ ଆକାରରେ ଅନେକ ତଫାତ୍ ରହିଛି।

ବାଳକମାନଙ୍କ ପାଇଁ -		
୧୦. ହସ୍ତମୈଥୁନ ବାଳକକୁ ନଂପୁସକ କରିଦିଏ।	ଭୁଲ୍	ହସ୍ତମୈଥୁନ ବା ନିଜେ ନିଜର ଯୌନାଙ୍ଗକୁ ଉତ୍ତେଜିତ କରିବା ଉଭୟ ବାଳକ ଏବଂ ବାଳିକାମାନଙ୍କ ଦ୍ୱାରା କରାଯାଉଥିବା ଏକ ସାଧାରଣ କାର୍ଯ୍ୟ।
୧୧. ହସ୍ତମୈଥୁନ ବାଳକମାନଙ୍କୁ ଦୁର୍ବଳ କରିଦିଏ।	ଭୁଲ୍	
୧୨. ହସ୍ତମୈଥୁନ ଶିଶ୍ନକୁ ବକ୍ର କରିଦିଏ।	ଭୁଲ୍	ଶୁକ୍ରର ରକ୍ତ ସହିତ କୌଣସି ସମ୍ପର୍କ ନାହିଁ ଏବଂ ଏହାର କ୍ଷୟ ଶରୀରକୁ ଦୁର୍ବଳ କରିବାର କାରଣ ନୁହେଁ। ଶୁକ୍ର ଶରୀରରୁ ନିର୍ଗତ ହେବା ପାଇଁ ହିଁ ଅଭିପ୍ରେତ।
୧୩. ହସ୍ତମୈଥୁନ ବିବାହପରେ ପୁରୁଷର ଯୌନ ଜୀବନକୁ ପ୍ରଭାବିତ କରେ।	ଭୁଲ୍	
୧୪. ଏକ ବୁନ୍ଦା ଶୁକ୍ର ୬୦ବୁନ୍ଦା ରକ୍ତ ସହିତ ସମାନ। ଏଣୁ ଶୁକ୍ରକ୍ଷୟ ଶରୀରକୁ ଦୁର୍ବଳ କରିଦିଏ ଏବଂ ତାହା ଏଡାଇବା ଉଚିତ।	ଭୁଲ୍	ଶିଶ୍ନ ଉତ୍ତୋଳିତ ଅବସ୍ଥାରେ ଥାଉ ବା ଶିଥିଳ ଅବସ୍ଥାରେ ଥାଉ ଏହାର ଆକାର ପୁରୁଷର ପୁରୁଷତ୍ୱ ବା ଯୌନକ୍ଷମତାର ସୂଚନା ନୁହେଁ।
୧୫. ଶିଶ୍ନର ଆକାର ପୁରୁଷତ୍ୱ ବା ପୁରୁଷଯୌନ କ୍ଷମତା ସହିତ ସମାନ।	ଭୁଲ୍	
୧୬. 'ଧାତୁ' ବା ପରିସ୍ରାରେ ଶୁକ୍ର ବାଳକକୁ ଦୁର୍ବଳ କରିଦିଏ।	ଭୁଲ୍	ଆମ ଶରୀରରେ ଉତ୍ପନ୍ନ ଅନାବଶ୍ୟକ ପଦାର୍ଥ ଫସ୍‌ଫେଟ୍ ଆକାରରେ ପରିସ୍ରା ଦେଇ ନିର୍ଗତ ହୋଇଯାଏ। ପରିସ୍ରାକୁ ବୋତଲରେ ସଂଗ୍ରହ କରି ରଖିଲେ ଏହି ଫସ୍‌ଫେଟ୍‌ଗୁଡ଼ିକ ତଳକୁ ବସିଯାଏ। ଦ୍ୱିତୀୟତଃ ଭାରତୀୟ ପାଇଖାନାରେ ଝାଡ଼ା ବସିଲାବେଳେ ମୂତ୍ରାଶୟ ଦେଇ କିଛି ଶୁକ୍ର ବାହାରିଥାଏ, କାରଣ, ଝାଡ଼ା ବାହାରିଲା ବେଳେ ଯୌନଗ୍ରନ୍ଥି ମାନଙ୍କରେ ଉତ୍ପନ୍ନ ରସକୁ ଚାପ ପ୍ରଦାନ କରେ। 'ଧାତୁ'କୁ ଏକ ମୂଲ୍ୟବାନ ତରଳ ପଦାର୍ଥ ବୋଲି ମନେ କରୁଥିବା ଲୋକଙ୍କଠାରେ ଓ ଉଭୟ ଅବସ୍ଥା ଦୁଶ୍ଚିନ୍ତାର କାରଣ ହୁଏ। ପ୍ରକୃତରେ ଏହା ସାଧାରଣ ଘଟଣା ହୋଇଥିବାରୁ ଏହାକୁ ନେଇ ଚିନ୍ତିତ ହେବା ଦରକାର ନାହିଁ। ଫସ୍‌ଫେଟ୍ ଏବଂ ଶୁକ୍ର ଉଭୟେ ଶରୀରରୁ ନିର୍ଗତ ହେବା ପାଇଁ ଉଦ୍ଦିଷ୍ଟ।
୧୭. ଯଦି ଜଣେ ବାଳକର ସ୍ତନ୍ୟ ଫୁଲିଯାଏ, ସେଥିରେ ବ୍ୟସ୍ତ ହେବାର କିଛି ନାହିଁ।	ଠିକ୍	ଯୌନକ୍ରାନ୍ତି ବା ବୟଃପ୍ରାପ୍ତି ସମୟରେ କେତେକ ବାଳକଙ୍କର ସ୍ତନ୍ୟଫୁଲି ଗୁଲିଟିଏ ଭଳି ହୋଇଯାଏ। ଏ ଫୁଲା ଯନ୍ତ୍ରଣାଦାୟକ ହୋଇପାରେ। କାଳେ ସେଗୁଡ଼ିକ ବାଳିକାଙ୍କ ସ୍ତନ୍ୟ ଭଳି ବିକଶିତ ହୋଇଯିବ, ସେଥିପାଇଁ ବାଳକମାନେ ବ୍ୟସ୍ତ ହୋଇପଡ଼ନ୍ତି। ଏ ଅବସ୍ଥା କ୍ଷତିକାରକ ନୁହେଁ ଏବଂ କିଛିମାସ ପରେ ତାହା ଉଭେଇ ଯାଏ।

୧୮. ରାତ୍ରକାଳରେ ସ୍ଖଳନ ବା ସ୍ୱପ୍ନଦୋଷ ବାଳକମାନଙ୍କୁ ଦୁର୍ବଳ କରିଦିଏ	ଭୁଲ୍	ତଥାକଥିତ 'ଭିଜାସ୍ୱପ୍ନ', ହସ୍ତମୈଥୁନ କିମ୍ବା ଯୌନକ୍ରିୟା ମାଧ୍ୟମରେ ଶୁକ୍ରକ୍ଷୟ ଅତି ପ୍ରାକୃତିକ ଏବଂ କ୍ଷତିକାରକ ନୁହେଁ। ଏହା କାହାରିକୁ ଦୁର୍ବଳ କରିଦିଏ ନାହିଁ। ଏହା ପ୍ରାକୃତିକ ଏବଂ ସାଧାରଣ। ଏଣୁ ଏହାକୁ 'ଦୋଷ' ବୋଲି କହିବା ଅନୁଚିତ। ବୈଦ୍ୟ କିମ୍ବା ହାକିମ୍‌ଙ୍କ ପରାମର୍ଶ ଲୋଡ଼ା ଯିବାର ଆବଶ୍ୟକତା ନାହିଁ। ଏହା ଏକ ପ୍ରାକୃତିକ ବୁଦ୍ଧିର ପ୍ରକ୍ରିୟା।
ବାଳକ ଏବଂ ବାଳିମାନଙ୍କ ପାଇଁ -		
୧୯. ଜଣେ ବାଳିକା ଯଦି ଋତୁସ୍ରାବ ସମୟରେ ଯୌନକ୍ରିୟା କରେ, ତେବେ ଗର୍ଭଧାରଣ କରିପାରେ।	ଭୁଲ୍	ଋତୁସ୍ରାବ ସମୟରେ ଜଣେ ବାଳିକା ଗର୍ଭଧାରଣ କରିବା ସମ୍ଭବ ନୁହେଁ।
୨୦. ବାଳକଟିର ଯଦି ସ୍ଖଳନ ନଘଟେ ତଥାପି ମଧ୍ୟ ବାଳିକାଟି ଗର୍ଭଧାରଣ କରିବା ସମ୍ଭବ।	ଠିକ୍	ଯଦିଓ ବାଳିକାର ଭଗ ମଧ୍ୟରେ ବାଳକର ସ୍ଖଳନ ନଘଟେ, ତଥାପି ମଧ୍ୟ ଏହା ସମ୍ଭବ, କାରଣ ଏଥିପୂର୍ବରୁ ନିର୍ଗତ ତରଳ ପଦାର୍ଥରେ ମଧ୍ୟ କିଛି ମାତ୍ରାରେ ଶୁକ୍ରାଣୁ ଥାଏ, ଯାହାକି ବାଳିକାକୁ ଗର୍ଭବତୀ କରିପାରେ।
୨୧. ନାରୀ ଶିଶୁର ଲିଙ୍ଗ ନିର୍ଣ୍ଣୟ କରେ	ଭୁଲ୍	ଶିଶୁର ଲିଙ୍ଗ ଡିମ୍ବାଣୁ ନିଷେଚିତ କରୁଥିବା ଶୁକ୍ରାଣୁରେ ଥିବା ଲିଙ୍ଗୀୟ ଗୁଣସୂତ୍ର ଉପରେ ନିର୍ଭର କରେ। ଲିଙ୍ଗୀୟ ଗୁଣସୂତ୍ର ଦୁଇ ପ୍ରକାର - x ଏବଂ y। ଡିମ୍ବାଣୁରେ x ଏବଂ x ଥାଏ, କିନ୍ତୁ ଶୁକ୍ରାଣୁରେ x ଏବଂ y ଥାଏ। ଯଦି y କ୍ରୋମୋଜମ୍‌ଥିବା ଶୁକ୍ରାଣୁ ଡିମ୍ବାଣୁକୁ ନିଷେଚତି କରେ ତେବେ ପୁଅଟିଏ ଜନ୍ମ ହୁଏ। ଯଦି x କ୍ରୋମୋଜମ୍ ଥିବା ଶୁକ୍ରାଣୁ ଏଥିରେ ଭାଗ ନିଏ ତେବେ ଝିଅଟିର ଜନ୍ମ ହୁଏ। ଅତଏବ, ନାରୀ ନୁହେଁ ପୁରୁଷ ହିଁ ଶିଶୁର ଲିଙ୍ଗ ନିର୍ଣ୍ଣୟ କରେ। କୌଣସି ଔଷଧ କିମ୍ବା ଧାର୍ମିକ ବିଧିବିଧାନ ଶିଶୁର ଲିଙ୍ଗ ନିର୍ଣ୍ଣୟ କରିବାରେ ସାହାଯ୍ୟ କରିପାରିବ ନାହିଁ।
୨୨. ଯଦି ଜଣେ ବାଳିକା ଥରେ କିମ୍ବା ଅଳ୍ପ କେତେ ଥର ଯୌନକ୍ରିୟା କରେ ସେ ଗର୍ଭବତୀ ହେବ ନାହିଁ।	ଭୁଲ୍	ଜଣେ ବାଳିକା ଥରେ ମାତ୍ର ଯୌନକ୍ରିୟା କଲେ ମଧ୍ୟ ଗର୍ଭବତୀ ହୋଇପାରେ। ଏହା ପ୍ରଥମଥର ମଧ୍ୟ ଘଟିପାରେ।
୨୩. ଜଣେ ବାଳିକାଠାରୁ ପ୍ରଥମ ଯୌନକ୍ରିୟା ବେଳେ ଯଦି ରକ୍ତ ନ ବହେ ତେବେ ସେ କୁମାରୀ (ସତୀ) ନୁହେଁ।	ଭୁଲ୍	ସତୀଚ୍ଛଦର ପେଶୀଗୁଡ଼ିକ ଛିଡ଼ିଯିବା ଫଳରେ କେତେକ ବାଳିକାଙ୍କର ରକ୍ତ ବହିଯାଏ। ଅନେକ ସମାଜରେ ସତୀଚ୍ଛଦର ଉପସ୍ଥିତି ଜଣକର ସତୀତ୍ୱ ସହିତ ସଂପୃକ୍ତ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ଏହା ସତ୍ୟ ନୁହେଁ, କାରଣ, କେବଳ ଯୌନକ୍ରିୟା ଦ୍ୱାରା ଯେ, ଏହା ଛିଣ୍ଡିଥାଏ ତା' ନୁହେଁ କେତେକ ଶାରୀରିକ କାର୍ଯ୍ୟ ଏବଂ ଏପରିକି ଦୁର୍ଘଟଣାରେ ମଧ୍ୟ ଏପରି ହୁଏ। କେତେକ କ୍ଷେତ୍ରରେ ଏହା ମୋଟେ ନଥାଏ।
୨୪. ରକ୍ତଦାନ ଦ୍ୱାରା ଜଣେ ଦୁର୍ବଳ ହୋଇଯାଏ	ଭୁଲ୍	ଜଣେ ଲୋକ ବର୍ଷକୁ ଅନ୍ତତଃ ଥରେ ରକ୍ତଦାନ କରିପାରିବ ଏବଂ ଏହା ଦୁର୍ବଳ କରିଦିଏ ନାହିଁ।

କୋଭିଡ଼-୧୯

କୋଭିଡ଼-୧୯ ହେଉଛି ନୂଆ କରୋନା ଭୂତାଣୁ ରୋଗ ୨୦୧୯। ଏହି ରୋଗ କରୋନା ଭୂତାଣୁ ଦ୍ୱାରା ହୋଇଥାଏ। ଏହାକୁ ସାରସ୍ କୋଭ୍-୨ (SARS COV-2) ବୋଲି ମଧ୍ୟ କୁହାଯାଏ। ଏହା ସାରା ପୃଥିବୀକୁ ବ୍ୟାପୀ ବହୁ ଧନଜୀବନ କ୍ଷତି କରାଇଥିବାରୁ, ଏହାକୁ ବିଶ୍ୱ ମହାମାରୀର ଆଖ୍ୟା ଦିଆଯାଇଛି।

ଏହାର ଲକ୍ଷଣ

କୋଭିଡ଼-୧୯ର ମୁଖ୍ୟ ଲକ୍ଷଣ ଗୁଡ଼ିକ ହେଲା ଜ୍ୱର, କାଶ ଓ ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରିବା। ଏହା ବ୍ୟତୀତ ଅନ୍ୟାନ୍ୟ ଲକ୍ଷଣ ଯେମିତି କି ଥକ୍କାପଣ, ତରଳଝାଡ଼ା, ଗଳା ଦରଜ, ମୁଣ୍ଡବିନ୍ଧା ଇତ୍ୟାଦିକୁ ମଧ୍ୟ କୋଭିଡ୍ ଲକ୍ଷଣ ବୋଲି ସନ୍ଦେହ କରାଯାଏ।

ସଂକ୍ରମଣର ମାର୍ଗ

- ପ୍ରତ୍ୟକ୍ଷ ସଂସ୍ପର୍ଶ (ହାତରେ ହାତ ମିଶାଇବା, କୋଳାଗ୍ରତ କରିବା, ଚୁମ୍ବନ)
- ପରୋକ୍ଷ ସଂସ୍ପର୍ଶ (ସଂକ୍ରମିତ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ଜିନିଷ କିମ୍ବା ସେ ଛୁଇଁଥିବା ଜାଗାକୁ ସ୍ପର୍ଶ କଲେ)
- ବାୟୁବାହିତ (ପବନରେ ସଂକ୍ରମିତ କ୍ଷୁଦ୍ର କଣିକାର ସଂସ୍ପର୍ଶରେ ଆସିବା ଦ୍ୱାରା)

ପ୍ରତିରୋଧ ପାଇଁ ସୁରକ୍ଷିତ ଆଚରଣ

- **ହାତର ପରିଚ୍ଛନ୍ନତା:** ନିୟମିତ ଭାବେ ଅତି କମରେ ୪୦ ସେକେଣ୍ଡ ପର୍ଯ୍ୟନ୍ତ ହାତକୁ ଭଲଭାବରେ ଧୋଇବା।
- **ସାମାଜିକ ଦୂରତା:** ଦୁଇ ଜଣଙ୍କ ମଧ୍ୟରେ ଅତି କମ୍‌ରେ ୨ ମିଟର ବା ୬ ଫୁଟ ଦୂରତା ରଖିବ।
- **ଶ୍ୱାସକ୍ରିୟା ଜନିତ ସ୍ୱଚ୍ଛତା:** କାଶିବା ବା ଛିଙ୍କିବା ସମୟରେ ମୁହଁକୁ ରୁମାଲ୍ ବା କପଡ଼ାରେ ଢାଙ୍କିବା।
- **ମାସ୍କର ବ୍ୟବହାର:** ରୁମାଲ୍ ବା କପଡ଼ାରେ ମୁହଁକୁ ଢାଙ୍କିବା। ନିୟମିତ ଭାବେ ମାସ୍କ ବ୍ୟବହାର କରିବା। ମାସ୍କକୁ ନିୟମିତ ସଫା ଓ ଶୁଖିଲା ରଖିବା। କିଛିଦିନ ବ୍ୟବଧାନରେ ବ୍ୟବହୃତ ମାସ୍କକୁ ବିଶୋଧନ କରି ନଷ୍ଟ କରିବା ଓ ନୂଆ ମାସ୍କର ବ୍ୟବହାର କରିବା।

ହାତର ପରିଚ୍ଛନ୍ନତା

- ହାତକୁ ବାରମ୍ବାର ସାବୁନ୍ ପାଣିରେ ଅତି କମ୍‌ରେ ୪୦ ସେକେଣ୍ଡ ପର୍ଯ୍ୟନ୍ତ ଧୋଇବା।
- ପ୍ରତ୍ୟେକ ଥର କାଶିବା, ଛିଙ୍କିବା କିମ୍ବା ନାକ, ପାଟି ସଫା କରିବା ପରେ ହାତକୁ ଭଲଭାବରେ ଧୋଇବା।
- ୩୦ ପ୍ରତିଶତ ଆଲକହଲ୍ ଯୁକ୍ତ ସାନିଟାଇଜର ବ୍ୟବହାର କରିବା।
- ଧୋଇ ନ ଥିବା ହାତରେ ଆଖି, ପାଟି ଓ ନାକକୁ ଛୁଇଁବା ନାହିଁ।

କ'ଣ କରିବା

- ଅତ୍ୟନ୍ତ ଜରୁରୀ ନ ନ ଥିଲେ ଘରୁ ବାହାରକୁ ଯିବା ନାହିଁ।
- ସାମାଜିକ ଦୂରତା ବଜାୟ ରଖିବା।
- କାଶିବା ଓ ଛିଙ୍କିବା ସମୟରେ କହୁଣୀର ଉପର ଭାଗକୁ ମୁହଁରେ ଢାଙ୍କିବା।
- ସବୁବେଳେ ଡଷ୍ଟବିନ୍‌ର ବ୍ୟବହାର କରିବା।

କ'ଣ ନ କରିବା

- ଜନଗହଳି ଜାଗାକୁ ଯିବା ନାହିଁ।
- ଜନସାଧାରଣ ପରିହବନ ସେବାର ବ୍ୟବହାର କରିବା ନାହିଁ।
- ସର୍ବସାଧାରଣରେ ଛେପ ପକାଇବା ନାହିଁ।
- ନିଜର ମାସ୍କକୁ ଅନ୍ୟ ସହିତ ବଦଳାଇବା ନାହିଁ କିମ୍ବା ଅପରିଷ୍କାର ଜାଗାରେ ରଖିବା ନାହିଁ।

କେଉଁମାନେ ଶିଘ୍ର ସଂକ୍ରମିତ ହୋଇପାରନ୍ତି

- ବୟସ୍କ ବ୍ୟକ୍ତି, ଶିଶୁ, ଗର୍ଭବତୀ ମହିଳା
- ହୃଦ୍‌ରୋଗୀ, ମଧୁମେହ ରୋଗୀ, ଉଚ ରକ୍ତଚାପ, କିଡ୍‌ନି, କର୍କଟ ଓ ଶ୍ୱାସରୋଗୀ ମାନେ

ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ କ'ଣ କରିବା ?

- ନିଜେ ଗୃହ ସଙ୍ଗରୋଧରେ ରହିବା (ଅତି କମ୍‌ରେ ୧୪ ଦିନ)
- ପରିବାର ଲୋକଙ୍କଠାରୁ ଦୂରତା ବଜାୟ ରଖିବା।
- ଲକ୍ଷଣ ଦେଖାଗଲେ ତୁରନ୍ତ ଓଡ଼ିଶା ରାଜ୍ୟ ହେଲ୍ପ ଲାଇନ୍ ନମ୍ବର ୧୦୪ କିମ୍ବା ୧୦୭୫ରେ କଲ୍ କରି ଜଣାଇବା।
- ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଓ ନିୟମିତ ମାସ୍କ ବ୍ୟବହାର କରିବା।

ସଂକ୍ରମିତ ବ୍ୟକ୍ତି କେମିତି ରହିବେ (ଏକାକୀବାସ ସମ୍ବନ୍ଧୀୟ ମାର୍ଗଦର୍ଶିକା)

- ସଂକ୍ରମିତ ବ୍ୟକ୍ତି ପରିବାରଠାରୁ ଦୂରେଇ ଅନ୍ୟ ଏକ କୋଠରୀରେ ରହିବେ।
- ପରିବାର ଲୋକମାନେ ଅନ୍ୟ ପାଇଖାନା, ସ୍ନାନାଗାର ବ୍ୟବହାର କରିବେ।
- ସଂକ୍ରମିତ ବ୍ୟକ୍ତିଙ୍କ କୌଣସି ଜନିଷ (ବାସନକୁସନ, ଗାମୁଛା, ଚାଦର, ସାବୁନ୍ ଇତ୍ୟାଦି ଅନ୍ୟ କେହି ବ୍ୟବହାର କରିବେ ନାହିଁ / ସ୍ପର୍ଶ କରିବେ ନାହିଁ।
- ସଂକ୍ରମିତ ବ୍ୟକ୍ତି ୩ ପରସ୍ତ ମାସ୍କ ଓ ଗ୍ଲୋଭ୍ସ ବ୍ୟବହାର କରିବେ।
- ସାବୁନ୍ ଓ ପାଣିରେ ଅତି କମ୍‌ରେ ୪୦ ସେକେଣ୍ଡ ପର୍ଯ୍ୟନ୍ତ ନିୟମିତ ବ୍ୟବଧାନରେ ହାତ ଧୋଇବେ ଓ ୩୦% ଆଲକହଲ୍ ଯୁକ୍ତ ସାନିଟାଇଜର ବ୍ୟବହାର କରିବେ।
- ବାରମ୍ବାର ଗୋଟିଏ ମାସ୍କ ବ୍ୟବହାର କରିବେ ନାହିଁ। ମାସ୍କ ଫିଙ୍ଗିବା ପୂର୍ବରୁ ବ୍ଲିଚିଂରେ ବୁଡ଼ାଇ ଜନଶୂନ୍ୟ ଜାଗାରେ ଥିବା ଅଳିଆଗଦାରେ ଫିଙ୍ଗିବେ।
- ନିୟମିତ ଯୋଗ ଓ ବ୍ୟାୟାମ କରିବେ।
- ସନ୍ତୁଳିତ ଆହାର ଖାଇବେ। ଉପଯୁକ୍ତ ମାତ୍ରାରେ ପାନୀୟ ନେବେ।
- ନିଜ ସ୍ୱାସ୍ଥ୍ୟର ତଦାରଖ କରିବେ, ଅସୁବିଧା ଅନୁଭୂତ ହେଲେ ଡାକ୍ତରଙ୍କ ପରାମର୍ଶ ନେବେ।
- ଡାକ୍ତରଙ୍କ ପରାମର୍ଶ / ଲିଖିତ ଅନୁଯାୟୀ ଔଷଧ ସେବନ କରିବେ ଓ ଏକାକୀବାସର ସମସ୍ତ ନିୟମ ମାନି ଚଳିବେ।

ଭ୍ରାନ୍ତ ଧାରଣା

- ଗ୍ରୀଷ୍ମଋତୁ ଆସିଲେ କରୋନା ଭୂତାଣୁ ନଷ୍ଟ ହୋଇଯିବେ।
- ଗରମ ପାଣିରେ ଗାଧୋଇଲେ ବା ପିଇଲେ କରୋନା ହୁଏ ନାହିଁ।
- ନିମୋନିଆ ଟିକା ଦ୍ୱାରା କରୋନାରୁ ରକ୍ଷା ମିଳେ।
- ଚିକେନ୍ ଓ ମାଛ ଦ୍ୱାରା କରୋନା ସଂକ୍ରମଣ ହୁଏ।
- ଅଦା, ରସୁଣ ଅଧିକ ମାତ୍ରାରେ ସେବନ କଲେ କରୋନା ହେବ ନାହିଁ।
- ମଶା କାମୁଡ଼ିବା ଦ୍ୱାରା କୋଭିଡ୍-୧୯ ସଂକ୍ରମଣ ହୋଇପାରେ।
- କେବଳ ବୃଦ୍ଧ ବ୍ୟକ୍ତିଙ୍କୁ କରୋନା ହୋଇଥାଏ।
- ମଦ/ଆଲ୍‌କହଲ୍ ସେବନ କଲେ କରୋନା ସଂକ୍ରମଣ ହେବ ନାହିଁ।

ଚିକିତ୍ସା ଓ ନିରାକରଣ

ଯଦିଓ କରୋନା ଚିକିତ୍ସା ପାଇଁ ଏବେ ପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନାହିଁ କିନ୍ତୁ ଏହାର ପ୍ରତିଷେଧକ ଟୀକାର ଆବିଷ୍କାର ହୋଇସାରିଛି। ଆମ ଦେଶରେ ଜାନୁଆରୀ ମାସ ୧୬ ତାରିଖରୁ ଟୀକାକରଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ସ୍ୱାସ୍ଥ୍ୟକର୍ମୀ, କୋଭିଡ୍ ଯୋଦ୍ଧା ଓ ପୁଲିସ୍ କର୍ମୀ ତଥା ବରିଷ୍ଠ ନାଗରିକଙ୍କ ପାଇଁ ପର୍ଯ୍ୟାୟକ୍ରମେ ପ୍ରାଧାନ୍ୟ ଦିଆଯାଉଛି ଏବଂ ପରେ ପରେ ଦେଶର ସମସ୍ତ ନାଗରିକଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯିବାର ଯୋଜନା ରହିଛି। ଭାରତ ସରକାର ଏ ଟୀକାକୁ ସମ୍ପୂର୍ଣ୍ଣ ରୂପେ ମାଗଣାରେ ଉପଲବ୍ଧ କରାଉଛନ୍ତି। କୋ-ଭାକ୍ସିନ୍ ନାମକ ଏହି ଟୀକାର ବିଶେଷ ନକରାତ୍ମକ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ କହିଲେ ଚଳେ। ଭାରତ ବାୟୋଟେକ୍, ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥା (ICMR) ଓ ଙ୍କ ମିଳିତ ଉଦ୍ୟମରେ ଏହି ଟୀକାର ଆବିଷ୍କାର କରାଯାଇଛି।

ଜୀବିକା ସମ୍ବଳିତ କୌଶଳ

ଉଦ୍ୟାନ କୃଷୀ

ଫସଲ ଅନୁଯାୟୀ ଚାଷ ପଦ୍ଧତି

ଫସଲ	ମୁଖ୍ୟ ନିୟମ	ବିବରଣୀ
ମକା	ଭଲ ବିହନ	୧୦ ଡେସିମିଲ୍ ପାଇଁ ୭୫୦ ଗ୍ରାମ୍।
	ଧାଡି	ଗଛକୁ ଗଛ ୧୦ ଇଞ୍ଚ, ଧାଡ଼ିକୁ ଧାଡ଼ି ୨ ଫୁଟ୍।
	ଖତ ଓ ସାର	ପ୍ରତି ୧୦ ଡେସିମିଲ୍ ପାଇଁ - ମୂଳସାର :୨୦ ଟଙ୍କା କମ୍ପୋଷ୍ଟ୍ ୬ କେଜି ଡି.ଏ.ପି ଓ ୨.୫ କେଜି ଏମ୍.ଓ.ପି - ପ୍ରଥମ କୋଡାଖୋସା ପରେ : ୪ କେଜି ୟୁରିଆ - ଦ୍ୱିତୀୟ କୋଡାଖୋସା ପରେ : ୪ କେଜି ୟୁରିଆ, ୨ କେଜି ଏମ୍.ଓ.ପି - ଫୁଲ ଧରିଲାବେଳକୁ : ୨ କେଜି ୟୁରିଆ।
	ଗର୍ଭ ପାଇଁ	ପୁରୁଷ ଫୁଲ ଆସିଲାବେଳକୁ ଗଛର କାଣ୍ଡକୁ ହାଲକାରେ ବାଡେଇବା ଯେମିତି କି ଏହା ଫୁଲ ଉପରେ ପଡିବ।
	କାଣ୍ଡବିନ୍ଧା ପୋକପାଇଁ	ଫୁଲ ଧରିବା ପୂର୍ବରୁ ୧କେଜି ଫୁରାଡନ୍‌କୁ ୧୦ କେଜି ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ।
କାନ୍ଦୁଲ	ଭଲ ନିୟମ	୨୫ ଡେସିମିଲ୍ ପାଇଁ ୧କେଜି।
	ବିହନ ବିସଧନ	୧ କେଜି ବିହନ ସହିତ ୧ ଗ୍ରାମ୍ ବାଭିଷ୍ଟିନ୍।
	ରାଇଜୋବିଓମ୍ ଉପଚାର	୨୦ ଗ୍ରାମ୍ ରାଇଜୋବିଓମ୍‌କୁ ୧ କେଜୀ ବିହନ ସହିତ ଏମିତି କରି ମିଶାନ୍ତୁ ଯେମିତି କି ତାହାଉପରେ ଗୋଟିଏ ଆବରଣ ଲାଗିରହିବ।
	ଧାଡି	ସୀମିତ ଚାଷ ପାଇଁ ଗଛକୁ ଗଛ ୩ ଫୁଟ, ଧାଡ଼ିକୁ ଧାଡ଼ି ୪ ଫୁଟ, ଖାଲି କାନ୍ଦୁଲ ପାଇଁ ଗଛକୁ ଗଛ ୩ ଫୁଟ, ଧାଡ଼ିକୁ ଧାଡ଼ି ୪ ଫୁଟ।
	ଖତ ଓ ସାର	୨୫ ଡେସିମିଲ୍ ପାଇଁ ୫୦୦ କେଜି କମ୍ପୋଷ୍ଟ୍ ମୂଳ ସାର ଭାବରେ ଦେବା।
	ଅଗ ଛିଡ଼ା	ଗଛ ୪୦ ଦିନକୁ ୪୫ ଦିନ ପରେ ଗଛର ଅଗକୁ ଛିଡ଼ାନ୍ତୁ।
	ଝାଉଁଳା ପାଇଁ	ଫୁଲ ହେବାର ୧୫ ଦିନ ପୂର୍ବରୁ ୩୦ ଗ୍ରାମ୍ ସାପ୍ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ରୋଗ ପ୍ରସିସଦ	୩୦୦ ପିମ୍ଲି ନିମତେଲ ୧୫୦ ଏମେଲ୍‌କୁ ୧୫ ଲିଟର ପାଣି ହିସାବରେ ମିଶାଇ ଫୁଲ ଧରିବା ଦିନ ପୂର୍ବରୁ ବା ସିଞ୍ଚନ କରନ୍ତୁ।
	ସୋସାକ କିଟ ପାଇଁ	୬ ଗ୍ରାମ୍ ଏକତାରାକୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।

ବିନ୍	ଭଲ ବିହନ	୧୦ ଡେସିମିଲ୍ ୧ କେଜି ବିହନ।
	ବିହନ ବିଶୋଧନ	ସାଧା ପାଣିରେ ବିହନକୁ ୩ ଘଣ୍ଟା ବତୁରାଇବା ଓ ଏହାପରେ ୧ କେଜି ବିହନକୁ ୧ ଗ୍ରାମ୍ ବାଭିଷ୍ଟିନ୍‌ରେ ବିଶୋଧନ କରିବା।
	ରାଇଜୋବିଓମ୍ ଉପଚାର	୨୦ ଗ୍ରାମ୍ ରାଇଜୋବିଓମ୍‌କୁ ୧ କେଜି ବିହନ ସହିତ ଏମିତି କରି ମିଶାନ୍ତୁ ଯେମିତି କି ତାହାଉପରେ ଗୋଟିଏ ଆବରଣ ଲାଗିରହିବ।
	ଧାଡି	ମନ୍ଦାକୁ ୩ଟି ମଞ୍ଜି ଗଛକୁ ୩ ଫୁଟ ଧାଡ଼ିକୁ ଧାଡ଼ି ୩ ଫୁଟ ଗୋଟିଏ ମଞ୍ଜିକୁ ଗୋଟିଏ ମନ୍ଦା। ଗଛକୁ ଗଛ ୧୦ ଇଞ୍ଚ। ଧାଡ଼ିକୁ ଧାଡ଼ି ୩ ଫୁଟ।
	ଖତ ଓ ସାର	୧୦ ଡେସିମିଲ୍ ପାଇଁ - ମୂଳସାର ୨୦୦ କେଜି ପ୍ରଥମ କଡ଼ା କସାପରେ ୬ କେ.ଜି. ଡି.ଏ.ପି ୨ କେଜି ଏମ୍.ଓ.ପି ଫୁଲ ଧରିଲା ବେଳକୁ ୧.୫ କେଜି ଏମ୍.ଓ.ପି. ୫୦୦ ଗ୍ରାମ୍ ବୋର୍ନ୍ ପ୍ରଥମ ଫଳ ତୁଲୀ ସରିଲା ପରେ ୧.୫ କେଜି ୟୁରିଆ
	ମୂଳ ସଢ଼ା ପାଇଁ	୩୦ ଗ୍ରାମ୍‌କୁ ସାଫ୍‌କୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରିବା।
	ସୋସକ ପୋକ ପତ୍ର ମୋଚା	ଗଛ ଉଠିବା ୧୦ ଦିନ ପରେ ୬ଗ୍ରାମ୍ ଏକତାରାକୁ ୧୫ ଲିଟର୍ ପାଣି ହିସାବରେ ସିଞ୍ଚନ କରିବା।
	ଝାଉଳା ପାଇଁ	ଫୁଲ ଧରିବା ପୂର୍ବରୁ ୩୦ ଗ୍ରାମ୍ ସାଫ୍‌କୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ଯୋଉ ପୋକ ପାଇଁ ଓ ଧଳା ମାଟି ପାଇଁ	୬ ଗ୍ରାମ୍ ଏକ ତାରାକୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ମାଳ କଟା ଓ ଫଳ ଖିଆ ପୋକ ପାଇଁ	୩୦ ଏମ୍.ଏଲ୍ ରୋକେଟ୍ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ଫୁଲ ନ ଝଡିବା ପାଇଁ	ଫୁଲ ଧରିଲା ବେଳକୁ ୩୦ ଏମ୍.ଏଲ୍ ସମରସକୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
ସୋରିଷ	ଭଲ ବିହନ	୨୫ ଡେସିମେଲ୍‌କୁ ୬୦୦ ଗ୍ରାମ୍
	ଧାଡି	୪ ଇଞ୍ଚକୁ ୬ ଇଞ୍ଚ
	ବେଡ୍	ବିହନ ବୁଣିବା ପରେ ୪ଫୁଟ୍‌କୁ ୭ଫୁଟ
	ଖତ ଓ ସାର	ଫୁଲ ଧରିବାର ୧୦ଦିନ ପୂର୍ବରୁ ୬ କେଜି ୟୁରିଆ
	ପାଣି ମଡ଼ାଇବା	ଫୁଲ ଧରିବାର ୧୦ ଦିନ ପୂର୍ବରୁ
	ସୋସକ ପୋକ ପାଇଁ	୬ ଗ୍ରାମ୍ ଏକ ତାରାକୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।

ତିଳ ଏ	ଭଲ ବିହନ	୨୫ ଡେସିମିଲ୍‌କୁ ୬୦୦ ଗ୍ରାମ୍
	ଧାଡ଼ି	୪ ଇଞ୍ଚକୁ ୬ ଇଞ୍ଚ
	ବେଡ୍	ବିହନ ବୁଣିବା ପରେ ୪ଫୁଟ୍‌କୁ ୭ ଫୁଟ୍
	ଖତ ଓ ସାର	ଫୁଲ ଧରିବାର ୧୦ଦିନ ପୂର୍ବରୁ ୬ କେଜି ୟୁରିଆ
	ପାଣି ମଡାଇବା	ଫୁଲ ଧରିବାର ୧୦ଦିନ ପୂର୍ବରୁ
	ଫିମ୍ପୀଜନିତ ରୋଗ ପାଇଁ	ଫୁଲ ଧରିବା ପୂର୍ବରୁ ୩୭ ଗ୍ରାମ୍ ରିଡୋମିଲ୍‌କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରିବା।
ମଟର	ଭଲ ବିହନ	୧୦ ଡେସିମେଲ୍ ୩କେଜି ବିହନ
	ବିହନ ବିଶୋଧନ	୧୫ ଗ୍ରାମ୍ ରିଡୋମିଲ୍ ଗୋଲଡ଼ ସହ ୩ କେଜି ବିହନ
	ରାଇଜୋବିଓମ୍ ଉପଚାର	୬୦ ଗ୍ରାମ୍ ରାଇଜୋବିଓମ୍‌କୁ ୩ କେଜୀ ବିହନ ସହିତ ଏମିତି କରି ମିଶାନ୍ତୁ ଯେମିତି କି ତାହା ଉପରେ ଗୋଟିଏ ଆବରଣ ଲାଗିରହିବ ! ମିସେଲଏ ପରେ ଛାଇରେ ଶୁଖାନ୍ତୁ।
	ବେଡ୍	୪ଫୁଟ୍‌କୁ ୭ଫୁଟ୍
	ଧାଡି	୧ଫୁଟ୍‌କୁ ୧ ଫୁଟ
	ଖତ ଓ ସାର	ପ୍ରତି ୧୦ ଡେସିମିଲ୍ ପାଇଁ - ମୂଳସାର ୨୦୦ କେଜି କମ୍ପୋଷ୍ଟ, ୧କେଜି ଫୁରଦନ୍, ୮ କେଜି ଡି.ଏ.ପି ଓ ୫କେଜି ଏମ୍.ଓ.ପି.। - ପ୍ରଥମ କୋଡ଼ାଖୋସା ପରେ ୧ କେଜି ୟୁରିଆ, ୫୦୦ ଗ୍ରାମ୍ ବୋରନ୍
	ପାଉଁସିଆ ରୋଗ	୭୫ ଗ୍ରାମ୍ ସଲଫେକସ୍ (୮୦ ଡବ୍ଲୁ.ପି)କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରିବା।
	ଫଳବିନ୍ଧ ଏ	୨୦ ଗ୍ରାମ୍ କରତାପ ହିଧରୋ କ୍ଲୋରିଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରିବା।
	ପତ୍ର ସୁଡଙ୍କାରୀ ପୋକ	୨୦ ମିଲି ଏକାଲକ୍ସକୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରିବା।
	ଜଳସେଚନ	ଫୁଲ ଓ ଫଳ ଧରିବା ସମୟରେ (ଯଦି ଜମି ଶୁଖିଲା ଥାଏ)
	ଅନୁସାର	୧୦ ମିଲି ଅଗ୍ରୋମିନ୍ ଗୋଲଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ଗଛ ୩୦ ଦିନର ହେବ ଏ ପରେ ସିଞ୍ଚନ କରିବା।
ଧାନ	ଭଲ ବିହନ	୨୫ ଡେସିମିଲ୍ ପାଇଁ ୧ କେଜି।
	ବିହନ ବିଶୋଧନ	୧କେଜି ବିହନକୁ ୨ ଗ୍ରାମ୍ ବବିସଟିଂନ୍ ସହିତ ୨ ଲିଟର ପାଣିରେ ୧୨ ଘଣ୍ଟା ଭିଜାନ୍ତୁ,
	ଚାର ପାଇଁ ବେଡ୍ ପ୍ରସ୍ତୁତି	୩.୫ ଫୁଟ ୭ ଫୁଟର ୨ଟି ବେଡ୍, ୧୦୦ ଗ୍ରାମ୍ ଫରାଡିନ୍ ଓ କମ୍ପୋସଟ୍ ପ୍ରୟୋଗ କରନ୍ତୁ।
	ଛଟ ଚାରା	୧୨ରୁ ୧୫ ଦିନର
	ଧାଡି	୬ ଇଞ୍ଚକୁ ୬ ଇଞ୍ଚ, ୬ ଇଞ୍ଚକୁ ୯ ଇଞ୍ଚ, ୯ ଇଞ୍ଚକୁ ୯ ଇଞ୍ଚ
	ଜମି ଚାରିପଟେ ନାଳ	ଜମି ଚାରିପରେ ନାଳ ପ୍ରତି ୧୫ ଫୁଟରେ ନାଳ କରନ୍ତୁ।

	ଖତ ସାର	୨୫ ଡେସିମିଲ ପାଇ (ମୂଲାସର) ୫୦୦ କେଜି କମ୍ପୋସଟ୍ ୫ କେଜି ଡିଏପି ୨କେଜି ଏମ ଓ ପି ୨ କେଜି ଫୁରାଡ଼ନ, (ପିଲୋ ସର) ୫ କେଜି ୟୁରିଆ ୨ କେଜି ଏମ ଓ ପି, (ଥଡ ସର) ୪ କେଜି ୟୁରିଆ।
	ଘାସ ବଛା	ଧାନ ରୁଇବାର ପ୍ରତି ୧୦ଦିନକୁ ଥରେ କରି ୩ଥର ବାଛନ୍ତୁ।
	କାଣ୍ଡ ବିନ୍ଧା ଓ ସସକ ପୋକ ପାଇଁ	୩୦ ଏମ୍.ଏଲ୍ ମନପ୍ରଟକସ୍ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
	ମହିସ	୧୫ ଗ୍ରାମ୍ ଟ୍ରୋଇସାକ୍ଲୋଜାଲ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
	ପତ୍ର ପଡା ପାଇ	୩୦ ଏମ୍.ଏଲ୍ କାସୁରନାଇସିନ୍‌କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
କଲର ଏ	ଭଲ ବିହନ	୧୦ ଡେସିମେଲ୍ ୧୦୦ ଗ୍ରାମ୍ ବିହନ
	ବିହନ ବିଶୋଧନ	୨.୫ ଗ୍ରାମ୍ ରିଡୋମିଲ୍ ଗୋଲଡ଼କୁ ୧ ଲିଟର ପାଣିରେ ମିଶାଇ ବିହନକୁ ୨୦ ଘଣ୍ଟା ବତୁରାଇବା।
	ଧାଡି	୪ଫୁଟକୁ ୪ଫୁଟ, ୮ ଇଞ୍ଚ ଉଚ୍ଚ ଏ।
	ଖତ ଓ ସାର	ପ୍ରତି ପିଟ୍ ପ୍ରତି ୧୦ ଡେସିମିଲ୍ ପାଇଁ - ମୂଳସାର : ୫୦୦ ଗ୍ରାମ୍ କମ୍ପୋଷ୍ଟ, ୩ ଗ୍ରାମ୍ ଫୁରଆଡ଼ୋନେ - ପ୍ରଥମ କୋଡ଼ାଖୋସା ପରେ : ୨୫ ଗ୍ରାମ୍ ଡିଏପି, ୨୫ ଗ୍ରାମ୍ ମଓପି - ଦ୍ୱିତୀୟ କୋଡାଖୋସା ପରେ : ୧୦ ଗ୍ରାମ୍ ୟୁରିଆ - ଫୁଲଧରିଲା ପରେ : ୧୦ ଗ୍ରାମ୍ ୟୁରିଆ ୧୫ଦିନକୁ ଥରେ
	କୋଦଖୋସା	ଚେର ଯେପରି ନ ଉପୁଡ଼େ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
	ଅନୁସାର	୧୦ ମିଲି ଅଗ୍ରୋମିନ୍ ଗୋଲଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ଗଛ ୩୦ ଦିନର ହେବ ଏ ପରେ ସିଞ୍ଚନ କରିବା।
	ସୋସକ ପୋକ ପାଇଁ	୬ ମିଲି ଇମିଡାକ୍ଲୋପିଡ଼କୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ପତ୍ର ଓ ଫଳ ଖିଆ ପାଇଁ	୧୫୦ ଗ୍ରାମ୍ ଗୁଡ, ୩୦ ମିଲି ମଲାଥିଓଂକୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
	ନିମ୍ନମୁଖୀ ପାଉଁସିଆ ରୋଗ	୩୭ ଗ୍ରାମ୍ ରିଡୋମିଲ୍ ଗୋଲଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
କାକୁଡ଼ି	ଭଲ ବିହନ	୧୦ ଡେସିମିଲ୍ ୪୦ ଗ୍ରାମ୍ ବିହନ।
	ବିହନ ବିଶୋଧନ	୨.୫ ଗ୍ରାମ୍ ରିଡୋମିଲ୍ ଗୋଲଡ଼କୁ ୧ ଲିଟର ପାଣିରେ ମିଶାଇ ବିହନକୁ ୧୨ ଘଣ୍ଟା ବତୁରାଇବା
	ଧାଡି	୪ଫୁଟ୍‌କୁ ୪ଫୁଟ୍, ୮ ଇଞ୍ଚ ଉଚ୍ଚ ଏ।
	ଖତ ଓ ସାର	ପ୍ରତି ପିଟ୍ ପ୍ରତି ୧୦ ଡେସିମିଲ ପାଇଁ - ମୂଳସାର : ୫୦୦ ଗ୍ରାମ୍ କମ୍ପୋଷ୍ଟ, ୩ ଗ୍ରାମ ଫୁରଆଡ଼ୋନେ - ପ୍ରଥମ କୋଡାଖୋସା ପରେ : ୨୫ ଗ୍ରାମ୍ ଡିଏପି, ୨୫ ଗ୍ରାମ ମଓପି - ଦ୍ୱିତୀୟ କୋଡାଖୋସା ପରେ : ୧୦ ଗ୍ରାମ୍ ୟୁରିଆ, ୨ ଗ୍ରାମ୍ ବୋରନ୍ - ଫୁଲଧରିଲା ପରେ : ୧୦ ଗ୍ରାମ୍ ୟୁରିଆ ୧୫ଦିନକୁ ଥରେ

	କୋଦଖୋସା	ଚେର ଯେପରି ନ ଉପୁଡେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
	ଅନୁସାର	୧୦ ମିଲି ଅଗ୍ରୋମିନ୍ ଗୋଲଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ଗଛ ୩୦ ଦିନର ହେବ ଏ ପରେ ସିଞ୍ଚନ କରିବା।
	ସୋସକ ଓ ଉଂକୁନିଆ ପୋକ ପାଇଁ	୬ ମିଲି ଇମିଡାକ୍ଲୋପିଡ଼କୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ପତ୍ର ଓ ଫଳ ଖିଆ ପାଇଁ	୧୫୦ ଗ୍ରାମ୍ ଗୁଡା, ୩୦ ମିଲି ମଲାଥିଓଂକୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
	ନିମ୍ନମୁଖୀ ପାଉଁସିଆ ରୋଗ	୩୭ ଗ୍ରାମ୍ ରିଡୋମିଲ୍ ଗୋଲଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
ବନ୍ଧାକୋବି	ଭଲ ବିହନ	୧୦ ଡେସିମିଲ୍ ୧୦ ଗ୍ରାମ୍ ବିହନ।
	ବିହନ ବିଶୋଧନ	୧୦ ଗ୍ରାମ୍ ବିହନକୁ ୧ ଚିମଟା ରିଡୋମିଲ୍ ଗୋଲଡ଼
	ତଳି ବେଡ୍	୩ ଫୁଟ୍‌କୁ ୧୦ ଫୁଟ୍ ବେଡ୍ ୫୦ ଗ୍ରାମ୍ ଡିଏପି, ୫୦ ଗ୍ରାମ୍ ମଓପି, ୫୦ ଗ୍ରାମ୍ କରବୋଫୁରାନ୍ ମଞ୍ଜି ବୁଣିବାର ୧ଦିନ ପୂର୍ବରୁ ୨୫ ଗ୍ରାମ୍ ରେଡୋମିଲ୍ ଗୋଲଡ଼କୁ ୧୦ ଲିଟର ପାଣିରେ ମିଶାଇ ବେଡ୍‌କୁ ଭିଜାନ୍ତୁ। ୧୦ଦିନ ପରେ ୧୨ ଗ୍ରାମ୍ ରିଡୋମିଲ୍ ଗୋଲଡ଼କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୦ ମିଲି କ୍ଲୋରୋପୟୀରିଫସ୍‌କୁ ୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ରୋଇବାର ୧ଦିନ ପୂର୍ବରୁ ୨୦ ଗ୍ରାମ୍ ସାଫ୍‌କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
	ଜମି ପ୍ରସ୍ତୁତି	୮୦୦ ଗ୍ରାମ୍ କରବୋଫୁରାନ୍‌କୁ ୪୦୦କେଜି କମ୍ପୋଷ୍ଟ୍
	ଧାଡି	୧.୫ଫୁଟ୍‌କୁ ୧.୫ ଫୁଟ୍
	ଖତ ଓ ସାର	୧୦ ଡେସିମିଲରେ ରୋଇବାର -୧୨ ଦିନବେଳକୁ ୮ କଗ୍ ଡିଏପି, ୪ କଗ ମଓପି - ୨୫ରୁ ୩୦ ଦିନ ବେଳକୁ ୫ କେଜି ୟୁରିଆ, ୪ କେଜି ମଓପି, ୫୦୦ ଗ୍ରାମ୍ ବୋରନ୍ (୨୦), ୫୦୦ ଗ୍ରାମ୍ ହାଏ ଜିଙ୍କ - ୪୫ ଦିନ ବେଳକୁ ୧.୫ କେଜି ୟୁରିଆ - ୬୦ ଦିନ ବେଳକୁ ୧.୫ କେଜି. ୟୁରିଆ
	ପିମ୍ପୁଡ଼ି ପତ୍ର ଖିଆ ପାଇଁ	ଲାଗିବାର ୧୦ ଦିନ ପରେ ୩୦ ମିଲି କ୍ଲୋରୋପୟୀରିଫସ୍‌କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ କରନ୍ତୁ।
	ଫଳଖିଆ ପୋକ	୩୦ ମିଲି ଏକାଲକ୍ସକୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ।
	ଠିକିରୀ ପିଥିଆ ପୋକ	୨୦ ଗ୍ରାମ୍ କାର୍ଟପ୍ ହାଇଡ୍ରୋ କ୍ଲୋରିଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ।
	ମୂଳ ସଡ଼	୩୭ ଗ୍ରାମ୍ ରିଡୋମିଲ୍ ଗୋଲଡ଼ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ।
	ପତ୍ର ପୋଡ଼ା	୩୭ ଗ୍ରାମ୍ ରିଡୋମିଲ୍ ଗୋଲଡ଼ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ।

ବାଇଗଣ	ଭଲ ବିହନ	୧୦ ଡେସିମିଲ୍ ପାଇ ୫ ଗ୍ରାମ୍।
	ବିହନ ବିଶୋଧନ	୫ ଗ୍ରାମ୍ ବିହନରେ ୧ ଚିମୁଟା ରିଡମିଲ୍।
	ଚାର ପାଇଁ ବେଡ୍ ପ୍ରସ୍ତୁତି	୩ ଫୁଟକୁ ୭ଫୁଟର ବେଦରେ ୨ ଝୁଡି ଖାତା ୫୦ ଗ୍ରାମ୍ ପୁରାଡ଼ନ୍ ୩ ଗ୍ରାମ୍ ଡି.ଏ.ପି. ଓ ୩୦ ଗ୍ରାମ୍ ଏମ ଓ ପି ମିଶାଇବା।
	ବେଡ୍ ବିଶୋଧନ	ବେଡ୍ ତିଆରି କଲାବେଳେ ୨୫ଗ୍ରାମ୍ ରିଦୋମିଲ୍ ଗୋଲଡ଼କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା = ଚାରା ଉଠିବାର ୧୦ ରୁ ୧୨ ଦିନ ଭିତରେ ୧ଗ୍ରାମ ଏକ ତାରକୁ ୨.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା.... ଚାରା ଉଠିବାର ୧୫ ରୁ ୨୦ ଦିନ ଭିତରେ ୨.୫ ରିଦମିଲ୍‌କୁ ୧ ଲିଟର ପାଣି ହିସାବରେ ସିଞ୍ଚନ କରିବା..... ପିମ୍ପୁଡ଼ି ପାଇ ବେଡ୍ ଚାରିପଟେ କ୍ଲୋରଫରିପସ୍ ସିଞ୍ଚନ କରନ୍ତୁ।
	ଚାରା ବିଶୋଧନ	ଚାରା ରୁଇବା ପୁରୁବରୁ ଏହାର ଚେରକୁ ୧ ଗ୍ରାମ୍ ପ୍ଲାଣ୍ଟ ମାସିନ୍.... ୨.୫ ଗ୍ରାମ୍ ବ୍ଲୁକପର୍ ଓ ୧ ଲିଟର ପାଣିର ମିଶ୍ରଣରେ ଲଗାଇବା।
	ଧାଡି	୩ ଫୁଟ୍‌କୁ ୩ ଫୁଟ୍
	ଖାତ ଓ ସର	୧୦ ଦେସିମିଲ୍ ପାଇଁ (ମୁଲା ସର) ୨୦୦ କେଜି କମ୍ପୋସଟ୍ ଓ ୧ କେଜୀ ପୁରଡନ୍ (ପ୍ରଥମ କଡାଖସରେ....) ୮ କେଜି ଡି.ଏ.ପି ୪ ଏମ ଓ ପି (ଦ୍ୱିତିୟ କଡାଖାସା ପରେ) ୪ କେଜି ୟୁରିଆ ୨ଏମ ଓ ପି ୫୦ ରୁ ୬୦ ଦିନ ଭିତରେ ୨ କେଜି ୟୁରିଆ... ୭୫ ଦିନ ଭିତରେ ପୁଣି ୨ କେଜି ୟୁରିଆ....
	ପିମ୍ପୁଡ଼ି ପାଇ	ଗଛ ଲଗାଇବାର ୧୦ରୁ ୧୫ ଦିନ ଭିତରେ ୩୦ ଏମ ଏ ଏଲ୍ କ୍ଲୋରାଫରୀପାସ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରିବା।
	କାଣ୍ଡ ବିନ୍ଧା	୨୦ ଗ୍ରାମ୍ କାର୍ଟପ୍ ହାଇଡ୍ରୋ କ୍ଲୋରିଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ।
	ଫିମ୍ପିଜନିତ ଝାଉଳ ଓ ପତ୍ରଧାରାରୁ ବଦମିଆ ହେବା	୩୭ ଗ୍ରାମ୍ ରିଦମିଲ୍‌କୁ ୧୫ ଲିଟର ପାଣି ହିସାବରେ ମିଶି ସିଞ୍ଚନ କରନ୍ତୁ।
	ବ୍ୟାକ୍ଟେରିଆ ଜନିତ ଝାଉଁଳ ଓ ପତ୍ରରେ	୨୨ ଗ୍ରାମ୍ ପ୍ଲାଣ୍ଟ ମାଇସିନ୍ ଓ ୪୫ ବ୍ଲୁ କପର୍‌କୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ସୂତ୍ର କୁର୍ମୀ	ରୋଇବାର ୧୫ ଦିନ ଭିତରେ ୨.୫ କେଜି କର୍ବରାନ ଥ୍ରୀଜି ପକାଇବା
	ପତ୍ର ମୋଡା	୬ ମିଲି ଇମିଡାକ୍ଲୋପିଡ଼କୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ଅଣୁ ସାର	୧୦ ଏମ୍ ଏଲ୍ ଅଗ୍ର ଗୋଲଡ଼ ୧୫ ଲିଟର ପାଣି ହିସାବରେ ଗଛ ଲାଗିବାର ୧୦ ଦିନକୁ ଥରେ
	ଫୁଲ ପାଇଁ	୩୦ ଏମ୍ ଏଲ୍ ସମ ରସ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।

ଟମାଟୋ	ଭଲ ବିହନ	୧୦ ଦେସିମିଲ ପାଇ ୫ ଗ୍ରାମ୍
	ବିହନ ବିଶୋଧନ	୫ ଗ୍ରାମ୍ ବିହନରେ ୧ ଚିମୁଟା ରିଡମିଲ୍
	ଚାରା ପାଇଁ ବେଡ୍ ପ୍ରସ୍ତୁତି	୩ ଫୁଟକୁ ୭ ଫୁଟର ବେଦରେ ୨ ଝୁଡି ଖାତା ୫୦ ଗ୍ରାମ୍ ପୁରାଡ଼ନ୍ ୩ ଗ୍ରାମ ଡି ଏ ପି ଓ ୩୦ ଗ୍ରାମ୍ ଏମ ଓ ପି ମିଶାଇବା।
	ବେଡ୍ ବିଶୋଧନ	ବେଡ୍ ତିଆରି କଲାବେଳେ ୨୫ ଗ୍ରାମ୍ ରିଦୋମିଲ୍ ଗୋଲଡ଼କୁ ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା। ଚାରା ଉଠିବାର ୧୦ରୁ ୧୨ ଦିନ ଭିତରେ ୧ ଗ୍ରାମ ଏକ ଡାରକୁ ୨.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା.... ଚାରା ଉଠିବାର ୧୫ରୁ ୨୦ ଦିନ ଭିତରେ ୨.୫ ରିଦମିଲ୍‌କୁ ୧ ଲିଟର ପାଣି ହିସାବରେ ସିଞ୍ଚନ କରିବା.... ପିଞ୍ଚୁଡ଼ି ପାଇ ବେଡ୍ ଚାରିପଟେ କ୍ଲୁରଫରିପସ୍ ସିଞ୍ଚନ କରନ୍ତୁ।
	ଚାରା ବିଶୋଧନ	ଚାରା ରୁଇବା ପୁରୁବରୁ ଏହାର ଚେରକୁ ୧ଗ୍ରାମ୍ ପ୍ଲାଣ୍ଟ ମେସିନ୍.... ୨.୫ଗ୍ରାମ୍ ବ୍ଲୁକପର୍ ଓ ୧ ଲିଟର ପାଣିର ମିଶ୍ରଣରେ ଲଗାଇବା।
	ଧାଡି	୨ ଫୁଟ୍‌କୁ ୨.୫ ଫୁଟ
	ଖତ ଓ ସର	୧୦ ଦେମିସିଲ୍ ପାଇଁ (ମୁଲା ସର) ୨୦୦ କେଜୀ କମ୍ପୋସଟ୍ ଓ ୧ କେଜୀ ପୁରଡନ୍... (ପ୍ରଥମ କଡାଖସରେ).... ୮ କେଜୀ ଡି ଏ ପି ୫ ଏମ ଓ ପି (ତୃତୀୟ କଡାଖାସା ପରେ)..... ୪ କେଜୀ ୟୁରିଆ ୩ ଏମ ଓ ପି ୫୦ ରୁ ୬୦ ଦିନ ଭିତରେ ୩ କେଜି ୟୁରିଆ... ୭୫ ଦିନ ଭିତରେ ପୁଣି ୩ କେଜି ୟୁରିଆ
	ପିଞ୍ଚୁଡ଼ି ପାଇ	ଗଛ ଲଗାଇବାର ୧୦ରୁ ୧୫ ଦିନ ଭିତରେ ୩୦ ଏମ ଏ ଏଲ୍ କ୍ଲୁରାଫରୀପାସ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରିବା।
	ଫଳ ବିନ୍ଧା ପାଇଁ	୨୦ ଗ୍ରାମ୍ କାର୍ଟପ୍ ହାଇଡ୍ରୋ କ୍ଲୋରିଡ଼କୁ ୧୫ ଲିଟର ପାଣି ହିସାବରେ ମିଶାଇ ସିଞ୍ଚନ।
	ଫିମ୍ଫିଜନିତ ଝାଉଳ ଓ ପତ୍ର ଧାରାରୁ ବଦମିଆ ହେବା	୩୭ ଗ୍ରାମ୍ ରିଦମିଲ୍‌କୁ ୧୫ ଲିଟର ପାଣି ହିସାବରେ ମିଶି ସିଞ୍ଚନ କରନ୍ତୁ।
	ବ୍ୟାକ୍ଟେରିଆ ଜନିତ ଝାଉଁଳ ଓ ପତ୍ରରେ କଳା ଦାଗ ପାଇଁ	୨୨ ଗ୍ରାମ୍ ପ୍ଲାଣ୍ଟ ମାଇସିନ୍ ଓ ୪୫ ବ୍ଲୁ କପର୍‌କୁ ୧୫ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ସୂତ୍ର କୁର୍ମୀ	ରୋଇବର ୧୫ଦିନ ଭିତରେ ୨.୫ କେଜି କର୍ବରାନ ଥ୍ରୀଜି ପକାଇବା
	ପତ୍ର ମୋଡା	୬ ମିଲି ଇମିଡାକ୍ଲୋପିଡ଼କୁ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ଅଣୁ ସାର	୧୦ ଏମ୍ ଏଲ୍ ଅଗ୍ର ଗୋଲଡ଼ ୧୫ ଲିଟର ପାଣିହିସାବରେ ଗଛ ଲାଗିବାର ୧୦ ଦିନକୁ ଥରେ।
	ଫୁଲ ପାଇଁ	୩୦ ଏମ୍ ଏଲ୍ ସମ ରସ ୧୫ ଲିଟର ପାଣି ହିସାବରେ ସିଞ୍ଚନ କରନ୍ତୁ।
	ଚୂନ ପ୍ରୟୋଗ	ଫଳ ଧରିଲା ବେଳକୁ।

ବିହନ

ବିହନ କାହାକୁ କହିବା

ବିହନ ହେଉଛି ଏକ ପରିପକ୍ୱ ଡିମ୍ବାଣୁ ଯାହା ମଧ୍ୟରେ ଏକ ବାହ୍ୟ ଆବରଣ, ସଞ୍ଚିତ ଖାଦ୍ୟ ଓ ଭ୍ରୁଣ ସୁସ୍ଥ ଅବଶତଃରେ ରହିଥାଏ। ଏହା ଭବିଷ୍ୟତରେ ବଂଶ ବିସ୍ତାର କରେ। କଥାରେ ଅଛି "ବିହନ ଗୁଣେ ଫସଲ, ଯେମିତି ବୁଣିବା ସେମିତି କାଟିବା"।

ବିହନର ଗୁଣ



ବିହନର ନିମ୍ନଲିଖିତ ଗୁଣ ରହିବା ଆବଶ୍ୟକ।

- ହୃଷ୍ଟପୁଷ୍ଟ ହୋଇଥିବ
- ନିରୋଳା ହୋଇଥିବ ଓ କାଠି କୁଟା କି ଘାସ ମଞ୍ଜି ମିଶି ନଥିବ
- ସମବଂଶୀୟ ହୋଇଥିବ
- ଗଜଶକ୍ତି ଅତିକମ୍‌ରେ ୯୦% ହୋଇଥିବ
- ରୋଗ ପୋକ ନ ଥିବ
- ପାଖାପାଖି ସମାନ ଆକାରର ଓ ରଙ୍ଗର ହୋଇଥିବ

ବିହନର ଭୂମିକା

ଯେ କୌଣସି ଫସଲର ଅମଳ ପାଇଁ ବିହନ ପାଖାପାଖି ଶତକଡ଼ା ୫୦ ଭାଗ ଦାୟୀ ହୋଇଥାଏ। ଅଧିକାଂଶ ଫସଲରେ ରୋଗ ବିହନ ଦ୍ୱାରା ହିଁ ବ୍ୟାପିଥାଏ। ଏପରିକି ଧାନରେ ୮୦% ରୋଗ ବିହନ ଦ୍ୱାରାହିଁ ବ୍ୟାପିଥାଏ।

ମୋଟାମୋଟି ଭାବେ ବିହନର ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ।

- ଚାରା ହୃଷ୍ଟପୁଷ୍ଟ ହୋଇଥାଏ, ସହନଶୀଳ ଶକ୍ତି ଅଧିକ ଥାଏ।
- ଚାରା ଓ ଗଛ ରୋଗପୋକ ଦ୍ୱାରା ବେଶୀ ଆକ୍ରାନ୍ତ ହୋଇନଥାନ୍ତି।
- ଅମଳ ବଢ଼ିବାରେ ସହାୟକ ହୋଇଥାଏ।

ବିହନ କିପରି ବାଛିବା ଓ ସାଇତିବା

ଧାନକ୍ଷେତରେ ସବୁ ଧାନଗୁଡିକ ବିହନ ନୁହଁ। ସମୟ ସମୟରେ ଧାନ ଖଳା ମିଶା, କିଆରି ମିଶା ହୋଇଯାଇଥାଏ। ଅନ୍ୟ ଫସଲରେ ମଧ୍ୟ ଏହିପରି ହୋଇଥାଏ। ତେଣୁ ନିରୋଳା ବିହନ ପାଇବା ପାଇଁ ଆମକୁ ନିମ୍ନଲିଖିତ ପନ୍ଥା ଅବଲମ୍ବନ କରିବାକୁ ପଡିବ।

- ପ୍ରଥମେ କିଆରୀରେ ସୁସ୍ଥ ସବଳ ଗଛକୁ ଚିହ୍ନଟ କରିବା।
- ବିହନଗୁଡିକୁ ଗଛରେ ହିଁ ପାଚିବାକୁ ଦେବା।
- ବିହନ ପାଚିବା ପରେ ଯତ୍ନରେ ଅମଳ କରିବା।
- ବିହନ ରଖିବା ପୂର୍ବରୁ ଭଲରେ ଖରାରେ ଶୁଖାଇବା।
- ବିହନ ଶୁଖି ଥଣ୍ଡା ହେବା ପରେ ସୁତୁଲି ଅଖା, ବାଉଁଶ ଡୋଲି ବା ପୁଡୁକ / ଓଳିଆରେ ସାଇତି ରଖିବା।
- ବିହନ ବସ୍ତାକୁ / ପୁଡିଆକୁ କାନ୍ଥରୁ ଓ ମାଟିରୁ ଛାଡି ରଖିବା।

- ଆଲୋକ ଆସୁଥିବା ଓ ପବନ ଚଳାଚଳ କରୁଥିବା ଜାଗାରେ ବିହନକୁ ରଖିବା ।
- ମୂଷା ଦାଉରୁ ରକ୍ଷା କରିବା ପାଇଁ ବରକୋଳି କଣ୍ଟା, ବେଟା କଣ୍ଟା ବ୍ୟବହାର କରିପାରିବା ।
- ଉଈ ପାଇଁ ଭାଡି ଖୁଣ୍ଟରେ ଜଡ ତେଲ କିମ୍ବା ପୋଡା ମୋବିଲ ବୋଳିଲେ କାମରେ ଆସିଥାଏ ।
- ବିହନରେ ପୋକ ନ ଲାଗିବା ପାଇଁ, ବିହନକୁ ଶୁଖିଲା ବେଗୁଣିଆ ପତ୍ର କିମ୍ବା ନିମପତ୍ରରେ ମିଶାଇ ରଖିପାରିବା ।
- ଜାଲି ଜାତୀୟ ବିହନକୁ ଶୁଖିଲା ପାଉଁଶ କିମ୍ବା ଖାଇବ ତେଲ ଭଲ ଭାବରେ ଗୋଳାଇ ରଖିଲେ ପୋକ ଲାଗିବେ ନାହିଁ ।

ବିହନ ଉପଚାର (Priming)

ବିହନର ଚୋପାର ମୋଟାଇ ଅନୁସାରେ ବିହନକୁ କିଛି ସମୟ ଥଣ୍ଡା ପାଣିରେ ବତୁରାଇବା ପଦ୍ଧତିକୁ ବିହନ ଉପଚାର କୁହାଯାଏ । ଏହା କରିବା ଦ୍ୱାରା ବିହନ ଶୀଘ୍ର ଗଜା ହୁଏ ।

- ଗଜା ହୃଷ୍ଟପୁଷ୍ଟ ହୁଏ ଓ ଅଧିକ ଚେର ସୃଷ୍ଟି ହେବାଯୋଗୁ ଗଛକୁ ସୁଦୃଢ଼ କରିବା ସହିତ ଅଧିକ ପାଣି ଓ ଖାଦ୍ୟ ଯୋଗାଏ ।
- ମରୁଡି ସହିବା ଶକ୍ତି ବଢେ ।
- ଘାସ କମ ହୁଏ ।
- ୭-୧୦ ଦିନ ଆଗରୁ ଫସଲ ପାଚିଯାଏ ।
- ରୋଗ ପୋକ ସହନଶକ୍ତି ବଢେ ।

ତେଣୁ ବିହନ ଉପଚାର ଆଶାନୁରୂପ ଅମଳ ପାଇବାରେ ସହାୟକ ହୋଇଥାଏ । ବିଭିନ୍ନ ଫସଲ ଅନୁଯାୟୀ ଉପଚାର କେତେ ସମୟ କରିବା ତାହା ନିମ୍ନରେ ଦିଆଗଲା ।

ଫସଲର ନାମ	ଭିଜାଇବାର ସମୟ
ଧାନ, ଗହମ	୮ ରୁ ୧୦ ଘଣ୍ଟା
ଡାଲି ଜାତୀୟ ଫସଲ	୪ ରୁ ୫ ଘଣ୍ଟା
ଲାଉ, କଲରା, ଛଚିନ୍ଦ୍ରା, ମକା	୧୮ ରୁ ୨୫ ଘଣ୍ଟା
ଚିନାବାଦାମ, ସୋରିଷ	୨ ଘଣ୍ଟା

ବିହନ ବିଶୋଧନ

ମୁଖ୍ୟତଃ ବିହନ ଜନିତ ରୋଗଗୁଡିକର ପ୍ରତିଷେଧକ ହିସାବରେ ବିହନଗୁଡିକ ବୁଣିବା କିମ୍ବା ଚାରା ପକେଇବା ଆଗରୁ ବିହନ ବିଶୋଧନ କରିବା ଉଚିତ । ଆମେ ଉଭୟ ରାସାୟନିକ ଓ ଜୈବିକ ପଦ୍ଧତିରେ ବିହନ ବିଶୋଧନ କରିପାରିବା ।

ରାସାୟନିକ : ମୁଖ୍ୟତଃ ବିହନ ଗୁଡିକ ଫସଲ ଅନୁସାରେ ବଜାରରେ ମିଳୁଥିବା ଥିରାମ, ବାଭିଷ୍ଟିନ, ଦିଥେନ ମ-୪୫, ରେଡୋମିଲ ଦ୍ୱାରା ବିଶୋଧନ କରାଯାଏ ।

ଜୈବିକ : ଗୋମୂତ୍ର ଓ ବିଜାମୃତ ଦ୍ୱାରା ବିଶୋଧନ କରାଯାଏ । ୧ ଲିଟର ଗୋମୁତ୍ର ସହିତ ୧୦ ଲିଟର ପାଣି ମିଶାଇ ବିହନକୁ ୫ ରୁ ୧୦ ମିନିଟ ବୁଡାଇବା ପରେ ବାହାରକରି ଛାଇରେ ଶୁଖାନ୍ତୁ । ବିଜାମୃତ ବିଷୟରେ ନିମ୍ନରେ ଦିଆଗଲା ।

ବିଜାମୃତ

ଆବଶ୍ୟକ ସାମଗ୍ରୀ






୧. ଦେଶୀ ଗାଇ ପରିସ୍ରା (୫ ଲିଟର)
୨. ଦେଶୀ ଗାଇ ଗୋବର (୫ କି.ଗ୍ରା)
୩. ଧଳା ଚୁନ (୫୦ ଗ୍ରାମ)
୪. ଜଙ୍ଗଲ ମାଟି (୧ ଆଞ୍ଜୁଳା)
୫. ପାଣି (୨୦ ଲିଟର)

ପ୍ରସ୍ତୁତି ପ୍ରଣାଳୀ



୧. ଗୋଟିଏ ବଡ ପାତ୍ର ବା କୁଣ୍ଡରେ ଏସବୁକୁ ଏକତ୍ର ମିଶାଇ ପାଣିରେ ଗୋଳାଇ ୨୪ ଘଣ୍ଟା ରଖନ୍ତୁ।
୨. ଦିନକୁ ୨ ଥର ବାଡି ସାହାଯ୍ୟରେ ଘାଣ୍ଟନ୍ତୁ।
୩. ୨୪ ଘଣ୍ଟା ପରେ ବିଜାମୃତ ପ୍ରସ୍ତୁତି ହୋଇଯିବ।

ବ୍ୟବହାର ବିଧି



୧. ୨ କିଲୋଗ୍ରାମ ଧାନ ବିହନକୁ ୫୦ ରୁ ୬୦ ମିଲି ବିଜାମୃତରେ ଗୋଳାନ୍ତୁ।
୨. ୬ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଶୁଖାନ୍ତୁ।
୩. ଏବେ ମଞ୍ଜିକୁ ତଳି ପଟିରେ ପକାନ୍ତୁ।

ବ୍ୟବହାରର ଲାଭ




୧. ଲତା ଜାତୀୟ ଫସଲ କିମ୍ବା ପନିପରିବା ମଞ୍ଜିକୁ ବୁଡାଇ ସଙ୍ଗେ ସଙ୍ଗେ ଉଠାନ୍ତୁ।
୨. ୬ ରୁ ୭ ଘଣ୍ଟା ପର୍ଯ୍ୟନ୍ତ ମଂଜିକୁ ଛାଇରେ ଶୁଖାନ୍ତୁ।
୩. ଏବେ ଏହି ମଞ୍ଜିକୁ ରୋପଣ କିମ୍ବା ତଳି ପଟିରେ ପକାଇ ପାରିବେ।
୪. ଚାରା ରୋପଣ ପୂର୍ବରୁ ତଳିକୁ ଉପାଡି ଏହାର ଚେରକୁ ବିଜମୃତରେ ବିଶୋଧନ କରି ରୁଆଯାଇପାରିବ।

ଜୀବାଣୁସାର ଦ୍ୱାରା ବିହନ ଉପଚାର

ଜୀବାଣୁସାର ସାଧାରଣତଃ ୫ ପ୍ରକାରର। ଯଥା ରାଇଜୋବିୟମ, ପି.ଏସ୍.ବି ଆଜାଟୋବ୍ୟାକଟର, ଅଜୋସ୍ପୋରିଲମ ଓ ଆସିଟୋବ୍ୟାକଟର।

ମୁଖ୍ୟତଃ ଡାଲି ଜାତୀୟ ଫସଲରେ ରାଇଜୋବିୟମ ଜୀବାଣୁସାରର ବ୍ୟବହାର କରାଯାଏ। ସମୟେ ସମୟେ ରାଇଜୋବିୟମ ସହିତ ପି.ଏସ୍.ବି ମିଶାଇ ଉପଚାର କରାଯାଏ। ରାଇଜୋବିୟମ ବ୍ୟାକ୍ଟେରିଆ ବାୟୁମଣ୍ଡଳରେ ଥିବା ଯବକ୍ଷାରଜାନକୁ ମାଟିରେ ବିବନ୍ଧନରେ ସହାୟକ ହୋଇଥାଏ ଓ ପି.ଏସ୍.ବି ଦ୍ୱାରା ମାଟିରେ ଥିବା ସୁପର (ଫସଫରସ) ସାର ଗଛ ସହଜରେ ପାଇପାରିଥାଏ। ଜୀବାଣୁସାର ଦ୍ୱାରା ଉପଚାର ପାଇଁ, ପ୍ରଥମେ ୨୦୦ ଗ୍ରାମ ରାଇଜୋବିୟମ, ୨୦୦ ଗ୍ରାମ ପି.ଏସ୍.ବି ଓ ୮୦୦ ଗ୍ରାମ ପାଣିକୁ ଭଲରେ ଗୋଳାଇ ମଣ୍ଡ ପ୍ରସ୍ତୁତ କରିବା ଓ ଏହି ମଣ୍ଡକୁ ୧୦ କେଜି ବିହନ ସହିତ ଭଲଭାବେ ଗୋଳାଇ ଛାଇରେ ସୁଖାଇବା। କିଛି ସମୟ ପରେ ବିହନ ଉପରେ ଏକ କଳା ଆବରଣ ପଡିଯିବ। ଉପଚାର କରିବାର ଅଧଘଣ୍ଟା ମଧ୍ୟରେ ବିହନକୁ ବୁଣିଦେବା ଉଚିତ।

ଅନ୍ୟାନ୍ୟ ଫସଲ (ଧାନ, ଗହମ, ମକା, ମାଣ୍ଡିଆ ଆଦି) ପାଇଁ ଆଜାଟୋବ୍ୟାକଟର, ଆଜୋସ୍ପୋରିଲମ ବ୍ୟବହାର କରାଯାଏ। ଆଜାଟୋବ୍ୟାକଟର ଓ ଆଜୋସ୍ପୋରିଲମ ଯବକ୍ଷାରଜାନ ବିବନ୍ଧନ ପ୍ରକ୍ରିୟାରେ ସାହାଯ୍ୟ କରିଥାନ୍ତି। ଉପଚାର ପାଇଁ ପ୍ରଥମେ ୨୦୦ ଗ୍ରାମ ଆଜାଟୋବ୍ୟାକଟର, ୨୦୦ ଗ୍ରାମ ଆଜୋସ୍ପୋରିଲମ ଓ ୮୦୦ ଗ୍ରାମ ପାଣିକୁ ଭଲରେ ଗୋଳାଇ ମଣ୍ଡ ପ୍ରସ୍ତୁତ କରିବା ଓ ଏହି ମଣ୍ଡକୁ ୧୦ କେଜି ବିହନ ସହିତ ଭଲଭାବେ ଗୋଳାଇ ଛାଇରେ ଶୁଖାଇବା। କିଛି ସମୟ ପରେ ବିହନ ଉପରେ ଏକ କଳା ଆବରଣ ପଡିଯିବ। ଉପଚାର କରିବାର ଅଧଘଣ୍ଟା ମଧ୍ୟରେ ବିହନକୁ ବୁଣିଦେବା ଉଚିତ।





ମାଟିରେ ଜୀବାଣୁ ସାରର ପ୍ରୟୋଗ

ମାଟିରେ ଯବକ୍ଷାରଜାନ ବିବନ୍ଧନ ପାଇଁ ୪ କେଜି ଆଜାଟୋବ୍ୟାକଟର ଓ ୪ କେଜି ପିଏସବି ସହ ୫୦ କେଜି ଶଢା ଗୋବରଖତ ମିଶାଇ ୧୫ ଦିନ ଛାଇରେ ରଖିଲା ପରେ କ୍ଷେତ୍ରରେ ପ୍ରୟୋଗ କଲେ ମାଟିରେ ଗଛ ପାଇଁ ଯବକ୍ଷାରଜାନ ଓ ଫସଫରସ ସହଜରେ ମିଳିପାରିଥାଏ।

ପ୍ରାଣାମୃତ

ଆବଶ୍ୟକ ସାମଗ୍ରୀ



୧.କୁକୁଡା ଖତ (୧୫୦ କି.ଗ୍ରା.)

୨.ଶୋରିଷ ପିଡିଆ (୨୫ କି.ଗ୍ରା.)

୩.ପାଉଁସ (୫୦ କି.ଗ୍ରା.)

୪.ପାଣି (୨୦୦ ଲିଟର)

ପ୍ରସ୍ତୁତ ପ୍ରଣାଳୀ



୧. ଜମିରେ ଗାତ ଖୋଳି ଗୋଟିଏ ପ୍ଲାଷ୍ଟିକ ଜରି ବିଛାନ୍ତୁ।


୨. ଏହି ୪ଟି ସାମଗ୍ରୀକୁ ଏକତ୍ର ମିଶ୍ରଣ କରନ୍ତୁ।

୩. ଏହା ଉପରେ ଅଖା ବସ୍ତା ଘୋଡ଼େଇ ଦିଅନ୍ତୁ।

୪. ସକାଳେ ଓ ସନ୍ଧ୍ୟାବେଳେ ଦେଖିବାପାଇଁ ପଡିବ ଯେପରି ମିଶ୍ରଣରୁ ପାଣି ସୁଖିନଯାଏ, ଯଦି ସେହି ମିଶ୍ରଣରୁ ପାଣି ସୁଖିଯାଏ ତେବେ ପୁଣି ପାଣି ପକାଇ ଘାଣ୍ଟନ୍ତୁ।

୫. ୩ ଦିନ ପରେ ଭାଇରସ ଦେଖାଯିବେ, ସେହିଦିନ ହିଁ ଏହାକୁ ବ୍ୟବହାର କରିପାରିବେ।

ବ୍ୟବହାର ବିଧି ଓ ଲାଭ



୧. ଏହାକୁ ବ୍ୟବହାର କରିବା ଦ୍ୱାରା ଗଛକୁ ଜବକ୍ଷାରଜାନ, ଫସଫରସ ଓ ପଟାସ ଇତ୍ୟାଦି ମିଳିଥାଏ।

୨. ଏହାର ବ୍ୟବହାର ଫଳରେ ରାସାୟନିକ ସାରର ଦରକାର ପଡେ ନାହିଁ ଏବଂ ଏହା ମାଟିକୁ ଉର୍ବର ମଧ୍ୟ କରିଥାଏ।

୩. ପନିପରିବା ଫସଲ ଲୋଚାଖୋସା ସମୟରେ ..... କରି ପ୍ରତି ଗଛ ୫୦ରୁ ୧୦୦ ଗ୍ରାମ୍ ହିସାବରେ ଏହି ମିଶ୍ରଣକୁ ଦେଇ ମାଟି ଘୋଡାଇ ଦେବା।

୪. ଏହାକୁ ବିଳମ୍ବରେ ବ୍ୟବହାର କରିବା ପାଇଁ ଛାରରେ ..... ହେବା ପର୍ଯ୍ୟନ୍ତ ଶୁଖିଲା ରଖନ୍ତୁ।

୫. ଏହାକୁ ଏକ ଅଖା ବସ୍ତାରେ ବାନ୍ଧି ଛାଇ ଜାଗାରେ କିମ୍ବା ଥଣ୍ଡା ଜାଗାରେ ୬ ମାସ ପର୍ଯ୍ୟନ୍ତ ରଖିପାରିବା।


ଆଗ୍ନେୟାସ୍ତ୍ର (କାଣ୍ଡବିନ୍ଧା ଓ ଫଳବିନ୍ଧା)

ଆବଶ୍ୟକ ସାମଗ୍ରୀ



୧.ଗାଈ ପରିଶ୍ରା (୨୦ ଲିଟର)
୨.ଧୁଆଁ ପତ୍ର (୧ କି.ଗ୍ରା)
୩.କଞ୍ଚାଲଙ୍କା (୫୦୦ ଗ୍ରାମ୍)
୪.ରସୁଣ (୫୦୦ ଗ୍ରାମ୍)
୫.ଲିମ୍ବପତ୍ର (୫ କିଗ୍ରା)

ପ୍ରସ୍ତୁତ ପ୍ରଣାଳୀ



୧. ଧୂଆଁ ପତ୍ର, କଞ୍ଚାଲଙ୍କା, ରସୁଣ ଏବଂ ଲିମ୍ବ ପତ୍ରକୁ ଅଲଗା ଅଲଗା କରି ଛେଚନ୍ତୁ।

୨. ଗୋଟିଏ ମାଟି ହାଣ୍ଡିରେ ୨୦ ଲିଟର ଗାଈ ପରିଶ୍ରା ଢାଳି ଚୁଲିରେ ବସାନ୍ତୁ।

୩. ଏବେ ସମସ୍ତ ସାମଗ୍ରୀକୁ ହାଣ୍ଡିରେ ପକାଇ ଧୀରେ ଧୀରେ ବାଡି ସାହାଯ୍ୟରେ ଘାଣ୍ଟନ୍ତୁ।

୪. ଏବେ ନିଆଁ ଜାଳ ଦେଇ ୪ ଥର ଫୁଟାନ୍ତୁ।

୫. ଏବେ ଚୁଲିରୁ ଓହ୍ଲାଇ ୪୮ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ରଖନ୍ତୁ।

୬. ଥଣ୍ଡା ହେଲାପରେ ଏହାକୁ ଏକ କପଡ଼ାରେ ଛାଣି ପ୍ଲାଷ୍ଟିକ ବୋତଲ କିମ୍ବା କାଚ ବୋତଲରେ ୩ ରୁ ୪ ମାସ ପର୍ଯ୍ୟନ୍ତ ରଖି ବ୍ୟବହାର କରିପାରିବେ।

ବ୍ୟବହାର ବିଧି ଓ ଲାଭ



କାଣ୍ଡ ବିନ୍ଧା ଏବଂ ଫଳ ବିନ୍ଧା ପାଇଁ ୫୦ ଲିଟର ପାଣିରେ ୧.୫. ଲିଟର ଆଗ୍ନେୟାସ୍ତ୍ର ଗୋଳାଇ ସ୍ପ୍ରେ କରନ୍ତୁ।

ନିମାସ୍ତ୍ର (କିଟନାଷକ ଔଷଧ)

ଆବଶ୍ୟକ ସାମଗ୍ରୀ



୧.କଞ୍ଚା ଲିମ୍ବପତ୍ର (୫ କି.ଗ୍ରା)
୨.ଦେସୀ ଗାଈ ପରିଶ୍ରା (୫ ଲିଟର)
୩.ଦେସୀ ଗାଈ ଗୋବର (୧ କି.ଗ୍ରା)
୪.ପାଣି (୧୦୦ ଲିଟର)

ପ୍ରସ୍ତୁତି ପ୍ରଣାଳୀ, ବ୍ୟବହାର ବିଧି ଓ ଲାଭ



୧. ଲିମ୍ବ ପତ୍ରକୁ ଟୁକୁରା ଟୁକୁରା କରିଦେବା।
୨. ୧୦୦ ଲିଟର ପାଣିରେ ଗାଈ ପରିଶ୍ରା, ଗୋବର ଏବଂ ଟୁକୁରା ଲିମ୍ବପତ୍ରକୁ ଏକତ୍ର ଗୋଳେଇବା।
୩. ଏହାକୁ ଦିନକୁ ୩ଥର ଲେଖାଏଁ ବାଡିରେ ଘାଣ୍ଟିବା।
୪. ୪୮ ଘଣ୍ଟା ପରେ ଏହାକୁ ସୂତା କପଡାରେ ଛାଣି ସ୍ପ୍ରେ କରନ୍ତୁ।

ମାହୁଲାସ୍ତ୍ର (ଫିମି ଗାଈର ଗୋସ)

ଆବଶ୍ୟକ ସାମଗ୍ରୀ



ପ୍ରସ୍ତୁତି ପ୍ରଣାଳୀ



୧. ଗୋଟିଏ ମାଟି ହାଣ୍ଡିରେ ୨ ଲିଟର ଗାଈ ପରିଶ୍ରା, ୫୦୦ ଗ୍ରାମ୍ ମହୁଲ ଫୁଲ ଓ ୧୦୦ ଗ୍ରାମ୍ ଗୁଡକୁ ଏକାଠି ଢାଳି ୨୪ ଘଣ୍ଟା ରଖନ୍ତୁ।
୨. ୨୪ ଘଣ୍ଟା ରଖିଲା ପରେ ଚୁଲିରେ ବସାଇ ଗୋଟିଏ ଥର ଫୁଟାନ୍ତୁ।
୩. ଏବେ ଏହାକୁ ଏକ ସୁତା କପଡାରେ ଛାଣି ବୋତଲରେ ରଖିପାରିବେ।

ବ୍ୟବହାର ବିଧି ଓ ଲାଭ

୧. ଛୋଟ ଗଛ ପାଇଁ ୧୫ ଲିଟର ପାଣିରେ ୩୦ ରୁ ୪୦ ମିଲି ମହୁଆସ୍ତ୍ର ମିଶାଇ ସ୍ପ୍ରେ କରନ୍ତୁ।
୨. ବଡ ଗଛ ପାଇଁ ୧୫ ଲିଟର ପାଣିରେ ୫୦ ରୁ ୬୦ ମିଲି ମହୁଆସ୍ତ୍ର ମିଶାଇ ସ୍ପ୍ରେ କରନ୍ତୁ।
୩. ପ୍ରତ୍ୟେକ ୮ ରୁ ୧୦ ଦିନ ବ୍ୟବଧାନରେ ଫସଲରେ ବ୍ୟବହାର କରନ୍ତୁ।
୪. ପାଗ ପରିବର୍ତ୍ତନ ଏବଂ କୁହୁଡି ପଡିଲେ ପତ୍ରପୋଡା ରୋଗ ଦେଖାଯାଇଥାଏ, ତେଣୁ ୧୫ ଲିଟର ପାଣିରେ ୨୫୦ ମିଲି ମିଶାଇ ସ୍ପ୍ରେ କରନ୍ତୁ।

ବନ୍ୟ ଜାତ ଦ୍ରବ୍ୟ

ଅଣ କାଠ ବନ୍ୟ ଜାତ ଦ୍ରବ୍ୟ

(କାଠକୁ ଛାଡି ବନ୍ୟରୁ ମିଳୁଥିବା ସମସ୍ତ ଦ୍ରବ୍ୟ, ଯାହାକି ମନୁଷ୍ୟର ବ୍ୟବହାରରେ ଆସେ)

କ. ଗଛରୁ ମିଳୁଥିବା ଦ୍ରବ୍ୟ


- ଔଷଧୀୟ ବୃକ୍ଷ (ଅଁଳା, ବହାଡା, ହରିଡା, ଚିରେଇତା, ଭୂମି ଅଁଳା ଇତ୍ୟାଦି)
- ଅଠା, ଝୁଣା
- ସୁଗନ୍ଧୀୟ ବୃକ୍ଷ
- ବିଭିନ୍ନ ମସଲା
- ବାଉଁଶ
- ଜାଳେଣୀ କାଠ ଏବଂ କାଠ କୋଇଲା
- ଶାଳ ପତ୍ର, କେନ୍ଦୁ ପତ୍ର
- ଅନ୍ୟାନ୍ୟ ପତ୍ର ଏବଂ ଫଳ
- ମହୁଲ
- ଛତୁ
- ବିଭିନ୍ନ କୋଳି
- ସବାଇ ଘାସ

ଖ. ଜୀବଜନ୍ତୁଙ୍କଠାରୁ ମିଳୁଥିବା ଦ୍ରବ୍ୟ


- ମହୁ
- ଲାଖ
- ଟସର ସୂତା
- ବିଭିନ୍ନ ପୋକ

ରାଷ୍ଟ୍ରିୟ ବନ୍ୟ ନୀତି (୧୯୮୮) ଏବଂ ଅଣ କାଠ ବନ୍ୟ ଜାତ ଦ୍ରବ୍ୟ

- ଆଦିବାସୀ ଜନଜାତି କିମ୍ବା ଜଙ୍ଗଲର ଆଖ ପାଖରେ ରହୁଥିବା ଲୋକମାନଙ୍କ ପାଇଁ ବନ୍ୟ ଜାତ ଦ୍ରବ୍ୟ ହେଉଛି ଏକ ଜୀବିକା। ଏହି ସବୁ ଦ୍ରବ୍ୟ ଆଗାମୀ ପିଢୀ ପାଇଁ ମଧ୍ୟ ଉପଲବ୍ଧ କରାଇବା ଦରକାର। ସେଥିପାଇଁ ଏହାର ଉନ୍ନତି, ସଂରକ୍ଷଣ ଏବଂ ଉତ୍ପାଦର ବିକାଶ ହେବା ଉଚିତ।
- ଜଙ୍ଗଲ ଭିତରେ କିମ୍ବା ପାଖାପାଖିରେ ରହୁଥିବା ଲୋକମାନଙ୍କର (ମୁଖ୍ୟତ ଆଦିବାସୀ) ବାସ୍ତବିକ ବ୍ୟବହାର ପାଇଁ ଜଙ୍ଗଲ ଉପରେ ଅଧିକାର ଏବଂ ଛାଡ ଲାଗୁ କରାଯାଇଛି।
- ଘରୋଇ ବ୍ୟବହାର ପାଇଁ ଜାଳ କାଠ, ଅନ୍ୟ ଗୌଣ ବନ୍ୟ ଏବଂ ନିର୍ମାଣ କାମ କରିବା ପାଇଁ କାଠ ଉପରେ ମଧ୍ୟ ସେମାନଙ୍କର ପ୍ରଥମ ଅଧିକାର।
- ସୁରକ୍ଷା, ପୁନର୍ବାର ଉତ୍ପାଦନ ଏବଂ ସୂକ୍ଷ୍ମ ବନ୍ୟ ଦ୍ରବ୍ୟର ସଂଗ୍ରହ ସହିତ ଅନୁଷ୍ଠାନିକ ବଜାର ବନ୍ଦୋବସ୍ତ।



ବଜାର ବ୍ୟବସ୍ଥା କୁ ବୁଝିବା.....



ବନ୍ୟ ଦ୍ରବ୍ୟର ବଜାର ବନ୍ଦୋବସ୍ତର ମୂଲ୍ୟ, ସ୍ଥାନ, କାଳ, ଦ୍ରବ୍ୟ ଗୁଣ ଉପରେ ନିର୍ଭର କରେ



ପ୍ରଥମ ଉତ୍ପାଦକ : ମୁଁ ସିଧା ସଳଖ ଭାବରେ ନିଜେ ସଂଗ୍ରହ କରିଥିବା ଦ୍ରବ୍ୟକୁ ସ୍ଥାନୀୟ ବଜାର କିମ୍ବା ଏଜେନ୍ସିକୁ କମ ଦରରେ ବିକ୍ରି କଲି । ଏହା ପରେ ସେ ଦ୍ରବ୍ୟକୁ ନେଇ କେଉଁଠାରେ ଏବଂ କେତେ ଦରରେ ବିକିଲା ତାହା ମୁଁ ଜାଣେ ନାହିଁ ।



ସ୍ଥାନୀୟ ବ୍ୟବସାୟ : ମୁଁ ରାସ୍ତା କଡରୁ ଜିନିଷ କିଣିଲି । ଏହାପରେ ଜିନିଷକୁ ସଫା କଲି, ସଜେଇଲି, ଆକାର ଏବଂ ଗୁଣାତ୍ମକ ମାନ ଅନୁସାରେ ଜିନିଷକୁ ଅଲଗା ଅଲଗା କରି ସଜେଇଲି ଏବଂ ସାଇତି ରଖିଲି । ଜିନିଷର ବଜାର ଚାହିଦା ଏବଂ ଦର ବଢିଲାରୁ ଏହାକୁ ୫ ଗୁଣ ଅଧିକ ଦରରେ ବିକିଲି ।



ବେପାରୀ : ମୁଁ ପ୍ରଚୁର ପରିମାଣରେ ବିଭିନ୍ନ ଗୁଣାତ୍ମକ ବନ୍ୟ ଦ୍ରବ୍ୟ ଖୁବ ଶସ୍ତାରେ କିଣିଲି । ଭଲ ଖରାପ ଅଲଗା କଲି । ଖରାପକୁ ସ୍ଥାନୀୟ ବଜାରରେ ବିକିଲି ଏବଂ ଭଲକୁ ନେଇ ଅଲଗା ଜିନିଷ ତିଆରି କରିଦେଲି । ମୋ ଜିନିଷର ବଜାର ଦର ବିଭିନ୍ନ ପ୍ରକାରର ଏବଂ ବହୁତ ଅଧିକ ହେଲା ।



ଏକ୍ସପୋର୍ଟର : ମୁଁ ଜିନିଷକୁ ଗୋଟେ ଜାଗାରୁ ନେଇ ଅନ୍ୟ ସହରରେ ବିକ୍ରି କଲି । ମୋର ଗାଡି ଖର୍ଚ୍ଚ ଟିକେ ଲଗେଇବାକୁ ପଡିବ । କିନ୍ତୁ ତିନି ଗୁଣ ଅଧିକ ଦାମରେ ପରେ ବିକ୍ରି କଲି ।

ସେଥିପାଇଁ ଆମେ କେତେ ଲାଭ କମାଇବା, ତାହା ଆମ ଉପରେ ନିର୍ଭର କରେ ।

ବନ୍ୟ ଦ୍ରବ୍ୟ	ବ୍ୟବହାର	ଫୋଟୋ
କେନ୍ଦୁ ପତ୍ର 	ବିଡି ତିଆରି ପାଇଁ ମୂଲ୍ୟ କିଲୋ ପିଛା 30-80	
ସବାଇ ଘାଶ 	ଝାଡୁ ,ଦଉଡି	 
ଲାଖ 	ଗହଣା ,ବୈଦ୍ୟୁତିକ ଉପକରଣ ରେ ବ୍ୟବହାର କରା ଯାଏ |	 
ମହୁ 	ଖାଦ୍ୟ,ଔଷଧ, ଏବଂସୌନ୍ଦର୍ଯ	
ମହୁଲ 	ଖାଦ୍ୟ ଏବଂ ଔଷଧ	

ପଶୁ ସମ୍ପଦ

କୁକୁଡା ପାଳନ ନିମନ୍ତେ ୨୦ଟି ନିୟମିତ ଅଭ୍ୟାସ

କୁକୁଡା ପାଳନ ନିମନ୍ତେ ଆବଶ୍ୟକୀୟ ଟିପ୍‌ପଣୀ

୧. ପ୍ରତିଦିନ କୁଣ୍ଡା ବା ଚସୁକୁ ଓଲଟ୍ ପାଲଟ୍ କରିବା ।

୨. ପ୍ରତ୍ୟେକ ଚାରିଦିନ ଅନ୍ତରରେ ବାହ୍ୟ ନିରାପଦ ନିମନ୍ତେ ଫର୍ମାଲିନ୍, ବ୍ଲିଚିଂ ବା ଚୂନ ଇତ୍ୟାଦିର ବ୍ୟବହାର ଜରୁରୀ ଅଟେ ।

୩. ବର୍ଷା, ଖରା ଓ ଶୀତରୁ ରକ୍ଷା ନିମନ୍ତେ ଘାରୀ କିମ୍ବା ଘରର ଚାରିପଟେ ପର୍ଦ୍ଦା ଲଗାଇବା ଆବଶ୍ୟକ ଅଟେ ।

୪. ଆବଶ୍ୟକ ଅନୁଯାୟୀ ଘାରୀ କିମ୍ବା ଘରର ଚାରିପଟେ ଲାଗିଥିବା ପର୍ଦ୍ଦାକୁ ଉଠାଇବା ଏବଂ ପକାଇବା ଜରୁରୀ ଅଟେ ।

ଖାଦ୍ୟ ଏବଂ ପାନୀୟ ବ୍ୟବସ୍ଥା

୫. ଖାଦ୍ୟ କିମ୍ବା ଔଷଧକୁ ବନ୍ଦ ପାତ୍ରରେ ରଖିବା ନିହାତି ଜରୁରୀ ଅଟେ ।

୬. କୁକୁଡାମାନଙ୍କୁ ଖାଦ୍ୟ କିମ୍ବା ପାଣି ଦେବା ପୂର୍ବରୁ ଓ ପରେ ହାତକୁ ଭଲ ଭାବେ ଧୋଇବା ଜରୁରୀ ଅଟେ ।

୭. ପାଣି ଦେବା ପୂର୍ବରୁ ପାଣି ପାତ୍ରକୁ ଭଲ ଭାବେ ଧୋଇବା ଆବଶ୍ୟକ ।

୮. ପାଣିରେ ଠିକ୍ ପରିମାଣର ଜଳ ବିଶୋଧନ ମିଶାଇବା ଆବଶ୍ୟକ ।

୯. ଦିନକୁ ଚାରି ଥର (ସକାଳ ୫ ରୁ ୬, ମଧ୍ୟାହ୍ନ ୧୧ ରୁ ୧୨, ଅପରାହ୍ନ ୫ ରୁ ୬, ରାତି ୧୦ରୁ୧୧) ମଧ୍ୟରେ ଖାଦ୍ୟ ଏବଂ ପାଣି କୁକୁଡାଙ୍କୁ ଦେବା ଆବଶ୍ୟକ ।

ରୋଗ ଏବଂ ଟୀକାକରଣ

୧୦. ରୋଗର ଚିହ୍ନଟ ନିମନ୍ତେ ପରାମର୍ଶ ନେବା ନିହାତି ଆବଶ୍ୟକ ।

୧୧. ଆବଶ୍ୟକ ସମୟରେ ଔଷଧ ଦେବା ଜରୁରି ଅଟେ ।

୧୨. ସଠିକ୍ ଦିନରେ ଟୀକାକରଣ ଦେବା ଆବଶ୍ୟକ ।

୧୩. ଟୀକାକରଣ ପୂର୍ବଦିନଠାରୁ ପର ଦିନ ପର୍ଯ୍ୟନ୍ତ ଔଷଧ କିମ୍ବା ଜଳ ବିଶୋଧନ ବ୍ୟବହାର କରିବା ଅନୁଚିତ ।

୧୪. ଟୀକାକରଣ ସମୟରେ ଟୀକା ଓ ଟୀକା ଦେବା ପ୍ରତି ସାବଧାନ ଅବଲମ୍ବନ କରିବା ।

୧୫. ଟୀକାକୁ ଅପବ୍ୟବହାର ନ କରିବା ।

୧୬. ଟୀକାର ତାପମାତ୍ରାକୁ ବଜାୟ ରଖିବା ।

୧୭. ଟୀକା ଦେବା ସମୟରେ ନୂଆ ଡ୍ରପର ବ୍ୟବହାର କରିବା ।

୧୮. ଚିଆଁକୁ ୧୯ ବା ୨୦ଦିନ ଏବଂ ୩୩ ବା ୩୪ ଦିନରେ ଲାସୋଟା ଟୀକା ଦେବା ଜରୁରୀ ଅଟେ ।

୧୯. ଲାସୋଟା ଟୀକାକୁ ପାଣି ମଧ୍ୟରେ ମିଶାଇ ଦେବା ଆବଶ୍ୟକ ।

୨୦. ପ୍ରତ୍ୟେକ ଦଶ ଦିନ ଅନ୍ତରରେ କୁକୁଡାର ମଳକୁ ନିରିକ୍ଷଣ କରିବା ଆବଶ୍ୟକ ।

କୁକୁଡା ପାଳନରେ ହେଉଥିବା ରୋଗ ଏବଂ ପ୍ରତିକାର

ଗାଉଟ୍ :

କାରଣ :

କମ୍ ପାଣି, ଠିକରେ ବୃଡିଂ ନ ହେବା, ଖାଦ୍ୟରେ ପ୍ରୋଟିନ୍ ଭାଗ ବେଶି ରହିବା ଇତ୍ୟାଦି ।

ଲକ୍ଷଣ :



- ଚିଆଁ ଖାଇବା ଓ ପାଣି ପିଇବା କମ୍ କରିଦିଏ ।
- ଚିଆଁ ଶୁଖିଲା ଦେଖାଯାଏ
- ଚିଆଁ ପାଣି ଭଳିଆ ପତଳା ଝାଡା କରେ

ପୋଷ୍ଟ ମୋର୍ଟେମ୍ :

- ଚିଆଁକୁ ଚିରି ଦେଖିଲେ ପୁରା ଶୁଖିଲା ଦେଖାଯାଏ
- ଶରୀରର ସବୁ ଭାଗରେ ଚୁନ ଭଳି ଧଳା ପଦାର୍ଥ (ଇଉରିକ ଏସିଡ୍) ଜମା ହେଇଯାଏ ।

ପ୍ରତିକାର :

- ସଠିକ୍ ପ୍ରବନ୍ଧନ ମାଧ୍ୟମରେ ହିଁ ଏହାର ପ୍ରତିକାର ସମ୍ଭବ ଅଟେ ।

ଆସାଇଟିସ୍ :



କାରଣ :

- କୁକୁଡା ଘରେ ବାୟୁ ଚଳାଚଳ ଠିକ ସେ ନ ହବା
- କୁକୁଡା ଘରେ ଜାଗାର ଅଭାବ ଥିଲେ
- ଠିକରେ ବୃଡିଂ ନ ହେବା
- କୁକୁଡା ଘରେ ଦରକାରରୁ ଅଧିକ ଚିଆଁ ପାଳିବା
- ଅଧିକ ଥଣ୍ଡା କିମ୍ବା ଗରମ ହେଲେ
- କୁକୁଡା ଘରେ ଅଧିକ ଆମୋନିଆ ଉତ୍ପନ୍ନ ହେଲେ

ଲକ୍ଷଣ :

- କୁକୁଡା ପେଟ ଫୁଲି ଯିବା
- କୁକୁଡା ଶ୍ୱାସରୁଦ୍ଧ ହବା ଏବଂ ହଠାତ୍ ମରିଯିବା

ପୋଷ୍ଟ ମୋର୍ଟେମ୍ : କୁକୁଡାରେ ହଳଦିଆ ରଙ୍ଗର ପାଣି ଭରିଯାଏ ।

ପ୍ରତିକାର :

ସଠିକ୍ ପ୍ରବନ୍ଧନ ମାଧ୍ୟମରେ ହିଁ ଏହାର ପ୍ରତିକାର ସମ୍ଭବ ଅଟେ ।

ଇ.କୋଲାଇ :

କାରଣ :

- ପ୍ରଦୁଷିତ ପାଣି ପିଇଲେ
- କୁକୁଡା ଘରର ଭିତର ଆଉ ବାହାର ସଫା ନ ଥିଲେ
- କୁକୁଡା ଘରେ କମ୍ ଜାଗା ଥିଲେ
- ଦୂଷିତ କୁଣ୍ଡା କିମ୍ବା ଚସୁ ଯୋଗୁ, ଦୂଷିତ ଖାଦ୍ୟ ଯୋଗୁଁ
- ଅଧିକ ଥଣ୍ଡା କିମ୍ବା ଗରମ ଯୋଗୁ



ଲକ୍ଷଣ :


- ଧଳା ଚୁନ ପରି ଝାଡା ହେବା
- କୁକୁଡା ଛୋଟେଇ ଛୋଟେଇ ଚାଲିବା
- କୁକୁଡା ଶ୍ୱାସରୁଦ୍ଧ ହବା

ପୋଷ୍ଟ ମୋର୍ଟେମ୍ :

- କୁକୁଡାର ହୃଦୟ ଆଉ ଲିବର୍‌ରେ ଧଳା ଆସ୍ତରଣ ପଡିବା ।

ପ୍ରତିକାର

- ପଶୁ ଚିକିତ୍ସକ ଦ୍ୱାରା ଦିଆଯାଇଥିବା ପରାମର୍ଶ ଅନୁଯାୟୀ



ସି.ଆର.ଡି :

କାରଣ :

- କୁକୁଡା ଘରେ ଜାଗାର ଅଭାବ ଥିଲେ
- କୁକୁଡା ଘରେ ଅଧିକ ଆମୋନିଆ ଉତ୍ପନ୍ନ ହେଲେ
- ସମୟରେ ଜୀବାଣୁ ନାଶକର ପ୍ରୟୋଗ ନକରିବା, କୁକୁଡା ଘରକୁ ପରିସ୍କାର ନ ରଖିବା

ଲକ୍ଷଣ :

- କୁକୁଡାର ଓଜନ କବିଯିବା
- ନିଶ୍ୱାସ ନେଲାବେଳେ ଖର ଖର ଶବ୍ଦ ହବା
- କୁକୁଡା ଖାଦ୍ୟ ଓ ପାଣି ପିଇବା କମେଇଦିଏ
- କୁକୁଡା ଶ୍ୱାସରୁଦ୍ଧ ହବା

ପୋସ୍ଟ ମୋର୍ଟେମ୍ :

କୁକୁଡାର ବାୟୁ ଥଳିରେ ପନୀର୍ ଭଳି ପଦାର୍ଥ ଦେଖିବାକୁ ମିଳେ ଏବଂ ଶ୍ୱାସ ନଳିରେ ଗାଢ଼ ହଳଦିଆ ଦ୍ରବ ଜମା ହେଇଯାଏ ।

ପ୍ରତିକାର :

ପଶୁ ଚିକିତ୍ସକ ଦ୍ୱାରା ଦିଆଯାଇଥିବା ପରାମର୍ଶ ଅନୁଯାୟୀ

ରାନିଖେତ୍ :

କାରଣ :

- ପ୍ରଦୂଷିତ ପାଣି, ଖାଦ୍ୟ, ଟିକା ଯୋଗୁ
- ପ୍ରଦୂଷିତ ବାୟୁ ଚଳାଚଳ ଯୋଗୁ

ଲକ୍ଷଣ :

- ହଠାତ୍ ଅତ୍ୟଧିକ ମୃତ୍ୟୁଦର
- ଚିଆଁ ମୁହଁ ଉପର କରି ବସିବା, ଠିକରେ ଛିଡ଼ା ହୋଇ ନ ପାରିବା, ସବୁଜ ରଙ୍ଗର ଝାଡା ହବା
- କୁକୁଡ଼ା ଶ୍ୱାସରୁଦ୍ଧ ହବା, ଡେଣା ତଳକୁ ଝୁଲିଯିବା



ପୋଷ୍ଟ ମୋର୍ଟେମ୍ :

- କୁକୁଡାର ପ୍ରୋବେନଟିକୁଲର ଗ୍ଲାଣ୍ଡରେ ରକ୍ତ ଆସିବା
- ଅନ୍ତନାଳୀରେ ରକ୍ତ ପଡିବା

ପ୍ରତିକାର

- ସଠିକ୍ ସମୟରେ ସଠିକ୍ ଟିକାକରଣ
- କୁକୁଡା ଘର ସଫା ସୁତୁରା ରଖିବା, ଭିଟାମିନ୍ ଇ ଆଉ ସିର ପ୍ରୟୋଗ

ବାର୍ଡ଼ ଫ୍ଲୁ :

କାରଣ :

- ସଂକ୍ରାମକ ବାୟୁ ଚଳାଚଳ ଦ୍ୱାରା
- ସଂକ୍ରମିତ କୁକୁଡା ଘରୁ ଯିବା ଆସିବା କରିବାଯୋଗୁ
- ରୋଗଗ୍ରସ୍ତ କୁକୁଡା ସମ୍ପର୍କରେ ଆସିବାଯୋଗୁ
- ସଂକ୍ରମିତ ଉପକରଣର ବ୍ୟବହାର ଯୋଗୁ



ଲକ୍ଷଣ :

- ହଠାତ୍ ଅତ୍ୟଧିକ ମୃତ୍ୟୁହାର
- ନିଶ୍ୱାସ ନେଲାବେଳେ ଖର ଖର ଶବ୍ଦ ହବା
- କୁକୁଡାର ଚୁଳ ଭାଗ ଏବଂ ଗୋଡ ନୀଳ ପଡିବା
- କୁକୁଡା ଶ୍ୱାସରୁଦ୍ଧ ହବା

ପୋସ୍ଟ ମୋର୍ଟେମ୍ :

କୁକୁଡା ହୃଦୟର ଉପରିଭାଗରେ ରକ୍ତଦାଗ ଆସିବା, ଖାଦ୍ୟ ନାଳିରେ ରକ୍ତ ପଡିବା


ପ୍ରତିକାର :

ସଠିକ୍ ସମୟରେ ସଠିକ୍ ଟିକାକରଣ, ପଶୁ ଚିକିତ୍ସକ ଦ୍ୱାରା ଦିଆଯାଇଥିବା ପରାମର୍ଶ ଅନୁଯାୟୀ

କୁକୁଡ଼ା ଖାଦ୍ୟ

କୁକୁଡ଼ା ଖାଦ୍ୟରେ ବିଭିନ୍ନ ଉପାଦାନ:





କୁକୁଡ଼ାମାନେ ଛୋଟ ଗଛଲତା, ଘାସର ପତ୍ର ଖାଉଛନ୍ତି।

- କୁକୁଡ଼ାମାନଙ୍କ ପାଇଁ ମକା, ବାଜରା, ଜୁଆର (ଖେଡ଼ ଜନା), ଗହମ, ମାଣ୍ଡିଆ, ଖୁଦ ଚାଉଳ, କୁଣ୍ଡା, କାଣ୍ଡିଆ କୁଣ୍ଡା, ଚୁଡ଼ାକୁଣ୍ଡା ଇତ୍ୟାଦି ଖାଦ୍ୟଶସ୍ୟ ଖାଇବାକୁ ଦିଆଯାଏ। ଅଳ୍ପ ପାଣିରେ ଏହି ଖାଦ୍ୟପଦାର୍ଥକୁ ଚକଟି ଖାଇବାକୁ ଦିଆଯାଏ। ସୁଖିଲା ଦାନା ଘର ଭିତରେ ଦାନାପାତ୍ରରେ ଖାଇବାକୁ ଦିଆଯାଏ।
- ସୂର୍ଯ୍ୟମୁଖୀ, ଚିନାବାଦାମ, ସୋୟାବିନ୍, ରାଶି ପିଡ଼ିଆ ଗୁଣ୍ଡ ମଧ୍ୟ ବ୍ୟବହାର ହୋଇପାରେ।
- ଅଧିକ ଅଣ୍ଡା ପାଇବା ପାଇଁ, କୁକୁଡ଼ାମାନଙ୍କୁ ଶୁଖୁଆଗୁଣ୍ଡ, ଗେଣ୍ଡା ଗୁଣ୍ଡ, ଶାମୁକା ଗୁଣ୍ଡ ଓ ହାଡଗୁଣ୍ଡ ଦିଆଯିବା ଆବଶ୍ୟକ। ଅଳ୍ପ ଲୁଣ ଅତି ଆବଶ୍ୟକ।
- ଶାଳମଞ୍ଜି, କପାମଞ୍ଜି ଗୁଣ୍ଡ, ଜୁଆର ଗୁଣ୍ଡ ଇତ୍ୟାଦି ମଧ୍ୟ କୁକୁଡ଼ା ଖାଦ୍ୟରେ ବ୍ୟବହାର ହୁଏ। (ଏହାର ମିଶ୍ରଣ ଦାନାରେ ୫-୧୦ ପ୍ରତିଶତ ସୀମିତ ରଖାଯାଏ।)
- କୁକୁଡ଼ାମାନେ ମଧ୍ୟ ଘର ଅଗଣାରେ ଥିବା ଛୋଟ ଛୋଟ ଘାସ ପତ୍ରର କଅଁଳ ଅଂଶ ଖାଆନ୍ତି।
- ମୁକ୍ତ ଅଗଣା ପ୍ରଣାଳୀରେ କୁକୁଡ଼ା ରଖୁଥିଲେ, ସେମାନଙ୍କର ଖାଦ୍ୟପାଇଁ ଧଳା ଉଇ, କେଞ୍ଚୁଆ (ଜିଆ) ଉତ୍ପାଦନ କରାଇ କୁକୁଡ଼ାମାନଙ୍କୁ ଖାଇବାକୁ ଦିଆଯାଏ।

କୁକୁଡ଼ାର ଅଣ୍ଡାଦେବା ଏବଂ ଉଷୁମାଇବା



କୁକୁଡ଼ା ପାଇଁ ଖାଦ୍ୟ ଏବଂ ପାଣି ଦେବା ପାତ୍ର




କୁକୁଡ଼ା ଚିଅଁଳି ପାଇଁ ଘୁଡା
ଶିଆଳ
କୁକୁର
ବିରାଡ଼ି
ମୂଷା
ସାପ
ଚିଲ
ବନ୍ୟଜନ୍ତୁଙ୍କ ଠାରୁ କୁକୁଡ଼ାକୁ ଦୂରେଇ ରଖନ୍ତୁ
ଭ୍ରୂଣ କଥୁଆ ଅଣ୍ଡା
ମୃତ ଭ୍ରୂଣ
ସୁସ୍ଥ ଭ୍ରୂଣ

କୁକୁଡ଼ାର ଘୁମା ରୋଗ



ଛେଳି ଗୁହାଳ

ଛେଳି ଗୋଟିଏ ଯଥୁ ଯିଏକି ଯେକୌଣସି ଜଳବାୟୁ ଏବଂ ଦୌଡିବି ପରିସ୍ଥିତିରେ ନିଜକୁ ଖାପଖୁଆଇ ନେଇଥାରେ । ଆମ ଗ୍ରାମାଞ୍ଚିଳରେ ଅଧିକାଂଶ ଲୋକ ନିଜ ନିଜ ଘରେ ଛେଳି ପଟେ ଦିପଟ ବାନ୍ଧି ରଖୁଥାନ୍ତି । ତାଙ୍କ ପାଇଁ ଅଲଗା ଗୁହାଳ ନଥାଏ । ସେହି ମାଲିକ ଘାଖରେ ମାଲିକରେ ସୋଇବା ଘରେ ରହେ ଓ ଦିନବେଳେ ବାହାରେ ବନ୍ଧାଯାଏ । ଏଥିଦ୍ୱାରା ମାଲିକର ଆବଶ୍ୟକ ହେଉଥିବା ଗୁହୁଳାଳ ମୋଟା ଭାବରେ ଯଥେଷ୍ଟ ହୋଇନଥାଏ । ଏଥି ଯଥାପରି ଜଣେ ଚାଷି ଛେଳିପାଳନରିକୁ ଏକ ବ୍ୟବସାୟାତ୍ମକ ଦୃଷ୍ଟିକୋଣରୁ ଛେଳି ପାଳନ କରେ, ତାହାହେଲେ ତା'ପାଇଁ ଅଲଗା ଗୁହାଳର ଆବଶ୍ୟକତା ରହିଛି ।

ଉନ୍ନତ ଗୁହାଳ ନିମନ୍ତେ ଆବଶ୍ୟକୀୟ ସୂଚନା

ମାପ (ଗୁହାଳ ଆକାର) ଭାଡ଼ି, ଖରଚା, ଚୁନ, ଦୈନିକ ସଫାସୁତୁରା

ମାପ - ଘରର ଛାତ, ଉଚ୍ଚତା ଓ କାନ୍ଥ



- ଘରର ଛାତ ଏଲ୍‌ଡେଷ୍ଟସ୍, ଟାଇଲ କିମ୍ବା ନଡ଼ାରେ ଚରନ୍ତୁ ।
- ଘରର ଉଚ୍ଚତା ୨.୫ ରୁ ୩ ମିଟର ହେବା ଆବଶ୍ୟକ ଏବଂ ଉଭୟ ପଟକୁ ଗଡ଼ାଣିଆ '∧' ପ୍ରକାର ହେବା ଦରକାର ।
- କିମ୍ବା ଅନ୍ୟ ଘର ଏକ କାନ୍ଥରେ ଉରାଚେଇ (ଲାଘାଟି) ମାଧ୍ୟମରେ ଅପର ପାର୍ଶ୍ୱକୁ ଗଡ଼ାଣି ରହିବ । '∧'
- କାନ୍ଥଟି ଇଟାଚାନ୍ଥ କିମ୍ବା ମାଟିକାନ୍ଥ ନଚେତ୍ କାଠ ଦ୍ୱାରା ହେବ ଓ ଉଭୟରେ ମାଟି ଲିପାହେବ (ଫାଟଚିହ୍ନ ନରହିବା ଭଲି)
- ଗୁହାଳର ଆକାର ଗୋଟିଏ ଛେଳି ରହିବା ପାଇଁ ଅତିକମ୍‌ରେ '୬' ବର୍ଗଫୁଟ ଜାଗା ହେବା ଦରକାର ।

ଭାଡ଼ି (ମଞ୍ଚା)



- ଭାଡ଼ିଟି ତଳ ଠାରୁ ୨.୫ ରୁ ୩ ଫୁଟ ଉଚ୍ଚତା ହେବା ଦରକାର । ଯେପରି ଜଣେ ତଳକୁ ଯାଇ ସଫା କରିପାରିବ ।
- ଭାଡ଼ିଟି କାଠ କିମ୍ବା କାର୍ଯ୍ଯଠ ଚଟି ଦ୍ୱାରା ହେବା ଦରକାର (ନିଜ ଅଁଚଳରେ ମିଳୁଥିବା ସାମଗ୍ରୀ କାଠ, ବାଉଁଶ, ପଟା, ସଲପକାଠ)

ଗୁହାଳ ଆଗରେ କାନ୍ଥ



- ପ୍ରତ୍ୟେକ ଗୁହାଳ ଆଗରେ କାନ୍ଥ ରହିବ ।
- ଛୁଆମାନଙ୍କୁ କାନ୍ଥରେ ରଖି ଜାଳପତ୍ର ଦିଆଯିବ, ଯଦ୍ୱାରା ବି ବିଲୁଆ କୁକୁର ଆକ୍ରମଣ ଦ୍ୱାରା ରକ୍ଷା ପାଇବେ ।
- ପ୍ରତିଦିନ ସକାଳୁ ଗୁହାଳରୁ ଛେଳିଗୁଡ଼ିକୁ କାହାର କରି କାନ୍ଥରେ ରଖାଯିବ ଯଦ୍ୱାରା ବି ଗୁହାଳ ଅଧିକ ଅପରିଷ୍କାର ହେବ ନାହିଁ।
- ଟିକାକରଣ ଓ କୃମିନାଶକ କରିବା ସମୟରେ କାନ୍ଥ ମଧ୍ୟରେ ଛେଳିମାନଙ୍କୁ ଉଷ୍ଣତା ଦ୍ୱାରା କମ୍ ସମୟରେ ଉପଚାର ଦିଆଯାଇ ପାରିବ ।
- କାନ୍ଥ ମଧ୍ୟରେ ଗୋଟିଏ କୋଣରେ ଉଚ୍ଚା କିମ୍ବା ସିମେଣ୍ଟ କୁଣ୍ଡଟିଏ ଉଷ୍ଣ ଦୈନିକ ସଫା ପାଣି ପିଇବାକୁ ଦେବ ।

ଭାଡ଼ିର ଉପକାରିତା

- ବର୍ଷା, ଶିତ ଓ ଖରାଦିନକୁ ଅନୁସାରେ ଛେଳିଟି ସୁସ୍ଥ ଓ ସୁବିଧାରେ ରହିପାରେ ।
- ଛେଳିର ମଳ, ମୂତ୍ର ସୁବିଧାରେ ତଳକୁ ନିଷ୍କାସନ ହୋଇଯାଏ ଯାହାକି ଛେଳି ଦେହ ଅପରିଷ୍କାର ନହୋଇ ରୋଗମୁକ୍ତ ହୋଇଥାଏ।
- ଛେଳିଟି ଖାତିରେ ଗାତୁରେ ବିଶ୍ରାମ ନେଇଥାଏ ।
- ରୋଗି ଓ ଦୁର୍ବଳ ଛେଳିକୁ ଆଶ୍ରୟ ଦେଇଥାଏ ଓ ଛେଳି ପାଳନକୁ ସହଜ ଏବଂ ସରଳ କରେ ।

ଛେଳି ଖାଦ୍ୟ

ଶୁଖିଲା



ଶୁଖିଲାପତ୍ର

- ଛେଳି ଖାଇଥିବା ଭଳି ସବୁପ୍ରକାର କଞ୍ଚାପତ୍ର ସଂଗ୍ରହକରି ଶୁଖାଇ ରଖିବା ।
- ଚିମିରି ପତ୍ର, ପଣସ ପତ୍ର, ପିପଳପତ୍ର, କାହୁଲ, ମଜା, କଣ୍ଢା ଜାତୀୟ ପତ୍ର ଇତ୍ୟାଦି ..... ।
- ସବୁପ୍ରକାର ଡାଲିଜାତୀୟ ଗୋଧା ଯଥା :- କାହୁଲ ଗୋଧା, ବିରଗୋଧା, ହରଡ଼, ମୁଗଗୋଧା, କୋଳଥ ଗୋଧା ଇତ୍ୟାଦି ..... ।
- ଏହିସବୁ ପତ୍ରକୁ ବର୍ଷାଦିନେ ଗର୍ଭବତୀ ଓ କ୍ଷୀର ଖୁଆଉଥିବା ଛେଳିମାନଙ୍କୁ ଦେଇହେବ । ଖରାଦିନ ଖାଦ୍ୟାଭାବ ସମୟରେ ଏହି ଜାଳପତ୍ର ଦେଲେ ଛେଳିର ସ୍ୱାସ୍ଥ୍ୟ ଭଲ ରହେ ।




ଦାନା

ଦାନାଜାତୀୟ ଖାଦ୍ୟ

- ମକା
- ବାଜରା
- ଗହମ
- ଗହମ ଚୋକଡ଼
- ଯଅ
- କୁଣ୍ଡା
- ବାବମା ପିଚ୍ଚିଆ
- ରାଶି ପିଚ୍ଚିଆ
- ଖୋରିଶ ପିଚ୍ଚିଆ
- ଡାଲିଜାତୀୟ ଖାଦ୍ୟ (ବିରିବୁନି, କାହୁଲ, କୋଳଥବୁନି)
- ବଜାରି ଖାଦ୍ୟ



କଞ୍ଚା



କଞ୍ଚା ଜାଳ ପତ୍ର (ଚତୁର୍ଥଜାତୀୟ ଖାଦ୍ୟ)

- ପୁବାକୁଲ ପତ୍ର
- ପ୍ଲୁରିସିଡ଼ିଆ ପତ୍ର
- ସିମାଇରାଁ ପତ୍ର
- ମଜା ପତ୍ର
- ପିପଳ ପତ୍ର
- ଚିମିରି ପତ୍ର
- ଜଙ୍ଗଲି କୋଳି ପତ୍ର
- ପଣସ ପତ୍ର
- ମୂଳା ପତ୍ର
- ଶୁଖୁଆ ପତ୍ର
- ଅନ୍ୟାନ୍ୟ ଉପଯୋଗୀୟ ପତ୍ର
- ଅଁଳାପତ୍ର ଇତ୍ୟାଦି

ଘାସ



- ନାପିୟର
- ଷ୍ଟାଇଲୋ
- ଦାସ, ମୁନଥାସ
- ଆଜୋଲା
- ଗିନି, ପାରାଘାସ

ଖଣିଜ ଲବଣର ଉପକାରିତା

- କ୍ଷୀର ବଢାଇବାରେ ସାହାଯ୍ୟ କରେ।
- ପ୍ରଜନନକୁ ନିୟମିତ କରାଏ।
- ଦେହକୁ ଚିକଣ କରେ।
- ଶୁଖିଲା ଚାରାକୁ ହଜମ କରିବାରେ ସାହାଯ୍ୟ କରେ।
- ଛେଳି ଖତରେ ୟୁରିଆର ପରିମାଣ ବଢାଏ।
- ଛେଳିକୁ ମୂତ୍ର ନ ପିଇବାରେ ସାହାଯ୍ୟ କରେ।

ମିନେରାଲ ମିକ୍ଚର ବ୍ଲକ୍	କଳା ଲୁଣ	ୟୁରିଆ ମୋଲାସେସ୍ ବ୍ଲକ୍
		
କାହାକୁ ଦେବା	କାହାକୁ ଦେବା	କାହାକୁ ଦେବା
ଗର୍ଭ ତଥା ଗର୍ଭପାତ (ବାରମ୍ବାର ବା ପ୍ରଥମ ଦୁଇ ରୁ ତିନି ମାସ) ହେଉଥିବା ଛେଳି କ୍ଷୀର ଦେଉଥିବା ଛେଳି ହଠାତ୍ କମ୍ ପ୍ରଜନନ କରୁଥିବା ଛେଳି	କମ୍ ଚରୁଥିବା ଛେଳି ବାରମ୍ବାର ହଜମ ନ ହେଉଥିବା ଛେଳି କ୍ଷୀର ଦେଉଥିବା ଛେଳି	ଗହମ ଚୋକଡ ଖାଉଥିବା ଛେଳି (କମ୍ ସବୁଜ ଚାରା ମିଳିବା ସମୟରେ)

ଛେଳି ମଡକ ବା ପି.ପି.ଆର୍. ରୋଗ

- ଏହା ଏକ ଭୂତାଣୁ ଜନିତ ସଂକ୍ରାମକ ରୋଗ।
- ସବୁ ବୟସର ଛେଳି-ମେଣ୍ଢା ଆକ୍ରାନ୍ତ ହୁଅନ୍ତି। ମାତ୍ର ଛେଳିଙ୍କ ଆକ୍ରାନ୍ତ ହାର ବହୁତ ବେଶୀ।
- ଭୂତାଣୁ ଆକ୍ରାନ୍ତ ପଶୁର ଆଖି, ନାକ, ପାଟିରୁ ବାହାରୁଥିବା ଲାଳ ଏବଂ ଝାଡାରେ ନିର୍ଗତ ହୁଅନ୍ତି।
- ରୋଗୀର ଛିଙ୍କ ଓ କଫ ଦ୍ୱାରା ସୁସ୍ଥ ପଶୁଙ୍କ ଶରୀରରେ ଭୂତାଣୁ ପ୍ରବେଶ କରେ।
- ମୃତ୍ୟୁ ହାର ୭୦-୯୦%।






ଲକ୍ଷଣ :


- ୨-୫ ଦିନ ପର୍ଯ୍ୟନ୍ତ ୪୦-୪୧.୫° ସେଣ୍ଟିଗ୍ରେଡ ଜ୍ୱର ରହେ।
- ଜ୍ୱର ହେବାର ୨-୩ ଦିନ ପରେ ପାଟିରେ ଘା' ହୁଏ।
- ନାକ ଓ ପାଟିର ତରଳ ଲାଳ ଅନବରତ ବୁହେ ଓ କ୍ରମେ ମୋଟା ସିଂଘାଣି ଓ ନେଞ୍ଜରାରେ ପରିଣତ ହୋଇ ନାକ ଓ ଆଖିରେ ଲାଗି ରହେ।
- ନିଃଶ୍ୱାସ-ପ୍ରଶ୍ୱାସରେ ବାଧା ସୃଷ୍ଟି ସହ କାଶ ହୁଏ।
- ଆଖି ଲାଲ ହୁଏ। ନାକ ପୁଡା ଓ ଯୋନି ଦ୍ୱାର ମଧ୍ୟ ଲାଲ ଦେଖାଯାଏ।

ଚିକିତ୍ସା ଓ ପ୍ରତିଷେଧକ :

- ଫଳପ୍ରଦ ଚିକିତ୍ସା ପଦ୍ଧତି ନାହିଁ।
- ଆନୁସଙ୍ଗିକ ଉପସର୍ଗ ଅନୁସାରେ ଆଣ୍ଟିବାୟୋଟିକ୍ ଏବଂ ଅନ୍ୟାନ୍ୟ ଔଷଧ ଦ୍ୱାରା ଚିକିତ୍ସା କରାଯାଏ।
- ପ୍ରତିଷେଧକ ଟିକା ଦେବାର ବ୍ୟବସ୍ଥା କରାନ୍ତୁ।
- ଏହି ଟୀକା ଅନ୍ୟୂନ ୩ ବର୍ଷ ପର୍ଯ୍ୟନ୍ତ ରୋଗ ଦାଉରୁ ରକ୍ଷା କରେ।


ସାବଧାନତା :

ହାଟରୁ ରୋଗୀଣା ଛେଳି କିଣି ସୁସ୍ଥ ପଶୁଙ୍କ ସହ ଏକତ୍ର ରଖନ୍ତୁ ନାହିଁ। ଆକ୍ରାନ୍ତ ପଶୁମାନଙ୍କୁ ଅଲଗା ରଖନ୍ତୁ। ଲାଳ, ପରିସ୍ରା ଓ ଝାଡା ଆଦି ପୋତି ଦିଅନ୍ତୁ। ତୁରନ୍ତ ନିକଟସ୍ଥ ପଶୁ ଚିକିତ୍ସା କେନ୍ଦ୍ରରେ ଖବର ଦିଅନ୍ତୁ।


କୃମିର ଜୀବନ ଚକ୍ର
ଲାର୍ଭା ବୟସ୍କ ହୋଇ ଛେଳିର ପେଟ ଭିତରେ ରହି ଶିଘ୍ର ବଢେ ପୁଣି ଅଣ୍ଡା ଦେଇ ବଂଶ ବିସ୍ତାର କରନ୍ତି
ଅନ୍ୟ ଛେଳି ସେହି ଘାସ ଖାଇବା ଦ୍ୱାରା ଲାର୍ଭାମାନେ ତା' ପେଟକୁ ଚାଲିଯାଆନ୍ତି
ବୟସ୍କ କୃମି ଅଣ୍ଡା ଦିଅନ୍ତି ଯାହାକି ଲେଣ୍ଡି ସହିତ ମିଶି ବାହାରେ ପଡେ
ଲାର୍ଭା ଘାସର ଉପର ଭାଗରେ ଲାଗିରହେ
ଅଣ୍ଡାରୁ ଲାର୍ଭା ତିଆରି ହୁଏ
ଲାର୍ଭା ଶାମୁକା ଦେହରେ ରହି ପରବର୍ତ୍ତୀ ସ୍ଥିତିକୁ ପରିବର୍ତ୍ତନ ହୁଏ
ଲାର୍ଭା ଶାମୁକା ଦେହରୁ ବାହାରି ଘାସରେ ରୁହେ


ଛେଳି ଦେହରେ କୃମିର ପ୍ରଭାବ
ରକ୍ତ ହୀନତା ସାରଣୀ
ଲୋମ ଝଡ଼ିବା

ଛୁଆ ଜନ୍ମ ପରେ ମା ଓ ଛୁଆର ଯତ୍ନ



ବ୍ୟାଙ୍କ କ'ଣ

ବ୍ୟାଙ୍କ, ଭାରତୀୟ ରିଜର୍ଭ ବ୍ୟାଙ୍କ ଅନୁମୋଦିତ ଏକ ଆର୍ଥିକ ଅନୁଷ୍ଠାନ, ଯାହା ଲୋକଙ୍କଠାରୁ ଜମା ସଂଗ୍ରହ କରେ । ଏହି ସଂଗୃହୀତ ଅର୍ଥରୁ ଦରକାର କରୁଥିବା ଲୋକଙ୍କୁ ଋଣ ପ୍ରଦାନ କରେ । ଜମା ରାଶି ଉପରେ ଏହା ସୁଧ ପ୍ରଦାନ କରେ ଏବଂ ଋଣ ରାଶି ଉପରେ ସୁଧ ଆଦାୟ କରେ । ଏତଦ୍‌ଭିନ୍ନ ଅନ୍ୟାନ୍ୟ ଆର୍ଥିକ ସେବା ଯଥା ଅର୍ଥ ପ୍ରେରଣ, ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ, କାଗଜପତ୍ର ନିରାପଦରେ ରଖିବା ଇତ୍ୟାଦି କାର୍ଯ୍ୟ ମଧ୍ୟ ବ୍ୟାଙ୍କ ମାଧ୍ୟମରେ ହୋଇଥାଏ ।

ଜଣେ ଗ୍ରାମ୍ୟ ମହାଜନ ଓ ବ୍ୟାଙ୍କ ଭିତରେ ମୁଖ୍ୟ ପ୍ରଭେଦ ହେଲା ମହାଜନ ନିଜ ଅର୍ଥରୁ ଋଣ ପ୍ରଦାନ କରେ କିନ୍ତୁ ବ୍ୟାଙ୍କ ମୁଖ୍ୟତଃ ସର୍ବସାଧାରଣଙ୍କର ସଞ୍ଚିତ ଅର୍ଥକୁ ଋଣ ଆକାରରେ ପ୍ରଦାନ କରେ ।

ଭାରତରେ ବ୍ୟାଙ୍କର ପ୍ରକାରଭେଦ ?

୧୯୬୯ରେ ପ୍ରଥମ ପର୍ଯ୍ୟାୟରେ ଏବଂ ୧୯୮୦ରେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଙ୍କ ଜାତୀୟକରଣ ହେଲା ଏବଂ ଭାରତୀୟ ବ୍ୟାଙ୍କମାନଙ୍କର ବିଭିନ୍ନ ପ୍ରକାରଭେଦ ସୃଷ୍ଟି ହେଲା ।

ସରକାର କ୍ଷେତ୍ର ବ୍ୟାଙ୍କ (Public Sector Bank)

ଏହି ବ୍ୟାଙ୍କଗୁଡ଼ିକ ବ୍ୟାଙ୍କ ଜାତୀୟକରଣ ଦ୍ୱାରା ସୃଷ୍ଟି ହୋଇଛି । ଏହା ଭାରତ ସରକାରଙ୍କର ମୁଖ୍ୟ ମାଲିକାନାରେ ଏବଂ ପ୍ରତ୍ୟକ୍ଷ ପରିଚାଳନାରେ କାର୍ଯ୍ୟ କରୁଛି । ଏଗୁଡ଼ିକ ହେଲା –

୧. ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ଏହାର ସହଯୋଗୀ ବ୍ୟାଙ୍କ
୨. ଆହ୍ଲାହାବାଦ ବ୍ୟାଙ୍କ
୩. ଆନ୍ଧ୍ରା ବ୍ୟାଙ୍କ
୪. ବ୍ୟାଙ୍କ ଅଫ୍ ଇଣ୍ଡିଆ
୫. ବ୍ୟାଙ୍କ ଅଫ୍ ବରୋଦା
୬. ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
୭. କାନାରା ବ୍ୟାଙ୍କ
୮. ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ
୯. କର୍ପୋରେସନ୍ ବ୍ୟାଙ୍କ
୧୦. ଦେନା ବ୍ୟାଙ୍କ
୧୧. ଆଇ.ଡି.ବି.ଆଇ. ବ୍ୟାଙ୍କ
୧୨. ଇଣ୍ଡିଆନ୍ ବ୍ୟାଙ୍କ
୧୩. ଇଣ୍ଡିଆନ୍ ଓଭରସିଜ ବ୍ୟାଙ୍କ
୧୪. ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସ
୧୫. ପଞ୍ଜାବ ନେସନାଲ ବ୍ୟାଙ୍କ
୧୬. ପଞ୍ଜାବ ଏଣ୍ଡ ସିନ୍ଧ ବ୍ୟାଙ୍କ
୧୭. ସିଣ୍ଡିକେଟ ବ୍ୟାଙ୍କ
୧୮. ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
୧୯. ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ
୨୦. ୟୁକୋ ବ୍ୟାଙ୍କ
୨୧. ବିଜୟା ବ୍ୟାଙ୍କ

ବେସରକାରୀ ବ୍ୟାଙ୍କ (Private Sector Bank)

ଏମାନେ ବେସରକାରୀ ଲୋକ ବା ସଂସ୍ଥାର ମାଲିକାନାରେ ଓ ପରିଚାଳନାରେ କାର୍ଯ୍ୟ କରନ୍ତି। ଏହା ଦୁଇପ୍ରକାରର - (୧) ଭାରତରେ ପଞ୍ଜିକୃତ ବ୍ୟାଙ୍କ : କରୁର ବୈଶ୍ୟ ବ୍ୟାଙ୍କ, ଆଇ.ସି.ଆଇ.ସି.ଆଇ ବ୍ୟାଙ୍କ, ଏକ୍ସିସ ବ୍ୟାଙ୍କ ଇତ୍ୟାଦି। (୨) ଭାରତ ବାହାରେ ପଞ୍ଜିକୃତ ବ୍ୟାଙ୍କ : ଗ୍ରୀଣ୍ଡଲେଜ୍ ବ୍ୟାଙ୍କ, ସିଟି ବ୍ୟାଙ୍କ, ଏବିଏନ୍ ଏମ୍ରୋ ଇତ୍ୟାଦି।

ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ (Regional Rural Bank) : ଏମାନେ ମୁଖ୍ୟତଃ ଗ୍ରାମାଞ୍ଚଳରେ, ଭାରତ ସରକାର, ରାଜ୍ୟ ସରକାର ଓ ପୃଷ୍ଠପୋଷକ (sponsoring) ବ୍ୟାଙ୍କର ମିଳିତ ମାଲିକାନାରେ କାର୍ଯ୍ୟ କରନ୍ତି। ପୃଷ୍ଠପୋଷକ ବ୍ୟାଙ୍କ ଏହା ସରକାରୀ କ୍ଷେତ୍ର ବ୍ୟାଙ୍କ। ବର୍ତ୍ତମାନ ଓଡ଼ିଶାରେ ଦୁଇଟି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ କାର୍ଯ୍ୟ କରୁଅଛି।

୧) ଉତ୍କଳ ଗ୍ରାମୀଣ ବ୍ୟାଙ୍କ ୨) ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

ସମବାୟ ବ୍ୟାଙ୍କ : (Co-operative Bank) : ଏମାନେ ସମବାୟ ସଂସ୍ଥା ଜରିଆରେ କାର୍ଯ୍ୟ କରନ୍ତି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କମାନଙ୍କର କାର୍ଯ୍ୟରେ ସହାୟତା କରନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) : ଏହା ସମସ୍ତ ବାଣିଜ୍ୟିକ ବ୍ୟାଙ୍କକୁ ନିୟନ୍ତ୍ରଣ କରନ୍ତି ଓ ଦିଗ୍‌ଦର୍ଶନ ଦେଇଥାଆନ୍ତି। ଏହା ଭାରତର ସମସ୍ତ ବ୍ୟାଙ୍କର ନିୟନ୍ତ୍ରକ ଅଟେ।

ରାଷ୍ଟ୍ରୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (NABARD) : ଏହା ଭାରତର ଗ୍ରାମାଞ୍ଚଳ ବିକାଶ ଓ ବୃଦ୍ଧି ପାଇଁ ଭାରତ ସରକାରଙ୍କ ମାଲିକାନାରେ ପରିଚାଳିତ ବ୍ୟାଙ୍କ।

ବ୍ୟାଙ୍କ ଆମଠାରୁ କେତେ ନିକଟତର ?

ଆମେ ଭାବୁଥିବୁ ଏତେ ଦୂରରେ ବ୍ୟାଙ୍କ, ନିକିମା ହୋଇ ଆମେ କାହିଁକି ସେତେ ଦୂରକୁ ଯିବୁ। ବ୍ୟାଙ୍କକୁ ଆମେ ନ ଗଲେ ବ୍ୟାଙ୍କ ଆମ ପାଖକୁ ଯିବ। ଭାରତ ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ଗ୍ରାମ, ପ୍ରତ୍ୟେକ ଘରକୁ ବ୍ୟାଙ୍କ ସେବା ତାଙ୍କ ଦ୍ୱାରଦେଶରେ ଯୋଗାଇ ଦିଆଯିବ। ପ୍ରତ୍ୟେକ ଗ୍ରାମ ଯେଉଁଠି କୌଣସି ବ୍ୟାଙ୍କ ନାହିଁ ସେଠି କୌଣସି ନାଁ କୌଣସି ବ୍ୟାଙ୍କର ଜଣେ ବ୍ୟବସାୟୀକ ସହଯୋଗୀ (Business correspondent) ରହିବେ ତାଙ୍କୁ BCA ବା CSP କୁହାଯାଏ। ସେମାନେ ଗୋଟାଏ ମେସିନ୍ ଧରିଥିବେ ତା ନାଁ POS machine ଭାନୁମତିର ପେଡ଼ି। ତା ଛଡ଼ା ଲାପଟପ୍ ଓ କ୍ୟାମେରା ଦ୍ୱାରା ସେ ଲୋକଙ୍କର ବ୍ୟାଙ୍କ ଖାତା ଖୋଲିପାରିବେ ଓ ନଗଦ ଟଙ୍କା ନେଣଦେଣ କରିପାରିବେ। ଅର୍ଥ ପ୍ରେରଣ କରିପାରିବେ, ଏପରିକି ଲୋକଙ୍କର ଋଣ ଦରଖାସ୍ତ ବ୍ୟାଙ୍କକୁ ପଠାଇ ଋଣ ମଞ୍ଜୁରୀ କରାଇ ପାରିବେ। (ଏଠି ଆବଶ୍ୟକ ପଡ଼ିଲେ ଓ ସୁବିଧା ଥିଲେ BCA କୁ introduce କରିପାରିବେ)। ଏହି ସୁବିଧା ଧିରେ ଧିରେ ସମସ୍ତ ଗ୍ରାମକୁ ଯୋଗାଇ ଦେବାକୁ ବ୍ୟାଙ୍କମାନେ ଆୟୋଜନ କରୁଅଛନ୍ତି। ଯେ ପର୍ଯ୍ୟନ୍ତ କୌଣସି ଗ୍ରାମରେ ଏହି ସୁବିଧା ଉପଲବ୍ଧ ହୋଇପାରୁନାହିଁ, ସେମାନେ ନିକଟସ୍ଥ ବ୍ୟାଙ୍କକୁ ଯାଇ ନେଣଦେଣ କରିପାରିବେ।

ବ୍ୟାଙ୍କରେ ମିଳୁଥିବା ଆର୍ଥିକ ସେବା

ବ୍ୟାଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ପ୍ରକାରର ସଞ୍ଚୟ ଯୋଜନା କ'ଣ ?

ସବୁ ବ୍ୟାଙ୍କର ସଞ୍ଚୟ ଯୋଜନା ପ୍ରାୟ ଏକାପରି କାରଣ ଏସବୁ RBI ଦ୍ୱାରା ଅନୁମୋଦିତ। ଯେତେ ଯୋଜନା ସବୁ ଆମମାନଙ୍କର ଆବଶ୍ୟକତାକୁ ନେଇ। ସଞ୍ଚୟ କରିବା ପାଇଁ ଆମ ପାଖରେ ଯେଉଁ ଅର୍ଥ ଅଛି ତାକୁ ଆମେ ବିଭାଜନ କରିବା।

(୧) ନିକଟରେ ଆବଶ୍ୟକ ଅର୍ଥ। (୨) ନିକଟ ଭବିଷ୍ୟତରେ ଦରକାର ପଡୁ ନ ଥିବା ଅର୍ଥ।

(୧) ନିକଟରେ ଆବଶ୍ୟକ ଅର୍ଥ – ଯେଉଁ ଅର୍ଥ ଆମ ପାଖକୁ ଆସୁଥିବ ଯାଉଥିବ; କେତେବେଳେ ବି ଦରକାର ପଡ଼ିପାରେ। ତା ପାଇଁ ସର୍ବୋତ୍ତମ – ବ୍ୟକ୍ତି ବିଶେଷଙ୍କ ପାଇଁ ସଞ୍ଚୟ ଖାତା (Savings A/c.) ଏବଂ ବ୍ୟବସାୟୀଙ୍କ ପାଇଁ ଚଳନ୍ତି ଖାତା (Current A/c.)।

(କ) ଚଳନ୍ତି ଖାତା – ଏହା ବ୍ୟବସାୟୀଙ୍କ ପାଇଁ ଉଦ୍ଦିଷ୍ଟ, ଏଥିରେ ଯେତେ ସଂଖ୍ୟକ ଜମା ଓ ଉଠାଣ କରାଯାଇପାରେ। କିନ୍ତୁ ଏଥିରେ ସୁଧ ମିଳେ ନାହିଁ।

(ଖ) ସଞ୍ଚୟ ଖାତା – ଏହି ଖାତାରେ ଯେତେବେଳେ ପାରିବା ସେତେବେଳେ ଅର୍ଥ ଜମା କରିପାରିବା – କାଢିପାରିବା। ଚେକ୍ ମାଧ୍ୟମରେ ଅନ୍ୟକୁ ଅର୍ଥ ପ୍ରଦାନ କରିପାରିବା। ATM Card ନେଇ ଦିନରାତି ଚବିଶ ଘଣ୍ଟା ଟଙ୍କା ବାହାର କରିପାରିବା। ଏଇଠି ଗୋଟାଏ ମଜା କଥା କହିବା – ଜଣେ ଭଦ୍ର ବ୍ୟକ୍ତିଙ୍କ ପୁଅ ଦିନେ କହିଲା – 'ବାପା ମୋ ପାଇଁ ଗୋଟାଏ ATM Card କରିଦିଅ'।

ଭଦ୍ରବ୍ୟକ୍ତି ପଚାରିଲେ – 'କ'ଣ କରିବୁ' ?

– 'ଟଙ୍କା ବାହାର କରିବି'।

ଭଦ୍ରବ୍ୟକ୍ତି କହିଲେ – 'ଆରେ ଟଙ୍କା ବାହାର କରିବା ପାଇଁ ଇ/ମ ରେ ଟଙ୍କା ଜମା ରଖିଥିବା ଦରକାର'। ହଁ, ସଞ୍ଚୟ ଖାତରେ ଟଙ୍କା ଜମା ରହିଲେ ଯାଇ ଆମେ ନେଣ ଦେଣ କରିପାରିବା। କିନ୍ତୁ ଖୁସିର କଥା ଆମ ଖାତାର ପ୍ରତ୍ୟେକ ଦିନର ଜମା (Balance) ଉପରେ ଆମେ ସର୍ବନିମ୍ନ ଚାରି ପ୍ରତିଶତ ବାର୍ଷିକ ସୁଧ ପାଇପାରିବା। ବାହାଘର ଅଛି, ତିନି ଚାରି ଦିନ ପର୍ଯ୍ୟନ୍ତ ପାଖରେ ଥିବା ଅର୍ଥ ଦରକାର ନାହିଁ – ସଞ୍ଚୟ ଖାତାରେ ପକେଇ ଦେଲେ – ଚାରି ଦିନର ସୁଧ ମିଳିଯିବ। ଆମର ଅର୍ଥ ସୁରକ୍ଷିତ ରହିବ ଏବଂ ଅଧିକ ଅର୍ଥ ଅର୍ଜନ କରିବା।

ଏବେ ସରକାରଙ୍କର ସମସ୍ତ ଆର୍ଥିକ ଅନୁଦାନ, ସବ୍‌ସିଡି ଏହି ଖାତାରେ ଆସି ଜମା ହେବ। Revenue Stamp ଉପରେ ସହୀ ବା ଟିପ ଦେଇ ଅର୍ଥ ଗ୍ରହଣ କରିବାକୁ ପଡ଼ିବ ନାହିଁ। ଖାତା ଖୋଲିବା ପାଇଁ ଆମ ପାଖରେ ଅର୍ଥ ନ ଥିଲେ ବି ଚଳିବ। ଆମେ Basic Savings Bank Deposit ଏକାଉଣ୍ଟ ଖୋଲିପାରିବା – ପରେ ଯେତେବେଳେ ହାତକୁ ଟଙ୍କା ଆସିବ ଜମା କରିଚାଲିବା।

ଖାଲି ସେତିକି ନୁହେଁ ନିହାତି ଦରକାର ସମୟରେ ସଞ୍ଚୟ ଖାତାରେ ଜମା ନ ଥାଇ ମଧ୍ୟ ବ୍ୟାଙ୍କର ମଞ୍ଜୁରିରେ ସ୍ୱଳ୍ପ ଅର୍ଥ ବାହାର କରିପାରିବା। ଏହାକୁ ଓଭରଡ୍ରାଫ୍ଟ (Overdraft) କହନ୍ତି। ଅବଶ୍ୟ ଏହା ସାମୟିକ ଏବଂ ତୁରନ୍ତ ପରିଶୋଧ କରିବା ଦରକାର।

(୨) ନିକଟ ଭବିଷ୍ୟତରେ ଦରକାର ପଡୁ ନ ଥିବା ଅର୍ଥ – ଆମେ ନିକଟ ଭବିଷ୍ୟତରେ ଦରକାର କରୁନଥିବା ଅର୍ଥକୁ ମିଆଦୀ ଜମା ଆକାରରେ ରଖିପାରିବା। ଏହା ଦୁଇ ପ୍ରକାରର – ପୁନଃପୌନିକ ଜମା ଯୋଜନା (Recurring Deposit) ଏବଂ ସ୍ଥାୟୀ ଜମା ଯୋଜନା (Fixed Deposit)।

(କ) ପୁନଃପୌନିକ ଜମା ଯୋଜନା – ଏହି ଯୋଜନାରେ ଆମ ପାଖରେ ମୋଟା ଅଙ୍କର ଟଙ୍କା ନ ଥିଲେ ମଧ୍ୟ ଆମେ ମାସିକ କିସ୍ତିରେ ଟଙ୍କା ଜମାକରି ଦୀର୍ଘ ମିଆଦୀ ଜମାର ସୁଧ ପାଇପାରିବା।

(ଖ) ସ୍ଥାୟୀ ଜମା ଯୋଜନା – ସ୍ଥାୟୀ ଜମା କରିବା ପାଇଁ ଏକକାଳୀନ ଅର୍ଥ ଜମା କରିବା ଦରକାର। ମୋଟା ଅଙ୍କର ଟଙ୍କା ଜମା କଲେ ତ ଭଲ, ମୋଟା ସୁଧ ମଧ୍ୟ ମିଳିବ। ସୁଧ ଉପରେ ସୁଧ ମିଳିବ। ଆମେ ମାସିକ, ତ୍ରୈମାସିକ / ଷାଣ୍ମାଷିକ ବା ବାର୍ଷିକ

ସୁଧ ନେଇଯାଇପାରିବା ନ ହେଲେ ଅବଧି ଶେଷରେ ସୁଧ ଉପରେ ସୁଧ ପାଇ ମୋଟା ଅଙ୍କର ଅର୍ଥ ପାଇବା। ସ୍ଥାୟୀ ଜମା କରିଦେଲେ ଅସମୟରେ ଆବଶ୍ୟକ ହେଲେ କ'ଣ କରିବା ? ବ୍ୟସ୍ତ ହେବା ଦରକାର ନାହିଁ – ଆମେ ଚାହିଁଲେ ଆମର ଜମା ଉପରେ ଋଣ ପାଇପାରିବା ବା ତାକୁ ବନ୍ଦ କରି ଟଙ୍କା ଉଠାଣ ଆଣିପାରିବା।

ଜମା ଖାତ କେମିତି ଖୋଲିବା ? ତାହାର ନିୟମାବଳୀ କ'ଣ ?

ଯେ କୌଣସି ଜମାଖାତା ଖୋଲିବା ବେଳକୁ ଗୋଟାଏ Customer ID ଦିଆଯାଏ ଯାହା ବ୍ୟାଙ୍କ ପାଖରେ ଆମର ପରିଚୟ ହୋଇ ରହେ। Customer ID ପାଇଁ ନିମ୍ନଲିଖିତ ଦସ୍ତାବିଜ୍ ଦରକାର ଯାହାକୁ KYC କୁହନ୍ତି ଅର୍ଥାତ 'ଆପଣ ଆପଣଙ୍କର ଗ୍ରାହକକୁ ଜାଣନ୍ତୁ'।

(୧) ପରିଚୟ ପତ୍ର : ଭୋଟର ID Card, PAN Card, ରାଶନ୍ କାର୍ଡ (ଯଦି ଏଥିରେ ଫଟୋ ଥାଏ), BPL Card ଆଧାର କାର୍ଡ ଇତ୍ୟାଦି। ମୋଟା ମୋଟି ଏମିତି ଏକ ପ୍ରମାଣପତ୍ର ଯେଉଁଥିରେ ଫଟୋ ଥାଇ କୌଣସି ସରକାରୀ ଅଧିକାରୀଙ୍କ ସ୍ୱାକ୍ଷର ଥିବ। ଏଥି ମଧ୍ୟରୁ ଯେ କୌଣସି ଗୋଟିକର ଫଟୋକପି (Photocopy) ହେଲେ ଚଳିବ।

(୨) ବାସସ୍ଥାନର ପ୍ରମାଣ ପତ୍ର : ଭୋଟର କାର୍ଡ, ରାସନ କାର୍ଡ ସହିତ ୩ ମାସ ଭିତରର ..... ଇତ୍ୟାଦି ଯେଉଁଥିରେ ବାସସ୍ଥାନର ବିବରଣୀ ଥିବ।

ଉପରୋକ୍ତ ଦସ୍ତାବିଜ୍‌ଗୁଡ଼ିକ ମଧ୍ୟରୁ କିଛି ନ ଥିଲେ କ'ଣ ଆମେ ଜମାଖାତା ଖୋଲିପାରିବାନି ? ପାରିବା। ଏ ସବୁ ଦସ୍ତାବିଜ ନ ଥିଲେ ମଧ୍ୟ ବ୍ୟାଙ୍କର ଜଣେ ପୁରୁଣା ଗ୍ରାହକ (୬ ମାସରୁ ଉର୍ଦ୍ଧ୍ୱ ଖାତା ଥିବ) ପରିଚୟ ପତ୍ର ଦେଇପାରିବେ। ଏହା ଛଡା ଗ୍ରାମର ସରପଞ୍ଚ, ସ୍କୁଲ ଶିକ୍ଷକ ମଧ୍ୟ ପରିଚୟ ପତ୍ର ଦେଇପାରିବେ।

(୩) ନିଜର ଏକ Pass Port ଫଟୋ ଏବଂ ଉପରୋକ୍ତ ଦସ୍ତାବିଜ୍‌ର ଫଟୋ କପି ନେଇ ବ୍ୟାଙ୍କର ପ୍ରଚଳିତ ଫର୍ମରେ ଭର୍ତ୍ତି କରି ଜମା ଖାତା ଖୋଲିହେବ।

ବ୍ୟାଙ୍କ ଜମାଖାତା ବିଷୟରେ କେତେକ ଜ୍ଞାତବ୍ୟ ତଥ୍ୟ !

ପାଶ ବୁକ୍ : ଏଥିରେ ଆମ ଖାତାର ଦୈନନ୍ଦିନ କାରବାରର ବିବରଣୀ ଲିପିବଦ୍ଧ ହୋଇଥାଏ।

ଚେକ୍ ବୁକ୍ : ଏହା ଜରିଆରେ ଆମେ ଯେ କୌଣସି ବ୍ୟକ୍ତି ବା ଅନୁଷ୍ଠାନକୁ ଆମ ସଞ୍ଚୟ ଖାତାରୁ ଅର୍ଥ ଦେବା ପାଇଁ ବ୍ୟାଙ୍କକୁ ଆଦେଶ ଦେଇପାରିବା। ନିଜ ଆକାଉଣ୍ଟରେ ଟଙ୍କା ନ ଥାଇ କାହାକୁ ଚେକ୍ ପ୍ରଦାନ କରିବା ଏକ ଧର୍ତ୍ତବ୍ୟ ଅପରାଧ ଏବଂ ଏହା ପାଇଁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ। ତେଣୁ ଚେକ୍ ପ୍ରଦାନ କରିବା ସମୟରେ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ।

ଏଟିଏମ୍ କାର୍ଡ : ବ୍ୟାଙ୍କ ଆମର ସଞ୍ଚୟ ଖାତାରୁ ଅର୍ଥ ଉଠାଣ ପାଇଁ ଏହି କାର୍ଡ ଦେଇଥାଏ। ଏହି କାର୍ଡ଼ ଜରିଆରେ ଆମେ ଯେ କୌଣସି ଏଟିଏମ୍ ମେସିନ୍‌ରୁ ଦିନରାତି ଚବିଶ ଘଣ୍ଟା, ଆମର ସଞ୍ଚୟ ଖାତାରୁ ଅର୍ଥ ଉଠାଣ କରିପାରିବା।

ଇ-ବ୍ୟାଙ୍କିଙ୍ଗ୍ ଓ ମୋବାଇଲ୍ ବ୍ୟାଙ୍କିଙ୍ଗ୍ : ଏହି ପଦ୍ଧତିରେ ଆମେ ଘରେ ବସି ଇଣ୍ଟରନେଟ୍ (Internet) ମାଧ୍ୟମରେ ବା ମୋବାଇଲ୍ ଫୋନ୍ ମାଧ୍ୟମରେ ଆମ ଖାତାରୁ କାରବାର କରିପାରିବା।

ମନୋନୟନ (Nomination) : ମଣିଷ ଅମର ନୁହେଁ – ଦିନେ ନା ଦିନେ ଆମର ସାଂସାରିକ ଖେଳସାରି ଜୀବନର ଆର ପାରିକୁ ଯିବାକୁ ପଡ଼ିବ। ସେତେବେଳେ ସଞ୍ଚୟ ଖାତାରେ ଜମାଥିବା ଅର୍ଥ କାହା ପାଖକୁ ଯିବ ? ସେଥିପାଇଁ ଖାତା ଖୋଲିଲା ବେଳେ,

ଖାତାଧାରୀଙ୍କର ମୃତ୍ୟୁ ପରେ, ଜଣେ ବା ଏକାଧିକ ବ୍ୟକ୍ତିଙ୍କୁ ସଞ୍ଚିତ ଅର୍ଥ ଦେବାପାଇଁ ମନୋନୀତ କରିବା ଆବଶ୍ୟକ - ଯଦ୍ୱାରା କୌଣସି ବ୍ୟକ୍ତିର ମୃତ୍ୟୁ ପରେ ତାଙ୍କ ସଞ୍ଚିତ ଅର୍ଥ ତାଙ୍କର ମନୋନୀତ ବ୍ୟକ୍ତିଙ୍କୁ ଦିଆଯାଇପାରିବ ।

ବିଭିନ୍ନ ପ୍ରକାରର ସଞ୍ଚୟ ଯୋଜନା କ'ଣ ?

ନିଜ ନାମରେ ସଞ୍ଚୟ ଖାତା ଖୋଲିବାକୁ ଗଲାବେଳେ ସ୍ତ୍ରୀ, ସ୍ୱାମୀ, ଭାଇ, ବାପା, ମା ଇତ୍ୟାଦି କହିପାରନ୍ତି - "କ'ଣ ସବୁ ଟଙ୍କା ନିଜ ନାମରେ ରଖିଦେଲ ?" । ତାହା ପାଇଁ ବି ବନ୍ଦୋବସ୍ତ ଅଛି - ନିଜ ନାମରେ ଖାତା ଖୋଲି ହେବ କିମ୍ବା ଅନ୍ୟ ଜଣେ ବା ଏକାଧିକ ବ୍ୟକ୍ତିଙ୍କ ସହିତ ମିଶି ଖାତା ଖୋଲିହେବ । ଏହାକୁ ମିଳିତ ଖାତା (Joint A/c) କୁହନ୍ତି । ଏହି ମିଳିତ ଖାତା ଆମର ନିର୍ଦ୍ଦେଶ ମୁତାବକ କାର୍ଯ୍ୟ କରିବ । ଯଥା -

(କ) ମିଳିତ ଖାତାଧାରୀଙ୍କ ଭିତରୁ ଯେ କେହି ବା ବଞ୍ଚି ରହିଥିବା ବ୍ୟକ୍ତି (Either or Survivor) : ଏ ପ୍ରକାର ସଞ୍ଚୟ ଖାତାରେ, ମିଳିତ ଖାତାଧାରୀଙ୍କ ମଧ୍ୟରୁ ଯେ କେହି ନେଣଦେଣ କରିପାରିବେ ।

(ଖ) ପ୍ରଥମ ବ୍ୟକ୍ତି ଏବଂ ତାଙ୍କ ଅନ୍ତେ ଅନ୍ୟ ବ୍ୟକ୍ତି : (Former & Survivor) : ଏଥିରେ ପ୍ରଥମ ବ୍ୟକ୍ତି ବଞ୍ଚିଥିବା ପର୍ଯ୍ୟନ୍ତ, ସେ ହିଁ କେବଳ ନେଣଦେଣ କରିପାରିବେ ଏବଂ ତାଙ୍କ ଅନ୍ତେ ଦ୍ୱିତୀୟ ବ୍ୟକ୍ତି କାରବାର କରିପାରିବେ ।

(ଗ) ମିଳିତ ନେଣଦେଣ (Joint operation) : ଏ ପ୍ରକାରର ସଞ୍ଚୟ ଖାତାରେ, ସମସ୍ତ ଖାତାଧାରୀ ମିଳିତ ଭାବରେ ନେଣଦେଣ କରିବେ ।

ସୁଧ କ'ଣ ?

ଆମେ ମହାଜନଙ୍କଠୁ କରଜ ନେଲେ ସୁଧ ଦେଉ । ବ୍ୟାଙ୍କରୁ ଟଙ୍କା ଋଣ ନେଲେ ମଧ୍ୟ ସୁଧ ଦିଆଯାଏ । ଫରକ ହେଉଛି ମହାଜନ ମାସିକ ହାରରେ ସୁଧ ନିଏ ଆଉ ବ୍ୟାଙ୍କ ବାର୍ଷିକ ହାରରେ ସୁଧ ନିଏ ।

ଆମେ ବ୍ୟାଙ୍କରେ ଟଙ୍କା ଜମା ରଖିଲେ ସୁଧ ପାଇବା । ସ୍ୱଳ୍ପ ମିଆଦୀ ବା ସଞ୍ଚୟ ଜମା ଖାତାରେ ରଖିଲେ ଅଳ୍ପ ସୁଧ, ଆଉ ଦୀର୍ଘ ମିଆଦୀ (Fixed Deposit) ଜମା ରଖିଲେ ଅଧିକ ସୁଧ ମିଳେ । ଏହି ସୁଧର ହାର ସମୟ ସମୟରେ ବଦଳେ, ହେଲେ ସୁଧ ମିଳିବ ତ ନିଶ୍ଚୟ । ଘରେ ଯଦି ଟଙ୍କା ରଖିବା ସେଥିରୁ କିଛି ଅଧିକା ପାଇବା କି ? ଟଙ୍କା ତ ଆଉ ଟଙ୍କା ଜନ୍ମ କରିବନି - କିନ୍ତୁ ବ୍ୟାଙ୍କରେ ରଖିଲେ ଟଙ୍କା ଆହୁରି ଟଙ୍କା ଜନ୍ମ କରେ - ସୁଧ ରୂପରେ ।

ବ୍ୟାଙ୍କ କାହିଁକି ସୁଧ ଦବ, କୋଉଠୁ ଆଣିବ ? ଆମ ଟଙ୍କା ଜମା ନେଇ ବ୍ୟାଙ୍କ ତାକୁ ଋଣ ଆକାରରେ ଦିଏ ଏବଂ ସେଥିରୁ ସୁଧ ଅର୍ଜନ କରେ । ସେହି ସୁଧର କିଛି ଅଂଶ ସେ ଆମକୁ ସୁଧ ଆକାରରେ ଫେରାଇ ଦିଏ । ତେଣୁ ବ୍ୟାଙ୍କ ଆମର ପରମବନ୍ଧୁ ଅଟେ ।

ଆମ ପାଖରେ ଟଙ୍କା ନ ଥିଲେ ଆମେ କ'ଣ ବ୍ୟାଙ୍କ ଖାତ ଖୋଲି ପାରିବା ?

ନିଶ୍ଚୟ ଖୋଲି ପାରିବା, କାରଣ ବ୍ୟାଙ୍କ ଧନୀ, ଗରିବ ସମସ୍ତଙ୍କ ପାଇଁ । ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ବ୍ୟାଙ୍କ, ଶୂନ୍ୟ ଜମାରେ ସଞ୍ଚୟ ଖାତା ଖୋଲି ପାରିବେ । ତାହାକୁ Basic Savings Bank Deposit A/c (BSBD A/c) ବା ମୌଳିକ ସଞ୍ଚୟ ଜମା ଖାତା କୁହାଯାଇଛି ।

ଏହି BSBD A/c ରେ ଆମେ ଅନ୍ୟ ସଞ୍ଚୟ ଖାତା ପରି ଟଙ୍କା ଜମା କରିପାରିବା, ଅର୍ଥ ପ୍ରେରଣ କରିପାରିବା, ... ପାଇପାରିବା । କେବଳ ମାସକୁ ଚାରି ଥର ବିନା ଫିରେ ଟଙ୍କା ଉଠାଇ ପାରିବା । ତାହାଠୁ ଅଧିକ ହେଲେ ବ୍ୟାଙ୍କକୁ କିଛି ଫି ଦେବାକୁ ହେବ ।

ଓଭରଡ୍ରାଫ୍ଟ କ'ଣ ? ଏହା ଋଣଠାରୁ ଭିନ୍ନ କିପରି ?

ଅତ୍ୟନ୍ତ ଜରୁରୀ ଆବଶ୍ୟକତାକୁ ପୂରଣ କରିବାକୁ ଆମର ସଞ୍ଚୟ ଖାତାରେ ଟଙ୍କା ନ ଥିଲେ ମଧ୍ୟ ସ୍ୱଳ୍ପ ପରିମାଣରେ ଅର୍ଥ ଉଠାଣର ସୁବିଧାକୁ ଓଭରଡ୍ରାଫ୍ଟ (Overdraft) କୁହାଯାଏ। ଏଥିରେ ଅନ୍ୟ ଋଣ ପରି ସୁଧ ଦେବାକୁ ପଡ଼ିବ। ହେଲେ ଅନ୍ୟ ଋଣଠାରୁ ଏହା ଭିନ୍ନ, କାରଣ ଏହି ରାଶି ସୀମିତ ଏବଂ ଏହାକୁ ତୁରନ୍ତ ପରିଶୋଧ କରିବାକୁ ପଡ଼ିବ।

କରଜ

ଆୟ ଓ କରଜ ମଧ୍ୟରେ ପ୍ରଭେଦ କ'ଣ ?

ଆମର ସ୍ୱ-ଉପାର୍ଜିତ ଅର୍ଥ ବା ଅନ୍ୟାନ୍ୟ ସୂତ୍ରରୁ ମିଳିଥିବା ଅର୍ଥ, ଯଥା - ପୁରସ୍କାର, ଦାନ ଇତ୍ୟାଦି ଆମର ଆୟ ଅଟେ, ଯେଉଁଗୁଡିକୁ ଫେରସ୍ତ ଦେବାପାଇଁ ପଡ଼େ ନାହିଁ। କରଜ ବା ଋଣକୁ ଆମକୁ ଫେରସ୍ତ ଦେବା ପାଇଁ ପଡ଼େ ଏବଂ ଅଧିକାଂଶ କ୍ଷେତ୍ରରେ ତାହା ସହିତ ସୁଧ ମଧ୍ୟ ଦେବାକୁ ହୁଏ। ମଜାର କଥା ହେଲା କରଜ ଆମର ଆୟ ନୁହେଁ କିନ୍ତୁ କରଜ ଶୁଝିବା ଆମର ବ୍ୟୟର ଅନ୍ତର୍ଭୁକ୍ତ।

କରଜ କରିବାର ଆବଶ୍ୟକତା କାହିଁକି ହୁଏ ?

ଯେତେବେଳେ ଆମର ଆୟ, ଆମ ସମ୍ଭାବିତ ବ୍ୟୟକୁ ଭରଣା କରିବା ପାଇଁ ନିଅଣ୍ଟ ହୁଏ ଏବଂ ଆମ ପାଖରେ ଏହି ନିଅଣ୍ଟକୁ ପୂରଣ କରିବା ପାଇଁ ପୂର୍ବରୁ ସଞ୍ଚିତ ଅର୍ଥ ନ ଥିଲେ, ଆମେ କରଜ କରୁ। ସାଧାରଣତଃ କରଜ କରିବାକୁ କାହାକୁ ଭଲଲାଗେ ନାହିଁ, କାରଣ ଅଧିକାଂଶ କରଜରେ ସୁଧ ଦେବାକୁ ପଡ଼େ, ଯାହା ଆମ ଉପରେ ଅଧିକ ବୋଝ ହୋଇଯାଏ।

ଆମେ କରଜ କରୁ କାହିଁକି ?

ରୋଗ ବୈରାଗ, ଯାନି ଯାତ୍ରା, ଅନ୍ୟ ଦୈବୀ ଦୁର୍ବିପାକ, ବାହାଘର, ପିଲାଙ୍କ ପାଠପଢା ଇତ୍ୟାଦି ପାଇଁ ଆମର ଆୟ ଯଥେଷ୍ଟ ନ ଥିଲେ ଆମେ କରଜ କରୁ। ତା ଛଡ଼ା ବ୍ୟବସାୟ ବା ଋଷରେ ଉନ୍ନତି ପାଇଁ ମଧ୍ୟ ଆମେ ଉଧାର କରିଥାଉ ଯାହାକୁ ଆମେ ଏବେ "ଋଣ" କହିବା। କରଜ ଆଉ ଋଣ ମଧ୍ୟରେ ଫରକ ହେଲା 'କରଜ' କରି ଆମେ ଯେଉଁ ଖର୍ଚ୍ଚ କରୁ ତାହା ଆଉ ଫେରି ପାଉନା। କିନ୍ତୁ ଋଣ କରି ଆମେ କୌଣସି ଆୟକ୍ଷମ କାର୍ଯ୍ୟରେ ଲଗାଇଲେ, ଯେମିତି କୃଷି, ବ୍ୟବସାୟ ଇତ୍ୟାଦି, ଆମର ଅଧିକ ଉପାର୍ଜନ ହୋଇଥାଏ। ନିମ୍ନ କାର୍ଯ୍ୟମାନଙ୍କ ପାଇଁ ଉଧାର କଲେ ତା ମଧ୍ୟରୁ କୋଉଟା କରଜ ଓ କୋଉଟା ଋଣ ?

୧. ଝିଅ ବାହାଘର, ୨. ତୀର୍ଥ ଯାତ୍ରା, ୩. ହଠାତ୍ ବେମାର ପଡ଼ିଲେ, ୪. ଟ୍ରାକ୍ଟର କିଣିବା, ୫. ମଟର ସାଇକେଲ ଖରିଦ, ୬. ଛୋଟ ଏକ ଦୋକାନ ଖୋଲିବା, ୭. ପୁଅ ପାଠ ପଢ଼ା।

ଏହା ମଧ୍ୟରୁ ଝିଅ ବାହାଘର, ତୀର୍ଥ ଯାତ୍ରା, ମଟର ସାଇକେଲ ଖରିଦ, ହଠାତ୍ ବେମାର ପାଇଁ ଉଧାର ହେଉଛି କରଜ ଏବଂ ଟ୍ରାକ୍ଟର କିଣିବା, ଛୋଟ ଦୋକାନ ଖୋଲିବା, ପୁଅ ପାଠ ପଢ଼ା ପାଇଁ ଉଧାର ହେଉଛି ଋଣ।

ଏହାକୁ ଆମେ ତର୍ଜମା କରିବା। ସାଧାରଣ କଥା ହେଲା ଯେଉଁଥିରେ ଉପାର୍ଜନ କରିହେବ ତାହା ଋଣ। ଯେଉଁଥିରେ ଅନ୍ୟ ଆୟରୁ ଶୁଝିବାକୁ ପଡ଼ିବ ତାହା କରଜ (ଏଠି ସୂଚେଇ ଦେଉଛୁ ଯେ ଅଭିଧାନରେ କରଜ ଓ ଋଣର ଅର୍ଥ ସମାନ କିନ୍ତୁ ସହଜରେ ବୋଧଗମ୍ୟ ହେଲାଭଳି ଅର୍ଥରେ ଏହି ଦୁଇ ଶବ୍ଦକୁ ଅଲଗା ଅଲଗା ବ୍ୟବହାର କରାଯାଇଛି।)

ଆମେ ସବୁବେଳେ ଉଧାର କରିବା ଉଚିତ୍ କି ?

ଆମେ ସେତେବେଳେ ଉଧାର କରୁ, ଯେତେବେଳେ ଆମ ପାଖରେ ଅର୍ଥର ନିଅଣ୍ଟ ହୁଏ । ଅର୍ଥାତ୍ ଆମର ବ୍ୟୟ, ଆମର ଆୟ ଓ ସଞ୍ଚୟଠାରୁ ଅଧିକ ହୁଏ । କିନ୍ତୁ କେତେଗୁଡ଼ିଏ ଅନାବଶ୍ୟକ ଖର୍ଚ୍ଚକୁ ଆମେ ବନ୍ଦ କରିଦେଇ ପାରୁ ବା କମେଇ ଦେଇପାରୁ । ଯଥା ଆଡ଼ମ୍ବର ପୂର୍ଣ୍ଣ ବାହାଘର, ମଉଜ ମଜଲିସ ଖର୍ଚ୍ଚ, ଗହଣା କିଣିବା, ଦାମୀ ଦାମୀ ସାଜ ସରଞ୍ଜାମ ଖରିଦ୍ କରିବା । ଯଦି ଆମ ପାଖରେ ଅର୍ଥ ଅଛି, ଏ ସବୁ କରିବାକୁ ମନା ନାହିଁ । କିନ୍ତୁ ଉଧାର କରି ଏ ସବୁ କରିବା କିଛି ଦରକାର ନାହିଁ । ଆଜି ଯେଉଁମାନେ ଚାକଚକ୍ୟରେ ବାହାବାଃ କରୁଛନ୍ତି, ବଡ଼ ଭୋଜି ଖାଇ ମୁହଁ ପୋଛୁଛନ୍ତି କାଲି ସେଇମାନେ କରଜ ଶୁଝି ନ ପାରିଲେ ଛି, ଛା କରିବେ । ଅବଶ୍ୟ କେତେକ କ୍ଷେତ୍ରରେ ଉଧାର କରିବା ଅନିବାର୍ଯ୍ୟ, ଯେମିତି ଚିକିତ୍ସା ପାଇଁ, ପିଲାଙ୍କ ପାଠପଢ଼ା ପାଇଁ, ଘରଟିଏ କିଣିବା ପାଇଁ । କିନ୍ତୁ ଏ ସବୁ କ୍ଷେତ୍ରରେ ମଧ୍ୟ ଆମେ ଭାବିବା ଦରକାର ଯେ ଆମ ଆୟରୁ ଆମେ ଏହି କରଜର କିସ୍ତିକୁ ଶୁଝି ପାରିବା ତ ! ଅନ୍ୟଥା ଏ କିସ୍ତିକୁ ଶୁଝିବାକୁ ଆମେ ପୁଣି କରଜ କରିବା ଏବଂ ଶେଷରେ କରଜ ଭାରରେ ବୁଡ଼ିଯିବା । ଏହାକୁ ଋଣ ଜନ୍ତା (Debt trap) କହନ୍ତି । ଏହି ଋଣ ଯନ୍ତାରୁ ବଞ୍ଚିବା ପାଇଁ ଦରକାର ପଡ଼ିଲେ ଆମକୁ ପେଟରୁ କାଟି ଋଣ ଶୁଝିବାକୁ ପଡ଼ିବ । ଆମ କଥା ଛାଡନ୍ତୁ, ଅନେକ ବଡ଼ ବଡ଼ ପାଶ୍ଚାତ୍ୟ ଦେଶ ମଧ୍ୟ ଏମିତି ଋଣ ଜନ୍ତାରେ ପଡ଼ି କଲବଲ ହେଉଛନ୍ତି । ତାଙ୍କର ଜାତୀୟ ଆୟ ତାଙ୍କ କରଜର କିସ୍ତିକୁ ଭରଣା କରୁପାରୁନାହିଁ ଏବଂ ସେମାନେ ଅନ୍ୟ ଦେଶର ହାତ ଟେକାରେ ଚଳୁଛନ୍ତି । ତେଣୁ ନେଇ ଆଣି ଥୋଇ ପାରିଲେ କରଜ କରିବା ।

ଆମେ କ'ଣ ଜମା ଉଧାର କରିବାନି ?

ନାଁ, ଯେଉଁ ଉଧାର କରି କାର୍ଯ୍ୟରେ ଲଗାଇଲେ ଦୁଇ ପଇସା ରୋଜଗାର ହେବ, ଯାହାକୁ ଆମେ ଆଗରୁ "ଋଣ" କହିଛୁ, ତାହା କରିବା ବିଜ୍ଞତା ହେବ । ଏହି ଋଣ କଲାବେଳେ ମନେରଖିବା ଯେ ଯେଉଁ ଋଣ କିସ୍ତି ଦେବାକୁ ପଡ଼ିବ ତାହା ଏହି ଅଧିକ ରୋଜଗାରରୁ ଦେଇ ହେବ ।

ଉଦାହରଣ ସ୍ୱରୂପ, ମାଛଚାଷ ପାଇଁ ଆମେ ଟ.୩୦,୦୦୦/-ଙ୍କା ଋଣ କଲୁ । ସେଥିରୁ ଆମେ ବର୍ଷକୁ ଟ. ୨୦,୦୦୦/-ଙ୍କାର ଲାଭ ପାଇଲୁ । ଯଦି ଆମେ ସେ ଅର୍ଥକୁ ପାଞ୍ଚ ବର୍ଷରେ ଶୁଝିବାକୁ ଥାଏ ତାହେଲେ -

ବର୍ଷକୁ ମୂଳ ଶୁଝିବା -	ଟ. ୬୦୦୦/-
ବର୍ଷକୁ ସୁଧ ଶୁଝିବା -	ଟ. ୩୦୦୦/-
ସମୁଦାୟ ଶୁଝିବା -	ଟ. ୯୦୦୦/-
ବର୍ଷକୁ ଆୟ -	ଟ. ୨୦,୦୦୦/-
ଆମର ବର୍ଷକୁ ଅଧିକ ଆୟ -	ଟ. ୧୧,୦୦୦/-

ଏହି କ୍ଷେତ୍ରରେ ଋଣ କରିବା ବାଞ୍ଛନୀୟ ନୁହେଁ କି ?

ଆଉ ଏକ ଉଦାହରଣ ହେଉଛି - ଆମେ ଧାନ ରୋଇବା ପାଇଁ ଯନ୍ତ୍ରଟିଏ କିଣିବାକୁ ଋଣ କରୁଛୁ ।

ଯନ୍ତ୍ରଟିଏ ଦାମ -	ଟ. ୧,୬୭,୦୦୦/-
ସବ୍‌ସିଡି -	ଟ. ୧,୨୨,୦୦୦/-
ଋଣ ରାଶି -	ଟ. ୪୫,୦୦୦/-
ଆମେ ମଜୁରୀ ଦେଉଥିଲେ -	ଟ. ୧୦,୦୦୦/-

୨୦୦ ଗ ୫ ଗ ୧୦ (ଦିନକୁ ଦୁଇଶହ ଟଙ୍କା ଗ ପାଞ୍ଚଜଣ ମଜୁରୀ ଗ ଦଶଦିନ ଖଟିବେ)

ଭଡ଼ା ଦେଇ ପାଇଲେ - ଟ. ୪,୦୦୦/-

ମାସକୁ ଆୟ - ଟ. ୧୪,୦୦୦/-

ଏହି ରବି ଋତୁ ପାଇଁ ଦୁଇମାସ ଓ ଖରିଫ୍ ଋତୁ ପାଇଁ ଦୁଇମାସ, ସମୁଦାୟ ୪ ମାସ କାମରେ ନିୟୋଜନ ହେବ।

ସମୁଦାୟ ବର୍ଷକୁ ଆୟ - ଟ. ୧୪,୦୦୦ ଗ ୪ = ଟ. ୫୬,୦୦୦/-

ବର୍ଷକୁ ଖର୍ଚ୍ଚ - ଟ. ୬,୦୦୦ ଗ ୪ = ଟ. ୨୪,୦୦୦/-

ନେଟ ଲାଭ = ଟ. ୩୨,୦୦୦/-

ବର୍ଷକୁ ମୂଳ କିସ୍ତି - ଟ. ୯୦୦୦/-

ସୁଧ - ଟ. ୪,୫୦୦/-

ସମୁଦାୟ ବ୍ୟୟ - ଟ. ୧୩,୫୦୦/-

ବଳକା ଉପାର୍ଜନ - ଟ. ୧୮,୫୦୦/-

ଆମେ ଏମିତି କାର୍ଯ୍ୟ ପାଇଁ ଋଣ କରିବା, ଯେଉଁଥିରେ ଆମେ କିସ୍ତି ପରିଶୋଧ କରି ବଳକା ଉପାର୍ଜନ କରିପାରିବା। ଅନ୍ୟଥା ପୁଣି ଋଣ ଜନ୍ତାରେ ପଡ଼ିଯିବା।

ନିଜର ଶୁଝିବାର ସାମର୍ଥ୍ୟ ଅନୁସାରେ ଋଣ କରିବା କାହିଁକି ?

ଋଣ ହେଉ କି କରଜ ହେଉ ତାକୁତ ଶୁଝିବାକୁ ପଡ଼ିବ। ଏହା ଜାଣିବା ପାଇଁ ଅତି ସହଜ ଉପାୟ ଅଛି। ମାସିକ ଆୟ - (ବିଯୁକ୍ତ) ମାସିକ ବ୍ୟୟ (ଋଣ କିସ୍ତି ବ୍ୟତୀତ) = ମାସିକ ସଞ୍ଚୟ।

ଏହି ମାସିକ ସଞ୍ଚୟ ଯଦି ଋଣ କିସ୍ତିକୁ ଭରଣା କରିବାକୁ ସକ୍ଷମ ତା ହେଲେ ଋଣ କରିବା ଏବଂ କିସ୍ତିକୁ ଦେଖି ଋଣ ନେବା ପରିମାଣ ସ୍ଥିର କରିବା। କିନ୍ତୁ ଋଣ କଲାବେଳକୁ କେବଳ କୌଣସି ବ୍ୟାଙ୍କରୁ ଋଣ ନେବା।

ବ୍ୟାଙ୍କରୁ କାହିଁକି ଋଣ କରିବା, ଯେତେବେଳେ ଆମ ଘର ପାଖରେ ଋଣ ଦେବାପାଇଁ ମହାଜନ ବସିଛନ୍ତି ?

ସତକଥା, ଆମେ ବ୍ୟାଙ୍କରୁ କାହିଁକି ଋଣ ନେବା ? ବ୍ୟାଙ୍କରୁ ଋଣ ନେଲେ ଥରକୁ ଦିଥର ଦୌଡିବାକୁ ପଡ଼ିବ, ଫର୍ମ ଭରିବାକୁ ପଡ଼ିବ, କେତେ ପ୍ରଶ୍ନର ଜବାବ ଦେବାକୁ ପଡ଼ିବ। ଆଉ ମହାଜନ ପାଖକୁ ଗଲେ ତା ଖାତାରେ ଟିପ ବା ଦସ୍ତଖତ ଦେଲେ ଟଙ୍କା ଧରି ଘରକୁ ଫେରିବା କେତେ ସହଜରେ। ସହଜ ଲାଗୁଛି ତ ଟିକେ ଗହରେଇ ଚିନ୍ତା କରିବା ଏବଂ ତଉଲି ଦେଖିବା।

ବ୍ୟାଙ୍କ :

୧. ବ୍ୟାଙ୍କଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ଏବଂ ଏହାର ସବୁ କାର୍ଯ୍ୟକଳାପ ଉପରେ ରିଜର୍ଭ ବ୍ୟାଙ୍କର ତୀକ୍ଷଣ ନଜର ଥାଏ ତେଣୁ ସବୁ କାରବାରରେ ସ୍ୱଚ୍ଛତା ପାଳନ କରାଯାଏ।

୨. ବ୍ୟାଙ୍କ ଋଣ ଦେଲାବେଳେ ବିଧିବଦ୍ଧ ଚୁକ୍ତି ପତ୍ର କରିଥାଏ। ଯେଉଁଥିରେ ଋଣର ପରିମାଣ, ସୁଧର ହାର, ଋଣର ଅବଧି, କିସ୍ତିର ସୂଚନା ଲିପିବଦ୍ଧ ହୋଇଥାଏ।

୩. ବ୍ୟାଙ୍କ ସୁଧହାର ଅତି କମ୍, ତାହା ମଧ୍ୟ ବାର୍ଷିକ ହାରରେ।

୪. ବ୍ୟାଙ୍କ କାର୍ଯ୍ୟଧାରାରେ ଆପତ୍ତି ଥିଲେ ଆମର ଆପତ୍ତି ଅଭିଯୋଗକୁ ଶୁଣିବା ଏବଂ ବିଚାର କରି ତାହାକୁ ଲାଘବ କରିବା ପାଇଁ

ପ୍ରତ୍ୟେକ ବ୍ୟାଙ୍କରେ ସ୍ୱତନ୍ତ୍ର ଅଧିକାରୀ ଅଛନ୍ତି ଯାହାକି ପ୍ରତ୍ୟେକ ବ୍ୟାଙ୍କ କାର୍ଯ୍ୟାଳୟରେ ବିଜ୍ଞାପିତ। ସେଠାରୁ ନ୍ୟାୟ ନ ପାଇଲେ, ଭାରତୀୟ ରିଜର୍ଭ ବ୍ୟାଙ୍କରେ ଅବସ୍ଥାପିତ ବ୍ୟାଙ୍କିଙ୍ଗ୍ ଓମବଡସମ୍ୟାନ (Ombudsman) ଅଛନ୍ତି। ତାଙ୍କଠାରେ ମଧ୍ୟ ଆପତ୍ତି ଜଣାଇ ନ୍ୟାୟ ପାଇପାରିବା।

୫. ବ୍ୟାଙ୍କରୁ ଋଣ ନେଲାବେଳେ ଏକାଧିକ ଥର ଦୌଡ଼ିବାକୁ ପଡ଼େ, କିଛି ସମୟ ଲାଗେ। ଏହା ସତ୍ୟ କିନ୍ତୁ ଏହା ଆମର ସୁରକ୍ଷା ପାଇଁ। ବ୍ୟାଙ୍କ ଆମେ ନେଉଥିବା ଋଣର ସଦ୍‌ବ୍ୟବହାର ଏବଂ ଆମେ ନେଉଥିବା ଋଣର ସଦ୍‌ବ୍ୟବହାର ଏବଂ ଆମେ ଦେଇଥିବା ଯୋଜନାର ଟିକିନିଖି ସମୀକ୍ଷା କରି ଋଣ ଦିଏ। ଏଥିପାଇଁ ବ୍ୟାଙ୍କରେ ଫିଲଡ୍ ଅଫିସର ଏବଂ ସ୍ୱତନ୍ତ୍ର ଋଣ ଅଧିକାରୀ ମଧ୍ୟ ଥାଆନ୍ତି ଏବଂ ସେମାନେ ଆମକୁ ସୁପରାମର୍ଶ ଦେଇଥାଆନ୍ତି। ଏଥିପାଇଁ ସମୟ ତ ଟିକେ ଲାଗିବ କିନ୍ତୁ ଏହିସବୁ ଆମର ସ୍ୱାର୍ଥ ରକ୍ଷା ପାଇଁ।

୬. ବ୍ୟାଙ୍କ ସବୁପ୍ରକାର ଋଣ ଯଥା ଋଷ, ବ୍ୟବସାୟ, ଘର ତିଆରି, ଶିକ୍ଷା ଇତ୍ୟାଦି, ଏମିତିକି ଖାଉଟି (Consumption) ଋଣ ମଧ୍ୟ ଦିଏ।

ମହାଜନ :

୧. ମହାଜନ ଉପରେ ନାଁ ନଗା, ନାଁ ପଘା। ଥରେ ତା ଫାଶରେ ପଡ଼ିଲେ ସେ ତା ଇଚ୍ଛାରେ ଆମକୁ ନଚାଇବ। ତା ଉପରେ କାହାରି ଲଗାମ୍ ନାହିଁ।

୨. ଏଠି କିଛି ଚୁକ୍ତିପତ୍ର ନଥାଏ ସବୁ ମହାଜନର ମର୍ଜି ଉପରେ ଚାଲେ।

୩. ମହାଜନ ସୁଧ ମାସିକ ହାରରେ।

୪. ଏଠି ସେ ସବୁ କିଛି ନାହିଁ। ମହାଜନର ଅନ୍ୟାୟ ଶୋଷଣ ବିରୁଦ୍ଧରେ ଆମେ କାହା ପାଖରେ ଗୁହାରୀ କରିବା ?

୫. ଆମ ସ୍ୱାର୍ଥ ମହାଜନ କାହିଁକି ବୁଝିବ ? ସେ ତାର କେମିତି ଲାଭ ହେବ, କେତେ ଆମଠୁ ଅଧିକ ଆଦାୟ କରିପାରିବ, ସେଇ ଚିନ୍ତା କରେ। ତେଣୁ ଆମକୁ ତା ଯନ୍ତା ଭିତରକୁ ଆଣିବାକୁ ସେ ଚଟାପଟ ଋଣ ଦେଇଦିଏ। ଥରେ ଜନ୍ତା ଭିତରକୁ ପଶିଲେ ଆମେ ବାହାରି ପାରିଲେ ହେଲା।

୬. ଏଠି ଆମେ କ'ଣ ପାଇଁ ଋଣ ନେଉଛୁ ତା'ର କ'ଣ ଯାଏ ଆସେ। ତାହାର ସୁଧ ଦରକାର।

ବ୍ୟାଙ୍କ ଋଣ କେମିତି ପାଇବା ?

ବ୍ୟାଙ୍କ ଋଣ ପାଇବାକୁ ହେଲେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ପଡ଼ିବ। ଏଥିପାଇଁ ବ୍ୟାଙ୍କ ଅଧିକାରୀ ସାହାଯ୍ୟ କରିବେ। ଆମ ପ୍ରଦତ୍ତ ତଥ୍ୟକୁ ସେ ତର୍ଜମା କରିବେ ଏବଂ ଆବଶ୍ୟକ ସ୍ଥଳେ ସଂଶୋଧନ କରିବେ। ମୂଳ କଥା ହେଲା ଆମ ପ୍ରଦତ୍ତ ଯୋଜନାର କାର୍ଯ୍ୟକାରିତା ଏବଂ ଆମର ଶୁଝିବାର କ୍ଷମତାକୁ ବିଚାର କରି ଋଣର ପରିମାଣ ମଞ୍ଜୁର ହୁଏ ଏବଂ ପରିଶୋଧ କିସ୍ତି ସ୍ଥିରିକୃତ ହୁଏ।

ବ୍ୟାଙ୍କ ଋଣ ନେଲେ ଆମକୁ ସୁଧ ଦେବାକୁ ହୁଏ। ବିଭିନ୍ନ ଯୋଜନା ପାଇଁ, ଭିନ୍ନ ବାର୍ଷିକ ସୁଧର ହାର ସ୍ଥିର ହୋଇଥାଏ। ଏଥିରେ ମଧ୍ୟ ସ୍ୱଚ୍ଛତା ଥାଏ ଏବଂ ଏହି ସୁଧର ହାର ବ୍ୟାଙ୍କର ନୋଟିସ୍ ବୋର୍ଡ଼ରେ ବା ଛପା କାଗଜରେ ବିଜ୍ଞାପିତ ହୋଇଥାଏ। ଯଦିଚ ବ୍ୟାଙ୍କ ବାର୍ଷିକ ହାରରେ ସୁଧ ନିଏ, ତେବେ ପ୍ରତ୍ୟେକ ମାସରେ, ସୁଧ, ମୂଳ ସହିତ ଯୋଗ ହୋଇଥାଏ। ତେଣୁ ଯଦି ସମ୍ଭବ ମାସିକ ସୁଧକୁ ପରିଶୋଧ କରିଦେବା ବାଞ୍ଛନୀୟ। ବ୍ୟାଙ୍କର ସୁଧର ହାର ସମୟ ସମୟରେ ପରିବର୍ତ୍ତନଶୀଳ କିନ୍ତୁ ଏହା ବିନା ବାଛ ବିଚାରରେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ।

ଆମକୁ ଋଣ ନେବାପାଇଁ ଗ୍ୟାରେଣ୍ଟି (ଜାମିନ୍) ବା ବନ୍ଧକ ଦେବା ପାଇଁ ପଡ଼େ କି ?

ଏହା ଆମ ଋଣର କିସମ ଓ ପରିମାଣ ଉପରେ ନିର୍ଭର କରେ । ସାଧାରଣତଃ ଛୋଟ ଛୋଟ ଋଣ ପାଇଁ ଏହା ଦରକାର ପଡ଼େ ନାହିଁ କିନ୍ତୁ ଅଧିକ ଋଣ ପାଇଁ ଜାମିନ୍‌ଦାର୍ ଏବଂ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବନ୍ଧକ ରଖାଯାଏ ।

ଆମେ କାହିଁକି ଋଣ ଶୁଝିବା ?

ଋଣ ନେଲେ ଋଣ ଶୁଝିବାକୁ ପଡ଼ିବ । ଏହା ନିରାଟ ସତ କଥା । ତେବେ କାହିଁକି ଶୁଝିବେ ତାର କାରଣ ନିମ୍ନମତେ ଅଟେ ।

(୧) ବ୍ୟାଙ୍କର ଟଙ୍କା ତାଙ୍କର ନିଜସ୍ୱ ନୁହେଁ । ସର୍ବସାଧାରଣଙ୍କର ଜମାରୁ ସେମାନେ ଋଣ ଦେଇଥାଆନ୍ତି । ଯଦି ଆମେ ଋଣ ପରିଶୋଧ ନ କରିବା ଏହି ସର୍ବସାଧାରଣଙ୍କ ଜମା ଟଙ୍କା ଫେରିବ କେମିତି ? ତା ଛଡ଼ା ଋଣ ପରିଶୋଧ ନ ହେଲେ ଅନ୍ୟ ଜଣେ ବ୍ୟକ୍ତି ଋଣ ପାଇବେ କେମିତି ? ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା, ଋଣ ପରିଶୋଧ କଲେ ଆମକୁ ପୁଣି ଅଧିକ ପରିମାଣରେ ଋଣ ମିଳିପାରିବ ଓ ଆମର ଚିହ୍ନାଜଣା ଆଉ କେତେଜଣଙ୍କୁ ମଧ୍ୟ ଋଣ ପ୍ରାପ୍ତିରେ ସାହାଯ୍ୟ କରିପାରିବା ।

(୨) ଋଣ କରିବା କିଛି ଖରାପ କଥା ନୁହେଁ । କିନ୍ତୁ ଋଣ ଖିଲାପୀର ପରିଚୟ ପାଇବା ଅତି ଲଜ୍ୟାଜନକ କଥା । ସମାଜରେ, ଆମର ସାହି ପଡ଼ିଶାରେ ଆମେ ମୁଣ୍ଡ ଟେକି ଚାଲିପାରିବା ତ ? ଅନେକ କ୍ଷେତ୍ରରେ ଋଣ କରିବା ଗର୍ବର ବିଷୟ କାରଣ ଆମର ସେତିକି ଶୁଝିବାର କ୍ଷମତା ଅଛି ବୋଲି ବ୍ୟାଙ୍କ ଆମକୁ ଋଣ ଦେଇଛି, ଏହା ଆମର ଆର୍ଥିକ ସ୍ଥିତି ଓ ଉଦ୍ୟମୀ ହେବାର ପ୍ରତିଫଳନ । କିନ୍ତୁ ଋଣ ନ ଶୁଝିଲେ ବୁଝିବାକୁ ହେବ ଆମେ ଜଣେ ବିଫଳ ବ୍ୟକ୍ତି ।

ଋଣ ପରିଶୋଧ ନ କଲେ କ'ଣ ହେବ ?

ଲୋକ ଲଜ୍ଜା ରହିବ । ସ୍ଥାବର ଅସ୍ଥାବର ସମ୍ପତ୍ତି ବ୍ୟାଙ୍କ କବ୍‌ଜା କରିପାରିବ । ଖବର କାଗଜରେ, ପଞ୍ଚାୟତ ଅଫିସରେ ଓ ଅନ୍ୟାନ୍ୟ ସର୍ବସାଧାରଣ ଯାଗାରେ ଋଣ ଖିଲାପୀ ବୋଲି ବିଜ୍ଞପ୍ତି ବାହାରି ପାରିବ । ତାକୁ ପଢି ଭାଇ ବନ୍ଧୁ କୁଟୁମ୍ବରେ ମୁଣ୍ଡ ଟେକି ବାଟ ଚାଲିପାରିବା ତ ! ଆମ ପାଇଁ ଆମ ଗାଁକୁ ମଧ୍ୟ କଳା ତାଲିକାଭୁକ୍ତ କରାଯାଇପାରିବ । ଆମର ଘର ସାମ୍ନାରେ ଡେଣ୍ଡୁରା ପିଟାଯାଇ ଆମ ସମ୍ପତ୍ତି ନିଲାମ କରାଯାଇପାରିବ । ତେଣୁ ସମାଜରେ ଜଣେ ସଚ୍ଚୋଟ ନାଗରିକ ହୋଇ, ନିଜର ସାମାଜିକ ଦାୟିତ୍ୱ ତୁଲାଇବାକୁ ଆମକୁ ଋଣ ଠିକ୍ ସମୟରେ ପରିଶୋଧ କରିବାକୁ ପଡ଼ିବ । ଏହା ବ୍ୟତୀତ ଜୋରିମାନା ଏବଂ ଜେଲଦଣ୍ଡ ମଧ୍ୟ ରହିଛି ।

ଅର୍ଥ ପ୍ରେରଣ

ଅର୍ଥ ପ୍ରେରଣ କଣ ?

ଦୂର ବିଦେଶରେ କର୍ମରତ ଲୋକ ନିଜର ଜ୍ଞାତି ପରିଜନଙ୍କୁ ଟଙ୍କା ପଠାନ୍ତି । ବ୍ୟବସାୟୀମାନଙ୍କୁ ବିକ୍ରି ଦ୍ରବ୍ୟର ମୂଲ୍ୟ ପଠାଇବାକୁ ପଡ଼େ । ଏହାକୁ ଅର୍ଥ ପ୍ରେରଣ କହନ୍ତି ।

ଅର୍ଥ ପ୍ରେରଣର ବିଭିନ୍ନ ମାଧ୍ୟମ କ'ଣ ?

ମନି ଅର୍ଡର – ଟଙ୍କା ପଠାଇବାର ସବୁଠୁ ସାଧାରଣ ଏହି ମାଧ୍ୟମ ପୁରାକାଳରୁ ଚଳି ଆସୁଅଛି । ଏହା ଡାକ ବିଭାଗ ଦ୍ୱାରା ପରିଚାଳିତ ହୁଏ । ଏଥିରେ ସୁବିଧା ହେଉଛି ଆପଣଙ୍କ ଅର୍ଥ ନିରାପଦ । ଅସୁବିଧା ହେଉଛି ସାଧାରଣତଃ ଏହା ବିଳମ୍ବରେ ପହଞ୍ଚେ ଏବଂ ଏହା ଅଧିକ ଖର୍ଚ୍ଚ ସାପେକ୍ଷ । ସାଙ୍ଗସାଥିଙ୍କ ହାତରେ – ଶୀଘ୍ର ପହଞ୍ଚିବାର ସମ୍ଭାବନା ଥିଲେ ମଧ୍ୟ ବିପଦଅଛି ରାସ୍ତାରେ ଚୋରି ହେବାର ବା ସାଙ୍ଗ ନିଜେ ଧୋକା ଦେବାର । ବ୍ୟାଙ୍କ ମାଧ୍ୟମରେ ।

ବ୍ୟାଙ୍କ ମାଧ୍ୟମରେ ଅର୍ଥ ପ୍ରେରଣ କାହିଁକି କରିବେ ?

ବ୍ୟାଙ୍କ ମାଧ୍ୟମରେ ଅର୍ଥପ୍ରେରଣ ସୁରକ୍ଷିତ ଏବଂ ସୁବିଧାଜନକ । ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ ଥିଲେ ବିନା ନଗଦରେ ମଧ୍ୟ ଆମେ ଅର୍ଥ ପ୍ରେରଣ କରିପାରିବା ।

ବ୍ୟାଙ୍କ ମାଧ୍ୟମରେ ଅର୍ଥପ୍ରେରଣ କି କି ପଦ୍ଧତିରେ ହୁଏ ?

ବ୍ୟାଙ୍କ ଡ୍ରାଫ୍ଟ, ମେଲ ଟ୍ରାନ୍ସଫର, ଟେଲିଗ୍ରାଫିକ ଟ୍ରାନ୍ସଫର, ଇଲେକ୍ଟ୍ରୋନିକ ମାଧ୍ୟମ (NEFT I RTGS) ଏବଂ EBT । ପ୍ରାୟ ଆଉ ଟେଲିଗ୍ରାଫିକ୍ ଟ୍ରାନ୍ସଫର ହୋଇପାରିବ ନାହିଁ କାରଣ ଟେଲିଗ୍ରାମ୍ ବ୍ୟବସ୍ଥା ସରକାର ବନ୍ଦ କରି ଦେଇଛନ୍ତି ।

NEFT ଓ RTGS କ'ଣ ? ତାଙ୍କ ଭିତରେ ଫରକ କ'ଣ ?

NEFT ହେଉଛି National Electronic Fund Transfer ହେଉଛି RTGS ରେ Real Time Gross Settlement. NEFT ରେ Batch ଆକାରରେ ଟଙ୍କା ପ୍ରେରିତ ହୁଏ । ତେଣୁ ସାଧାରଣତଃ ଘଣ୍ଟାକୁ ଘଣ୍ଟା ଅନ୍ତରରେ ଅର୍ଥ ପ୍ରେରିତ ହୁଏ । RTGS ରେ ତୁରନ୍ତ ଅର୍ଥ ପ୍ରେରଣ ହୁଏ । NEFTରେ ଯେ କୌଣସି ରାଶି ପଠାଯାଇପାରେ କିନ୍ତୁ RTGS ରେ ଦୁଇଲକ୍ଷ ଟଙ୍କାରୁ ଅଧିକ ରାଶି ପ୍ରେରଣ କରାଯାଏ । NEFT ରେ ଟ.୫୦,୦୦୦/- ପର୍ଯ୍ୟନ୍ତ ନଗଦ ଜମା କରିହେବ କିନ୍ତୁ ପ୍ରେରକଙ୍କର ପରିଚୟ ପତ୍ର ଦରକାର । NEFT ଓ RTGS ମାଧ୍ୟମରେ ଅର୍ଥପ୍ରାପ୍ତ ପାଇଁ ବ୍ୟାଙ୍କ ଆକାଉଣ୍ଟ ଥିବା ଆବଶ୍ୟକ ।

ଇବିଟି କ'ଣ ?

EBT (Electronic Benefit Transfer) ର ଅର୍ଥ ବୈଦ୍ୟୁତିକ ସଂଚର ମାଧ୍ୟମରେ ଉପଭୋକ୍ତାଙ୍କୁ ଅର୍ଥ ପ୍ରେରଣ । ଆମ ଭାଷାରେ, ଆମେ ପାଉଥିବା ଅର୍ଥକୁ ଯଥା - ନରେଗା ମଜୁରୀ (MGNREGA), ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ସମସ୍ତ ପ୍ରକାର ସବ୍‌ସିଡ଼ି ଇତ୍ୟାଦିକୁ ବୈଦ୍ୟୁତିକ ସଂଚର ମାଧ୍ୟମରେ ଆମ ଖାତାକୁ ତୁରନ୍ତ ପ୍ରେରଣ । ସରକାର ସ୍ଥିର କରିଛନ୍ତି ଯେ ଚେକ୍ କି ନଗଦ ଆକାରରେ ଏ ସମସ୍ତ ଅର୍ଥ ନ ଦେଇ ଆମ ସଞ୍ଚୟ ଖାତାକୁ ସିଧାସଳଖ EBT ମାଧ୍ୟମରେ ତୁରନ୍ତ ଟଙ୍କା ଜମା କରାଯିବ । ଏଥିରେ ଆଉ କେହି ଜାଣିବେନି ବା ଡେରି ମଧ୍ୟ ହେବନି । ତେବେ ଏହାର ମଞ୍ଜି କଥା ହେଉଛି ଏ ସବୁ ପାଇଁ ଆମର ଯେ କୌଣସି ବ୍ୟାଙ୍କରେ ସଞ୍ଚୟ ଖାତାଟିଏ ରହିବା ଦରକାର । ଅନ୍ୟଥା ଅତି ନିକଟ ଭବିଷ୍ୟତରେ ଆମେ ଏସବୁ ଟଙ୍କା ପାଇପାରିବୁ ନାହିଁ । ଇବିଟିକୁ ମଧ୍ୟ ଡିବିଟି (Direct Benefit Transfer) କହନ୍ତି ।

ବୀମା

ବୀମା କ'ଣ ? ବୀମାର ଆବଶ୍ୟକତା କାହିଁକି ?

ଆପଦ-ବିପଦ, ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ, ରୋଗ-ବଇରାଗ ଆଦି ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲାଗି ରହିଥାଏ । ଏ ସମସ୍ତଙ୍କୁ ନିବାରଣ କରି ହେବନି କିନ୍ତୁ ତତ୍‌ଜନିତ ଆର୍ଥିକ କ୍ଷତିକୁ ଭରଣା କରିବାର ମାଧ୍ୟମ ହେଉଛି ବୀମା । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କର ବୀମା ହେବା ନିହାତି ଜରୁରୀ । ବୀମାର ମୂଳମନ୍ତ୍ର ହେଲା କିଛି ବ୍ୟକ୍ତି ସମୂହ ଭାବରେ ଅର୍ଥ ଜମା କରି ଏକ ପାଣ୍ଠି ଗଠନ କରନ୍ତି ଏବଂ ସେହି ପାଣ୍ଠିରୁ କ୍ଷତିଗ୍ରସ୍ତ ଲୋକଙ୍କର କ୍ଷତିର ଆର୍ଥିକ ଉପଶମ କରାଯାଏ । ଅର୍ଥନୈତିକ ବିବର୍ତ୍ତନର ବର୍ତ୍ତମାନ ବୀମା ବ୍ୟବସାୟ ବଡ଼ ବଡ଼ କମ୍ପାନୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି ।

ବୀମା କେତେ ପ୍ରକାରର ?

ବୀମା ମୁଖ୍ୟତଃ ଦୁଇ ପ୍ରକାରର । ଜୀବନ ବୀମା ଓ ସାଧାରଣ ବୀମା ।

୧. ଜୀବନ ବୀମା : ଏହା ସାଧାରଣତଃ ଲମ୍ବା ଅବଧି ପାଇଁ କରାଯାଇଥାଏ । ବୀମାର ଅବଧି ମଧ୍ୟରେ ବୀମାଧାରୀଙ୍କର ମୃତ୍ୟୁ ହେଲେ ତାଙ୍କର ମନୋନୀତ ବ୍ୟକ୍ତିଙ୍କୁ ବୀମାରାଶି ପ୍ରଦାନ କରାଯାଏ । କେତେକ ବୀମା ପଲିସିରେ ଜୀବନବୀମା ସହିତ ଦୁର୍ଘଟଣା ଜନିତ ଅଙ୍ଗହାନି ପାଇଁ ମଧ୍ୟ ବୀମା ରାଶି ଦେବାର ବନ୍ଦୋବସ୍ତ ଅଛି । ୧ ଅଗଷ୍ଟ ୧୯୫୬ଠାରୁ ଆମ ଦେଶରେ ଜୀବନ ବୀମାକୁ ରାଷ୍ଟ୍ରାୟତ୍ତ କରାଯାଇ ଜୀବନ ବୀମା କାରବାର ପାଇଁ ଭାରତୀୟ ଜୀବନ ବୀମା ନିଗମ (LIC of India)କୁ ଏକଚାଟିଆ ଦାୟିତ୍ୱ ଦିଆଯାଇଥିଲା । ତେବେ ଏପ୍ରିଲ ୨୦୦୦ ମସିହାଠାରୁ ବେସରକାରୀ କମ୍ପାନୀମାନେ ମଧ୍ୟ ଏବେ ଦେଶରେ ଜୀବନ ବୀମା କାରବାର କରୁଛନ୍ତି । ସେମାନଙ୍କ ମଧ୍ୟରୁ SBI Life Insurance, PNB Metlife, ICICI Prudential Life Insurance, Bajaj Allianz Life ଓ Max Life Insurance ଅନ୍ୟତମ ।

୨. ସାଧାରଣ ବୀମା : ଜୀବନ ବୀମାକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବୀମାକୁ ସାଧାରଣ ବୀମା (General Insurance) କୁହାଯାଏ । ଏହାର ପରିସର ଅତ୍ୟନ୍ତ ବ୍ୟାପକ ।

କ) ଦୁର୍ଘଟଣା ଜନିତ ବୀମା : ଏହା ଦୁର୍ଘଟଣା ଜନିତ କ୍ଷତିପୂରଣ ଦେଇଥାଏ । ଖ) ସ୍ୱାସ୍ଥ୍ୟ ବୀମା : ଏହା ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ ଚିକିତ୍ସାର ଖର୍ଚ୍ଚ ବହନ କରେ । ଗ) ଯାନବାହାନ ବୀମା : ଏହା ଗାଡି, ମଟର ସାଇକେଲ ଆଦିକୁ ବୀମା ଅନ୍ତର୍ଭୁକ୍ତ କରିଥାଏ । ଘ) ଫସଲ ବୀମା : ରାଷ୍ଟ୍ରୀୟ କୃଷି ବୀମା ଯୋଜନା ମାଧ୍ୟମରେ ଋଣ କରି ବା ଋଣ ନ କରି ଉତ୍ପନ୍ନ ହେଉଥିବା ଫସଲକୁ ବୀମାଭୁକ୍ତ କରାଯାଏ । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ପ୍ରିମିୟମ୍‌ର ପରିମାଣ ପ୍ରତିଶତ ସବ୍‌ସିଡି ଆକାରରେ ଦିଆଯାଏ । ଙ) ଗୋଧନ, ପକ୍ଷୀଧନ ଓ ମତ୍ସ୍ୟ ବୀମା : ପଶୁପକ୍ଷୀ ପାଳନ ଓ ମତ୍ସ୍ୟଚାଷକୁ ଏହି ବୀମାଭୁକ୍ତ କରାଯାଇଥାଏ । ଚ) ସମ୍ପତ୍ତି ବୀମା : ଅସ୍ଥାବର ସମ୍ପତ୍ତି ଯଥା – ଘରର ଆସବାସପତ୍ର, ଗହଣାଗାଣ୍ଠି, ଫ୍ରିଜ୍, ଟିଭି, ଏ.ସି. ଓ ଅନ୍ୟାନ୍ୟ ବୈଦ୍ୟୁତିକ ଯନ୍ତ୍ର ଏହି ବୀମାରେ ଅନ୍ତର୍ଭୁକ୍ତ । ଛ) ଗୃହ ବୀମା : ଭୂମିକମ୍ପ, ଘରପୋଡ଼ି, ବନ୍ୟା ଓ ବାତ୍ୟା ପାଇଁ ନିଜ ଗୃହକୁ ଏହି ବୀମା ଅନ୍ତର୍ଭୁକ୍ତ କରାଯାଏ ।

ଏ ସମସ୍ତ ବୀମା ପାଇଁ ୧ ଜାନୁୟାରୀ ୧୯୭୩ ମସିହାଠାରୁ ସାଧାରଣ ବୀମା ଶିଳ୍ପ ଜାତୀୟକରଣ କରାଯାଇ ଚାରୋଟି ମାତ୍ର ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ କାର୍ଯ୍ୟ କରିବା ପାଇଁ ଅନୁମତି ପାଇଥିଲେ । ସେମାନେ ହେଲେ ୟୁନାଇଟେଡ୍ ଏସ୍ୟୁରାନ୍ସ କମ୍ପାନୀ, ନିଉ ଇଣ୍ଡିଆ ଇନ୍‌ସୁରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇନ୍‌ସୁରାନ୍ସ କମ୍ପାନୀ, ନେସନାଲ୍ ଇନସୁରାନ୍ସ କମ୍ପାନୀ । ଏବେ ସରକାରଙ୍କର ଆର୍ଥିକ ଉଦାରୀକରଣ ପ୍ରକ୍ରିୟାରେ ଏପ୍ରିଲ ୨୦୦୦ ମସିହାଠାରୁ IRDA Act-୧୯୯୯ ବଳରେ ବେସରକାରୀ ବୀମା କମ୍ପାନୀମାନେ ମଧ୍ୟ ଦେଶରେ ସାଧାରଣ ବୀମା କାରବାର କରୁଛନ୍ତି । ସେମାନଙ୍କ ମଧ୍ୟରୁ ICICI Lombard General Insurance Company Limited, IFFCO-Tokio General Insurance Company Limited, Reliance General Insurance Company Limited, Tata AIG General Insurance Company Limited ଅନ୍ୟତମ ।

ପେନସନ୍

ପେନ୍‌ସନ୍ କାହାକୁ କୁହନ୍ତି ? ପେନ୍‌ସନ୍‌ର ଆବଶ୍ୟକତା କ'ଣ ?

ମଣିଷ ଶିଶୁ, ଯୁବକ ଓ ବୃଦ୍ଧ ଅବସ୍ଥା ଦେଇ ଗତି କରେ । ଏହି ଜୀବନଚକ୍ରରେ ବାଲ୍ୟାବସ୍ଥା ଓ ବୃଦ୍ଧାବସ୍ଥାରେ ଅନ୍ୟର ସାହାଯ୍ୟ ବିନା ସେ ଜୀବନଧାରଣ କରିପାରେ ନାହିଁ । ବାଲ୍ୟାବସ୍ଥାରେ ତା'ର ଭରଣପୋଷଣ ଦାୟିତ୍ୱ ବାପା, ମାଆ ନିଅନ୍ତି । ଯଦିଚ ଆଶା କରାଯାଏ

ଯେ ବୃଦ୍ଧାବସ୍ଥାରେ ନିଜର ପୁଅ ଝିଅ ତାର ଦାୟିତ୍ୱ ନେବେ କିନ୍ତୁ ସବୁ କ୍ଷେତ୍ରରେ ଏହା ସମ୍ଭବ ହୁଏନାହିଁ। ସେଇଥିପାଇଁ ପେନ୍‌ସନ୍‌ର ଆବଶ୍ୟକତା ରହିଛି। ବୃଦ୍ଧାବସ୍ଥାରେ ଭରଣପୋଷଣ ପାଇଁ ଆର୍ଥିକ ବନ୍ଦୋବସ୍ତକୁ ପେନ୍‌ସନ୍ କୁହାଯାଏ। ସରକାରୀ କର୍ମଚାରୀ ଓ କିଛି କମ୍ପାନୀ କ୍ଷେତ୍ରରେ ଏହି ପେନ୍‌ସନ୍ ପ୍ରଥା ଅନେକ ଦିନରୁ ଚଳି ଆସୁଅଛି ଯଦ୍ୱାରା କର୍ମଚାରୀଙ୍କର ଅବସର ପରେ ତାଙ୍କୁ ମାସିକ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା ଅଛି। କିନ୍ତୁ ଶ୍ରମିକ, କୃଷକ ଏବଂ ଖଟିଖିଆ, ଦିନ ମଜୁରିଆଙ୍କ ପାଇଁ ଏ ପର୍ଯ୍ୟନ୍ତ କିଛି ପେନ୍‌ସନ୍‌ର ବନ୍ଦୋବସ୍ତ ନଥିଲା। ଭାରତ ସରକାର ଏକ ଅଭିନବ ପେନ୍‌ସନ୍ ଯୋଜନା ସ୍ୱାବଲମ୍ବନ ପ୍ରଣୀତ କରିଛନ୍ତି, ଯାହା ୨୦୧୬-୧୭ ପର୍ଯ୍ୟନ୍ତ ବଳବତ୍ତର ରହିବ।

ସ୍ୱାବଲମ୍ବନ କ'ଣ ? ଏହା କିପରି ପରିଚାଳିତ ହୁଏ ?

'ସ୍ୱାବଲମ୍ବନ' ଅସଙ୍ଗଠିତ କ୍ଷେତ୍ରର ବ୍ୟକ୍ତିମାନଙ୍କ ପାଇଁ ଏକ ଅଭିନବ ପେନ୍‌ସନ୍ ଯୋଜନା। ଏହି ଯୋଜନାକୁ ଭାରତୀୟ ଜୀବନବୀମା ନିଗମକୁ ପରିଚାଳନା ପାଇଁ ଦାୟୀତ୍ୱ ନ୍ୟସ୍ତ କରାଯାଇଅଛି। ଏଥିରେ ଏକ ପେନ୍‌ସନ୍ ପାଣ୍ଠିର ଗଠନ କରିବାର ବନ୍ଦୋବସ୍ତ ଅଛି। ଜଣେ ଉପଭୋକ୍ତା ବର୍ଷକୁ ସର୍ବନିମ୍ନ ଟ.୧୦୦୦ଙ୍କା ଓ ସର୍ବାଧିକ ଟ.୧୨୦୦୦ଙ୍କା ଜମା କରିବାର ବନ୍ଦୋବସ୍ତ ଅଛି। ଏହି ରାଶିକୁ ସର୍ବାଧିକ ୧୨ଟି ମାସିକ କିସ୍ତିରେ ମଧ୍ୟ ଦେଇ ହେବ। ଏହି ପାଣ୍ଠିରେ ଭାରତ ସରକାର ବର୍ଷକୁ ଜଣ ପିଛା ଟ.୧୦୦୦/-ଙ୍କା କରି ଅନୁଦାନ ପ୍ରଦାନ କରିବେ। ଉପଭୋକ୍ତାଙ୍କର ବୟସ ୧୮ରୁ ୫୫ବର୍ଷ ହୋଇଥିବ ଏବଂ ସେ ଅନ୍ୟ କୌଣସି ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନଥିବେ। ଉପଭୋକ୍ତା ୬୦ ବର୍ଷ ବୟସ ପରେ ମାସିକ ପେନ୍‌ସନ୍ ପାଇବାର ହକ୍‌ଦାର ହେବେ। ସେ ଚାହିଁଲେ ତାଙ୍କ ଜମା ଅର୍ଥ ରାଶିର ୬୦ ପ୍ରତିଶତ, ୬୦ ବର୍ଷ ବୟସ ପରେ ଫେରସ୍ତ ନେଇପାରିବେ। ମୃତ୍ୟୁ ପରେ ସମସ୍ତ ଜମାରାଶି ତାଙ୍କର ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯିବ। ଏହି ଯୋଜନା ଭାରତ ସରକାରଙ୍କର ପ୍ରଣୀତ ନିୟମ ଅନୁଯାୟୀ କାର୍ଯ୍ୟକାରୀ ହେବ।

ବ୍ୟାଙ୍କ ଋଣ ପାଇଁ ପ୍ରକଳ୍ପର ମୂଲ୍ୟାୟନ

ପ୍ରକଳ୍ପ ଗୋଟିଏ ଅର୍ଥନୈତିକ କାର୍ଯ୍ୟକଳାପ ଯେଉଁଠାରେ ସମ୍ବଳର ବିନିଯୋଗ କରାଯାଇ ଏକ ନୂତନ ସମ୍ପତ୍ତିର ସୃଷ୍ଟି କରାଯାଇପାରେ। ଏହି ସମ୍ପତ୍ତି କ୍ରମାଗତ ଭାବରେ କିଛି ବର୍ଷ ପାଇଁ ଆୟ ଦେଇ ଚାଲେ। ପ୍ରତ୍ୟେକ ପ୍ରକଳ୍ପର ଏକ ଆରମ୍ଭ ଓ ସମାପ୍ତି ଅଛି। ପ୍ରକଳ୍ପ ସାଧାରଣତଃ ଲାଭ କ୍ଷତି ମାପକାଠିଦ୍ୱାରା ବିଚାର କରାଯାଏ। ଏକ ପ୍ରକଳ୍ପ ବିଭିନ୍ନ ସ୍ତର ଦେଇ ଗତି କରେ। ଯଥା ପ୍ରକଳ୍ପ ଚିହ୍ନଟକରଣ, ଗଠନ, ମୂଲ୍ୟାୟନ କାର୍ଯ୍ୟକରଣ, ତଦାରଖ ଓ ଶେଷରେ ମୂଲ୍ୟାଙ୍କନ। ଏହାକୁ ପ୍ରକଳ୍ପ ଚକ୍ର (Project Cycle) କୁହାଯାଏ।

ପ୍ରକଳ୍ପ ବା ପରିଯୋଜନା ଭିତ୍ତିକ ଋଣ ପ୍ରଦାନ ଉଭୟ କୃଷି ଓ ଶିଳ୍ପ କ୍ଷେତ୍ରରେ ଦେଖାଯାଏ। କିନ୍ତୁ କୃଷିଭିତ୍ତିକ ପ୍ରକଳ୍ପ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଯେପରି ଜମିର ଯଦିଓ ଏକ ପ୍ରକଳ୍ପପାଇଁ ଜମି ଗୋଟିଏ ଉପାଦାନ ନୁହେଁ ଓ ଅନେକ ଯାଗାରେ ଏକ ମାର୍ଜିନ ଭାବରେ ଗଣାଯାଏ। ଦ୍ୱିତୀୟତଃ ବିନିଯୋଗ ଭିତ୍ତିକ କାର୍ଯ୍ୟକଳାପ ଯାହା ଋତୁକାଳୀନ ଫସଲ ଉତ୍ପାଦନ ଦ୍ୱାରା ପ୍ରଭାବିତ ହୁଏ। ତୃତୀୟତଃ ପ୍ରାକୃତିକ ପରିବେଶ ଜନିତ ପ୍ରଭାବ ଯାହାଦ୍ୱାରା ଉତ୍ପାଦନ ବାଧାପ୍ରାପ୍ତ ହୋଇଥାଏ। ଶେଷରେ କୃଷି ପ୍ରକଳ୍ପର ଆୟ ଅର୍ଥ ହେଉଛି ପ୍ରକଳ୍ପ ପୂର୍ବ ଓ ପର ଉତ୍ପାଦନର ତାରତମ୍ୟ।

ଗୋଟିଏ ପ୍ରକଳ୍ପ ଗଠନର ପ୍ରଥମ ପଦକ୍ଷେପ ହେଉଛି ପ୍ରକଳ୍ପ ଖର୍ଚ୍ଚର ବିଭିନ୍ନ ଉପାଦାନ ଚିହ୍ନଟ। ଏହା ସାଧାରଣତଃ ଦୁଇ ଭାଗରେ ବିଭକ୍ତ। ପ୍ରଥମକୁ ପୁଞ୍ଜିଗତ ବିନିଯୋଗ (Capital Cost) ଦ୍ୱିତୀୟକୁ ଦୈନନ୍ଦିନ ଖର୍ଚ୍ଚ (Recurring Cost) କୁହାଯାଏ। ପୁଞ୍ଜିଗତ

ବିନିଯୋଗ ନୂତନ ସମ୍ପତ୍ତି (Assests) ସୃଷ୍ଟି କରିବାପାଇଁ ଉଦ୍ଦେଶ୍ୟ ଥାଏ। ଏହା ସହିତ ପୁଞ୍ଜି ବିନିଯୋଗ ଦ୍ୱାରା ଆନୁସଙ୍ଗିକ ସୁବିଧା (Infrastructure facility)ର ମଧ୍ୟ ଉନ୍ନତି ଘଟିଥାଏ। ଏହି ଖର୍ଚ୍ଚ ଏକକାଳୀନ କରାଯାଏ। ଉଦାହରଣ ସ୍ୱରୂପ କୂପ ଖନନ, ଗୋରୁସାଳ ନିର୍ମାଣ କିମ୍ବା ଛୋଟ ଗାଈ ଫାର୍ମପାଇଁ ଯନ୍ତ୍ରପାତି ଖରିଦ, ଯନ୍ତ୍ରପାତି ସ୍ଥାପନ ପାଇଁ ଗୃହ ନିର୍ମାଣ, ଯନ୍ତ୍ରପାତି ସ୍ଥାପନ ଆବଶ୍ୟକୀୟ ଉପକରଣ ଆନୁସଙ୍ଗିକ ଖର୍ଚ୍ଚ ଇତ୍ୟାଦି।

ଦୈନନ୍ଦିନ ଖର୍ଚ୍ଚ ସବୁବେଳେ ହେଉଥିବ, ଯେଉଁଦିନ ଯାଏ ଉତ୍ପାଦନ ପ୍ରକ୍ରିୟା ଚାଲୁଥିବ। ଉଦାହରଣ ସ୍ୱରୂପ ଗୋଟିଏ କୁକୁଡ଼ା ଫାର୍ମ ପାଇଁ ଚିଆଁ କୁକୁଡା, ଖାଦ୍ୟ, ଔଷଧ ଗୋଟିଏ ମତ୍ସ୍ୟ ଉତ୍ପାଦନ ଫାର୍ମ ପାଇଁ ମାଛ, ଜାଁଆଳ ଓ ଖାଦ୍ୟ ପ୍ରଭୃତି।

ପ୍ରକଳ୍ପ ଖର୍ଚ୍ଚ ପୁଞ୍ଜିଗତ ଖର୍ଚ୍ଚ ଓ ଦୈନନ୍ଦିନ ଖର୍ଚ୍ଚରୁ ମିଳିତ ଖର୍ଚ୍ଚକୁ ବୁଝାଏ ଏହି ଖର୍ଚ୍ଚ ଦ୍ୱାରା ପ୍ରକଳ୍ପରୁ କ୍ରମାଗତ ଭାବରେ ଆୟ ପ୍ରବାହିତ ହେଉଥାଏ। ପ୍ରକଳ୍ପ ଖର୍ଚ୍ଚରୁ ଜଣାଯାଏ ଯେ ପ୍ରକଳ୍ପରେ ପ୍ରତ୍ୟେକ ବିନିଯୋଗକୁ ଦୃଷ୍ଟି ଦିଆଯାଇଛି କି ନାହିଁ।

ଗୋଟିଏ ପ୍ରକଳ୍ପର ମୋଟ ଖର୍ଚ୍ଚ ହିସାବକୁ ନେଲାପରେ ଋଣୀ ସଭ୍ୟ କେତେ ମାର୍ଜିନ ଦେବ ସ୍ଥିର କରାଯାଏ। କ୍ଷୁଦ୍ର ମାଧ୍ୟମ ଓ ବଡଋଣୀମାନଙ୍କ ପାଇଁ ଏହି ମାର୍ଜିନ ଅର୍ଥ ଅଲଗା ଅଲଗା ଅଟେ।

ପ୍ରକଳ୍ପ ମୂଲ୍ୟାୟନ ଓ ମଞ୍ଜୁରୀ :

ଗୋଟିଏ ପ୍ରକଳ୍ପକୁ ଋଣ ଦେବାପାଇଁ ଏହାର ସ୍ଥାୟୀତ୍ୱ ଦକ୍ଷତାର ମୂଲ୍ୟାୟନ ଆବଶ୍ୟକ। ଗୋଟିଏ ପ୍ରକଳ୍ପର ମୂଲ୍ୟାୟନ ପ୍ରଥମରୁ ଋଣୀର କର୍ମକୁଶଳତାରୁ ଆରମ୍ଭ ହୁଏ। ଗୋଟିଏ ପରିଶ୍ରମୀ, ଦୁରଦୃଷ୍ଟି ସଂପର୍ଣ୍ଣ ଓ ସାଧୁ ଚରିତ୍ର ସଂପର୍ଣ୍ଣ ବ୍ୟକ୍ତିଦ୍ୱାରା ଅଣକ୍ଷମ ପ୍ରକଳ୍ପ ସକ୍ଷମରେ ପରିବର୍ତ୍ତିତ ହୁଏ। ଗୋଟିଏ ଋଣୀକୁ ନିମ୍ନ ପ୍ରକାରେ ମୂଲ୍ୟାୟନ କରାଯାଇପାରେ।

୧. ଋଣୀର ଚରିତ୍ର ଓ ସମନ୍ୱୟ
୨. ଯେଉଁ ବ୍ୟବସାୟ କରିବାକୁ ଚାହୁଁଥିବ ସେହି ବିଷୟରେ ପୂର୍ବ ଅଭିଜ୍ଞତା ଓ ପରିଚାଳନା ଦକ୍ଷତା।
୩. ଋଣୀର ଆର୍ଥିକ ସମର୍ଥତା, ଋଣୀ ମାର୍ଜିନ ଅର୍ଥ ବହନ କରିପାରୁଥିବା ସହ ଦୈନନ୍ଦିନ ଖର୍ଚ୍ଚ, ଅର୍ଥ ପାଇଲା ପର୍ଯ୍ୟନ୍ତ ବହନ କରି ପାରୁଥିବ।

ଋଣୀର ପରିଚାଳନା ଦକ୍ଷତାର ମୂଲ୍ୟାୟନ ପରେ ପ୍ରକଳ୍ପର ବୈଷୟିକ ସ୍ୱଚ୍ଛଳତା ପ୍ରତି ଦୃଷ୍ଟି ଦେବାକୁ ହେବ। ପ୍ରକଳ୍ପର ବୈଷୟିକ ସକ୍ଷମତା ନିମ୍ନଲିଖିତ ବିଷୟକୁ ବୁଝାଏ।

୧. ପ୍ରକଳ୍ପର ସ୍ଥାନ
୨. କଞ୍ଚାମାଲର ମିଳିବାରେ ସୁବିଧା
୩. ପ୍ରକଳ୍ପ ସ୍ଥାନକୁ ପରିବହନର ସୁବିଧା
୪. ବୈଷୟିକ ଯାନର ଉପଲବ୍ଧୀ
୫. ଆନୁସଂଗିକ ସୁବିଧା ସୃଷ୍ଟିପାଇଁ ସୁଯୋଗ
୬. କୁଶଳୀ ଶ୍ରମିକ ମିଳିବାର ସମ୍ଭାବନା
୭. ବଜାରର ସୁବିଧା
୮. ଜଳବାୟୁ

ଗୋଟିଏ ପ୍ରକଳ୍ପ ସ୍ଥାପନର ଉପରୋକ୍ତ ସୁବିଧା ଥିଲେ ଏହି ପ୍ରକଳ୍ପ ବୈଷୟିକ ସ୍ୱଚ୍ଛଳତା ଅଛି ବୋଲି କହିବାକୁ ହେବ। ଉଦାହରଣ ସେଚକୂପ ଗୋଟିଏ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯଥା କୂପଖନନ ପାଇଁ ଭୂମିତଳ ଜଳର ସ୍ତର କେତେ, ଜଳର ଗୁଣ ଓ ପ୍ରାବଲ୍ୟତା ଓ ଦୁଇଟି ପାଖାପାଖି କୂପର ଦୂରତ୍ୱ ବୈଷୟିକ ସ୍ୱଚ୍ଛଳତାକୁ ବୁଝାଏ। ସେହିପରି ଗାଈ ଫାର୍ମ ପାଇଁ, ଜାତିଆ, ଦୁଆଁଳିଗାଈ ପଶୁଡାକ୍ତରଙ୍କ ଉପଲବ୍ଧି, ପ୍ରଚୁର ଗୋ ଖାଦ୍ୟ ମିଳିବାର ସମ୍ଭାବନା ଓ ଦୁଗ୍ଧ ବିକ୍ରୟ ସୁବିଧାକୁ ଏହି ଶ୍ରେଣୀଭୁକ୍ତ କରାଯାଇପାରେ। ସେହିପରି ଅଣକୃଷି କ୍ଷେତ୍ରରେ ଯନ୍ତ୍ରପାତିର ପ୍ରାପ୍ତି କୁଶଳୀ କାରିଗର କଞ୍ଚାମାଲ ବିଦ୍ୟୁତ୍ ଓ ଜଳ ବ୍ୟବସ୍ଥା ଇତ୍ୟାଦି ଦେଖାଯାଏ। ପ୍ରକଳ୍ପର

ବୈଷୟିକ ଯୋଗ୍ୟତା ନିରୂପଣ ପରେ, ସମିତି ପ୍ରକଳ୍ପର ବ୍ୟବସାୟିକ ଯୋଗ୍ୟତା ବା ସ୍ୱଚ୍ଛଳତା ପ୍ରତି ଦୃଷ୍ଟିପାତ ହେବ। ବ୍ୟବସାୟିକ ସ୍ୱଚ୍ଛଳତା ଅର୍ଥ ହେଉଛି ଗୋଟିଏ ପ୍ରକଳ୍ପ ବର୍ଷରେ ସେହି ଇଉନିଟ୍‌ର ସବୁଖର୍ଚ୍ଚ ବାଦଦେଇ ଲାଭ ଅର୍ଜନ କରିବାର କ୍ଷମତା। ଏହାର ଅନ୍ୟ ଏକ ଅର୍ଥ ହେଲା, ପ୍ରକଳ୍ପରୁ ମିଳୁଥିବା ଦୈନନ୍ଦିନ ଆୟ, ଖର୍ଚ୍ଚଠାରୁ ବେଶି ଅଟେ। ଏହି ଲାଭ, ସୁବିଧାରେ କଞ୍ଚାମାଲ ମିଳିବା, ଉତ୍ପାଦନ ନିମନ୍ତେ ଖର୍ଚ୍ଚ ଓ ଆୟ ଓ ସର୍ବୋପରି ବଜାରର ଚରିତ୍ରକୁ ବୁଝାଏ।

ଏହାର ପରବର୍ତ୍ତୀ ପଦକ୍ଷେପ ହେଲା ପ୍ରକଳ୍ପରୁ ଅର୍ଥ ପ୍ରବାହନ (Cash flow)। ଏଥିନିମନ୍ତେ ବ୍ୟାଙ୍କ ନିମ୍ନପ୍ରକାରେ ପୁଞ୍ଜି ଓ ଦୈନନ୍ଦିନ ଖର୍ଚ୍ଚ ଓ ପୁଞ୍ଜିଗତ ଏବଂ ଦୈନନ୍ଦିନ ଆୟର ବିସ୍ତୃତ ବିବରଣୀ ପ୍ରସ୍ତୁତ କରିବା। ଏହି ବିବରଣୀକୁ ଅର୍ଥ ପ୍ରବାହନ ବିବରଣୀ କୁହାଯାଏ। ଏହାଦ୍ୱାରା ବ୍ୟାଙ୍କ ଜାଣିପାରେ ଯେ ପ୍ରକଳ୍ପଦ୍ୱାରା ଏକ ନିର୍ଦ୍ଦିଷ୍ଟ ବର୍ଷରେ କେତେ ପରିମାଣର ଅର୍ଥ ଆଦାୟ ହୋଇପାରିବ, ଯାହାଦ୍ୱାରା ପ୍ରକଳ୍ପରୁ ପରିଶୋଧର ଅବଧି ଯାଇପାରିବ।

ଉଦାହରଣ :

ବିବରଣୀ	ପ୍ରଥମ ବର୍ଷ	ଦ୍ୱିତୀୟ ବର୍ଷ	ତୃତୀୟ ବର୍ଷ	୪ର୍ଥ ବର୍ଷ	୫ମ ବର୍ଷ
ପୁଞ୍ଜି ବିନିଯୋଗ	୨୦୦୦୦	୦	୦	୦	୦
ଦୈନନ୍ଦିନ ବିନିଯୋଗ	୩୦୦୦	୫୦୦୦	୫୦୦୦	୫୦୦୦	୫୦୦୦
ମୋଟ ଆୟ	୬୦୦୦	୯୦୦୦	୧୫୦୦୦	୧୫୦୦୦	୧୫୦୦୦
ସମ୍ପତ୍ତିର ପୁନଃ ବିକ୍ରିମୂଲ୍ୟ	୦	୦	୦	୦	୦
ନିଟ୍ ଆୟ (ମୋଟ ଆୟ - ମୋଟ ବ୍ୟୟ)	୧୬୦୦୦	୪୦୦୦	୧୦୦୦୦	୧୦୦୦୦	୧୦୦୦୦
ପ୍ରତ୍ୟେକ ବର୍ଷ ପ୍ରକଳ୍ପରୁ ଆୟ ହେଉଥିବା ଅର୍ଥ	୩୦୦୦	୪୦୦୦	୧୦୦୦୦	୧୦୦୦୦	୧୦୦୦୦

ସାଧାରଣତଃ ଅର୍ଥର ପ୍ରବାହନ (Cash Flow) କୁ ଅଧାର କରି ବ୍ୟାଙ୍କମାନେ Net Present Worth (N.P.W) Benefit Cost Ratio (B.C.R) Internal rate of Return (IRR) ପ୍ରଭୃତି ଆର୍ଥିକ ମୂଲ୍ୟାୟନ ପଦ୍ଧତିକୁ ଆଧାର କରି ପ୍ରକଳ୍ପର ଆର୍ଥିକ ସକ୍ଷମତା ବାହାର କରନ୍ତି, ଅପରପକ୍ଷରେ ଦେଖିବା ଉଚିତ ପ୍ରତ୍ୟେକ ପ୍ରକଳ୍ପରୁ ନିଟ୍ ଆୟର ପ୍ରବାହନ ପ୍ରତିବର୍ଷ ହେଉଅଛି କି ନାହିଁ। ତାପରେ ସେମାନେ ପ୍ରକଳ୍ପ ଖର୍ଚ୍ଚ ସହ ସୁପାରିସ କରାଯାଇଥିବା ଇଉନିଟ୍ ଖର୍ଚ୍ଚସହ ତୁଳନା କରିବା ଉଚିତ।

ପରବର୍ତ୍ତି ପଦକ୍ଷେପ ହେଉଛି ପ୍ରକଳ୍ପକୁ ଋଣ ଯୋଗାଣପାଇଁ ଯୋଗ୍ୟତା ଅର୍ଜନ। ଏହାର ଅର୍ଥ ହେଉଛି, ଜାମିନି ବନ୍ଧକି, ମାର୍ଜିନ ଋଣୀଦ୍ୱାରା ସୁଧହାରର ସ୍ୱୀକୃତି ଓ ପ୍ରକଳ୍ପର ସମୟ ଶେଷ ପର୍ଯ୍ୟନ୍ତ ଅର୍ଥ ଆଗମନର ସୁଯୋଗ ପ୍ରଭୃତିର ତର୍ଜମାପରେ ଏକ ନିର୍ଦ୍ଦିଷ୍ଟ ପ୍ରକଳ୍ପରେ ଅର୍ଥ ଖଟାଇବାକୁ ବ୍ୟାଙ୍କ ସ୍ଥିର କରେ। ସେହିପରି ବ୍ୟାଙ୍କକୁ ଦେଖିବାକୁ ହେବ ଯେ ପ୍ରକଳ୍ପ ପରିଚାଳନା ପାଇଁ ଦକ୍ଷ କର୍ମଚାରୀ ଥିବା ଆବଶ୍ୟକ। ଯାହାଦ୍ୱାରା ପ୍ରକଳ୍ପ ପରିଚାଳନା ସୁଗମ ହୋଇପାରିବ। ଏଥିରୁ ସୂଚୀତ ହୁଏ ଯେ ପ୍ରକଳ୍ପଦ୍ୱାରା ମୂଲ୍ୟାୟନ ଏପରି ଏକ ଅସ୍ତ୍ର ଯାହାଦ୍ୱାରା ଭଲ ଋଣୀକୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ନୂତନ ସଂପତ୍ତିର ସୃଷ୍ଟି କରିବାରେ ସହାୟକ ସିଦ୍ଧି ହୋଇଥାଏ।

ସରକାରୀ ଯୋଜନା

୧. ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମ

କ. ଅଧିନିୟମ ସମ୍ବନ୍ଧରେ

- ମାନରେଗା ଏକ ଅଧିନିୟମ ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ଯାହାର ଲକ୍ଷ କାମ ପାଇଁ ହକର ନିଶ୍ଚିତତା କରିବା ।
- ଗ୍ରାମୀଣ ଅଞ୍ଚଳରେ ସମସ୍ତ ଘରର ଅଣକୁଶଳୀ କାମ ପାଇଁ ଇଚ୍ଛୁକ ବୟସ୍କମାନଙ୍କୁ ବର୍ଷରେ ଅତି କମ୍‌ରେ ୧୦୦ ଦିନର କାମ ଏବଂ ରୋଜଗାର ଯୋଗାଇ ଅଜୀବିକା ସୁରକ୍ଷାକୁ ବଢାଇବା ।
- ସାମୁହିକ ସମ୍ପତି ଏବଂ ବ୍ୟକ୍ତିଗତ ସମ୍ପତିକୁ ନିର୍ମାଣ କରିବାରେ ଏହା ଏକ ସୁଦୃଢ଼ ବିନିଯୋଗ ।
- ମାନରେଗା ଏକ ଯୋଜନା ଯେଉଁଥିରେ ସାଧନର ୬୦% ଭୂମି ଜଳ ଏବଂ ପ୍ରାକୃତିକ ସଂଶୋଧନ ସମ୍ବନ୍ଧିତ ପରିଯୋଜନାରେ ବିନିଯୋଗ ହୋଇଥାଏ ।

ଖ. ଯୋଗ୍ୟତା : ଜବ କାର୍ଡ ପାଇଁ ନାମାଙ୍କନ ଏବଂ କାମ ପାଇଁ ଆବେଦନ :

- ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ
- ଜବ କାର୍ଡ ଧାରୀ
- କୌଣସି ଆବେଦନକାରୀ ୧୫ ଦିନ ମଧ୍ୟରେ କାମ ପାଇବାର ହକଦାର ଅଟନ୍ତି ।
- ଗ୍ରାମୀଣ ପରିବାରର ଅଣକୁଶଳୀ ଇଚ୍ଛୁକ ବୟସ୍କ ବ୍ୟକ୍ତିମାନେ ପଞ୍ଜୀକରଣ ପାଇଁ ଲିଖିତ କିମ୍ବା ମୌଖିକ ରୂପେ କରିପାରନ୍ତି ।
- ସତ୍ୟାପନ (ଭେରିଫିକେସନ) କଲାପରେ ଗ୍ରାମ ପଞ୍ଚାୟତ ଏକ ଜବ କାର୍ଡ କରିବେ ।
- ଆବେଦନର ୧୫ ଦିନ ମଧ୍ୟରେ ଜବ କାର୍ଡ ଜାରି କରାଯିବ । ଜଣେ ଜବ କାର୍ଡଧାରୀ ଲିଖିତ ଆକାରରେ ରୋଜଗାର ପାଇଁ ଗ୍ରାମ ପଞ୍ଚାୟତରେ ଆବେଦନ କରିବେ ଏବଂ ଏଥିରେ କାମ କରିବାର ସମୟ ଏବଂ ଅବଧିକୁ ଉଲ୍ଲେଖ କରିବେ ଏବଂ ଅତି କମରେ ୧୪ଦିନର କାମ କରିବାକୁ ପଡିବ ।
- ୧୫ଦିନର କାମର ନିଶ୍ଚିତତା ସହିତ ଗ୍ରାମପଞ୍ଚାୟତ ଆବେଦନକାରୀଙ୍କ ଆବେଦନ ବାବଦକୁ ଏକ ତାରିଖଯୁକ୍ତ ରାଶିର ପ୍ରଦାନ କରିବେ ।
- ଆବେଦନର ୧୫ଦିନ ମଧ୍ୟରେ କାମ ନ ମିଳିଲେ, ବେରୋଜଗାର ଭତ୍ତା ମିଳିବ ।

ଗ. ଲାଭ ଏବଂ ପ୍ରାବଧାନ

- ସାଧାରଣତଃ ଗ୍ରାମର ୫ କି.ମି. ବୃତ୍ତ ମଧ୍ୟରେ କାମ ମିଳିବା ଉଚିତ । କୌଣସି କାରଣ ବଶତଃ ୫କି.ମି. ଦୂର ହେଲେ ଯାତାୟାତ ଖର୍ଚ୍ଚ ଏବଂ ରହିବା ଖର୍ଚ୍ଚ ବାବଦକୁ ଅତିରିକ୍ତ ୧୦% ମଜୁରୀ ଦିଆଯିବା ଦରକାର ।
- ମାଷ୍ଟରରୋଲର ଅନୁମୋଦନର ୪୮ ଘଣ୍ଟା ମଧ୍ୟରେ ବେତନର ବିତରଣ NEFMS ମାଧ୍ୟମରେ ହୋଇଥାଏ ।
- ଅତି କମ୍‌ରେ ଏକ ତୃତିୟାଂଶ ଲାଭାର୍ଥୀ ମହିଳା ହେବେ ଦରକାର, ଯେଉଁମାନେ ଏହି ଯୋଜନାରେ ପଞ୍ଜୀକରଣ ଏବଂ ନିବେଦନ କରିଥିବେ ।

- କାର୍ଯ୍ୟସ୍ଥଳରେ କ୍ରେଚ (ଛୋଟ ପିଲାମାନଙ୍କ ପାଇଁ ଦେଖାରେଖାର ବ୍ୟବସ୍ଥା), ପାନୀୟ ଜଳ, ବିଶ୍ରାମ ସ୍ଥଳ ଇତ୍ୟାଦିର ସୁବିଧା ଥିବା ଦରକାର।
- ଯୋଜନାର କାର୍ଯ୍ୟ ଗ୍ରାମସଭାର ସୁପାରିଶ ଏବଂ ଜିଲ୍ଲା ପରିଷଦର ଅନୁମୋଦନ ଦ୍ୱାରା ହୋଇଥାଏ।
- ଅତି କମରେ ୫୦% କାମ ଗ୍ରାମ ପଞ୍ଚାୟତକୁ କରିବା ପାଇଁ ଧାର୍ଯ୍ୟ ହୋଇଥାଏ।
- ଏଥିରେ ଜଳ ଏବଂ ମାଟି ସଂରକ୍ଷଣ, ବନୀକରଣ ଏବଂ ଭୂମି ବିକାଶ କରଣ ଇତ୍ୟାଦି ଅନୁଙ୍ଗେୟ କାର୍ଯ୍ୟ ଅଧିକାଂଶ ମାତ୍ରାରେ ସାମିଲ ହୋଇଥାଏ।
- ବେତନ ଏବଂ ସାମଗ୍ରୀ ପାଇଁ ୬୦:୪୦ର ଅନୁପାତକୁ ବନେଇ ରଖିବାକୁ ପଡିବ। କୌଣସି ଠିକାଦାର କିମ୍ବା ଯାନ୍ତ୍ରିକ ଉପକରଣ ବ୍ୟବହାର ନିଷେଧ।
- ଅଣକୁଶଳୀ ଶ୍ରମିକମାନଙ୍କର ବେତନ ୧୦୦% କେନ୍ଦ୍ର ସରକାର ବହନ କରନ୍ତି ଏବଂ ସାମଗ୍ରୀ ଖର୍ଚ୍ଚ ବାବଦରେ ୭୫% ଯେଉଁଥିରେ କୁଶଳୀ ଏବଂ ଅର୍ଦ୍ଧ କୁଶଳୀ ଶ୍ରମିକମାନଙ୍କର ବେତନ ସାମିଲ ଥାଏ।
- ଯୋଜନା ସମ୍ବନ୍ଧୀୟ ସମସ୍ତ ଲେଖା ଏବଂ ଅଭିଲେଖା ଜନତା ଯାଞ୍ଚ ପାଇଁ ଉପଲବ୍ଧ ହେବା ଦରକାର।

ଘ. ପାରଦର୍ଶିତା ବିଶେଷତ୍ୱ

- ନାଗରିକ ସୂଚନା ବୋର୍ଡ (ଆକାର, ସାମଗ୍ରୀ, କାର୍ଯ୍ୟ ସ୍ଥଳ)
- ସମ୍ପତ୍ତିର ଜିଓ ଟ୍ୟାଗିଙ୍ଗ
- ବେତନ ଦାବି ପ୍ରଦର୍ଶନ
- ଗ୍ରାମ ସଭାଦ୍ୱାରା ସମୀକ୍ଷାକାରୀ ଦଳ ସାହାଯ୍ୟରେ ସାମାଜିକ ସମୀକ୍ଷା କରଣ ଯାହାକି ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ରଖାଯାଇଥାଏ।

୨. ଖାଦ୍ୟ ସୁରକ୍ଷା ଅଧିନିୟମ ଏବଂ ସାଧାରଣ ବଣ୍ଟନ ପ୍ରଣାଳୀ

କ. ନିୟମ ଏବଂ ଯୋଜନା ସମ୍ବନ୍ଧରେ

- ସାଧାରଣ ବଣ୍ଟନ ପ୍ରଣାଳୀ ଭାରତ ସରକାରଙ୍କର ଖାଦ୍ୟ ଅଧିକାରର ନିୟମ ଅନ୍ତର୍ଗତ ଶାସନାଦେଶ ଅଟେ।
- ସାଧାରଣ ବଣ୍ଟନ ପ୍ରଣାଳୀ ଏହା ସୁନିଶ୍ଚିତ କରେ ଯେ – ପୋଷଣ ଯୁକ୍ତ ଖାଦ୍ୟ ଏବଂ ଅନ୍ୟ ଅତ୍ୟାବଶ୍ୟକ ଗରିବ ପରିବାରମାନଙ୍କ ଉପଭୋଜ୍ୟ, ଏକ ବ୍ୟକ୍ତିଗତ ହକ ଯାହାକି ସାମାଜିକ ପୋଷଣର ଏକ ଅଙ୍ଗ।

ଖ. ଯୋଗ୍ୟତା

- ସମସ୍ତ ଘର ଯେଉଁମାନଙ୍କ ରାଶନ କାର୍ଡ ଅଛି ଯାହା ଇଣଶ ଯୋଜନା ସହିତ ଜଡିତ ଯାହାକି ନାଗରିକ ଆପୁର୍ତି ଏବଂ ଉପଭୋକ୍ତା ମାମଲା ବିଭାଗ ଦ୍ୱାରା ଜାରି।
- ସମସ୍ତ ଘର ଯେଉଁମାନଙ୍କ ରାଶଡ଼ କାର୍ଡ ଅଛି ଯାହା BPL ଯୋଜନା ସହିତ ଜଡିତ ଯାହାକି ନାଗରିକ ଆପୁର୍ତି ଏବଂ ଉପଭୋକ୍ତା ମାମଲା ବିଭାଗ ଦ୍ୱାରା ଜାରି।
- ଆୟ ପ୍ରମାଣପତ୍ର ଏବଂ SECC ଅନୁଯାୟୀ ସମସ୍ତ ଘର ଯେଉଁମାନଙ୍କର ସମୁଦାୟ ଘରପିଛା ଆୟ ୫୦୦୦୦ରୁ କମ ଥିବ।
- SC ଏବଂ ST ଘର।
- ସମସ୍ତ ଭୂମିହୀନ କିମ୍ବା ଅସ୍ଥାୟୀ ଆଶ୍ରୟ କରୁଥିବା ପରିବାର।

- ସମସ୍ତ ପରିବାର ଯେଉଁମାନେ ନଗର ଏବଂ ଦେଶ ଯୋଜନାକାରୀ ବିଭାଗ ଦ୍ୱାରା ଘୋଷିତ ବସ୍ତିରେ ବାସ କରନ୍ତି ।
- SECC ଅନୁଯାୟୀ ଯେଉଁମାନେ ମାଟି ଘର କିମ୍ୱା କୁଡିଆରେ ବସବାସ କରନ୍ତି ।
- SECC ଅନୁଯାଇ ଯେଉଁମାନେ ସ୍ୱତଃ ସମାବେଶ ବର୍ଗରେ ସାମିଲ ।

ଗ. ଲାଭ

- BPL ପରିବାର ପାଇଁ, ପ୍ରତି ବ୍ୟକ୍ତି ବିଶେଷକୁ ୫ କିଲୋ ଖାଦ୍ୟସଶ୍ୟ, ଦର ୧ ଟଙ୍କା କିଲୋ ।
- ଅନ୍ତୋଦୟ ଅନ୍ନ ଯୋଜନା (AAY), ଯେଉଁଥିରେ ୩୫ କିଲୋ ପ୍ରତି ପରିବାର ।
- ଗର୍ଭବତୀ, ସ୍ତନ୍ୟପାନ କରାଉଥିବା ମହିଳାଙ୍କୁ ଜନ୍ମର ପରବର୍ତ୍ତୀ ୬ମାସ ପର୍ଯ୍ୟନ୍ତ ଅଙ୍ଗନବାଡିରେ ମାଗଣା ଖାଦ୍ୟ ଏବଂ ୬୦୦୦ ଟଙ୍କା କିସ୍ତିରେ ମିଳିବ ।
- ୬ ରୁ ୧୪ବର୍ଷର ପିଲାମାନଙ୍କୁ ବିଦ୍ୟାଳୟରେ ମାଗଣାରେ ମଧାହ୍ନ ଭୋଜନ ।
- PVTGs ମାନଙ୍କ ପାଇଁ ମାଗଣା ୩୫ କିଲୋ ଖାଦ୍ୟ ସଶ୍ୟ ।

ଘ. ପାରଦର୍ଶିତା ବିଶେଷତ୍ୱ

- ସାଧାରଣ ବଣ୍ଟନ ପ୍ରଣାଳୀ କୌଣସି ଏକ ନିର୍ଦ୍ଦିଷ୍ଟ ଦିନରେ ଏବଂ ଉଚିତ ଦର ଯୁକ୍ତ ଦୋକାନରେ ମିଳିବ ।
- ଏହି ଯୋଜନାଟିରେ ସାମାଜିକ ସମୀକ୍ଷାକରଣ ଏକ ଶାସନାଦେଶ

୩. ଭତ୍ତା ଏବଂ ସାମାଜିକ ସୁରକ୍ଷା ଯୋଜନା

ଯୋଜନାର ନାମ	ଯୋଗ୍ୟତାର ମାନଦଣ୍ଡ	ଲାଭ	ଆବେଦନର ପ୍ରକ୍ରିୟା	ଆବଶ୍ୟକ ଦସ୍ତାବେଜ
ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ବୃଦ୍ଧ ପେନଶନ ଯୋଜନା	• ବୟସ ୬୦ କିମ୍ୱା ଉର୍ଦ୍ଧ୍ୱ • ବି.ପି.ଏଲ ପରିବାର	ଭତ୍ତା ୫୦୦ ଟଙ୍କା ପ୍ରତି ମାସ ପ୍ରତି ଲାଭାର୍ଥୀ	• ଅନଲାଇନ ଆବେଦନ • GRSଙ୍କ ମାଧ୍ୟମରେ ବ୍ଲକରେ ଆବେଦନ	• ଆୟୁ ପ୍ରମାଣ ପତ୍ର • ବ୍ୟାଙ୍କ ଖାତା ସଂଖ୍ୟା • ବିପିଏଲ କାର୍ଡ
ମଧୁବାବୁ ପେନଶନ ଯୋଜନା	• ବୟସ ୬୦ କିମ୍ୱା ଉର୍ଦ୍ଧ୍ୱ • ବିଧବା (ନିରପେକ୍ଷ ବୟସ) • କୁଷ୍ଠରୋଗୀ ଦୃଶ୍ୟମାନ କୁରୂପ ଲକ୍ଷଣ ସହିତ (ନିରପେକ୍ଷ ବୟସ) • ବ୍ୟକ୍ତି ବିଶେଷ ୫ ବର୍ଷ କିମ୍ୱା ଉର୍ଦ୍ଧ୍ୱ ଯିଏ ନିଜର ବିକଳାଙ୍ଗ ଶରୀର କିମ୍ୱା ଅନ୍ଧ ପଣ କିମ୍ୱା ଅସ୍ଥି ସମ୍ବନ୍ଧିତ ପଙ୍ଗୁ ପଣ କିମ୍ୱା ମାନସିକ ପକ୍ଷାଘାତ ଯୋଗୁଁ ସାଧାରଣ କାର୍ଯ୍ୟକାରୀ ପାରୁ ନ ଥିବେ ।	ଭତ୍ତା ୫୦୦ ଟଙ୍କା ପ୍ରତି ମାସ ପ୍ରତି ଲାଭାର୍ଥୀ	• ଅନଲାଇନ ଆବେଦନ • GRSଙ୍କ ମାଧ୍ୟମରେ ବ୍ଲକରେ ଆବେଦନ	• ବିକଳାଙ୍ଗ ପ୍ରମାଣପତ୍ର • ତହସିଲଦାରଙ୍କ ଠାରୁ ମିଳିଥିବା ଆୟ ପ୍ରମାଣପତ୍ର • ପାସପୋର୍ଟ ଫଟୋ • ଭୋଟର ପରିଚୟ ପତ୍ର • ଆଧାର କାର୍ଡ • ବିପିଏଲ କାର୍ଡ / ଆୟ ପ୍ରମାଣପତ୍ର (ବର୍ତ୍ତମାନ ରାଶନ କାର୍ଡ କାମ କରୁନାହିଁ ।

	● ଏଡ୍ସରୋଗୀର ବିଧବା ● ରାଜ୍ୟ / ଜିଲ୍ଲା ଏଡ୍ସ ନିୟନ୍ତ୍ରଣ ସମାଜ ଦ୍ୱାରା ଏଡ୍ସ ରୋଗୀ । ● ସମସ୍ତ ସ୍ରୋତରୁ ବାର୍ଷିକ ପାରିବାରିକ ଆୟ ଯାହାର ୨୪୦୦୦ଟଙ୍କାରୁ ବଢି ପାରୁ ନଥିବ । ● ୩୦ ବର୍ଷରୁ ଅଧିକ ବୟସର ଅବିବାହିତ ମହିଳା ଯିଏ ବିପିଏଲ ଅନ୍ତର୍ଭୁକ୍ତ ପରିବାରରେ ଥିବେ କିମ୍ବା ଯାହାର ସମସ୍ତ ସ୍ରୋତରୁ ଆୟ ୨୪୦୦୦ରୁ ଅଧିକ ହୋଇ ନ ଥିବ ।			
ଅଟଳ ପେନଶନ ଯୋଜନା	● ଅସଂଗଠିତ କ୍ଷେତ୍ରର କର୍ମଚାରୀ, ଚାଷୀ, ପିଛଡା ଜନସଂଖ୍ୟା, ମହିଳା, ଏସ୍.ସି. / ଏସ୍.ଟି ● ବୟସ ସୀମା : ୧୮ ରୁ ୪୦ ବର୍ଷ ● କୌଣସି ବ୍ୟାଙ୍କ ଖାତାଧାରୀ, କୌଣସି ବୈଧାନିକ ଯୋଜନାରେ ସଦସ୍ୟ ହୋଇ ନ ଥିବେ । ● ଜମା ଖାତାଥିବା ଅନିର୍ବାର୍ଯ୍ୟ	ଗ୍ରାହକଙ୍କର ଯୋଗଦାନକୁ ଭିତ୍ତିକରି ୬୦ ବର୍ଷ ଆୟୁଠାରୁ ନିଶ୍ଚିତ ଅତି କମରେ ମାସିକ ଟଙ୍କା ୧୦୦୦ ରୁ ୫୦୦୦ ମିଳିବ ।	● ବ୍ୟାଙ୍କକୁ ଯୋଗାଯୋଗ କରନ୍ତୁ, ଯେଉଁଠାରେ ଜମା ଖାତା ଅଛି । ● ...... ପଞ୍ଜୀକରଣ ଫର୍ମ ପାଇଁ ପଚାରନ୍ତୁ । ● ଧ୍ୟାନପୂର୍ବକ ଏହାକୁ ଭରନ୍ତୁ ଏବଂ ଆଧାର କାର୍ଡର ବିସ୍ତୃତ ବିବରଣୀ ପ୍ରଦାନ କରନ୍ତୁ । ● ନିଜର ମୋବାଇଲ ନମ୍ବର ଭରନ୍ତୁ ଏବଂ ଫର୍ମରେ ଦିଆଯାଇଥିବା ସମ୍ପୂର୍ଣ୍ଣ ଯୋଗାଯୋଗକୁ ଭରନ୍ତୁ । ● ଆପଣଙ୍କ ଯୋଗଦାନ ରାଶି ଆପଣଙ୍କ ଖାତାରୁ ମାସିକ କଟିଯିବ ।	● ବିକଳାଙ୍ଗ ପ୍ରମାଣପତ୍ର ● ତହସିଲଦାରଙ୍କ ଠାରୁ ମିଳିଥିବା ଆୟ ପ୍ରମାଣପତ୍ର ● ପାସପୋର୍ଟ ଫଟୋ ● ଭୋଟର ପରିଚୟ ପତ୍ର ● ଆଧାର କାର୍ଡ ● ବିପିଏଲ କାର୍ଡ / ଆୟ ପ୍ରମାଣପତ୍ର (ବର୍ତ୍ତମାନ

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (PMJJBY)	ଆୟୁ ସୀମା : ୧୮ ରୁ ୫୦ ବର୍ଷ ମଧ୍ୟରେ ନିଶ୍ଚିତ ଭାବେ ବ୍ୟାଙ୍କରେ ଜମା ଖାତା ଥିବ । ପଲିଶିଧାରୀଙ୍କ ମୃତ୍ୟୁ ପରେ ୨୦୦୦୦୦ - ସେବା ଶୁଳ୍କକୁ ଛାଡି ୩୩ ଓ ଟଙ୍କା	କୌଣସି କାରଣରୁ ବୀମା କରିଥିବା ସଦସ୍ୟର ମୃତ୍ୟୁ ହେଲେ ମଧ ନିଶ୍ଚିତ ୨ ଲକ୍ଷ ଟଙ୍କା ତାଙ୍କର ନୋମିନୀକୁ ମିଳିବ ।	• ଇଚ୍ଛୁକ ବ୍ୟକ୍ତି ଫର୍ମକୁ ଡାଉନଲୋଡ କରିବା ଆବଶ୍ୟକ • ଏହି ଫର୍ମର ପ୍ରିଣ୍ଟ ନେଇ ଏହାକୁ ଭରିବାକୁ ପଡିବ । • ଏହି ବିଧିବଦ୍ଧ ଫର୍ମ (ନାମାଙ୍କନ/ସହମତି)କୁ ବ୍ୟାଙ୍କ ଶାଖାରେ ଜମା କରିବାକୁ ପଡିବ । • ଓଡିଶା ଅଜୀବିକା ମିଶନ ସମ୍ବନ୍ଧିତ ଗ୍ରାମ ପଞ୍ଚାୟତ ସ୍ତରରେ ମହାସଂଘ ମାଧ୍ୟମରେ ଦାବିପୂରଣ ଫର୍ମ ଏବଂ ମହିଳା ସମୂହ ପରିବାରମାନଙ୍କୁ ଆବେଦନ ଫର୍ମ ବିଷୟରେ ବୁଝାଇବେ ।	• ବ୍ୟାଙ୍କ ଖାତା • ନିର୍ଦ୍ଧିଷ୍ଟ ଫର୍ମରେ ଆବେଦନ • ଆଧାର କାର୍ଡ
ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା	• କୌଣସି ବିପିଏଲ ପରିବାର • ଇମାରତ ଏବଂ ନିର୍ମାଣ କାର୍ଯ୍ୟ କରୁଥିବା କଲ୍ୟାଣ ବୋର୍ଡରେ ପଞ୍ଜୀକୃତ ମଜଦୁର • ଲାଇସେନ୍ସ ପ୍ରାପ୍ତ ରେଳବାଇ କୁଲି • ସଡକ ବିକ୍ରେତା • ମନରେଗା ମଜଦୁର ଯିଏ ଆର୍ଥିକ ବର୍ଷରେ ୧୫ ଦିନରୁ ଅଧିକ କାର୍ଯ୍ୟ କରିଥିବେ । • ବିଡି ମଜଦୁର • ଘରୋଇ ମଜଦୁର • ଖଣି ମଜଦୁର • ସ୍ୱଚ୍ଛତା ପାଇଁ କାମ କରୁଥିବା ମଜଦୁର • ରିକ୍ସା ଚାଳକ • ଆବର୍ଜନା / କବାଡି ଉଠାଉଥିବା ବ୍ୟକ୍ତି • ଅଟୋ / ଟାକ୍ସି ଡ୍ରାଇଭର	• ସାମୟିକ ମଜୁରି ପାଇ ବଞ୍ଚୁଥିବା ପରିବାରକୁ ଡାକ୍ତର ଖାନାରେ ଭାଟି ହେଲେ ୩୦୦୦୦ ଟଙ୍କାର ସହାୟତା ମିଳିବ । • ପରିବହନ ପାଇଁ ଅଧିକତମ ୧୦୦୦ ଟଙ୍କା ଏବଂ ସାଙ୍ଗରେ ୧୦୦ ଟଙ୍କା ପ୍ରତି ଯାତ୍ରାରେ ମିଳିପାରିବ । • ଉଭୟ ସରକାରୀ ଏବଂ ବେସରକାରୀ ଡାକ୍ତର ଖାନାରେ ଭର୍ତ୍ତି ହେଲେ ରାଶି ଶୂନ୍ୟ ବୀମାର ଲାଭ ଏହା ପ୍ରଦାନ କରିଥାଏ ।	ଯୋଗ୍ୟ ପରିବାର ନାମାଙ୍କନ ଜାଗାକୁ ଆସି ନିଜର ପରିବାର ମୁଖୀୟାଙ୍କ ପରିଚୟ ଦେବେ ଯାହାକି ଅଧିକାରୀଙ୍କ ଦ୍ୱାରା ପୁଷ୍ଟି କରିବାକୁ ପଡିବ ।	ବିପିଏଲ କାର୍ଡ ଆଧାର କାର୍ଡ

୪. ଗ୍ରାମୀଣ ଆବାସ ଯୋଜନା

୪.୧ ପ୍ରଧାନମନ୍ତ୍ରୀ ଆବାସ ଯୋଜନା

କ. ଯୋଜନା ସମ୍ବନ୍ଧରେ

- ଗରିବ ପରିବାର ଯେଉଁମାନେ ଗୃହ ହୀନ ଏବଂ ଯେଉଁ ପରିବାରମାନେ ଝରଉଉ ୨୦୧୧ ଅନୁଯାଇ କଚ୍ଚା ଘରେ ରହୁନ୍ତି, ଏହା ତାଙ୍କରି ପାଇଁ ଭାରତ ସରକାରଙ୍କର ଏକ ଯୋଜନା।

ଖ. ଯୋଗ୍ୟତା

- ସମସ୍ତ ପରିବାର, ଯେଉଁମାନେ SECC ୨୦୧୧ ଅନୁଯାଇ କଚ୍ଚା ଘରେ ରୁହନ୍ତି। କଚ୍ଚା ଘରକୁ ଏହିପରି ବର୍ଣ୍ଣନା କରାଯାଏ – ଗୋଟିଏ କିମ୍ବା ଦୁଇଟି କୋଠରୀଯୁକ୍ତ ଘର ଯାହାର କାନ୍ଥ ଏବଂ ଛାତ ଉଭୟ କଚ୍ଚା।
- ବିଭିନ୍ନ ଦୁର୍ବଳତା ଅନୁଯାଇ ପ୍ରାଥମିକତା

ଗ. ଲାଭ

- ଅତି କମରେ ୨୫ ବର୍ଗ ମିଟରର ଘର। ଏହା ସହିତ ରୋଷେଇ ଘର ସଂଲଗ୍ନ।
- ଏହି ଯୋଜନାରେ ୧.୩ ଲକ୍ଷ ଟଙ୍କାର ଆର୍ଥିକ ସହାୟତା।
- ମହାତ୍ମାଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଅଧିନିୟମରୁ ୯୫ ଦିନର କାମ।
- ସ୍ୱଚ୍ଛ ଭାରତ ମିଶନ (IHHL) ରୁ ୧୨୦୦୦ ଟଙ୍କା।
- ଲାଭାର୍ଥୀର ଇଚ୍ଛା ଅନୁଯାଇ ୭୦୦୦୦ ପର୍ଯ୍ୟନ୍ତ ବ୍ୟାଙ୍କ ଲିଙ୍କେଜ।
- ଅନ୍ୟ କାମ ଯେପରିକି ଛେଳି ଗୁହାଳ, କୁକୁଡା ଘର, ଜିଆ ଖତ / ନଡେପ ଗାତ ଏକାଭିମୁଖୀ ବା କନଭରଜେନ୍ସରେ ସାହାଯ୍ୟ।
- ତିନୋଟି କିସ୍ତିରେ ଲାଭାର୍ଥୀର ଖାତାରେ ଅର୍ଥ ଜମା।
- ମଞ୍ଜୁରୀ ବା ଅନୁମୋଦନ ଆଦେଶର ୭ଦିନ ମଧ୍ୟରେ ପ୍ରଥମ କିସ୍ତି, ଆବାସ (କମ୍ପ୍ୟୁଟର କାର୍ଯ୍ୟକ୍ରମରେ ବ୍ୟବହୃତ ପ୍ରୋଗ୍ରାମ) ସଫ୍ଟୱେରରୁ ଲାଭାର୍ଥୀଙ୍କର ସୂଚୀ ସ୍ଥାୟୀ ଅପେକ୍ଷା ସୂଚୀରୁ କଢା ଯିବ ଏବଂ ଏହାପରେ ଅନୁମୋଦନ ଆଦେଶ ଜାରି କରାଯିବ।
  - ୧ମ କିସ୍ତି ଅନୁମୋଦନ ଆଦେଶ ଜାରୀ ହେଲା ପରେ। ଟ. ୨୦୦୦୦
  - ୨ୟ କିସ୍ତି ମୂଳଦୁଆ ସମାପ୍ତ ହେଲା ପରେ ଟ. ୩୫୦୦୦
  - ୩ୟ କିସ୍ତି ଛାତ ପଡିବା ସମାପ୍ତ ହେଲା ପରେ ଟ. ୪୫୦୦୦
  - ୪ର୍ଥ କିସ୍ତି ଘର ନିର୍ମାଣ ଶେଷ ହେଲା ପରେ (IIHL ସହିତ) ଟ.୩୦୦୦୦

ଘର ତିଆରି କାର୍ଯ୍ୟ ଶୀଘ୍ର ଶେଷ କଲେ ଛଚଣଏ ତରଫରୁ ଅତିରିକ୍ତ ଟ. ୨୦୦୦୦ର ପ୍ରୋତ୍ସାହନ ରାଶି ମଧ୍ୟ ମିଳେ। ପ୍ରୋତ୍ସାହନ ରାଶି ପାଇଁ ପ୍ରଥମ କିସ୍ତି ମିଳିବାର ୪ ମାସ ମଧ୍ୟରେ ଘର ତିଆରି ଶେଷ କଲେ ମିଳିବ। ପ୍ରଥମ କିସ୍ତି ମିଳିବାର ୬ ମାସ ମଧ୍ୟରେ ଘର ଶେଷ କଲେ ଟ. ୧୦୦୦୦ ମିଳିବ।

ପାରଦର୍ଶିତା ବିଶେଷତ୍ୱ :

- କାନ୍ଥରେ ପ୍ରତୀକ ଚିହ୍ନ ଦର୍ଶିତ ହେବା ଦରକାର

- ଘର ଟି ଜିଓ ଟ୍ୟାଗିଙ୍ଗ ହେବା ଦରକାର
- ସମୟ ଏବଂ ଅବଧିର ସାମାଜିକ ସମୀକ୍ଷା

୪.୨ ବିଜୁ ପକ୍କା ଘର

ଯୋଜନା ସମ୍ବନ୍ଧରେ : ଏହା ଏକ ଓଡିଶା ସରକାରଙ୍କର ଯୋଜନା। ଏହାର ଦୁଇଟି ଅଙ୍ଗ ବିଜୁ ପକ୍କା ଘର ସାଧାରଣ ଏବଂ ବିଜୁ ପକ୍କା ଘର ବିଶେଷ।

୪.୨.୧ ବିଜୁ ପକ୍କା ଘର ସାଧାରଣ

- ଉପର ଦର୍ଶାଯାଇଥିବା ପ୍ରୋତ୍ସାହନ ରାଶି ଭଳି ଏଥିରେ ମଧ୍ୟ ଘର ସମ୍ପୂର୍ଣ୍ଣ କରିବା ପାଇଁ ପ୍ରୋତ୍ସାହନ ରାଶିର ପ୍ରବଧାନ ଉପଲବ୍ଧ।
- ଉତ୍କୃଷ୍ଟତା ପାଇଁ ଜିଲ୍ଲା, ବ୍ଲକ ଏବଂ ପଞ୍ଚାୟତ ପାଇଁ ପୁରସ୍କାର।

୪.୨.୨ ବିଜୁ ପକ୍କା ଘର ବିଶେଷ

କ. ଯୋଗ୍ୟତା

- ଏହି ଯୋଜନାରେ ପରିବାରମାନଙ୍କର ପୁନର୍ବାସ / ସ୍ଥାନ ପରିବର୍ତ୍ତନ ଯେଉଁମାନେ ନିଜର ଘର ହରେଇଥାନ୍ତି ବିଭିନ୍ନ ପ୍ରାକୃତିକ ଏବଂ ମାନବଜନିତ ବିପର୍ଜୟ ଯେପରିକି ବନ୍ୟା, ଭୂକମ୍ପ, ଅଗ୍ନି, ଦଙ୍ଗା, ମୁଖ୍ୟ ନିୟମ ଏବଂ ବ୍ୟବସ୍ଥାରୁ ଅସୁବିଧା, ହାତୀ ଯୋଗୁଁ ଅସୁବିଧା ଇତ୍ୟାଦି ଏବଂ ଅତ୍ୟଧିକ ଦରିଦ୍ରତା ହେତୁ ଅତିଶୟ ଦୁର୍ବଳ ହୋଇଯାନ୍ତି। ଏହିପରି ପରିବାରମାନେ ଯୋଗ୍ୟ ଅଟନ୍ତି।
- SECC ୨୦୧୧ କଚ୍ଚା ଘର ସୂଚୀ ଅନୁଯାଇ ଏହି ଲାଭାର୍ଥୀମାନଙ୍କର କୌଣସି ପକ୍କା ଛର ନ ଥିବ ଏବଂ ପୂର୍ବରୁ କୌଣସି ସରକାରୀ ଆବାସ ଯୋଜନାରୁ ଘର କରି ନ ଥିବେ।

ଖ. ମୂଲ୍ୟ ଏବଂ ଆର୍ଥିକ ସହାୟତାର ମାନଦଣ୍ଡ ଠିକ ସେହିପରି ରହିବ। ଏହି ଯୋଜନାଟି ପୂର୍ଣ୍ଣ ଭାବେ ରାଜ୍ୟ ଦ୍ୱାରା ପ୍ରାୟୋଜିତ।

ବିଜୁ ପକ୍କା ଘର (ଖଣିଜ ଅଞ୍ଚଳ)

କ. ଯୋଗ୍ୟତା

- ଘର SECC ସୂଚୀରେ କଚ୍ଚା ଘର ଥିବ ଏବଂ ଏହା ଖଣି ପ୍ରଭାବିତ ଅଞ୍ଚଳ ଭିତରେ ଥିବ।
- କୌଣସି ପୁନର୍ବାସ ସରକାରୀ ଯୋଜନାରେ ପକ୍କା ଘର କରି ନ ଥିବେ।

ଖ. ଲାଭ

ମୂଲ୍ୟ ଏବଂ ଆର୍ଥିକ ସହାୟତାର ମାନଦଣ୍ଡ ଚଗଇଣ ଭଳି ସମାନ ରହିବ।

ପାରଦର୍ଶିତା ବିଶେଷତ୍ୱ :

- କାନ୍ଥରେ ପ୍ରତୀକ ଚିହ୍ନ ଦର୍ଶିତ ହେବା ଦରକାର।
- ଘର ଟି ଜିଓ ଟ୍ୟାଗିଙ୍ଗ ହେବା ଦରକାର
- ସମୟ ଏବଂ ଅବଧିର ସାମାଜିକ ସମୀକ୍ଷା

୫. ସମନ୍ୱିତ ଶିଶୁ ବିକାଶ ଯୋଜନା

କ. ଯୋଜନା ସମ୍ବନ୍ଧରେ

ଏହି ଯୋଜନାର ଲକ୍ଷ ହେଲା ୬ ବର୍ଷ ବୟସରୁ କମ ପିଲାମାନଙ୍କୁ ଏବଂ ତାଙ୍କ ମା' ମାନଙ୍କୁ, ଖାଦ୍ୟ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଏବଂ ପିଲାମାନଙ୍କୁ ସ୍କୁଲ ପୂର୍ବବର୍ତ୍ତୀ ଶିକ୍ଷା ପ୍ରଦାନ କରିବା।

ଏହି ଯୋଜନା ଅନ୍ତର୍ଗତ ଗ୍ରାମାଞ୍ଚଳରେ ଏହି ସେବାଗୁଡିକ ଉପଲବ୍ଧ କରିବା ପାଇଁ ଅଙ୍ଗନବାଡି ସେଣ୍ଟର ମନ ଗଠିତ ହେଇଛି।

ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଲା :

- ଭାରତବର୍ଷର ୬ ବର୍ଷରୁ କମ ଗରିବ ପିଲାମାନଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣ ସ୍ତରକୁ ବଢାଇବା।
- ଭାରତରେ ପିଲାମାନଙ୍କର ଉଚିତ ମାନସିକ, ଶାରୀରିକ ଏବଂ ସାମାଜିକ ବିକାଶ ପାଇଁ ଏକ ଆଧାର ପ୍ରସ୍ତୁତ କରିବା।
- ଭାରତରେ ଶିଶୁ ମୃତ୍ୟୁ ହାରକୁ ପୋଷଣ, ଅଧାରୁ ସ୍କୁଲ ଛାଡିବାର ଉଦାହରଣକୁ ହ୍ରାସ କରିବା।
- ସମସ୍ତ ମନ୍ତ୍ରଣାଳୟର ବିଭିନ୍ନ ବିଭାଗ ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନା ଯାହାକି ପିଲାମାନଙ୍କର ବିକାଶ ପାଇଁ ଭାରତ ସାରା ପ୍ରଯୁଜ୍ୟ, ଏମାନଙ୍କ ସମନ୍ୱୟ ରକ୍ଷା କରି ପଲିଶି ବା ନୀତି ନିର୍ଧାରଣ ଏବଂ କାର୍ଯ୍ୟକାରୀ କରାଇବା।
- ଭାରତରେ ଛୋଟ ପିଲାମାନଙ୍କର ଦେଖାରେଖାରେ କ୍ଷମତା ବଢାଇବା ପାଇଁ ମା' ମାନଙ୍କୁ ସ୍ୱାସ୍ଥ୍ୟ ଏବଂ ପୋଷଣ ସମ୍ବନ୍ଧୀୟ ସୂଚନା ଏବଂ ଶିକ୍ଷା ପ୍ରଦାନ କରିବା।
- ଛୋଟ ପିଲାମାନଙ୍କର ମା' ମାନଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ଯୋଗାଇଦେବା ଏବଂ ଗର୍ଭବତୀ ଥିବା ସମୟରେ ମଧ

ଖ. ଯୋଗ୍ୟତାର ମାନଦଣ୍ଡ, ସ୍ଥାପନା ପାଇ

ଅଞ୍ଚଳର ଜନସଂଖ୍ୟାକୁ ଭିତ୍ତି କରି ଅଙ୍ଗନବାଡି କେନ୍ଦ୍ରଗୁଡିକ ଖୋଲାଯାଇଥାଏ। ଜନସଂଖ୍ୟାର ନିୟମକୁ ନିମ୍ନରେ ଦିଆଗଲା।

ଗ୍ରାମୀଣ / ସହରାଞ୍ଚଳ ପାଇଁ (ଅଙ୍ଗନବାଡି କେନ୍ଦ୍ର .....)	
୪୦୦-୮୦୦	୧. ଅଙ୍ଗନବାଡି କେନ୍ଦ୍ର
୮୦୦-୧୬୦୦	୨. ଅଙ୍ଗନବାଡି କେନ୍ଦ୍ର
୧୬୦୦-୨୪୦୦	୩. ଅଙ୍ଗନବାଡି କେନ୍ଦ୍ର
ଏହାପରେ ୮୦୦ର ଗୁଣାତ୍ମକ	୧. ଅଙ୍ଗନବାଡି କେନ୍ଦ୍ର
ùQûU AWC _ûAñ	
୧୫୦-୪୦୦	୧ ଛୋଟ ଅଙ୍ଗନବାଡି କେନ୍ଦ୍ର
ଆଦିବାସୀ / ନଦୀ ତଟବର୍ତ୍ତୀ / ମରୁଭୂମି / ପାହାଡିଆ ଏବଂ ଅନ୍ୟ ଅସୁବିଧା ଅଞ୍ଚଳ / ପରିଯୋଜନା	
୩୦୦-୮୦୦	୧. ଅଙ୍ଗନବାଡି କେନ୍ଦ୍ର

ଗ. ଲାଭ

ଅଙ୍ଗନବାଡି କେନ୍ଦ୍ର ଏହି ସେବାଗୁଡିକୁ ଏକ କେନ୍ଦ୍ରବିନ୍ଦୁ ଗଠନ କରି ପ୍ରଦାନ କରିବ ।

ପରିପୂରକ ପୋଷଣ	ଲକ୍ଷିତ ସମୂହ	ସେବା ପ୍ରଦାନ କର୍ତ୍ତା
ପରିପୂରକ ପୋଷଣ	୬ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା, ସ୍ତନ୍ୟ ପାନ କରାଉଥିବା ମହିଳା	(ଅଙ୍ଗନବାଡି କର୍ମୀ)
ଟୀକା କରଣ	୬ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା	ଏ ଏନ ଏମ / ....
ସ୍ୱାସ୍ଥ୍ୟ ପରୀକ୍ଷା	୬ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା, ସ୍ତନ୍ୟ ପାନ କରାଉଥିବା ମହିଳା	ଅଙ୍ଗନବାଡି କର୍ମୀ / ଏ ଏନ ଏମ / .....
ଚିକିତ୍ସା ବିଶେଷଜ୍ଞଙ୍କ ପାଖକୁ ପରାମର୍ଶ ପାଇଁ ପ୍ରେରଣ ସେବା	୬ ବର୍ଷରୁ କମ ବୟସର ଶିଶୁ,	ଅଙ୍ଗନବାଡି କର୍ମୀ / ଏ ଏନ ଏମ / ....
ସ୍କୁଲ ପୂର୍ବବର୍ତ୍ତୀ ଶିକ୍ଷା	୩-୬ ବର୍ଷର ଶିଶୁ	ଅଙ୍ଗନବାଡି କର୍ମୀ
ପୋଷଣ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିକ୍ଷା	କିଶୋରୀ ଏବଂ ମହିଳା (୧୫-୪୫ ବର୍ଷ ବୟସ)	ଅଙ୍ଗନବାଡି କର୍ମୀ / ଏ ଏନ ଏମ /ଆଶା

ସମୋନ୍ନିତ ବାଳ ବିକାଶ ଯୋଜନାରେ ପରିପୂରକ ପୋଷଣର ପ୍ରବଧାନ :

- ଗର୍ଭବତୀ ମହିଳା, ସ୍ତନ୍ୟ ପାନ କରାଉଥିବା ମହିଳା ଏବଂ ୬ ମାସରୁ ୩ ବର୍ଷର ଶିଶୁ ଯେଉଁମାନେ ଦୈନନ୍ଦିନ ରୂପେ ଅଙ୍ଗନବାଡିକୁ ଯାଇପାରନ୍ତି ନାହିଁ, ସେମାନଙ୍କ ପାଇଁ ରାସନ ଘରକୁ ନେଇଯିବା ପାଇଁ ଦିଆଯାଏ ।
- ୩-୬ ବର୍ଷର ପ୍ରଚଣ୍ଡକୁ ପୋଷଣ ଗ୍ରସ୍ତ ଶିଶୁମାନଙ୍କୁ ମଧ୍ୟ ଘରକୁ ରାସନ ନେବା ଏବଂ ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଏ ଏବଂ ଭାରତ ସରକାର ରାଜ୍ୟ ସାରା ପ୍ରତି ଲାଭାର୍ଥୀ ପାଇଁ ଦର, କ୍ୟାଲୋରି ଏବଂ ପୁଷ୍ଟିସାର ମାପର ନିୟମ ଧାର୍ଯ୍ୟ କରିଛନ୍ତି ।
- ପ୍ରତି ଲାଭାର୍ଥୀ ଘରକୁ ନେବା ରାସନ ଦର ୭ ଗର୍ଭବତୀ ଏବଂ ସ୍ତନ୍ୟ ପାନ କରାଉଥିବା ମହିଳା ପାଇଁ ୭ ଟଙ୍କା, ସାଧାରଣ ୩ ବର୍ଷରୁ କମ ବୟସର ଶିଶୁ ପାଇଁ ୬ ଟଙ୍କା ଏବଂ ପ୍ରଚଣ୍ଡ କୁପୋଷିତ ଶିଶୁ ପାଇଁ ୯ ଟଙ୍କା ।
- ଓଡିଶା ସରକାର ଏକ ସିଦ୍ଧହସ୍ତରେ ପ୍ରସ୍ତୁତ ଖାଦ୍ୟ ଅର୍ଥାତ ଗହମ ଆଧାରିତ ଛତୁଆକୁ ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି ।

୬. ଜନନୀ ସୁରକ୍ଷା ଯୋଜନା (JSY)

କ. ଯୋଜନା ସମ୍ବନ୍ଧରେ :

ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶାଣ ତରଫରୁ ଏହା ଏକ ସୂତ୍ରପାତର ପ୍ରାରମ୍ଭ । ସରକାର ଏବଂ ଗରିବ ମହିଳା ମଧ୍ୟରେ ସମ୍ପର୍କ ସ୍ଥାପନ ନିମନ୍ତେ ଏହି ଯୋଜନା ଆଶା ଏବଂ ମାନ୍ୟତା ପ୍ରାପ୍ତ ସ୍ୱାସ୍ଥ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଚିହ୍ନଟ କରିଛି ।

ଗରିବ ଗର୍ଭବତୀ ମହିଳାମାନଙ୍କୁ ସଂସ୍ଥାଗତ ପ୍ରସ୍ଥାବର ପ୍ରତସ୍ଥାହନ ଦେଇ ମାତୃ ମୃତ୍ୟୁ ଏବଂ ନବଜାତ ମୃତ୍ୟୁ ହାରକୁ କମ କରିବା ଏହି ଯୋଜନାର ଲକ୍ଷ ।

ଖ. ଯୋଗ୍ୟତା

୧୯ ବର୍ଷ କିମ୍ବା ଉର୍ଦ୍ଧ୍ୱ ସମସ୍ତ ଗରିବ ପରିବାରରେ ଥିବା ଗର୍ଭବତୀ ମହିଳା ଦୁଇଟି ଜୀବନ୍ତ ପ୍ରସବ କରାଇପାରିବେ ।

ଖ. ଆର୍ଥିକ ସହାୟତା ପାଇଁ ଯୋଗ୍ୟତା :

ରାଜ୍ୟ	ଗ୍ରାମୀଣ ଅଞ୍ଚଳ		ସହରାଞ୍ଚଳ	
ପ୍ୟାକେଜ	ମା'ର ପ୍ୟାକେଜ	ଆଶାର ପ୍ୟାକେଜ	ମାର ପ୍ୟାକେଜ	ଆଶାର ପ୍ୟାକେଜ
ଓଡିଶା	୧୪୦୦	୬୦୦	୧୦୦୦	୪୦୦

ଖ. ୧.୨ ଘରେ ପ୍ରସବ ପାଇଁ ଆର୍ଥିକ ସହାୟତା :

ବିପିଏଲ ଗର୍ଭବତୀ ମହିଳା ଯିଏ ଘରେ ପ୍ରସବ ପାଇଁ ପସନ୍ଦ କରନ୍ତି, ଗର୍ଭବତୀର ବୟସ ଏବଂ ପିଲା ସଂଖ୍ୟାର ବିନା ପରବାହରେ ସେ ଆର୍ଥିକ ସହାୟତା ଟ. ୫୦୦ ପ୍ରତି ପ୍ରସବ ପାଇଁ ହକଦାର ଅଟନ୍ତି ।

ଗ. ସ୍ୱାସ୍ଥ୍ୟ କର୍ମଙ୍କଠାରୁ ମୁଖ୍ୟ ସେବା ପାଇପାରିବେ :

- ଗର୍ଭବତୀ ମହିଳାକୁ ଯୋଜନାର ଲାଭାର୍ଥୀ ଭାବେ ଚିହ୍ନଟ କରି ଏଏନସି ପଞ୍ଜୀକରଣ ପାଇଁ ରିପୋର୍ଟ ଦେବା କିମ୍ବା ସୁବିଧା କରିବା ।
- ଯେଉଁଠାରେ ଆବଶ୍ୟକ, ସେଠାରେ ମାନପତ୍ର ପାଇବା ପାଇଁ ଗର୍ଭବତୀ ମହିଳାଙ୍କୁ ସାହାଯ୍ୟ କରିବା ।
- ଗର୍ଭବତୀ ମହିଳାକୁ ଅତି କମରେ ତିନୋଟି ଏଏନସି ପରୀକ୍ଷା ଯେଉଁଥିରେ ଟିଟି ଇଞ୍ଜେକ୍ସନ ଏବଂ Iron ବଟିକା ସଂଲଗ୍ନ, ପାଇବାରେ ସାହାଯ୍ୟ କରିବେ କିମ୍ବା ଯୋଗାଇ ଦେବେ ।
- ଏକ କାର୍ଯ୍ୟ କରୁଥିବା ସରକାରୀ ଡାକ୍ତରଖାନା କିମ୍ବା ମାନ୍ୟତା ପ୍ରାପ୍ତ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିହ୍ନଟ କରି ପ୍ରସବ ପାଇଁ ବିଶେଷଜ୍ଞଙ୍କ ନିକଟରେ ପରାମର୍ଶ କରାଇବା ।
- ଆନୁଷ୍ଠାନିକ ପ୍ରସବ ପାଇଁ ପରାମର୍ଶ ଦେବା ।
- ଲାଭାର୍ଥୀକୁ ସୁରକ୍ଷିତ ଭାବେ ପୂର୍ବ ନିର୍ଧାରିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇବା ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରରୁ ମୁକ୍ତ ହେବା ପର୍ଯ୍ୟନ୍ତ ସାଙ୍ଗରେ ରହିବା ।
- ନବଜାତ ଶିଶୁର ଟିକାକରଣର ବ୍ୟବସ୍ଥା ୧୪ ସପ୍ତାହ ପର୍ଯ୍ୟନ୍ତ କରିବା ।
- ଶିଶୁର ଜନ୍ମ କିମ୍ବା ମୃତ୍ୟୁ, ମା'ର ମୃତ୍ୟୁ ଘଟିଲେ ଏଏନଏମକୁ ସୂଚନା ଦେବା ।
- ପ୍ରସବ ପରେ ମା'ର ସ୍ୱାସ୍ଥ୍ୟକୁ ଆକଳନ କରିବା ପାଇଁ ଏବଂ ଆବଶ୍ୟକୀୟ ଯତ୍ନ ସମ୍ବନ୍ଧୀୟ ପରାମର୍ଶ ଦେବାପାଇଁ ପ୍ରସବର ୭ ଦିନ ଭିତରେ ପରିଦର୍ଶନ ହେବା ଦରକାର ।

୭. ମମତା ଯୋଜନା

କ. ଯୋଜନା ସମ୍ବନ୍ଧରେ

ଏହା ଏକ ମାତୃତ୍ୱ ଲାଭ ଯୋଜନା ଯେଉଁଥିରେ ଉନ୍ନତ ପୋଷଣ ଏବଂ ସୁସ୍ଥ ରହିବା ପାଇଁ ପ୍ରେରଣା ଦେବା ସହିତ ଆର୍ଥିକ ରୂପରେ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ ନଗଦ ରାଶି ପ୍ରଦାନ କରାଯାଏ ।

- ଗର୍ଭବତୀ ଥିବା ସମୟରେ ଏବଂ ପ୍ରସବ ପରବର୍ତ୍ତୀ ସମୟରେ ପ୍ରଚୁର ଆରାମ ପାଇଁ ଗର୍ଭବତୀ ମହିଳାମାନଙ୍କ ପାଇଁ ଆଶିଂକ କାର୍ଯ୍ୟର କ୍ଷତିପୂରଣ ଦେବାର ପ୍ରବଧାନ ଅଛି ।
- ମାତୃତ୍ୱ ଏବଂ ଶିଶୁ ଯତ୍ନ ସେବା ବିଶେଷ କରି ଜନ୍ମ ପୂର୍ବର ଯତ୍ନ ଏବଂ ଜନ୍ମ ପରବର୍ତ୍ତୀ ଯତ୍ନ ଏବଂ ଟୀକାକରଣ ଉପଯୋଗକୁ ବଢାଯାଏ ।
- ମା ଏବଂ ଶିଶୁ ଯତ୍ନର ଅଭ୍ୟାସ ଯେପରି କି ଶିଶୁମାନଙ୍କୁ ସ୍ତନ୍ୟପାନ ଏବଂ ପରିପୂରକ ଖାଦ୍ୟରେ ସୁଧାର ।

ଖ. ଯୋଗ୍ୟତା

- ୧୯ ବର୍ଷ ଏବଂ ଉର୍ଦ୍ଧ୍ୱ ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା ପ୍ରଥମ ଦୁଇଟି ଜୀବନ୍ତ ପ୍ରସବ ପାଇଁ
- ବ୍ୟତିକ୍ରମ : ଯେଉଁମାନେ ମାତୃତ୍ୱ ଲାଭ ନେଇଥିବେ (ସ୍ୱ ନିୟୋଜିତ, କିମ୍ବା ରାଜ୍ୟ ସରକାର / କେନ୍ଦ୍ର ସରକାର / ପିଏସ୍‌ୟୁରେ କାର୍ଯ୍ୟରତ କର୍ମଚାରୀମାନଙ୍କର ପତ୍ନୀ)

ଗ. ଲାଭ

ସର୍ତ୍ତ	ରାଶି ଏବଂ ପ୍ରାଥମିକ ଦାୟିତ୍ୱ	ସତ୍ୟାପନର ସାଧନ
ପ୍ରଥମ କିସ୍ତି (ଗର୍ଭର ୬ ମାସ ଶେଷରେ)	୧୫୦୦ ଟଙ୍କା	
ଗର୍ଭବତୀ ହେବାର ୬ ମାସ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ର / ଛୋଟ ଅଙ୍ଗନବାଡି କେନ୍ଦ୍ରରେ, ସ୍ୱାସ୍ଥ୍ୟ କେନ୍ଦ୍ରରେ (ଇଉପିଏ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସମୁଦାୟକ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ଚିକିତ୍ସାଳୟ, ଜନନୀ ସୁରକ୍ଷା ଯୋଜନାରେ ତାଲିକାଭୁକ୍ତ ଘରୋଇ ଚିକିତ୍ସକଙ୍କଠାରେ ପଞ୍ଜୀକରଣ ହୋଇଥିବା । ଅତିକମରେ ଥରେ ଜନ୍ମ ପୂର୍ବ ଯାଞ୍ଚ କରାଇଥିବେ	ଅଙ୍ଗନବାଡି କର୍ମୀ	MCP କାର୍ଡ Et ଯୋଜନା ରେଜିଷ୍ଟର
ଅତିକମରେ ଥରେ ଜନ୍ମ ପୂର୍ବ ଯାଞ୍ଚ କରାଇଥିବେ ।	ଏ ଏନ ଏମ	MCP କାର୍ଡ
IFA ବଟିକା ପାଇଥିବେ	ଏ ଏନ ଏମ	MCP କାର୍ଡ
ଅତି କମରେ ଗୋଟିଏ ଟିଟି ଟୀକା ନେଇଥିବେ	ଏ ଏନ ଏମ	MCP କାର୍ଡ

ଅଙ୍ଗନବାଡି କେନ୍ଦ୍ର / ଗ୍ରାମୀଣ ସ୍ୱାସ୍ଥ୍ୟ ଏବଂ ପୋଷଣ ଦିବସ / ଘରୋଇ ଭିଜିଟ ପରି ଅତି କମରେ ଥରେ ପରାମର୍ଶ ଅଧିବେଶନରେ ଭାଗ ନେଇଥିବେ।	ଅଙ୍ଗନବାଡି କର୍ମୀ	
ଦ୍ୱିତୀୟ କିସ୍ତି (ଶିଶୁର ବୟସ ତିନି ମାସ ପୁରିଲା ପରେ)	୧୫୦୦ ଟଙ୍କା	
ଶିଶୁ ଜନ୍ମର ପଞ୍ଜୀକରଣ	ଏ ଏନ ଏମ	MCP କାର୍ଡ
ଶିଶୁ ଜନ୍ମର ପଞ୍ଜୀକରଣ	ଏ ଏନ ଏମ	MCP କାର୍ଡ
ଶିଶୁଟି BCG ଟୀକା ନେଲା	ଏ ଏନ ଏମ	MCP କାର୍ଡ
ଶିଶୁଟି ପୋଲିଓ ୧ ଏବଂ ଡି ଟି ପି ୧ ଟୀକା ନେଲା	ଏ ଏନ ଏମ	MCP କାର୍ଡ
ଶିଶୁଟି ପୋଲିଓ ୨ ଏବଂ ଡି ଟି ପି ୨ ଟୀକା ନେଲା	ଏ ଏନ ଏମ	MCP କାର୍ଡ
ଶିଶୁଟି ଜନ୍ମ ପରେ ଅତି କମରେ ଦୁଇଥର ଓଜନ ହେଲା (ଅନୁକୂଳତମ ବାହାରେ ଜନ୍ମ ଓଜନକୁ ମିଶାଇ ୪ ଥର)	ଅଙ୍ଗନବାଡି କର୍ମୀ	MCP କାର୍ଡ
ଅଙ୍ଗନବାଡି କେନ୍ଦ୍ର / ଗ୍ରାମୀଣ ସ୍ୱାସ୍ଥ୍ୟ ଏବଂ ପୋଷଣ ଦିବସ / ଘରୋଇ ଭିଜିଟ ଜନ୍ମ ପରେ (ଅନୁକୂଳତମ ବାହାରେ ୩ଥର) YCF ପରାମର୍ଶ ଅଧିବେଶନରେ ମା ଅତି କମରେ ୨ ଥର ଭାଗ ନେଇଥିବା	ଅଙ୍ଗନବାଡି କର୍ମୀ	MCP କାର୍ଡ

ଘ. ଆବଶ୍ୟକ ପ୍ରମାଣପତ୍ର :

- ଆଧାର କାର୍ଡ
- ନିବାସର ପ୍ରମାଣ, ଉଦାହରଣ – ନିବାସ ଅଧିକାରୀଙ୍କଠାରୁ ନିବାସ ପ୍ରମାଣ ପତ୍ର

- ପରିଚୟ ପତ୍ର, ଉଦାହରଣ - ଭୋଟ୍ ପରିଚୟ ପତ୍ର
- ବିପିଏଲ କାର୍ଡ, ରାସନ କାର୍ଡ (ଯଦି ଅଛି)
- ବ୍ୟାଙ୍କ ବିବରଣୀ, ଉଦାହରଣ - ଆଇଏଫଏସସି କୋଡ, ଏମଆଇଆରସି କୋଡ, ଖାତା ସଂଖ୍ୟା, ଖାତାଧାରୀଙ୍କ ନାମ ଏବଂ ବ୍ୟାଙ୍କ ଶାଖାର ନାମ।

ଙ. ମମତା ଯୋଜନା ପାଇଁ ଆବେଦନର ପ୍ରକ୍ରିୟା :

- ଜଣେ ଗର୍ଭବତୀ ମହିଳା ଯେଉଁ ଅଙ୍ଗନବାଡି କେନ୍ଦ୍ର କିମ୍ବା ଛୋଟ ଅଙ୍ଗନବାଡି ସହ ଜଡିତ ଥିବେ ସେଠାରେ ପଞ୍ଜୀକରଣ କରିବେ।
- ଯଦି ନୂତନ ରୂପେ ଗର୍ଭବତୀ ଥିବେ, ତେବେ ଗର୍ଭ ରହିବାର ୪ ମାସ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ରର ପଞ୍ଜୀକରଣ କରିବେ।
- ମମତା ଯୋଜନାରେ ପ୍ରଥମ କିସ୍ତି ଦାବି କରିବା ପାଇଁ ଗର୍ଭବତୀ ମହିଳାଙ୍କ ଗର୍ଭ ରହିବାର ୬ ମାସ ଭିତରେ ପଞ୍ଜୀକରଣ କରିଥିବା ଆବଶ୍ୟକ।

(ଜଣେ ଗର୍ଭବତୀ ମହିଳା କୌଣସି ଅଙ୍ଗନବାଡି କେନ୍ଦ୍ରରୁ ନେଇପାରନ୍ତି କିନ୍ତୁ ମମତା ଯୋଜନାରୁ ନିଜର ହକ, କେବଳ ପଞ୍ଜୀକୃତ ଅଙ୍ଗନବାଡି କେନ୍ଦ୍ରରୁ ନେଇପାରିବେ। ଉଦାହରଣ ସ୍ୱରୂପ ଯଦି ଜଣେ ମହିଳା ନିଜର ମାତୃ ଘରେ ଥିବା ସମୟରେ ଗର୍ଭବତୀ ହେବାର ଜାଣିଲେ ତେବେ ସେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ପାରିବେ କିନ୍ତୁ ତାଙ୍କର ଗର୍ଭବସ୍ଥା ନିଜର ବାସ ସ୍ଥାନରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ପଞ୍ଜୀକୃତ ହେବ।)

୮. ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ଏହା ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା। ଏହି ଯୋଜନାର ଉଦ୍ଦେଶ୍ୟ ସାର୍ବଜନନୀନ ସ୍ୱାସ୍ଥ୍ୟ ସେବା ସହ ଆର୍ଥୀକ ଅନଗ୍ରସର ପରିବାରମାନଙ୍କୁ ସ୍ୱାସ୍ଥ୍ୟ ସେବା ଜନୀତ ଖର୍ଚ୍ଚରୁ ମୁକ୍ତି ଦେବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବା।

ଏହି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଟି ଦୁଇ ପ୍ରକାରର ସେବାରେ ଉପଲବ୍ଧ।

(୧) ମାଗଣା ସ୍ୱାସ୍ଥ୍ୟ ସେବା (୨) ବିଶେଷ ସ୍ୱାସ୍ଥ୍ୟ ସେବା

୧. ମାଗଣା ସ୍ୱାସ୍ଥ୍ୟ ସେବା :

ଯୋଗ୍ୟତା : ରୋଜଗାର କ୍ଷମତା, ଜନ୍ମସ୍ଥାନ ନିର୍ବିଶେଷରେ ସମସ୍ତ ଓଡ଼ିଶା ବାସିଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା।

ଚିକିତ୍ସାଳୟ : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ସମସ୍ତ ସରକାରୀ ଚିକିତ୍ସାଳୟ।

ସହାୟତା : ସମସ୍ତ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାଗଣା। ଯେଉଁଥିରେ ଔଷଧ, ପରୀକ୍ଷା, କ୍ୟାନସର, କେମୋଥେରାପି, ଓଟି, ଆଇସିୟୁ ଏବଂ ଓପିଡ଼ିରେ ଭର୍ତ୍ତି ଇତ୍ୟାଦି ସେବା ଅନ୍ତର୍ଭୁକ୍ତ ।

ଦରକାରୀ ପ୍ରମାଣ ପତ୍ର: କୌଣସି ପ୍ରମାଣପତ୍ରର ଆବଶ୍ୟକତା ନାହିଁ।

୨. ବିଶେଷ ସ୍ୱାସ୍ଥ୍ୟ ସେବା :

ଯୋଗ୍ୟତା : ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା କାର୍ଡଧାରୀ, ବି.ପି.ଏଲ୍. ଏବଂ ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାରର ବାର୍ଷିକ ଆୟ ୫୦ ହଜାରରୁ କମ୍ ସହରାଞ୍ଚଳରେ ବସବାସ କରୁଥିବା ପରିବାର ୬୦ ହଜାରରୁ କମ୍ ହୋଇଥିବ।

ଚିକିତ୍ସାଳୟ : ସମସ୍ତ ସରକାରୀ ଚିକିତ୍ସାଳୟ ତଥା ୨୦୮ ପଞ୍ଜୀକୃତ ବେସରକାରୀ ଚିକିତ୍ସାଳୟ।

ସହାୟତା : ପ୍ରତ୍ୟେକ ପରିବାର ନିମନ୍ତେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ସ୍ୱାସ୍ଥ୍ୟ ବୀମା ତଥା ପରିବାରର ମହିଳା ସଦସ୍ୟଙ୍କ ନିମନ୍ତେ ୬ ଲକ୍ଷ ପର୍ଯ୍ୟନ୍ତ ଦେୟମୁକ୍ତ ସହାୟତା।

ଦରକାରୀ ପ୍ରମାଣ ପତ୍ର : ରାଷ୍ଟ୍ରିୟ ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ଼, ବି.ପି.ଏଲ୍, ଅନ୍ତୋଦୟ କାର୍ଡ଼ ଏବଂ ଆୟ ପ୍ରମାଣ ପତ୍ର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପରିବାର ପାଇଁ ଉଦ୍ଦିଷ୍ଟ।

ଏହି ଯୋଜନାରେ ପଞ୍ଜିକୃତ ହୋଇଥିବା ସମସ୍ତ ହିତାଧିକାରିଙ୍କୁ ସହାୟତା ପ୍ରଦାନପାଇଁ ସ୍ୱାସ୍ଥ୍ୟ ମିତ୍ରମାନଙ୍କୁ ନିଯୁକ୍ତି କରାଯାଇଛି।

ଯୋଗାଯୋଗର ବ୍ୟବସ୍ଥା : ଯୋଜନା ସମ୍ବନ୍ଧରେ ସବିଶେଷ ତଥ୍ୟ ଏବଂ ଅଭିଯୋଗ ପାଇଁ ଦେୟମୁକ୍ତ ନଂ. ୧୫୫୩୬୯ ରେ ଯେ କୌଣସି ବ୍ୟକ୍ତି ସକାଳ ୬ ରୁ ରାତି ୧୦ ପର୍ଯ୍ୟନ୍ତ ଯୋଗାଯୋଗ କରିପାରିବେ।

୯. ସ୍ୱଚ୍ଛ ଭାରତ ମିଶନ : ଗ୍ରାମୀଣ (ବ୍ୟକ୍ତିଗତ ପାରିବାରିକ ଶୌଚାଳୟ)

କ. ଯୋଜନା ସମ୍ବନ୍ଧରେ :

ସ୍ୱଚ୍ଛ ଭାରତ ମିଶନ, ସମ୍ପୂର୍ଣ୍ଣ ଗ୍ରାମୀଣ ଅଞ୍ଚଳକୁ ସ୍ୱଚ୍ଛତା ଭିତରକୁ ଆଣିବା ପାଇଁ ଏବଂ ସ୍ୱଚ୍ଛତାକୁ ଗତି ଦେବା ପାଇଁ ୨ ଅକ୍ଟୋବର ୨୦୧୯ରେ ସ୍ଥିର କରାଯାଇଥିବା ଲକ୍ଷ ସ୍ୱଚ୍ଛ ଭାରତକୁ ପ୍ରାପ୍ତ କରିବା ପାଇଁ ଏହା ଏକ ଭାରତ ସରକାରଙ୍କର ଅଭିଯାନ।

ଏକ ସମ୍ପୂର୍ଣ୍ଣ ପାରିବାରିକ ସ୍ୱଚ୍ଛକର ଲାଟ୍ରିନରେ ସାମିଲ :

- ଏକ ସ୍ୱଚ୍ଛକର ଉପସଂରଚନା (ଯାହାକି ସୁରକ୍ଷିତ ରୂପରେ ମାନବ ଚେହେରାକୁ ସୀମିତ କରେ ଏବଂ ପୂର୍ବରୁ ହେଉଥିବା ମାନବ ପ୍ରବନ୍ଧନକୁ ସମାପ୍ତ କରେ, ଏହା ପୂର୍ଣ୍ଣ ରୂପରେ ବିଘଟିତ ହୁଏ)
- ଏକ ଚମତ୍କାର ସଂରଚନା ପାଣିର ସୁବିଧା ସହ
- ଗୋଟିଏ ହାତ ଧୁଆ ଅଂଶ ସଫା କରିବା ପାଇଁ ଏବଂ ହାତ ଧୋଇବା ପାଇଁ

ଯୋଗ୍ୟତା ଏବଂ ପ୍ରାଥମିକତା କ୍ରମ :

କ. Socio Economic Caste Censes (SECC) ଅନୁଯାଇ ଜେନ ଗରିବ ପରିବାର ଯିଏ ସ୍ୱ ସମାବେଶ ଶ୍ରେଣୀରେ ଆସୁଥିବେ ଏବଂ ଉକ୍ତ ପରିବାର ଅତି କମରେ ଗୋଟିଏ ଅଭାବ / ଦରିଦ୍ର ଶ୍ରେଣୀରେ ଆସୁଥିବେ।

ଖ. ଏପିଏଲ

ଏସ୍.ସି/ଏସ୍.ଟି, ବିକଳାଙ୍ଗ ବ୍ୟକ୍ତି, ବିଧବା / ବୃଦ୍ଧ ଭତ୍ତା ପ୍ରାପ୍ତକାରୀ, ଭୂମି ହୀନା ମଜୁରିଆ, ଘରବାଡ଼ି ସହିତ, କ୍ଷୁଦ୍ର ଚାଷୀ, ସୀମାନ୍ତ ଚାଷୀ, ପରିବାରର ମୁଖିଆ ମହିଳା ହୋଇଥିଲେ

ଉପର ଉଲ୍ଲେଖିତ ଶ୍ରେଣୀ ଅନୁଯାଇ ପରିବାରଗୁଡ଼ିକୁ ପ୍ରାଥମିକତା ଆଧାରରେ ସାମିଲ କରାଯିବ ଯିଏ : କେନ୍ଦ୍ରୀୟ ଏବଂ ରାଜ୍ୟ ସରକାରଙ୍କ ଅନ୍ତର୍ଭୁକ୍ତ ମାତୃ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଗର୍ଭବତୀ ଏବଂ ସ୍ତନ୍ୟ ପାନ କରାଉଥିବା ମହିଳା ଏବଂ ଯେଉଁଥିରେ ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନର ଜନନୀ ସୁରକ୍ଷା ଯୋଜନା ସଂଲଗ୍ନ ଅଟେ ।

କନ୍ୟାମାନେ, ଯେଉଁମାନେ କୌଣସି ଯୋଜନା ସହିତ ସଂଲଗ୍ନ ଥିବେ, ଯେଉଁ ଯୋଜନାରେ କନ୍ୟାମାନେ ଲାଭାନ୍ୱିତ ହେଉଥିବେ ।

ଗ. ବ୍ୟକ୍ତିଗତ ପାରିବାରିକ ଲାଟ୍ରିନରେ ଲାଭ

ଗୋଟିଏ ଏକକ ନିର୍ମାଣ କରିବା ପାଇଁ ଏବଂ ପାଣିର ବ୍ୟବସ୍ଥା ସହ ପାଣି ଟାଙ୍କି ତଥା ହାତ ଧୋଇବା, ସଫା କରିବା ପାଇଁ ୧ ୨ ୦ ୦ ୦ ଟଙ୍କା ।

- ପ୍ରୋତ୍ସାହନ ରାଶି ପ୍ରଦାନର ଲକ୍ଷ ପୂର୍ଣ୍ଣ ରୂପେ ଲାଟ୍ରିନର ଖର୍ଚ୍ଚ ଦେବା ନୁହଁ କିନ୍ତୁ ଲୋକଙ୍କର ବ୍ୟବହାରରେ ପରିବର୍ତ୍ତନ ଆଣି ସେମାନେ କିପରି ନିଜ ଖର୍ଚ୍ଚରେ ଲାଟ୍ରିନ ତିଆରି କରିବେ ।
- ସ୍ୱଚ୍ଛ ଭାରତ ମିଶନର ଉଦ୍ଦେଶ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଗ୍ରାମ ସ୍ତରରେ ସମର୍ପିତ, ତାଲିମପ୍ରାପ୍ତ ଏବଂ ଠିକ ଭାବେ ପ୍ରୋତ୍ସାହିତ ସ୍ୱଚ୍ଛାଗ୍ରାହୀର ଚୟନ କରାଯାଏ ।
- ସ୍ୱଚ୍ଛଗ୍ରାହୀ ନିଶ୍ଚିତ ଭାବେ ସେହି ଗ୍ରାମର ବାସିନ୍ଦା ହୋଇଥିବେ ଏବଂ ସେ ପୁରା ସମୟ ପାଇଁ ନିୟୋଜିତ ରହିବେ ।
- ସେ ନିଜେ ନିଶ୍ଚୟ ଲାଟ୍ରିନ ବ୍ୟବହାର କରୁଥିବେ ଏବଂ ଶୌଚ ପାଇଁ ବାହାରକୁ ଯାଉ ନ ଥିବେ ।

୧୦. ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା (DAY-NRLM)

କ. ଯୋଜନା ସମ୍ବନ୍ଧରେ

ଦୀନଦୟାଲ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନା, ରାଷ୍ଟ୍ରୀୟ ଗ୍ରାମୀଣ ଅଜୀବିକ ମିଶନ ଏକ ଭାରତ ସରକାରଙ୍କର ଯୋଜନା ଯାହା ସାମାଜିକ ସମାବେଶ, ବିତ୍ତୀୟ ସମାବେଶ ଏବଂ ଆର୍ଥିକ ସମାବେଶ ଦ୍ୱାରା ଗରିବ ମହିଳାମାନଙ୍କୁ ସଂଗଠିତ କରି ଦରିଦ୍ରତା ଦୂରୀକରଣ କରିବା ଏହି ଯୋଜନାର ଲକ୍ଷ ।

ଖ. ଯୋଗ୍ୟତା

ସମସ୍ତ ଗରିବ, ଅତି ଗରିବ ଏବଂ ଦୁର୍ବଳ (EPVP) ମହିଳାମାନେ ।

SECC ଅନୁଯାୟୀ ଗରିବମାନେ ହେଲା ଯେଉଁ ପରିବାର ସମାବେଶ ବର୍ଗରେ ଅଛନ୍ତି ଏବଂ ସେମାନଙ୍କ ଅତି କମ୍‌ରେ ଗୋଟିଏ ଅସୁବିଧା ଥିବ ।

ଗ. ଲାଭ

- ମଜବୁତ୍ ମହିଳା ସମୁହରେ, ଆଞ୍ଚଳିକ ମଞ୍ଚରେ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘରେ ସଦସ୍ୟତା ।
- ସକ୍ରିୟ ମହିଳାମାନେ ସମୁଦାୟିକ ସଂସାଧନ ବ୍ୟକ୍ତିଭାବେ ଭୂମିକା ନିର୍ବାହ କରିପାରିବେ ।
- ଅନୁଷ୍ଠାନ ନିର୍ମାଣ ପାଇଁ ସଞ୍ଚାରିତ ଏବଂ ମୋଡୁଲାର କ୍ଷମତା ନିର୍ମାଣ, ବିତ୍ତିୟ ସମାବେଶ ଏବଂ ଅଜୀବିକା ।
- ମହିଳା ସମୂହ ବା ଗ୍ରୁପ ନିଗମନର ତିନି ମାସ ପରେ ୧ ୫ ୦ ୦ ୦/- ପରିକ୍ରାମି ନିଧି ପ୍ରାପ୍ତି ।

- ଗ୍ରାମ ପଞ୍ଚାୟତ ସ୍ତରୀୟ ମହାସଂଘକୁ ସୂକ୍ଷ୍ମ ନିବେଶ ଯୋଜନାକୁ ଭିତ୍ତି କରି ଦୁଇଟି କିସ୍ତିରେ ସାମୁଦାୟୀକ ନିବେଶ ଯୋଜନାରେ ୨୫ ଲକ୍ଷ ପର୍ଯ୍ୟନ୍ତ
- ଅତି ସମ୍ବେଦନଶୀଳତା କି ଭିତ୍ତି କରି ଅତି ସମ୍ବେଦନଶୀଳ ହ୍ରାସକରଣ ପାଣ୍ଠିରୁ ପ୍ରତି ଆଞ୍ଚଳିକ ମଞ୍ଚ ୨ ଲକ୍ଷ ପର୍ଯ୍ୟନ୍ତ ସୀମିତ ମାପରେ ମିଳିପାରିବ।
- ଶୀଘ୍ର ଏବଂ ନିୟମିତ ପରିଶୋଧନ କ୍ଷେତ୍ରରେ ସ୍ୱୟଂ ସହାୟତା ସମୂହ ପାଇଁ ୧% ସୁଧ ହାରରେ ବ୍ୟାଙ୍କ ଦ୍ୱାରା ଅର୍ଥ ବ୍ୟବସ୍ଥା।
- ମିଶନ୍ ସମୃଦ୍ଧିରେ ଚୟନିତ ଗ୍ରାମ ପଞ୍ଚାୟତରେ ମହିଳା କିଶାନ୍ ସଶକ୍ତିକରଣ ପରିଯୋଜନା ଅନ୍ତରଙ୍ଗ ଏବଂ ଚିରନ୍ତନ କୃଷି ଅଭ୍ୟାସର ପ୍ରସାର।
- ମିଶନ୍ ସମୃଦ୍ଧି ଗ୍ରାମ ପଞ୍ଚାୟତଗୁଡ଼ିକରେ ପଶୁ ଧନ ପାଇଁ ଟିକା କରଣ, କୃମିକରଣ ଏବଂ ଗୁହାର ବା ଛପରର ବ୍ୟବସ୍ଥା।
- ଔଷଧୀୟ ବୃକ୍ଷ ଏବଂ ଟସର୍ ସହ ଅନ୍ୟ ଜଙ୍ଗଲ ଜାତ ସାମଗ୍ରୀର ସଂଗ୍ରହ ଏବଂ ବଜାର ବନ୍ଦୋବସ୍ତ।
- ଗ୍ରାମୀଣ ପଦାର୍ଥର ଉତ୍ପାଦନ ଏବଂ ବଜାର ବନ୍ଦୋବସ୍ତ ପାଇଁ ଉତ୍ପାଦକ ସମୂହ ଏବଂ ଉତ୍ପାଦକ ଦଳଗଠନକୁ ପ୍ରୋତ୍ସାହନ।
- ସ୍ୱୟଂ ସହାୟତା ସମୂହର ସାମଗ୍ରୀକୁ ବଜାର ବନ୍ଦୋବସ୍ତ କରିବା ପାଇଁ ପଲିଶ୍ରୀ ମେଳା ଆଦିର ଆୟୋଜନ।
- ଚାଷ କାମରେ ମେସନୀକରଣକୁ ସର୍ବ ବ୍ୟାପି କରିବା ଏବଂ ପଶୁ ଧନକୁ ପ୍ରସାର କରିବା ପାଇଁ ସାଧାରଣ ସୁବିଧା କେନ୍ଦ୍ରର ପ୍ରୋତ୍ସାହନ
- ପ୍ରାରମ୍ଭିକ ଗ୍ରାମୀଣ ଉଦ୍ୟୋଗ ଯୋଜନା ମାଧ୍ୟମରେ ଉଦ୍ୟୋଗୀ ଦକ୍ଷତା ଏବଂ ଗ୍ରାମ ଅଞ୍ଚଳରେ ଉଦ୍ୟୋଗକୁ ସାହାଯ୍ୟ ଏବଂ ପ୍ରୋତ୍ସାହନ।
- ସ୍ୱୟଂ ସହାୟତା ସମୂହ ଏବଂ ମହାସଂଘର ନାମାଙ୍କନ ବିଭିନ୍ନ ବୀମା ଯୋଜନା କରିବାରେ ସମ୍ବେଦନଶୀଳ କରିବା ଏବଂ ସାହାଯ୍ୟ କରିବା।
- ସ୍ୱୟଂ ସହାୟତା ସମୂହକୁ ବ୍ୟକ୍ତିଗତ ବ୍ୟାଙ୍କ ଖାତା ଖୋଲିବାରେ ସାହାଯ୍ୟ କରିବା ଏବଂ ସଞ୍ଚରିତ ବିତ୍ତୀୟ ଶିକ୍ଷା ପାଇଁ ଆର୍ଥିକ ସହାୟତା କେନ୍ଦ୍ରକୁ ପ୍ରୋତ୍ସାହନ।

୧୧. ପ୍ରଧାମମନ୍ତ୍ରୀ ରୋଜଗାର ଉତ୍ପନ୍ନ କାର୍ଯ୍ୟକ୍ରମ

କ. ଯୋଜନା ସମ୍ବନ୍ଧରେ

ରାଜ୍ୟ (KVIC) ପ୍ରବନ୍ଧ ବିଭାଗ, ରାଜ୍ୟ ଖଦୀ ଏବଂ ଗ୍ରାମୀଣ ଉଦ୍ୟୋଗ ବୋର୍ଡ (KVIBs) ଏବଂ ଜିଲ୍ଲା ଉଦ୍ୟୋଗ କେନ୍ଦ୍ର ଏବଂ ବ୍ୟାଙ୍କ ଦ୍ୱାରା ଚଗରଏଚ କାର୍ଯ୍ୟରେ ପରିଣତ ହୋଇଥାଏ। ଏହାର ନିମ୍ନଲିଖିତ ଉଦ୍ଦେଶ୍ୟମାନ ହେଲା –

- ନୂତନ ସ୍ୱ ରୋଜଗାର ଉଦ୍ୟମ / କାର୍ଯ୍ୟକ୍ରମ / ସୂକ୍ଷ୍ମ ଉଦ୍ୟୋଗ ଗଠନ କରି ରୋଜଗାର ଅବସର ଉତ୍ପନ୍ନ କରିବା
- କାରୀଗର ଏବଂ ଯୋଗଦାନକାରୀମାନଙ୍କର ଆୟ ବଢାଇବା ପାଇଁ ଏବଂ ଗ୍ରାମୀଣ ଏବଂ ସହରର ରୋଜଗାରକୁ ବଢାଇବାପାଇଁ

ଖ. ଲାଭାର୍ଥୀମାନଙ୍କର ଯୋଗ୍ୟତା

- କୌଣସି ବ୍ୟକ୍ତି ୧୮ ବର୍ଷରୁ ଉର୍ଦ୍ଧ୍ୱ ହେଇଥିବେ।
- କାର୍ଯ୍ୟକ୍ରମର ମୂଲ୍ୟ ଧାର୍ଯ୍ୟ କରିବା ବେଳେ ନିର୍ମାଣ କାର୍ଯ୍ୟ କ୍ଷେତ୍ରରେ ୧୦ ଲକ୍ଷରୁ ଅଧିକ, ବ୍ୟବସାୟ ଏବଂ ସେବା କ୍ଷେତ୍ରରେ ୫ ଲକ୍ଷରୁ ଅଧିକ କାର୍ଯ୍ୟ ପାଇଁ, ଲାଭାର୍ଥୀର ଅତି କମ୍‌ରେ VII ଶ୍ରେଣୀର ଶିକ୍ଷାଗତ ଯୋଗ୍ୟତା ଥିବ।
- ଚଗରଏ ରେ କେବଳ ନୂଆ ରୂପେ ପାରିତ କାର୍ଯ୍ୟକ୍ରମରେ ଯୋଜନାରେ ସହାୟତା ମହଜୁଦ ଅଛି।
- ସ୍ୱୟଂ ସହାୟତା ସମୂହ ପାଇଁ ମଧ୍ୟ ସହାୟତା ମହଜୁଦ ଅଛି।
- ସାମାଜିକ ପଞ୍ଜିକରଣ ଅଧିନିୟମ ୧୮୬୦ରେ ପଞ୍ଜିକୃତ ଅନୁଷ୍ଠାନ, ଉଦ୍ୟୋଗ ସମବାୟ ସମିତି, ଦାନଶୀଳ ଟ୍ରଷ୍ଟ।
- ପୂଜା ବ୍ୟୟ ଏବଂ କାର୍ଯ୍ୟଶିଳ ପୂଜାର ଗୋଟିଏ ଚକ୍ର କାର୍ଯ୍ୟକ୍ରମର ମୂଲ୍ୟ ସହିତ ଜଡିତ।
- ଯେଉଁଥିରେ କାର୍ଯ୍ୟକ୍ରମର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବ ଯାହାର କାର୍ଯ୍ୟଶିଳ ପୂଜାର ଆବଶ୍ୟକତା ହିଁ, ତାହାର ନିକାସ କ୍ଷେତ୍ରୀୟ ଅଫିସ୍ କିମ୍ବା ବ୍ୟାଙ୍କ ଶାଖାରେ କରାଯିବା ଦରକାର।
- ପରିବାରରୁ କେବଳ ଜଣେ ମାତ୍ର PMEGO କାର୍ଯ୍ୟକ୍ରମରେ ବିତ୍ତିୟ ସହାୟତା ପାଇପାରିବେ। ଉଭୟ ପତି ପତ୍ନୀ ଗୋଟିଏ ପରିବାରରେ ଜଡିତ।

PMEGP ଅନ୍ତର୍ଗତ ଲାଭାର୍ଥୀର ବର୍ଗ	ଲାଭାର୍ଥୀର ଅନୁଦାନ (କାର୍ଯ୍ୟକ୍ରମ ମୂଲ୍ୟର)	ଅନୁଦାନ ଦର (କାର୍ଯ୍ୟକ୍ରମ ମୂଲ୍ୟର)	
		ସହର ଅଞ୍ଚଳ	ଗ୍ରାମ ଅଞ୍ଚଳ
ଅଞ୍ଚଳ (କାର୍ଯ୍ୟକ୍ରମର ସ୍ଥାନ / ଏକକ)			
ସାଧାରଣ ବର୍ଗ	୧୦%	୧୫%	୨୫%
ବିଶେଷ (SC/ST/OBC/ଅଳ୍ପ ସଂଖ୍ୟକ / ମହିଳା ସଂଲଗ୍ନ)	୦୫%	୨୫%	୩୫%
ଭୁତପୂର୍ବ ସେବା କର୍ତ୍ତା, ଶାରୀରିକ ଅକ୍ଷମ, NER, ପାହାଡିଆ ଏବଂ ତଟ ଅଞ୍ଚଳ			

- ନିର୍ମାଣ କ୍ଷେତ୍ରରେ ଅଧିକତମ ଟ. ୨୫ ଲକ୍ଷ, ଏହି କାର୍ଯ୍ୟକ୍ରମରେ ସ୍ୱୀକାର୍ଯ୍ୟ।
- ବ୍ୟବସାୟ କ୍ଷେତ୍ରରେ ଅଧିକତମ ଟ. ୧୦ଲକ୍ଷ, ଏହି କାର୍ଯ୍ୟକ୍ରମରେ ସ୍ୱୀକାର୍ଯ୍ୟ।
- ବଳକା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ମୂଲ୍ୟ ବ୍ୟାଙ୍କ ଦ୍ୱାରା ଅବଧି ଲୋନ୍ ଆକାରରେ ମିଳିବ।
- ସହ ପାର୍ଶିକ ସୁରକ୍ଷା ପାଇଁ ବ୍ୟାଙ୍କ ଜଇଓ ନିୟମାବଳୀ ସହ କାର୍ଯ୍ୟକ୍ରମରେ ଜଡିତ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଇଁ ଜୋର୍ କରିବ ନାହିଁ।
- କାର୍ଯ୍ୟ ପ୍ରାରମ୍ଭ କରିବା ପାଇଁ ବ୍ୟାଙ୍କ ସାଧାରଣ ବର୍ଗକୁ ୯୦% ଏବଂ ବିଶେଷ ବର୍ଗକୁ ୯୫% କାର୍ଯ୍ୟକ୍ରମ ମୂଲ୍ୟ ପ୍ରଦାନ କରିବ।

ଆବେଦନ କରିବା ପ୍ରଣାଳୀ

- ଅନ୍‌ଲାଇନ୍ ଆବେଦନ କରିବାକୁ ପଡିବ
- ଆବେଦନ ଗ୍ରହଣ କରିବାର ୫ ଦିନ ମଧ୍ୟରେ KVIC ର ନୋଡାଲ୍ ଅଧିକାରୀ ରାଜ୍ୟ କଠଓଇ ଏବଂ ଉଓଉ, ଆବେଦନକାରୀ ସହିତ ଫୋନ ମାଧ୍ୟମରେ କିମ୍ବା ସାକ୍ଷାତ କରି ବ୍ୟକ୍ତିଗତ ଭାବେ କଥା ହେବେ ଏବଂ ଆବେଦନ ଗ୍ରହଣର ନିଶ୍ଚିତତା କରି ପରବର୍ତ୍ତୀ ଯାଞ୍ଚ କାର୍ଯ୍ୟ କରିବେ।
- ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଜିଲ୍ଲାପାଳ ସହ ମାଜିଷ୍ଟେଟ ଅଧକ୍ଷତାରେ ଯାଞ୍ଚ କରିବେ।
- ଜିଲ୍ଲାସ୍ତରୀୟ ଏଜେନ୍ସୀ (KVIC/KVIBDIC) ପ୍ରାଥମିକ ଯାଞ୍ଚ ପରେ ଆବେଦନକୁ DLTFC କୁ ପଠାଇବ, ଏହା ସହିତ ଆବେଦନକାରୀର ପସନ୍ଦର ବ୍ୟାଙ୍କ ଏବଂ ମୁଖ୍ୟ ବ୍ୟାଙ୍କ ସଞ୍ଚାଳକ ପାଖକୁ ପଠାଇବେ।
- DLTFC ଯଦି ୪୫ ଦିନ ମଧ୍ୟରେ ଉପଯୁକ୍ତ ରାଶି ଆବେଦନକାରୀକୁ ନ ଦିଏ ତାହେଲେ ବ୍ୟାଙ୍କ କାର୍ଯ୍ୟକ୍ରମକୁ ନିଜ ଆୟତରେ ନେଇ ପରେ ଯଦି ଆବେଦନ ଖାରଜ ହୁଏ, ତେବେ ଏହାର କାରଣ ଆବେଦନକାରୀକୁ ଜଣାଇବେ।
- ସେମାନେ ଆର୍ଥିକ ରୂପରେ ଏବଂ ବୈଷୟିକ ରୂପରେ କାର୍ଯ୍ୟକ୍ରମର ମାନଦଣ୍ଡକୁ ଆକଳନ କରିବେ।
- ଆବେଦନକାରି ଆବେଦନ କରିସାରିବା ପରେ କଠଓଉ ର ରାଜ୍ୟ କାର୍ଯ୍ୟାଳୟ ସହ ସମ୍ପର୍କ କରି କୌଣସି ସମୟରେ ଉଉଚ ଦ୍ୱାରା ତାଲିମ୍‌ପ୍ରାପ୍ତ କରିପାରିବେ।
- ମଞ୍ଜୁରୀ ଆଦେଶ ପାଇବାର ୧୦ଦିନ ମଧ୍ୟରେ ଆବେଦନକରି ନିଜର ଅନୁଦାନ ରକମ ଏବଂ EDP ତାଲିମ୍‌ର ମାନପତ୍ର ଜମା କରିବେ।

ଆବଶ୍ୟକ ଦସ୍ତାବେଜ୍

ଜାତି ପ୍ରମାଣ ପତ୍ର, ବିଶେଷ ବର୍ଗ ପ୍ରମାଣ ପତ୍ର, ଯେତେବେଳେ ଦରକାର, ଗ୍ରାମ ଅଞ୍ଚଳ ପ୍ରମାଣପତ୍ର, କାର୍ଯ୍ୟକ୍ରମର ରିପୋର୍ଟ, ଶି କ୍ଷା / EDP ତାଲିମ୍‌ର ମାନପତ୍ର, ଅନୁଷ୍ଠାନ ହେଲେ, ଏହାର ପଞ୍ଜିକୃତ ପ୍ରମାଣପତ୍ର

୧୨. ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା

କ. ଯୋଜନା ସମ୍ବନ୍ଧରେ

ରାଜ୍ୟ ଏବଂ ଜିଲ୍ଲାର ବିକାଶ ଯୋଜନାକୁ ଭିତ୍ତି କରି ନିଜର ଚାଷ ଏବଂ ମିଳିତ ଗତିବିଧିକୁ କାର୍ଯ୍ୟରତ କରିବା ପାଇଁ ଅନୁମତି ଦେବା ଏବଂ ଏକ ସମୁଚିତ ବିକାଶ କରିବା ପାଇଁ ଏହି ଯୋଜନା ଏକ ଛତା ଭଳି କାମ କରିଥାଏ। ଏହା ଏକ କେନ୍ଦ୍ର ପ୍ରାୟୋଜିତ ଯୋଜନା ଯାହାର ଅନୁପାତ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦:୪୦।

କାର୍ଯ୍ୟକ୍ରମର ଲକ୍ଷ୍ୟ ହେଲା –

- ବିପଦ ଲଘୁକରଣ ଏବଂ ଚାଷ ବ୍ୟବସାୟୀ ଉଦ୍ୟୋଗୀକୁ ପ୍ରୋତ୍ସାହନ
- ଚାଷ ପୂର୍ବ ଏବଂ ପର ଅମଳର ଢାଞ୍ଚା ଏବଂ ଅନ୍ତନିର୍ମାଣ ଯାହା ଦ୍ୱାରା ନିବେଶର ଗୁଣବତ୍ତା, ଭଣ୍ଡାରଣ, ବଜାର ବନ୍ଦୋବସ୍ତର ସୁବିଧା କରାଯାଇପାରିବ।
- ମୂଲ୍ୟ ଶୃଙ୍ଖଳା ଉତ୍ପାଦନ ମଡେଲ୍‌କୁ ପ୍ରୋତ୍ସାହିତ କରିବା।
- ଚାଷୀର ଚାଷ ଗତିବିଧିରେ ସମୁଚିତ କୃଷି, ଛତୁ ଚାଷ, ମହୁ ମାଛି ଚାଷ, ଅତର ଯୁକ୍ତ ଗଛ ଚାଷ, ଫୁଲ ଚାଷ ପରି ଚାଷରେ ପ୍ରୋତ୍ସାହିତ କରି ବିପଦକୁ କମାଇବା।

- ଯୁବ ପିଢିକୁ ଆଧୁନିକ ବ୍ୟବସାୟ ମଡେଲ୍, ନବୀକରଣ, ଉଦ୍ୟୋଗୀକରଣ ଆଦି ବିଷୟରେ ଆକର୍ଷଣ ବଢାଇବା ।

ଯୋଗ୍ୟତାର ମାନଦଣ୍ଡ :

- ଆଞ୍ଚଳିକ ଅଧିକାରରେ ଥିବା କୃଷୀ ଏବଂ ଉଦ୍ୟାନ କାର୍ଯ୍ୟ, ପଶୁପାଳନ, ମାଛ ଚାଷ, ଗୋ-ଦୁଗ୍ଧ ବିକାଶ, ଚାଷ ଅନୁସନ୍ଧାନ ଏବଂ ଶିକ୍ଷା, ବନ ବିଜ୍ଞାନ ଏବଂ ବନ୍ୟ ଜନ୍ତୁ ସମ୍ପଦ, ରୋପଣ ଏବଂ ଚାଷ ବଜାର ବନ୍ଦୋବସ୍ତ, ଖାଦ୍ୟ ଭଣ୍ଡାରକରଣ, ଜଳ ଏବଂ ମୃତ୍ତିକା ସଂରକ୍ଷଣ, ଚାଷ ସମ୍ବନ୍ଧୀୟ ଅନୁଷ୍ଠାନ ଅନ୍ୟ ଚାଷ କାର୍ଯ୍ୟକ୍ରମ ଏବଂ ସହଯୋଗ ।
- ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରୀ ଅନୁଷ୍ଠାନ, ସ୍ୱୟଂ ଶାସିତ ରାଷ୍ଟ୍ରୀୟ ଏବଂ ଅନ୍ତଃ ରାଷ୍ଟ୍ରୀୟ ଅନୁଷ୍ଠାନ, ଉପଯୁକ୍ତ ଯୋଜନା ସହ ଏହାର ଉପଯୋଗ କରିପାରିବେ ।

ଗ. ଲାଭ

- ଚାଷ ପୂର୍ବ ଏବଂ ପର ଅମଳ ଢାଞ୍ଚା ଏବଂ ଅନ୍ତନିର୍ମାଣ ପାଇଁ ନିଧିର ଉପଯୋଗ କରାଯାଇପାରିବ ।
- ଉତ୍ପାଦନକାରୀ କାର୍ଯ୍ୟକ୍ରମ (ଚାଷ ବ୍ୟବସାୟ) ପରି ମୂଲ୍ୟ ବର୍ଦ୍ଧନ କାର୍ଯ୍ୟ ହେତୁ ଚାଷୀଙ୍କୁ ନିଶ୍ଚିତ ଏବଂ ଅତିରିକ୍ତ ଆୟ ହୋଇପାରି ଯେଉଁଥିରେ PPPIAD କାର୍ଯ୍ୟକ୍ରମ ଏଥିରେ ଜଡିତ ।
- ଫ୍ଲେକ୍ସି ପାଣ୍ଠି ନିୟମିତ RKVY-RAFTAAR ରୁ ୨୦% । ଏହି ପାଣ୍ଠିରୁ ରାଜ୍ୟ ସରକାର କୌଣସି କାର୍ଯ୍ୟକ୍ରମକୁ ସହଯୋଗ କରିପାରିବେ, ବିଶେଷ କରି ଚାଷ କାର୍ଯ୍ୟରେ ନବୀକରଣ ଏବଂ ସମ ବର୍ଗୀ କାର୍ଯ୍ୟ ପାଇଁ ।
- ପ୍ରସ୍ତାବର ସଦ୍‌ଗୁଣକୁ ଭିତ୍ତି କରି ପାଣ୍ଠି ନିର୍ଗତ କରାଯାଏ ।

୧୩. କିଶାନ୍ କ୍ରେଡିଟ୍ କାର୍ଡ଼

କ. ଯୋଜନା ସମ୍ବନ୍ଧରେ :

ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ବିନିଯୋଗ ଏବଂ ଚାଷ ସମ୍ବନ୍ଧୀୟ ଅନ୍ୟ ବିନିଯୋଗକୁ ପୁରା କରିବା ପାଇଁ ଚାଷୀମାନଙ୍କୁ କିଶାନ୍ କ୍ରେଡିଟ୍ କାର୍ଡ଼ ଅର୍ପଣ କରାଯାଇଥାଏ ।

ଯୋଗ୍ୟତା :

- ସମସ୍ତ ବ୍ୟକ୍ତିଗତ ଚାଷୀ / ମିଳିତ ଭାବେ ଯେଉଁମାନେ ଚାଷ କରନ୍ତି ।
- ଭାଗ ଚାଷୀ / ଭଡାରେ କରୁଥିବା ଚାଷୀ
- ସ୍ୱୟଂ ସହାୟତା ସମୂହ ଏବଂ ମିଳିତ ଦାୟିତ୍ୱ ସମୂହ, ଭାଗ ଚାଷ, ଭଡା ଚାଷ ଇତ୍ୟାଦି
- ୫୦୦୦ ଟଙ୍କାରୁ ଅଧିକ ଉତ୍ପାଦନ କରିପାରୁଥିବା ଚାଷୀ
- ୭୦ ବର୍ଷରୁ କମ୍ ଚାଷୀ

ଗ. ଲାଭ :

- ଉତ୍ପାଦନ ଜମାର ପହଞ୍ଚ
- ମିଳିତ ଗତିବିଧି ପାଇଁ କାର୍ଯ୍ୟଶିଳ ଅର୍ଥର ଆବଶ୍ୟକ ।

- ଶସ୍ୟ ଉତ୍ପାଦନ ପାଇଁ ସହାୟକ ରାଶିର ଆବଶ୍ୟକତା ।
- ଅନ୍ୟ ସହାୟକ ଆବଶ୍ୟକତା
- ଦୁର୍ଘଟଣା ବୀମା, ମୃତ୍ୟୁ ହେଲେ ୫୦୦୦୦ ଟଙ୍କା ଏବଂ ବିକଳାଙ୍ଗ ହେଲେ ୨୫୦୦୦ ଟଙ୍କା, ସର୍ବାଧିକ ବୟସ – ୭୦ ବର୍ଷ ।

KCC (କିଶାନ କ୍ରେଡିଟ୍ କାର୍ଡ଼) ପାଇବା ପାଇଁ ଆବଶ୍ୟକ ଦସ୍ତାବେଜ୍

- ଆବେଦନ ଫର୍ମକୁ ଉପଯୁକ୍ତ ଭାବେ ଭରିବା ।
- ପରିଚୟ ପ୍ରମାଣ ପତ୍ର (ନିର୍ବାଚନ ପତ୍ର / ପ୍ୟାନ କାର୍ଡ଼ / ପାସପୋର୍ଟ / ଆଧାର କାର୍ଡ଼ / ଡ୍ରାଇଭିଙ୍ଗ ଲାଇସେନସ୍)
- ଠିକଣା ପ୍ରମାଣ ପତ୍ର (ନିର୍ବାଚନ ପତ୍ର / ପ୍ୟାନ କାର୍ଡ଼ / ପାସପୋର୍ଟ / ଆଧାର କାର୍ଡ଼ / ଡ୍ରାଇଭିଙ୍ଗ ଲାଇସେନସ୍)

୧୪. ପରମ୍ପରାଗତ କୃଷି ବିକାଶ ଯୋଜନା (PKVY)

କ. ଯୋଜନା ସମ୍ବନ୍ଧରେ :

ପରମ୍ପରାଗତ କୃଷି ବିକାଶ ଯୋଜନା ଏକ ମାଟି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯାହାକି ରାଷ୍ଟ୍ରୀୟ ଚିରନ୍ତନ କୃଷି ମିଶନ୍ ମଧ୍ୟମରେ ଗ୍ରାମ୍‌କୁ ପୋଷ୍ୟ କରିବା ଏବଂ ଜୈବିକ କୃଷୀ ପ୍ରଣାଳୀକୁ ପ୍ରୋତ୍ସାହିତ କରି ଚଏଫ ଦ୍ୱାରା ପ୍ରମାଣିତ କରିବା ।

ଯୋଗ୍ୟତା :

- ଏହା ଏକ ଆଞ୍ଚଳିକ ସ୍ତରୀୟ ଯୋଜନା
- ଜୈବିକ କୃଷି କରିବା ପାଇଁ ୫୦ ଚାଷୀକୁ ଏକତ୍ର କରିବା ଏବଂ ୫୦ ଏକର ଜମିକୁ ଚୟନ କରିବା
- ଜୈବିକ ଫସଲ ଖସଡାକୁ ପାଳନ କରିବା ପାଇଁ ରାଜିନାମା କରିବା ।

ଗ. ଲାଭ

- ପ୍ରମାଣପତ୍ର ପାଇବା ପାଇଁ ଚାଷୀକୁ କୌଣସି ଆର୍ଥିକ ବିନିଯୋଗ କରିବାକୁ ପଡେ ନାହିଁ ।
- ବିହନରୁ ବଜାର ପର୍ଯ୍ୟନ୍ତ ତିନି ବର୍ଷରେ ପ୍ରତ୍ୟେକ ଚାଷୀକୁ ଏକର ପିଛା ୨୦୦୦୦ଟଙ୍କା ସହାୟତା ମିଳେ ।
- ପରମ୍ପରିକ ମାଧ୍ୟମରେ ଚାଷ ସାମଗ୍ରୀର ବ୍ୟବସ୍ଥା କରାଯାଏ ।

OPELIP

କ. ଯୋଜନା ସମ୍ବନ୍ଧରେ

ଓଡିଶା PVTG ଶସକ୍ତିକରଣ ଏବଂ ଅଜୀବିକା ଉନ୍ନତି ଯୋଜନାର ଲକ୍ଷ୍ୟ ହେଲା : ଉନ୍ନତ ଜୀବିନ ନିର୍ବାହ, PVTG ଏବଂ ଅନ୍ୟ ଗରିବ ଶ୍ରେଣୀର ଦରିଦ୍ରତା ଦୂରିକରଣ । ଏହା ରାଜ୍ୟ ସରକାରର OTELP ଏବଂ ST ଏବଂ SC ବିଭାଗରୁ କାର୍ଯ୍ୟକାରୀ ହେଇଥାଏ ।

ମୁଖ୍ୟ ଉଦ୍ଦେଶ୍ୟ

ସମୁଦାୟ ୬୨୩୫୬ ପରିବାରର ଉନ୍ନତ ଅଜୀବିକାକୁ ସମର୍ଥ କରିବା ଏବଂ ଖାଦ୍ୟ ଏବଂ ପୋଷଣକୁ ପ୍ରାଥମିକତା ଦେବା ।

ଖ. ଯୋଗ୍ୟତା

ସମସ୍ତ PVTG ପରିବାର ଏବଂ ଗ୍ରାମପଞ୍ଚାୟତ ।

ଗ. ଲାଭ

- ଲକ୍ଷିତ ପରିବାରମାନଙ୍କର ଦକ୍ଷତା ବଢାଇବା ।
- ଭୂମି ଏବଂ ଜଙ୍ଗଲ ଉପରେ ସେମାନଙ୍କର ହକ୍ ପାଇଁ ସୁରକ୍ଷା ପ୍ରଦାନ କରିବା ।
- ଉତ୍ପାଦନ ବଢାଇବା ପାଇଁ ଉନ୍ନତ ଚାଷ ପ୍ରକ୍ରିୟା ।
- ବୈପବ୍ଲିକ ଅଜୀବିକା ପାଇଁ ସୂକ୍ଷ୍ମ ଉଦ୍ୟୋଗ ଗଠନ ପାଇଁ ପ୍ରୋତ୍ସାହନ ।
- ସମୁଦାୟିକ ଅନ୍ତର୍ନିମାଣ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଅନ୍ୟ ସୁବିଧାଗୁଡିକରେ ପହଞ୍ଚକୁ ନିର୍ଦ୍ଧାରିତ କରିବା ।

ଗ. କାର୍ଯ୍ୟକାରୀ କରିବାର ପ୍ରକ୍ରିୟା

- ସୂକ୍ଷ୍ମ କାର୍ଯ୍ୟକ୍ରମ ଅଭିକର୍ତ୍ତା ଦ୍ୱାରା ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥାଏ ଏବଂ ସରକାରୀ ଅଭିଜ୍ଞତା ଯେଉଁମାନେ ଚଠଞଏ ସକାଶେ ଗଠିତ, ସେମାନଙ୍କର ଯୋଗଦାନ ମଧ୍ୟ ରହିଥାଏ ।
- ସମୁଦାୟିକ ସ୍ତରରେ କାର୍ଯ୍ୟଗୁଡିକୁ ସ୍ୱୟ ସହାୟତା ସମୂହମାନଙ୍କ ସହ ମିଶି ସଂଗଠିତ କରିବା ଏବଂ ଗ୍ରାମ ସ୍ତରରେ ଗ୍ରାମ ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା କରିବା ।
- ପଲ୍ଲୀ ସଭା ଏବଂ ଗ୍ରାମ ସଭା ଏହି କାର୍ଯ୍ୟ କରିବା ପାଇଁ ସଠିକ୍ ମଞ୍ଚ ।
- ଉପଯୁକ୍ତ ସେବା ଏବଂ ଉତ୍ପାଦିତ ବଜାର ବନ୍ଦୋବସ୍ତ ପାଇଁ ତାଲିମ୍ ପ୍ରାପ୍ତ ସମୁଦାୟିକ ସାଧନ ବ୍ୟକ୍ତି ।

ବିଶେଷ ବିକାଶ ପରିଷଦ

କ. ସୂତ୍ରପାତ ସମ୍ବନ୍ଧରେ

ଏହା ଅନୁଭବ କରାଗଲା ଯେ ଆଦିବାସୀମାନେ ସଂପ୍ରସାରିତ ଭାବେ ବିକାଶର ପ୍ରକ୍ରିୟାରେ ଯୋଗଦାନ କରିବା ଉଚିତ, ଯେପରିକି ପ୍ରୟୋଜନ ଚିହ୍ନଟ କରିବା, ଯୋଜନା ପ୍ରସ୍ତୁତ କରିବା, କାର୍ଯ୍ୟକାରୀ କରିବା ଏବଂ ଯାଞ୍ଚ କରିବା, ଯାହାଦ୍ୱାରା ଆଦିବାସୀ ବିକାଶ ଆହୁରି ଅଧିକ ଫଳପ୍ରଦ ହୋଇପାରିବ ।

କ.୧. ପରିଷଦର ମୁଖ୍ୟ ଜନାଦେଶ

ପାରମ୍ପରିକ ସଂସ୍କୃତି, ପରମ୍ପରା, ଐତିହ ଏବଂ ନିଜର ପରିଚୟକୁ ସରକ୍ଷଣ କରିବା ଏହି ପରିଷଦର କେନ୍ଦ୍ରବିନ୍ଦୁ ହେବ ।

କ.୨. ନିୟନ୍ତ୍ରଣ ଅଞ୍ଚଳ

ସମୁଦାୟ ୮ ଟି ଜିଲ୍ଲା ଯଥା ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, କନ୍ଧମାଳ, ଗଜପତି, କୋରାପୁଟ, ରାୟଗଡା, ମାଲକାନଗିରି ।

କ.୩. ସମ୍ବିଧାନ ଏବଂ ଶାସନ ନୀତି

- ମନୋନୀତ ଅଧ୍ୟକ୍ଷ, ଉପ ଅଧ୍ୟକ୍ଷ, ଆଦିବାସୀ ସମୂହର ପ୍ରତିନିଧି : ଆଦିବାସୀ ସମୁଦାୟର ବିଖ୍ୟାତ ଲୋକ
- ଶିକ୍ଷା, କଳା, ସଂସ୍କୃତି, ଖେଳ ଏବଂ ଉଦ୍ୟୋଗ କ୍ଷେତ୍ରରେ ଉତ୍କୃଷ୍ଟ ୫ ଟି ବ୍ୟକ୍ତି ପର୍ଯ୍ୟନ୍ତ ପ୍ରତିଦିନକୁ ସଦସ୍ୟ ଭାବେ ମନୋନୀତ କରାଯିବ ।
- ୩ ଜଣ ପର୍ଯ୍ୟନ୍ତ ଦକ୍ଷବ୍ୟକ୍ତିଙ୍କୁ ଆଦିବାସୀ ବିକାଶ କ୍ଷେତ୍ରରେ ସଦସ୍ୟ ଭାବେ ମନୋନୀତ କରାଯିବ ।
- ଜିଲ୍ଲାପାଳ ହେଉଛନ୍ତି ଭୂତପୂର୍ବ ସଂଯୋଜକ ଏବଂ ଉରଙ ।
- ପରିଷଦକୁ ସଚିବ ସମ୍ବଧୀୟ କାର୍ଯ୍ୟ ପାଇଁ ସାହାଯ୍ୟ ହେତୁ ମୁଖ୍ୟାଳୟ ଓଞଉଇ ହେଉଛି ଦାୟୀ ।

- ପରିଷଦରେ କାର୍ଯ୍ୟକାରିଣୀ କମିଟି ସହ ସରକାରୀ ଉଚ୍ଚ ପଦସ୍ଥ କର୍ମଚାରୀ, ଚଉଉଜଉଇ, ଡେପୁଟି ଡାଇରେକଟର, ଉଚଗଟ କାର୍ଯ୍ୟ ପ୍ରକ୍ରିୟାକୁ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ହେବ ।
- ପରିଷଦ ମାସରେ ଅତି କମରେ ଥରେ ସଭାର ଆୟୋଜନ କରିବା ।

ଖ. କାର୍ଯ୍ୟର ଅଂଶ

- ବିକାଶର ଉଦ୍ଦେଶ୍ୟ ସହିତ ଆଦିବାସୀ ସଂସ୍କୃତିର ସଂରକ୍ଷଣ ଜଡିତ
- ମତ ପ୍ରଚାରଣ ଦ୍ୱାରା ଆଦିବାସୀ ସଂସ୍କୃତି ଏବଂ ନିଜସ୍ୱକୁ ବଜାୟ ରଖିବା ।
- ଆଦିବାସୀମାନଙ୍କ ପାରମ୍ପରିକ ଜ୍ଞାନ କୌଶଳକୁ ଚିହ୍ନିବ ଏବଂ ଏହାକୁ ବଜାୟ ରଖିବା ପାଇଁ ସେମାନଙ୍କୁ ସାହାଯ୍ୟ / ପ୍ରୋତ୍ସାହିତ କରିବା ।
- ଆଦିବାସୀମାନଙ୍କର ସନ୍ସ କୁଟସଂସ୍କୃତି, ପରମ୍ପରା, ଅଭ୍ୟାସକୁ ବାସ୍ତବିକ ଭାବେ ଦସ୍ତାବିଜ ପ୍ରସ୍ତୁତ କରିବା ।
- ଆଦିବାସୀ ସଂସାଧନାକୁ ଚିହ୍ନଟ କରିବା ଏବଂ ପାରମ୍ପରିକ ଜ୍ଞାନ, ସଂସ୍କୃତିକୁ ଆଜୀବିକା ସହ ଯୋଡିବା ।
- ବିକାଶର ବାଧକ ପରିସର ପାଇଁ ଭ୍ରମଣର ଆୟୋଜନ କରିବା
- ଆଦିବାସୀ ଭାଷା ଏବଂ ଉପଭାଷାକୁ ବିକାଶର ସମ୍ପର୍କ ପାଇଁ ପ୍ରୋତ୍ସାହିତ କରିବା ।
- ଆଦିବାସୀମାନଙ୍କ ଆବଶ୍ୟକତାକୁ ଅନୁଭବ କରି ସଂସାଧନାକୁ ଅତି ଉତ୍ତମ ବ୍ୟବହାର କରି ଚିରନ୍ତ ଆଦିବାସୀ ବିକାଶକରିଣ ।
- ଆଦିବାସୀମାନଙ୍କର ଆବଶ୍ୟକତାକୁ ଅନୁଭବ କରି ଆଞ୍ଚଳିକ / ସାଂସ୍କୃତିକ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବିକାଶମୂଳ ହସ୍ତକ୍ଷେପ କରିବା ।

ଘ. ସହାୟତା ପାଣ୍ଠି ଏବଂ ଲାଭ

ପ୍ରତ୍ୟେକ ବ୍ଲକ ପିଛା, ଯୋଜନା ଏବଂ ଅଭିସରଣ ବିଭାଗ ତରଫରୁ ମହତ୍ୱପୂର୍ଣ୍ଣ ଅନ୍ତରାଳ ପାଣ୍ଠି @ ୧.୫ କୋଟି ଟାଙ୍କ ଅଛି :

- ପରିଷଦ ଦ୍ୱାରା ବିଚାରିତ ଆଦିବାସୀ ବିକାଶ ଯୋଜନାରେ ପରିଷଦ ପାଣ୍ଠି ବୀଜରାସୀ ଭାବେ ବ୍ୟବହାର କରାଯାଇପାରିବ ।
- ପରିଷଦ ପାଣ୍ଠିରୁ ବ୍ଲକ / ଗ୍ରାମ ପଞ୍ଚାୟତ / ଗ୍ରାମ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ବିଶେଷ ପ୍ରୋତ୍ସାହନ ରାଶି ଦିଆଯାଇପାରିବ ।
- ସମୁଦାୟିକ ସ୍ତରୀୟ କାର୍ଯ୍ୟକ୍ରମ ସହିତ ସେବା ଯୋଗାଇବାର ପ୍ରାଥମିକତାରେ ପରିଷଦର ପାଣ୍ଠିକୁ ବ୍ୟବହାର କରାଯାଇପାରିବ ।
- ଆଦିବାସୀମାନଙ୍କ ବିକାଶ ପାଇଁ ଅଭିନବ କାର୍ଯ୍ୟକ୍ରମ ପାଇଁ ରାଶି, ପରିଷଦ ପାଣ୍ଠିରୁ ନିଆଯାଇପାରିବ ।
- ପରିଷଦ ରାଶିର ଅତି କମରେ ୫୦ ଭାଗ ଆଦିବାସୀମାନଙ୍କ ସଂସ୍କୃତି ଏବଂ ମାନବ ସମ୍ବଳ ସହିତ IEC ଗତିବିଧି ନିମନ୍ତେ ବିନିଯୋଗ କରାଯାଇପାରିବ E କାର୍ଯ୍ୟକାରିଣୀ ଏଜେନ୍ସି ।
- ସରକାରୀ ଏଜେନ୍ସି, NGO ଏବଂ ସମୁଦାୟିକ ସଂଗଠନ (ପ୍ରାଥମିକତା ରହିବା ସମୁଦାୟିକ ସଙ୍ଗଠନର)
- NGOକୁ ନିଯୁକ୍ତି କରିବା କ୍ଷେତ୍ରରେ CEOଙ୍କ ଠାରୁ SDCର ଅଧ୍ୟକ୍ଷ ଏକ ଅନୁମୋଦନ କରିବେ

ଆଦିବାସୀ ଶିକ୍ଷାବୃତ୍ତି

ବୃତ୍ତିର ନାମ	ଯୋଗ୍ୟତା	ରାଶି	ଉଦ୍ଦେଶ୍ୟ
ଦଶମ ଶ୍ରେଣୀ ପୂର୍ବ ବୃତ୍ତି	SC/ST ପାଇଁ ଉଦ୍ଦିଷ୍ଟ ଏବଂ ଗର ଆବଶ୍ୟକୀୟ ବିଦ୍ୟାଳୟରେ ପଢୁଥିବା SC/ST ଛାତ୍ର, ଛାତ୍ରୀ। S/ME ବିଭାଗର ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ସହିତ ସଂଲଗ୍ନ ST ଏବଂ SC ବିକାଶ ବିଭାଗର ବିଶେଷ ST ଛାତ୍ରାବାସ	୧୦ ମାସ ପର୍ଯ୍ୟନ୍ତ ଛାତ୍ରୀମାନଙ୍କ ପାଇଁ ୬୩୦ ଟଙ୍କା ପ୍ରତି ମାସ ଛାତ୍ରମାନଙ୍କ ପାଇଁ ୬୦୦ ଟଙ୍କା ପ୍ରତି ମାସ	ଛାତ୍ରୀମାନଙ୍କ ପାଇଁ – ଆହାର ବ୍ୟୟ : ୫୯୮ ଟଙ୍କା TV/DTH ଶୁଳ୍କ : ୨ ଟଙ୍କା ହାତ ଖର୍ଚ୍ଚ : ୩୦ ଟଙ୍କା (ଆଶା କରାଯାଏ ଯେ ହାତ ଖର୍ଚ୍ଚ ରାଶି ପ୍ରଶାଧନ ସାମଗ୍ରୀ କିଣିବାରେ ବ୍ୟବହୃତ ହେବ। ଛାତ୍ରମାନଙ୍କ ପାଇଁ – ଆହାର ବ୍ୟୟ : ୫୯୮ ଟଙ୍କା TV/DTH ଶୁଳ୍କ : ୨ ଟଙ୍କା
ଦଶମ ଶ୍ରେଣୀ ପୂର୍ବ ବୃତ୍ତି	(ସମସ୍ତ ଯୋଗ୍ୟ ଏବଂ ଓଡିଶାର ସ୍ଥାୟୀ ବାସିନ୍ଦା ST/SC/OBC/SEBC/EBC ଆର୍ଥିକ ରୂପରେ ପଛୁଆ ବର୍ଗ) ବିଦ୍ୟାର୍ଥୀ। ଏହି ବିଦ୍ୟାର୍ଥୀମାନଙ୍କର ପିତା ମାତାଙ୍କର ସମସ୍ତ ସାଧନରୁ ବାର୍ଷିକ ଆୟ ୨୫୦୦୦୦ ଟଙ୍କାରୁ ଅଧିକ ହୋଇ ନ ଥିବା OBC/SEBC ବିଦ୍ୟାର୍ଥୀମାନଙ୍କ ପିତାମାତାଙ୍କ ସମସ୍ତ ସାଧନରୁ ବାର୍ଷିକ ଆୟ ୧୦୦୦୦୦ ଟଙ୍କାରୁ ଅଧିକ ହୋଇ ନ ଥିବ। ସେମାନଙ୍କୁ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ମାର୍କ ରଖିବାକୁ ପଡିବ। ୪. ବିଦ୍ୟାର୍ଥୀମାନେ ଦଶମ ଶ୍ରେଣୀ ପରବର୍ତ୍ତୀ ପଥ ପଢା ଯେ କୌଣସି ସାଧାରଣ / ବୈଷୟିକ / ପେଶଗତ ପାଠ୍ୟକ୍ରମ କୌଣସି ସରକାରୀ କିମ୍ବା ସରକାରୀ ମାନ୍ୟତା ପ୍ରାପ୍ତ ଘରୋଇ ଅନୁଷ୍ଠାନରେ କରିବା ଉଚିତ।	ଦଳ ସଂଖ୍ୟା–୧ ଛାତ୍ରାବାସ–୧୨୦୦ ଘରୁ ଜୀବ ଆସିବା କଲେ ୫୦୦/– ଦଳ ସଂଖ୍ୟା–୨ ଛାତ୍ରାବାସ ୮୨୦/– ଘରୁ ଯିବା ଆସିବା କଲେ ୫୩୦/– ସଂଖ୍ୟା–୩ ଛାତ୍ରାବାସ ୫୭୦/– ଘରୁ ଯିବା ଆସିବା କଲେ ୩୦୦/– ଦଳ ସଂଖ୍ୟା – ୪ ଛାତ୍ରାବାସ – ୩୮୦/– ଘରୁ ଯିବା ଆସିବା କଲେ ୨୩୦ ବିକଳାଙ୍ଗ ... ବିଦ୍ୟାର୍ଥୀ ପାଇଁ ଅତିରିକ୍ତ ପ୍ରବଧାନ ଦଳ–୧ ଏବଂ ଦଳ–୨ ୨୪୦/– ଦଳ ୩–୨୦୦/– ଦଳ ୪–୧୬୦/–	ସମସ୍ତ ଦଳ ପାଇଁ ବିଷୟର ସୂଚୀ ଇଣ୍ଟରନେଟରେ ଉପଲବ୍ଧ ଅଛି http://vikaspedial.in/ education / policies and schemes / scolarships / post-matric-scholarship

ଜଙ୍ଗଲ ଅଧିକାର ଅଧିନିୟକ

କ. ପରିସର ଏବଂ ପରିଭାଷା

- ସ୍ୱତନ୍ତ୍ରତା ପରବର୍ତ୍ତୀ ଯୁଗରେ ଆଦିବାସୀଙ୍କ ପ୍ରତି ହୋଇଥିବା "ଐତିହାସିକ। ଅନ୍ୟାୟ"କୁ ନାଶ କରିବା।
- ଆଦିବାସୀ ଏବଂ ଅନ୍ୟ ଆଦିମ ଜଙ୍ଗଲ ନିବାସୀମାନଙ୍କର ଲେଖା ଯାଇନଥିବା ଜଙ୍ଗଲ ଅଧିକାର ବିଷୟରେ ଲେଖିବା।
- କାର୍ଯ୍ୟ କାଳ ସୁରକ୍ଷା, ସମୁଦାୟିକ ଅଧିକାର, ମାଲିକାନା ଅଧିକାର ଏବଂ ପହଞ୍ଚର ଅଧିକାର।
- ସବୁପ୍ରକାରର ଜଙ୍ଗଲ ଜମିଗୁଡିକରେ FRA ପ୍ରୟୋଗ କରାଯାଇପାରିବ ଏବଂ ଜମିର ମାଲିକାନା ପାଇବା ପାଇଁ / ସୁରକ୍ଷା / ବ୍ୟବହାର ପାଇଁ ଏହା ଗୋଟିଏ ମାତ୍ର ଅଧିକାର।
- ଜଙ୍ଗଲ ଜମିମାନେ କୌଣସି ଜଙ୍ଗଲ ଭିତରେ ବିସ୍ତାରିତ ଜମି, ସୀମାଙ୍କନ ନ କରାଯାଇଥିବା ଜଙ୍ଗଲ ଜମି, ସୁରକ୍ଷିତ ଜଙ୍ଗଲ, ଆରକ୍ଷିତ ଜଙ୍ଗଲ, ଅଭୟାରଣ୍ୟ, ଜାତୀୟ ଉଦ୍ୟାନ, ବାଘ ସରକ୍ଷଣ ଇତ୍ୟାଦି।

- ଗ୍ରାମ ସଭା ହେଉଛି ପଞ୍ଚାୟତସ୍ତରୀୟ ଭିନ୍ନ ଏକ ସଭା, ଯେଉଁଥିରେ ଗ୍ରାମ / ବସତି ସମାବେଶ ପାଇଁ ଏକ ଅନ୍ତିମ ସ୍ଥାନ
- ଗ୍ରାମ ସହ ପୁରୁଣା ବସତି, ସର୍ଭେ ନ କରାଯାଇଥିବା ଗ୍ରାମ, ବନ୍ଦୋବସ୍ତ ଏବଂ ଲିଖିତକୃତ ଜଙ୍ଗଲ ଗ୍ରାମ ସଲଗ୍ନ
- ଅଧିକାରର ଅନ୍ତର୍ଗତ ହେଉଚି ଚିରନ୍ତନ ବ୍ୟବହାର ଏବଂ ସଂରକ୍ଷଣର ଦାୟିତ୍ୱ ନେବା
- ଅଧିକାର କେବଳ ନିଜର ଉତ୍ତରାଧିକାରୀ ସୂତ୍ରରେ ପାଇପାରିବେ କିନ୍ତୁ ବଦଳି ହୋଇପାରିବନି ।
- ଅଧିକାରଟି ମିଳିତ ଭାବରେ ଦମ୍ପତିଙ୍କ ପାଇଁ ଲିଖିତ ଆକାରରେ ରହିବ ।
- କୌଣସି କ୍ଷେତ୍ରରେ ଏକୁଟିଆ ମୁଖିଆ ଥିଲେ, ସେ କ୍ଷେତ୍ରରେ ଜଣଙ୍କ ନାଁରେ ବି ଲେଖା କରାଯିବ ।
- ଜଙ୍ଗଲ ଅଧିକାର ଆଇନକୁ ଠିକ ଭାବରେ ବିଚାର ନ କରି କୌଣସି ନିଷ୍କାସନ / ବିସ୍ଥାପନ କରାଯାଇପାରିବ ନାହିଁ ।
- ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯାଇପାରିବ ନାହିଁ ।
- Other Tribal Forest Dwellers (OTFDs) କ୍ଷେତ୍ରରେ ତିନି ପିଢୀରୁ ଦଖଲ କରିଥିବାର ପ୍ରମାଣ, ଦାବୀପୂର୍ଣ୍ଣ ପାଇଁ ଏକ ଯଥାର୍ଥ ସର୍ତ୍ତ ନୁହେଁ, କେବଳ ତିନି ପିଢୀର ଆବାସ ପ୍ରମାଣ ଦରକାର

ଖ. ବନ୍ୟ ଅଧିକାରର ପ୍ରକାର

- ତିନି ପ୍ରକାରର ଅଧିକାର : ସମୁଦାୟିକ ଜାଙ୍ଗଲ ସଂଶାଧନ (CFR), ସମୁଦାୟିକ ଅଧିକାର, ସମୁଦାୟିକ ବିକାଶ ସୁବିଧା ଏବଂ ବ୍ୟକ୍ତିଗତ ଏବଂ ସମୁଦାୟିକ ଜଙ୍ଗଲ ଅଧିକାର ।
- ଧାରା ୩(୧) ଅନୁଯାୟୀ ସମୁଦାୟିକ ଅଧିକାର, ଧାରା ୩(୨) ଅନୁଯାୟୀ ବିକାଶ ସୁବିଧାଠାରୁ ଭିନ୍ନ ଅଟେ ।

ଗ. ଆନୁଷ୍ଠାନିକ ଅଂଶ ବିଶେଷ

- ନିୟମ ଅନୁଯାୟୀ ୪ସ୍ତରୀୟ ଆନୁଷ୍ଠାନିକ ଅଂଶ ବିଶେଷ, ସେଗୁଡିକ ହେଲା ଗ୍ରାମ ସଭା, SDLC, DLC ଏବଂ SLMC
- ଜଙ୍ଗଲ ଅଧିକାରର ପ୍ରକାର ଏବଂ ପ୍ରସାରକୁ ନିର୍ଦ୍ଧାରଣ କରିବା ପାଇଁ, ଗ୍ରାମ ସଭା ହେଉଛି ମୁଖ୍ୟ ପ୍ରଧିକାର ।
- ଜଙ୍ଗଲ ଅଧିକାର କମିଟି ପାଇଁ, ଗ୍ରାମ ସଭା ସଦସ୍ୟମାନଙ୍କୁ ଚୟନ କରିବ ଯେଉଁଥିରେ ସଦସ୍ୟ ସଂଖ୍ୟା ୧୦ରୁ କମ ହେଇ ନ ଥିବା କିମ୍ବା ୧୫ରୁ ଅଧିକ ହେଇ ନ ଥିବା, ଅତି କମରେ ୨/୩ଭାଗ ସଦସ୍ୟ ଏସ୍.ଟି ହୋଇଥିବେ ଏବଂ ୧/୩ଭାଗ ଏଥିରୁ ମହିଳା ସଦସ୍ୟ ହୋଇଥିବେ ।
- ଗ୍ରାମ ସଭା ହେବାପାଇଁ ଅତି କମରେ ସମୁଦାୟ ଗ୍ରାମ ୫୦% ସଦସ୍ୟ ରହିବା ଦରକାର ଯେଉଁଥିରେ ୧/୩ ମହିଳା ସଦସ୍ୟ ହେବା ଦରକାର ।
- ସମସ୍ୟାର ଦାବୀ ଆଉ ସମାଧାନ ଏବଂ ଶୁଣାଣି ଗ୍ରାମ ସଭା କରିବ ।
- ଗ୍ରାମସଭା ମାଧ୍ୟମରେ ଜଙ୍ଗଲର ସୁରକ୍ଷା ଏବଂ ପରିଚାଳନା କରିବା ପାଇଁ ଦାୟିତ୍ୱ ଦିଆଯାଇଥାଏ ।
- ସ୍ୱଷ୍ଟୀକରଣ ଏବଂ ସରଳୀକରଣ ଜାରି କରିବାର ଦାୟିତ୍ୱ ହେଉଛି ଜନ ଜାତୀୟ ମନ୍ତ୍ରଣାଳୟ ।
- ଯେ ପର୍ଯ୍ୟନ୍ତ ଅଧିକାରର ମାନ୍ୟତା ସୁନିଶ୍ଚିତ ନ ହେଇଛି, District Level Committee (DLC) ସ୍ଥାନାନ୍ତରଣ ଏବଂ ବେଦଖଲ କରିବାର ଦାୟିତ୍ୱ ନେବେ ।

- Sub-District Level Committee (SDLC) ଏବଂ District Level Committee (DLC) ର ଦାୟିତ୍ୱ ହେଲା ଗ୍ରାମସଭାରେ ଦାବିପୂରଣ ପାଇଁ ହୋଇଥିବା ନିଷ୍ପତ୍ତିର ଅଲଗା ଅଲଗା ତଥ୍ୟ ପ୍ରସ୍ତୁତ କରି ଦାବୀକାରୀ / ଗ୍ରାମ ସଭାକୁ ଜଣେଇବା ।

କ. ଅଭିଯୋଗ ଏବଂ ଆପତ୍ତି :

- କୌଣସି ଉଚିତ କାରଣ ନ ଦର୍ଶାଇ କୌଣସି ଦାବିକୁ ମନଇଚ୍ଛା ଭାବେ କେହି ଖାରଜ / ବଦଳାଇ ପାରିବେନି ।
- ଦାବି ଉପରେ କୌଣସି ନିଷ୍ପତ୍ତିରେ ଯଦି କାହାର ଆପତ୍ତି ଥାଏ, ତାକୁ ୬୦ ଦିନ ମଧ୍ୟରେ ଫାଇଲ କରିବାକୁ ପଡିବ ଯାହାକି ୯୯୦ ଦିନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇପାରିବ ।
- ଯେଉଁ ତାରିଖରେ ଦାବୀକରତା ଦାବୀର ନିଷ୍ପତି ସମ୍ବଧୀୟ ଲିଖିତ ସୂଚନା ଗ୍ରହଣ କରିବ, ସେହି ତାରିଖଟି ନିଷ୍ପତି ତାରିଖ ଭାବେ ବିଚାର କରାଯିବ ।
- ଦାବିକର୍ତ୍ତା, ଗ୍ରାମସଭା, ପାରମ୍ପରିକ ଅନୁଷ୍ଠାନ (PVTGs) କ୍ଷେତ୍ରରେ, ଅନ୍ୟ କୌଣସି ରାଜ୍ୟସ୍ତରୀୟ ଏଜେନ୍ସିମାନେ ଅଭିଯୋଗକାରୀ ହୋଇପାରିବେ ।
- ଗ୍ରାମ ସଭା, SDLC ଏବଂ DLC ହେଉଛନ୍ତି ମୁଖ୍ୟ ଅଭିଯୋଗ ପ୍ରତିକାର ଅଧିକାରୀ ।

ଦେଶାନ୍ତରରେ ଦେଖାଯାଉଥିବା ସମସ୍ୟା

- ଶାରୀରିକ ତଥା ମାନସିକ ଶୋଷଣ
- ଅସମାନ ବେତନ (ମହିଳା / ପୁରୁଷ)
- ଅସ୍ୱାସ୍ଥ୍ୟକର କାର୍ଯ୍ୟସ୍ଥଳ
- ଉଦ୍ୟଗର ବିପଦଜନକ ପରିସ୍ଥିତିରେ ସାମନା କରିବା
- ଅନ୍ୟାନ୍ୟ ଦୁର୍ଘଟଣା
- ଦୀର୍ଘତମ କାର୍ଯ୍ୟ ସମୟ
- ବସ୍ତିର ଅସ୍ୱାସ୍ଥ୍ୟକର ପରିବେଶ
- ବିଭିନ୍ନ ସଂକ୍ରାମକ ରୋଗର ଶିକାର
- ଅଧିକାଂଶ ଏଡ୍ସ ରୋଗର ଶିକାର
- ଗର୍ଭବତୀ ମହିଳାଙ୍କ ଭିତରେ ଅଧିକ ଶିଶୁ ଏବଂ ମାତୃ ମୃତ୍ୟୁହାର
- ଛୋଟ ପିଲାମାନଙ୍କର ପାଠ ପଢା ବନ୍ଦ ହୁଏ
- ପରିବାରର ଆଗାମୀ ପିଢୀ ବିପଦ ଭିତରକୁ ଚାଲିଯାଏ

ଦଶ ପ୍ରଶ୍ନ ଏବଂ ଉତ୍ତର

୧. ମଜୁରୀର ପାଉଣା କେତେ ଦିନ ମଧ୍ୟରେ ମିଳିଯିବା କଥା ?

ପ୍ରତିଦିନ / ସାପ୍ତାହିକ / ପାକ୍ଷିକ / ମାସିକ । ଏକ ମାସରୁ ଅଧିକ ବିଳମ୍ବ ହେବା କଥା ନୁହଁ ।

୨. ଗୋଟିଏ ଦିନରେ ଅଧିକରୁ ଅଧିକ ଲେବରକୁ କେତେ କାମ କରେଇ ପାରିବେ ? ଅଧିକ କାମ କରିବାର କଣ ନିୟମ ଅଛି ?

ଗୋଟିଏ ଦିନରେ ଲେବରକୁ ଆଠ ଘଣ୍ଟା କାମ କରାଯାଇପାରିବ । ଆଠ ଘଣ୍ଟାରୁ ଅଧିକ ହେଲେ ଏହା ଓଭର ଟାଇମ ହେବ ଏବଂ ଏହାର ପାଉଣା ଦୁଇଗୁଣା ହେବ ।

୩. ପାଉଣା ପାଇବାରେ କିଛି ଅସୁବିଧା ହେଲେ କଣ କରିବେ ?

ଲେବର କୋର୍ଟରେ ଅଭିଯୋଗ କରିବେ ଏବଂ ଘଟଣା ଏକ ବର୍ଷ ମଧ୍ୟରେ ହିଁ ଅଭିଯୋଗ କରିବେ

୪. କଣ ମହିଳା ଏବଂ ପୁରୁଷମାନଙ୍କ ପାଇଁ ଏହା କାମ ପାଇଁ ଅଲଗା ଅଲଗା ପାଉଣା ?

ନା ସମାନ ପାଉଣା / ମଜୁରୀ

୫. କାମ କରୁଥିବା ସମୟରେ ଦୁର୍ଘଟଣା ହେଲେ, ସେଥିପାଇଁ କିଏ ଦାୟୀ ଏବଂ କ୍ଷତିପୂରଣର ନିୟମ କ'ଣ ?

ଯିଏ କାମ କରାଉଥିବ ସିଏ ଦାୟୀ, ମୃତ୍ୟୁ ହେଲେ ଅତି କମରେ ୧ ଲକ୍ଷ ୨୦ ହଜାର, ସ୍ଥାୟୀ ଅପଙ୍ଗ କିମ୍ବା ଗମ୍ଭୀର ପାଇଁ ଅତି କମରେ ୧ ଲକ୍ଷ ୪୦ ହଜାର ।

୬. କାମ କରୁଥିବା ସମୟରେ ଦୁର୍ଘଟଣା ହେଲେ କେତେ ସମୟ ମଧ୍ୟରେ ଏବଂ କିପରି ଆବେଦନ କରାଯାଏ ?

ଦୁର୍ଘଟଣାର ଦୁଇ ବର୍ଷ ମଧ୍ୟରେ, କାର୍ଯ୍ୟ ସ୍ଥଳରେ / ସ୍ଥାୟୀ ବାସସ୍ଥାନରେ କ୍ଷତିପୂରଣର ଆବେଦନ ନ୍ୟାୟାଳୟରେ କରିବେ ।

୭. ପ୍ରଥମ ସୂଚନା ରିପୋର୍ଟ (ଏଫ୍.ଆଇ.ଆର୍) କେଉଁଠାରେ ଦାଏର କରାଯାଇଥାଏ ?

ଘଟଣା ସ୍ଥଳର ନିକଟବର୍ତ୍ତୀ ପୋଲିସ ଷ୍ଟେସନରେ ଦାଏର କରାଯାଇଥାଏ । ପୋଲିସ ଅଧିକାରୀ ମନା କଲେ, ପୋଲିସ ଅଧିକ୍ଷକ କିମ୍ବା ନ୍ୟାୟାଳୟରେ ଦାଏର କରାଯାଇପାରିବ ।

୮. ୧୪ ବର୍ଷରୁ କମ ପିଲାକୁ କାମ କରାଇଲେ କଣ ହୁଏ ?

ଏହା ଏକ ଦଣ୍ଡନୀୟ ଅପରାଧ, ଏଥିପାଇଁ ୩ ମାସର କାରାବାସ କିମ୍ବା ଅତିକ୍ରମେ ୧୦ ହଜାର ଟଙ୍କା ଜୋରିମାନା ।

୯. ନିଜ ରାଜ୍ୟରୁ ବାହାରକୁ କାମକରି ଗଲାବେଳେ କଣ ଧ୍ୟାନ ରଖିବା କଥା ?

ରାଜ୍ୟ ବାହାରକୁ ଯିବା ଆଗରୁ ନିଜର ଯିବାର ସୂଚନା ଏବଂ ଠିକଣା ନିଜ ଗାଁରେ, ସାହିପଡିଶାରେ ଏବଂ ପଞ୍ଚାୟତରେ ଲେଖିକରିଯାନ୍ତୁ ।

୧୦. କାମ କଲାବେଳେ କ'ଣ ଧ୍ୟାନ ରଖିବା ?

ଠିକାଦାର ବା ମାଲିକର ନାମ

ନିଜର ଉପସ୍ଥିତି ଖାତା ବା ପାସ ବହି ଲେଖିବା ବା ଲେଖେଇବା ।

କାମ କଲାବେଳେ ସୁରକ୍ଷା ସାମଗ୍ରୀ ବ୍ୟବହାର କରିବା ।

ସମୟରେ କାମ କରିବା ଏବଂ ଉପଯୁକ୍ତ ପାଉଣା ନେବା ।

ଅନ୍ତରାଜ୍ୟ ପ୍ରବାସିମାନଙ୍କ ପାଇଁ ଠିକାଦାରର କର୍ତ୍ତବ୍ୟ

- କର୍ମନିଯୁକ୍ତିର ୧୫ ଦିନ ମଧ୍ୟରେ ଉଚିତ୍ ଫର୍ମରେ ପ୍ରବାସି କେଉଁ ରାଜ୍ୟରୁ କେଉଁ ରାଜ୍ୟକୁ ଯାଉଛି ତାହା ଲିଖିତ ରୂପେ ରାଜ୍ୟର ନିର୍ଦ୍ଧାରିତ ଅଧିକାରୀଙ୍କୁ ସୂଚନା ଦେବେ ।

- ପ୍ରବାସିଙ୍କ ପାସପୋର୍ଟ ସାଇଜ ଫଟୋ ସହିତ ପାସବୁକ ଜାରି କରିବେ ଯାହାକି ହିନ୍ଦୀ, ଇଂରାଜୀ ଏବଂ ପ୍ରବାସିର ଆଞ୍ଚଳିକ ଭାଷାରେ ଲେଖା ହୋଇଥିବ।
- କର୍ମ ନିଯୁକ୍ତିର ସମୟ, ଦର ଏବଂ ପେମେଣ୍ଟ କରିବାର ପ୍ରକ୍ରିୟା ପୂର୍ବରୁ ନିର୍ଦ୍ଧାରିତ ହେବା ଦରକାର।
- ସ୍ଥାନାନ୍ତରଣ ଭତ୍ତା ଦିଆଯିବ।
- କାମର ଅବଧି ସରିବା ପରେ ଘରକୁ ପୁନର୍ବାର ଫେରିବା ପାଇଁ ଆବଶ୍ୟକ ଟଙ୍କା, ବଳକା ଟଙ୍କା ଇତ୍ୟାଦି ଦିଆଯିବା ଦରକାର।
- ଯଦି କିଛି ଟଙ୍କା କଟା ହେଇଥାଏ ତେବେ ନିର୍ଦ୍ଧାରିତ ଦର ଏବଂ ଧାର୍ଯ୍ୟ ସମୟର ହିସାବ ଦିଆଯିବା ଦରକାର।
- ଠିକାଦାର ପାସବୁକକୁ ସର୍ବଦ ଅପ୍ ଟୁ ଡେଟ୍ ରଖିବା ଦରକାର।

ପ୍ରବାସିମାନଙ୍କ ପାଇଁ ଯୋଜନା ଏବଂ ସୁବିଧା

- ୧୫୦ ଦିନର କାମ ନିଜ ଘର ପାଖରେ ଉପଲବ୍ଧ।
- ପ୍ରବାସିମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସଚେତନ ଗତିବିଧି ଯେପରି ସ୍ମାର୍ଟ କାର୍ଡର ବ୍ୟବହାର ଯାହାକି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଦ୍ୱାରା ଜାରି।
- ସରକାରଙ୍କ ସହାୟତାରେ ବଲାଙ୍ଗିର ଜିଲ୍ଲାରେ ଏକ ଯୋଜନା ଜାରି କରାଯାଇଛି ଯାହାକି ପ୍ରବାସି ପରିବାରମାନଙ୍କ କାର୍ଯ୍ୟ ଯୋଜନା ଉପରେ ଆଧାରିତ।
- ନୂଆପଡା, ବଲାଙ୍ଗିର ଏବଂ ବରଗଡ ଜିଲ୍ଲାରେ ହୋଟେଲମାନ ଖୋଲାଯାଇଛି ଏବଂ ପ୍ରବାସିମାନଙ୍କ ପିଲାମାନଙ୍କ ପାଇଁ ପାଠପଢ଼ାର ବନ୍ଦୋବସ୍ତ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଛି।
- ରାଜ୍ୟ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ ଅଧିକାର ଅନୁଯାଇ ଅତିକମରେ ଆନ୍ଧ୍ର ପ୍ରଦେଶର ୧୦୦ ବିଦ୍ୟାଳୟକୁ ଶିକ୍ଷକ ଏବଂ ବହି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି।
- ପରିଷ୍କାର ପରିଚ୍ଛନ୍ନର ବ୍ୟବସ୍ଥା କାର୍ଯ୍ୟସ୍ଥଳରେ କରାଯିବାର ବ୍ୟବସ୍ଥା ମଧ୍ୟ ଅଛି
- ପ୍ରବାସି ଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ସେଲର ଗଠନ କରାଯାଇଛି।

ଦିନଦୟାଲ ଉପଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (DDU-GKY)

ଦିନଦୟାଲ ଉପଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (DDU-GKY) ହେଉଛି ଭାରତ ସରକାରଙ୍କର ଗ୍ରାମୀଣ ମନ୍ତ୍ରାଳୟ ଦ୍ୱାରା ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତିର ଏକ ପ୍ରାରମ୍ଭ DDU-GKYର ଆରମ୍ଭ ହେଉଛି ଆଜୀବିକା ଦକ୍ଷତା ବୃଦ୍ଧି ଯୋଜନା ଏବଂ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମୀଣ ସ୍ୱରୋଜଗାର ଯୋଜନା ଦ୍ୱାରା ବିଶେଷ ଯୋଜନାର ଏକ ଅଂଶ। ଗ୍ରାମୀଣ ଯୁବ ପିଢ଼ୀମାନଙ୍କର ବ୍ୟବସାୟକ ଆକାଂକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କର ଦକ୍ଷତା ବୃଦ୍ଧି ସହିତ କର୍ମ ଯୋଗାଇଦେବା ହେଉଛି ଏହାର ଲକ୍ଷ।

ଲକ୍ଷ୍ୟ:

- ଉଚ୍ଚସ୍ତରର ଏବଂ ଅଗ୍ର ଗତିରେ ଦକ୍ଷତା ବୃଦ୍ଧି ସହିତ ସଶକ୍ତି କରଣର ପରିବେଶ ସୃଷ୍ଟି କରିବା ଏବଂ ଅଭିନବୀକରଣକୁ ପ୍ରୋତ୍ସାହିତ କରିବା।

ମିଶନ :

- ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ଦେଶରେ ଚାହିଦା ସୃଷ୍ଟି କରିବା
- ଦକ୍ଷତା ବୃଦ୍ଧି କି ଯୋଗ୍ୟତା ସହିତ ସଠିକ ଭାବେ ଯୋଡ଼ିବା
- ଦକ୍ଷ ମାନବ ସମ୍ବଳକୁ କ୍ଷେତ୍ରୀୟ ଚାହିଦା ସହିତ ଯୋଡ଼ିବା । ବିଶ୍ୱର ଏବଂ ରାଷ୍ଟ୍ରୀୟ ମାନଦଣ୍ଡକୁ ଭିତ୍ତି କରି ଆକଳନ କରିବା ସହିତ ପ୍ରମାଣିତ କରିବା

ଉଦ୍ଦେଶ୍ୟ :

- ଉଭୟ ଯୁବ ପିଢ଼ୀ ଏବଂ କର୍ମଚାରୀମାନଙ୍କ ପାଇଁ ଆକାଙ୍ଖ୍ୟାମୂଳକ ଏବଂ ଉଚ୍ଚମାନର ବ୍ୟବସାୟିକ ପ୍ରଶିକ୍ଷଣ କରିବା
- କୁଶଳୀ ଶ୍ରମିକର ଉଭୟ ଲମ୍ବବତ ଏବଂ ଆନୁଭୂମିକ ପଥକୁ ନିର୍ଧାରିତ କରିବା
- ପ୍ରତ୍ୟକ ବ୍ୟକ୍ତ ବିଶେଷ ପାଇଁ ରୋଜଗାରରେ ବୃଦ୍ଧି ଏବଂ ଉନ୍ନତ ଆଜୀବିକ ଯୋଗାଇଦେବା
- ଉନ୍ନତମାନର ପ୍ରଶିକ୍ଷଣ ସହିତ ପ୍ରଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି କରିବା
- କ୍ଷେତ୍ରୀୟ ଆବଶ୍ୟକତା/ସୂଚନା ପ୍ରଦ୍ୟୋଗିକ ବ୍ୟବହାରକୁ ଭିତ୍ତି କରି କୁଶଳୀ କର୍ମଚାରୀ ଯୋଗାଇବାର ବ୍ୟବସ୍ଥା କରିବା
- ସକ୍ରିୟ କର୍ମଚାରୀମାନଙ୍କ ଭାଗୀଦାରୀ ଦ୍ୱାରା ରାଷ୍ଟ୍ରୀୟ ସ୍ତରରେ ଦକ୍ଷତାର ମାନଦଣ୍ଡକୁ ପ୍ରୋତ୍ସାହିତ କରିବା
- ସାମାଜିକ ଏବଂ ଭୌଗଳିକ ଦୃଷ୍ଟି କୋଣରୁ ପ୍ରତିକୂଳ ଅବସ୍ଥା ପାଇଁ ଦକ୍ଷତା ବୃଦ୍ଧିର ଆବଶ୍ୟକତାକୁ ନିଶ୍ଚିତ କରିବା
- ଆଧୁନିକ ପ୍ରଯୁକ୍ତି ବିଜ୍ଞାନ ଦ୍ୱାରା ମାପକ୍ରମ, ପହଞ୍ଚକୁ ନିଶ୍ଚିତ କରିବା
- କର୍ମଶୀଳ ପ୍ରଶିକ୍ଷଣ, ସରକାରୀ ଢାଞ୍ଚା NSDA, NDSC, SSC ଏବଂ DGETର ମୂଲ୍ୟକୁ ଚିହ୍ନିବା

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (PMKVY)

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ହେଉଛି ଦକ୍ଷତା ବୃଦ୍ଧି ଏବଂ ଉଦ୍ୟୋଗୀକରଣ ମନ୍ତ୍ରାଳୟର ଏକ ପ୍ରମୁଖ ଯୋଜନା । ଦକ୍ଷତା ପ୍ରମାଣିତ ଯୋଜନାର ଉଦ୍ଦେଶ୍ୟ ହେଲା ଉତ୍ତମ ଆଜୀବିକକୁ ଆପଣେଇବା ପାଇଁ ବହୁ ସଂଖ୍ୟାରେ ଭାରତୀୟ ଯୁବ ପିଢ଼ୀମାନଙ୍କୁ ଉଦ୍ୟୋଗ ସମ୍ବଧୀୟ ପ୍ରଶିକ୍ଷଣ ଦେବା ।

- ପ୍ରଧାନ ମନ୍ତ୍ରୀ କୌଶଳ ବିକାଶ ଯୋଜନା (PMKVY), ଉଦ୍ୟୋଗୀକରଣ ମନ୍ତ୍ରାଳୟର ଦକ୍ଷତା ବୃଦ୍ଧି ପାଇଁ ଏକ ମାନଦଣ୍ଡ ଅଟେ ।
- କ୍ୟାବିନେଟ ଠାରୁ ଅନୁମୋଦନ ପ୍ରାପ୍ତି ହେଲା ୨୦/୦୩/୨୦୧୫ରେ ।
- PMKVY ସମୁଦାୟ ୨୪ ଲକ୍ଷ ଲୋକଙ୍କୁ ଦକ୍ଷତା/ପ୍ରଶିକ୍ଷଣ ପ୍ରଦାନ କରିବା (୧୪ ଲକ୍ଷ ନୂତନ ପ୍ରତିକ୍ଷଣ ଏବଂ ୧୦ ଲକ୍ଷ RPL) ।
- ୧୫୦୦ କୋଟି ଟାଙ୍କର ବିନିମୟ ।
- ଜାତୀୟ ଦକ୍ଷତା ବୃଦ୍ଧି ନିଗମ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ ହେବ ।
- ମୂଲ୍ୟାୟନର ଅଭିବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଆଯିବ ।
- ଯେଉଁଥିରେ ସଲଗ୍ନ ରହିବା ତାହା ହେଲା : ସଚେତନତା ବୃଦ୍ଧି, ଚୟନ ଏବଂ ତାଲିମ, ନିଯୁକ୍ତି ସେବା, ଯାଞ୍ଚ ଏବଂ ମୂଲ୍ୟାଙ୍କନ ।

ଉଦ୍ୟୋଗୀ

ପ୍ରରୋଚନା ଓ ଅବତାରଣା (Motivation and Awareness)

ଆର୍ଥିକ ଦୃଷ୍ଟିରୁ ଏକ ଦରିଦ୍ର ରାଜ୍ୟରୂପେ ପରିଗଣିତ ହେଉଥିବା ଆମ ରାଜ୍ୟ ଓଡ଼ିଶା ପ୍ରାକୃତିକ ସମ୍ପଦରେ ବେଶ୍ ବୈଭବଶାଳୀ। ବିଭିନ୍ନ ପ୍ରକାରର ଖଣିଜ ପଦାର୍ଥ, ବନ୍ୟସମ୍ପଦ, ଉର୍ବର ମୃତ୍ତିକା ଏବଂ ବିସ୍ତୃତ ସମୁଦ୍ର ତଟ ଏହି ପ୍ରାକୃତିକ ସମ୍ପଦର ଅନ୍ତର୍ଭୁକ୍ତ। ଏହାର ବିନିଯୋଗ ପାଇଁ ପ୍ରଚୁର ମାନବ ସମ୍ବଳ ମଧ୍ୟ ରହିଅଛି। ଏହିସବୁ ପ୍ରାକୃତିକ ଓ ମାନବ ସମ୍ବଳକୁ ଉପଯୁକ୍ତ ଭାବରେ ଉପଯୋଗ କରିପାରିଲେ ଓଡ଼ିଶା ଅଚିରେ ଏକ ସମୃଦ୍ଧ ତଥା ଆର୍ଥିକ ଦୃଷ୍ଟିକୋଣରୁ ଏକ ବୈଭବଶାଳୀ ରାଜ୍ୟରେ ପରିଣତ ହୋଇପାରିବ।

ବିକାଶଶୀଳ ଦେଶମାନଙ୍କରେ "ସରକାରୀ କର୍ମଚାରୀ"ଙ୍କୁ ଲୋକେ ହେୟ ଦୃଷ୍ଟିରେ ଦେଖନ୍ତି। ସମସ୍ତ ପ୍ରକାର ପେଶାମାନଙ୍କ ମଧ୍ୟରେ ଏହାକୁ ନିମ୍ନଧରଣର ପେଶା ଭାବରେ ଧରାଯାଇଥାଏ। କିନ୍ତୁ ଆମ ଦେଶ ଓ ରାଜ୍ୟର ଜନସାଧାରଣ ସରକାରୀ ନିଯୁକ୍ତି ପାଇଁ ଅହେତୁକ ଆଗ୍ରହ ଦେଖାଇଥାନ୍ତି। ଏହା କ'ଣ ଆମର ଜନସାଧାରଣଙ୍କର ଆତ୍ମବିଶ୍ୱାସର ଅଭାବ ? ଆମ ସମାଜର ଶିକ୍ଷିତବର୍ଗ ନିଜ ଗୋଡ଼ରେ ଠିଆ ନହୋଇ ସରକାରଙ୍କ ଉପରେ ନିର୍ଭରଶୀଳ ହୋଇପଡୁଛନ୍ତି। ଏକ ଯନ୍ତ୍ରର ଅଂଶବିଶେଷ ଭାବେ ଆମ୍ଭେ କାର୍ଯ୍ୟକରିବାରେ ଆତ୍ମସନ୍ତୋଷ ଲାଭ କରିଥାଉ। କିନ୍ତୁ କେବେହେଲେ ଆମ୍ଭେ ଏକ ଯନ୍ତ୍ରଭଳି କାର୍ଯ୍ୟ କରିବାର ଉଚ୍ଚାଭିଳାଷ ସୃଷ୍ଟି କରୁନାହୁଁ। ଆମ୍ଭେମାନେ ଆଉ କୌଣସି ରାଷ୍ଟ୍ରର ପରାଧୀନ ହୋଇ ରହିନାହୁଁ। ତେବେ କାହିଁକି ଆମର ଏହି ଦାସତ୍ୱ ମନୋବୃତ୍ତି ? କାହିଁକି ଆମେ ପରିଶ୍ରମୀ ଓ ସାହସୀ ହେବା ନାହିଁ ? କାହିଁକି ସରକାରୀ ଚାକିରୀ ପଛରେ ଗୋଡ଼ାଇ ଆମର ବହୁମୂଲ୍ୟ ସମୟକୁ ବ୍ୟର୍ଥ କରିବା ? କଥାରେ ଅଛି – "କୃଷି କାର୍ଯ୍ୟ ହେଉଛି ଜୀବିକା ଅର୍ଜନର ସର୍ବୋତ୍କୃଷ୍ଟ ପନ୍ଥା।" କୃଷି କାର୍ଯ୍ୟ ତଳକୁ ହେଉଛି ବ୍ୟବସାୟ, ତା ତଳକୁ ହେଉଛି ଚାକିରୀ ଏବଂ ଭିକ୍ଷାବୃତ୍ତି ହେଉଛି ସବୁଠାରୁ ନିନ୍ଦନୀୟ କର୍ମ।

ଯଦି ଆମ୍ଭେ ଆନ୍ତରିକା ଭାବରେ ଇଚ୍ଛାକରି କୌଣସି ଜୀବିକା ଅର୍ଜନର ପନ୍ଥାସ୍ଥିର କରିବା, ତାହାହେଲେ ଆମ୍ଭମାନଙ୍କୁ ଚାକିରୀ ପଛରେ ଗୋଡ଼ାଇ ଅପମାନିତ, ଲାଞ୍ଛିତ, ଦାସତ୍ୱ ତଥା ନିରୁତ୍ସାହିତ ହେବାକୁ ପଡ଼ିବ ନାହିଁ। ପରନ୍ତୁ ନିଜର ନିଷ୍ଠା ଏବଂ ଅଧ୍ୟବସାୟ ବଳରେ ଆମେ ସଫଳତାର ଚରମ ସୋପାନରେ ପହଞ୍ଚିପାରିବ। ତେଣୁ ନିଜେ ନିଜର ସଂସ୍ଥା ଖୋଲନ୍ତୁ, ଯାହାଦ୍ୱାରା –

(୧) ସ୍ୱାଧୀନ ଭାବେ ନିଜ ଧନ୍ଦା ନିଜେ କରନ୍ତୁ।

(୨) ଉପର ହାକିମଙ୍କ ଅନୁଗ୍ରହ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ।

(୩) ଅଳ୍ପ ପରିଶ୍ରମରେ ଏକ ନିୟମିତ ଉପାର୍ଜନ ପନ୍ଥା ଦ୍ୱାରା ଆତ୍ମସନ୍ତୋଷ ଲାଭ କରିବେ।

(୪) ନିଜ ଶୈଳୀରେ ଏବଂ ନିଜ ଦକ୍ଷତାରେ କାମ କରିବାର ସୁଯୋଗ ସୃଷ୍ଟି ଏବଂ ଅଭିବୃଦ୍ଧିର ବାତାବରଣ ସୃଷ୍ଟି କରିବେ।

(୫) ଆପଣ ଯାହା କରୁଛନ୍ତି, ସେଥିରୁ ସମାଜରେ ଏକ ସମ୍ମାନନୀୟ ସ୍ଥାନ ପାଇବାର ସମ୍ଭାବନା ସୃଷ୍ଟି କରିବେ।

(୬) ନିଜର ଉପାର୍ଜନ ସହିତ, ସଂସ୍ଥାର ବା ଗୋଷ୍ଠୀର ଉନ୍ନତି କରିବା ପାଇଁ ଚେତନାର ସୁଯୋଗ ସୃଷ୍ଟି କରିବେ।

(୭) ନିଜ ସଂସ୍ଥା ମାଧ୍ୟମରେ ଅନ୍ୟକୁ ନିଯୁକ୍ତିର ସୁଯୋଗ ସୃଷ୍ଟି ସହ ଦେଶର ଓ ଜାତିର ବିକାଶରେ ସାହାଯ୍ୟ କରିବେ।

ଅପର ପକ୍ଷରେ ଜନସଂଖ୍ୟା ବୃଦ୍ଧିସହ ଶିକ୍ଷିତ ଯୁବକ, ଯୁବତୀଙ୍କ ସଂଖ୍ୟାବୃଦ୍ଧି ଏବଂ କର୍ମସଂସ୍ଥାନର ସୁଯୋଗ ସୃଷ୍ଟି ବଢୁଥିଲେ ମଧ୍ୟ ଚାହିଦା ତୁଳନାରେ କର୍ମସଂସ୍ଥାନର ଅଭାବ ଅଧିକରୁ ଅଧିକ ପରିଲକ୍ଷିତ ହେଉଅଛି।

ଉଦ୍ୟୋଗ ସ୍ଥାପନା ପାଇଁ ଦରକାର ଦୃଢ଼ ମନବଳ ଓ ଅଧ୍ୟବସାୟ। ଉଦ୍ୟୋଗ ସ୍ଥାପନରେ ଅର୍ଥ କେବେହେଲେ ଅନ୍ତରାୟ ସୃଷ୍ଟି କରେନାହିଁ। ଉଦାହରଣ ସ୍ୱରୂପ –

ପ୍ରସିଦ୍ଧ ରିଲାଆନ୍ସ ଯୌଥ ସଂସ୍ଥାର ମାଲିକ / ପ୍ରତିଷ୍ଠାତା ଶ୍ରୀ ଧୀରୁଭାଇ ଅମ୍ବାନୀଙ୍କ ପିତା ଏକ ସ୍କୁଲର ଶିକ୍ଷକ ଏବଂ ସେ ବର୍ତ୍ତମାନ ବିରଳା ଏବଂ ଟାଟାଙ୍କ ପରି ବିଶିଷ୍ଟ ଶିଳ୍ପପତିରୂପେ ପ୍ରତିଷ୍ଠିତ ହୋଇଅଛନ୍ତି।

ବର୍ତ୍ତମାନର ସର୍ବପରିଚିତ "ନିର୍ମା" ଲୁଗାକଚା (Detergent) ପାଉଡରର ମାଲିକ ଶ୍ରୀ କର୍ଶନ ଭାଇ ପଟେଲ ୧୯୬୦ରେ ଏକ ଅନୁଷ୍ଠାନରେ ଏକ ଲାବୋରେଟୋରି କେମିଷ୍ଟ (Laboratory Chemist) ଥିଲେ।

କାନପୁରର ପାନଦୋକାନୀ – ଶ୍ରୀ କୋଠାରୀ ୨୦ ବର୍ଷ ପରେ ୫୦୦ କୋଟି ଟଙ୍କା "ପାନ ପରାଗ" ସଂସ୍ଥାର ମାଲିକ ହୋଇପାରିଛନ୍ତି।

ଅଧିକନ୍ତୁ ଆମେ ଆମ ଗାଁ ଏବଂ ସହର ଆଡ଼କୁ ଯଦି ଦୃଷ୍ଟି ଦେବା, ତେବେ ଏହିପରି ଅନେକ ଦୃଷ୍ଟାନ୍ତ ଆମକୁ ଦେଖିବାକୁ ମିଳିବ। ଧରନ୍ତୁ ଯଦି ଜଣେ ଶିକ୍ଷିତବ୍ୟକ୍ତି ୨୧ ବର୍ଷ ବୟସରେ ମାସିକ ଟ.୩୦୦୦/– ବେତନରେ ଚାକିରୀରେ ପ୍ରବେଶ କରେ, ତେବେ ୫୮ ବର୍ଷ ବୟସରେ ସେ ମାସିକ ଟ.୧୦,୦୦୦/– ପାଇବାକୁ ଆଶାରଖେ ଏବଂ ଏହି ସୁଯୋଗ ସମସ୍ତଙ୍କ ଭାଗ୍ୟରେ ମିଳେନାହିଁ। କେବଳ ଶତକଡ଼ା ୧୦ ଏହି ସୁଯୋଗ ପାଇପାରିଥାଆନ୍ତି। କିନ୍ତୁ ବ୍ୟବସାୟ ଓ ଉଦ୍ୟୋଗ କ୍ଷେତ୍ରରେ ସୁଯୋଗ ସୀମାହୀନ। ଆକାଶ ହେଉଛି ଉନ୍ନତି ବା ସୁଯୋଗୀ ସୀମା। ତାଛଡ଼ା ଉଦ୍ୟୋଗ ସ୍ଥାପନା ବା ବ୍ୟବସାୟ ଏକ ଜୀବନବୀମା ସଦୃଶ। ଜଣେ ଚାକିରୀ କରୁଥିବା ବ୍ୟକ୍ତିର ପିଲାମାନେ ଚାକିରୀ ନ ପାଇ ପାରନ୍ତି। କିନ୍ତୁ ଜଣେ ବ୍ୟବସାୟୀର ପିଲାମାନେ ବଂଶାନୁକ୍ରମେ ବ୍ୟବସାୟ କରିବାର ସୁଯୋଗ ପାଇପାରିଥାଆନ୍ତି। ଏହିସବୁ ଦୃଷ୍ଟିରୁ ବିଚାର କଲେ ଆମର ଶିକ୍ଷିତ ଯୁବକ ଯୁବତୀ ଯେ କୌଣସି ଲାଭଜନକ ଉଦ୍ୟୋଗ ପାଇଁ ଆଗେଇ ଆସନ୍ତୁ ଏବଂ ସମାଜରେ ନିଜେ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଦେଶ ଓ ଜାତିର ଉନ୍ନତିରେ ସହାୟକ ହୁଅନ୍ତୁ।

ଉଦ୍ୟୋଗୀ ଏବଂ ତାର ଲକ୍ଷଣ

ଉଦ୍ୟୋଗୀ କାହାକୁ କହିବ ? (Who is an Entrepreneur ?)

କୌଣସି ବ୍ୟକ୍ତି ଯଦି ଏକ ଶିଳ୍ପ, ବାଣିଜ୍ୟ, ସେବା ଇତ୍ୟାଦି ଯେ କୌଣସି ଲାଭଜନକ ସଂସ୍ଥା ସ୍ଥାପନ କରେ ଓ ସେହି ସଂସ୍ଥାରୁ ନିଜର ଖଟାଇଥିବା ପୁଞ୍ଜିରୁ ଲାଭ ଅର୍ଜନ କରିପାରେ ଏବଂ ନିଜ ଛଡ଼ା ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିପାରେ, ସେହିବ୍ୟକ୍ତିଙ୍କୁ ଆମେ ଉଦ୍ୟୋଗୀ ବୋଲି କହିବା। ଜଣେ ଉଦ୍ୟୋଗୀର ସମାଜ ପାଇଁ ଏବଂ ନିଜର ସଂସ୍ଥା ପାଇଁ ଯଥେଷ୍ଟ ଦାୟିତ୍ୱ ରହିଛି। ଉଦ୍ୟୋଗୀ କେବଳ ପ୍ରଚଳିତ ପଦ୍ଧତିରେ ନିଜର ସଂସ୍ଥାକୁ ପରିଚାଳନା କରି ନିଜର ସୃଜନ ଶକ୍ତି ବା ରଚନାତ୍ମକ ଶକ୍ତିର ବିନିଯୋଗ କରି ନିଜର ସଂସ୍ଥାକୁ ସଫଳତା ଦିଗରେ ଅଗ୍ରସର କରାଇବା ଉଚିତ। ତାଛଡ଼ା ନିଜର ସୃଜନ ଶକ୍ତିର ସୁବିନିଯୋଗ କରି ନୂତନଧରଣର ଦ୍ରବ୍ୟ ଉତ୍ପାଦନ, ନୂତନ ପ୍ରକାର ଗ୍ରାହକ ସେବା ବଳରେ, ସେ ଜଣେ ସଫଳ ଉଦ୍ୟୋଗୀରେ ପରିଣତ ହୋଇପାରିବ। ଉଦ୍ୟୋଗୀ ନିଜର ଦୃଢ଼ ଆତ୍ମବିଶ୍ୱାସ, ଅଧିକ ଦାୟିତ୍ୱପରାୟଣତା ଏବଂ ନିଷ୍ଠା ବଳରେ ସଂସ୍ଥାର ସଂପ୍ରସାରଣ ପାଇଁ ସର୍ବଦା ଚେଷ୍ଟିତ ହେବା ବିଧେୟ।

ସଫଳ ଉଦ୍ୟୋଗୀ ପାଇଁ ଗୁଣାବଳୀ (Qualities of a Successful Entrepreneur)

୧. କଠିନ ପରିଶ୍ରମ ପାଇଁ ସାମର୍ଥ୍ୟ।

୨. ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାର ସାମର୍ଥ୍ୟ।

୩. ଦୃଢ଼ ଆତ୍ମବିଶ୍ୱାସ।

୪. ଯୋଜନାବଦ୍ଧ କାର୍ଯ୍ୟପ୍ରଣାଳୀରେ ବିଶ୍ୱାସ ଏବଂ ତାହାକୁ କାର୍ଯ୍ୟକାରୀ କରାଇବାରେ ଆଗ୍ରହ।

୫. ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଦୃଢ଼ପ୍ରତିଜ୍ଞା।

୬. ଅନ୍ୟମାନଙ୍କୁ ପ୍ରଭାବିତ କରିପାରିବା ପ୍ରବର୍ତ୍ତାଇପାରିବାର ସାମର୍ଥ୍ୟ।

୭. ଦୃଢ଼ ସୃଜନ ଶକ୍ତି ଓ ଲକ୍ଷ୍ୟ ସାଧନା ପାଇଁ ନିୟମିତ ପ୍ରଚେଷ୍ଟା।

୮. ସୃଜନ ବ୍ୟକ୍ତି ବା ରଚନା ଶକ୍ତିର ଉପଯୋଗ।

୯. ବିଭିନ୍ନ ପରିସ୍ଥିତିରେ ସାମଞ୍ଜସ୍ୟ ରକ୍ଷାକରିପାରିବାର ଶକ୍ତି।

୧୦. ନେତୃତ୍ୱ ନେବାର ସାମର୍ଥ୍ୟ ଏବଂ ଯଥାସମୟରେ ସଠିକ ନିର୍ଣ୍ଣୟ ନେବାର ଦକ୍ଷତା।

୧୧. ଆଧୁନିକ ଜ୍ଞାନ କୌଶଳକୁ ଗ୍ରହଣ କରିବା।

ଉଦ୍ୟୋଗୀମାନଙ୍କୁ ଉଦ୍ୟୋଗ ସ୍ଥାପନ କରି ସେଥିରେ ସଫଳତା ପାଇବାକୁ ହେଲେ, ଉପରୋକ୍ତ ବିଷୟଗୁଡ଼ିକୁ ଭଲଭାବରେ ହୃଦୟଙ୍ଗମ କରି ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ।

ବିପଦର ସମ୍ମୁଖୀନତା, ସୃଜନଶୀଳତା ଓ ନୂତନ ପ୍ରବର୍ତ୍ତନଶୀଳତା (Risk taking, creativity and innovativeness)

ବ୍ୟବସାୟ ବା ଉଦ୍ୟୋଗରେ କ୍ଷତିର ସମ୍ଭାବନାକୁ ସାହସର ସହିତ ସମ୍ମୁଖୀନ ହେବା ଦ୍ୱାରା ସେଥିରେ ସଫଳତା ମିଳିପାରିଥାଏ। ଏହି କ୍ଷତିର ସମ୍ଭାବନା ଆର୍ଥିକ ଏବଂ ବୈଷୟିକ ହୋଇପାରେ।

ସାହସର ସହ କ୍ଷତିର ସମ୍ଭାବନାର ସମ୍ମୁଖୀନ ହେବାର ସାମର୍ଥ୍ୟକୁ ନିମ୍ନ ଉପାୟରେ ପରିବେଶିତ କରାଯାଇପାରେ।

(କ) ପରିସ୍ଥିତିର ବିଶ୍ଳେଷଣ।

(ଖ) ସଫଳତା ହାସଲ କରିବାର ଆକାଂକ୍ଷା

(ଗ) ଆତ୍ମନିର୍ଭରଶୀଳ ହୋଇ ଆତ୍ମବିଶ୍ୱାସର ବୃଦ୍ଧି।

ଉଦ୍ୟୋଗରେ ସୃଜନ ଶକ୍ତିସଂପନ୍ନ ଗୁଣ, ନୂତନ ଦ୍ରବ୍ୟ ଉତ୍ପାଦନ ବା ପ୍ରକ୍ରିୟାକରଣର ପରିକଳ୍ପନା କରାଇଥାଏ। ପରନ୍ତୁ ପରିବର୍ତ୍ତନଶୀଳତା ଗୁଣ ଉତ୍ପାଦିତ ଦ୍ରବ୍ୟ ବା ପ୍ରକ୍ରିୟାକରଣର ମାନ ଉନ୍ନତ କରିବାରେ ସାହାଯ୍ୟ କରିଥାଏ।

ସମ୍ପଦର ଏକତ୍ରିକରଣ

କୌଣସି ଉଦ୍ୟୋଗକୁ ଚଳାଇବା ପାଇଁ ସମ୍ବଳର ଆବଶ୍ୟକତା ରହିଛି। ସମ୍ବଳ ଦୁଇ ପ୍ରକାର ଯଥା : (୧) ଆଭ୍ୟନ୍ତରୀଣ ସମ୍ବଳ (୨)

ବାହ୍ୟ ସମ୍ବଳ ।

୧. ଆଭ୍ୟନ୍ତରୀଣ ସମ୍ବଳ : ଏହି ସମ୍ବଳ ନିଜର ବୁଦ୍ଧିମତ୍ତା, ଜ୍ଞାନ ଅଭିଜ୍ଞତା ଓ କୌଶଳ ଇତ୍ୟାଦିକୁ ବୁଝାଇଥାଏ ।

୨. ବାହ୍ୟ ସମ୍ବଳ : ବାହ୍ୟ ସମ୍ବଳ କହିଲେ ଯାହା ମାନବ ସମ୍ବଳ କଞ୍ଚାମାଲ, ଅର୍ଥ, ଯନ୍ତ୍ରପାତି, କଳକବ୍‌ଜା ପଦ୍ଧତି ଇତ୍ୟାଦିକୁ ହିଁ ବୁଝାଇଥାଏ ।

ପ୍ରବର୍ତ୍ତାଇ ପାରିବା / ପ୍ରଭାବିତ କରିପାରିବା ଏବଂ ଚୁକ୍ତି ସଂପନ୍ନ କରିପାରିବାରେ ଦକ୍ଷତା :

ଅନ୍ୟକୁ ପ୍ରବର୍ତ୍ତାଇ ପାରିବା ଏବଂ ଚୁକ୍ତି ସଂପନ୍ନ କରିପାରିବାର କୌଶଳ ଉଦ୍ୟୋଗୀର ନିଜର ସାମର୍ଥ୍ୟ ଏବଂ ଚିନ୍ତାଧାରା ଉପରେ ନିର୍ଭର କରେ । ଏହାଦ୍ୱାରା ଅନ୍ୟକୁ ନିଜର ଚିନ୍ତାଧାରା ସମ୍ପର୍କରେ ହୃଦ୍‌ବୋଧ ବା ଦୃଢ଼ବିଶ୍ୱାସ ସୃଷ୍ଟି କରାଇପାରନ୍ତି । ଜଣେ ସଫଳ ଉଦ୍ୟୋଗୀର ଏହି ପ୍ରକାର ଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ । ଏହା ଫଳରେ ସେ ମାଲ ଯୋଗାଣକାରୀ, ଗ୍ରାହକ, ଋଣଦାତା, ବିକ୍ରେତାମାନଙ୍କୁ ଠିକ୍ ଭାବରେ ପ୍ରଭାବିତ କରିପାରିବ ।

ପ୍ରଭାବିତ କରାଇବାର ବିଭିନ୍ନ ଉପାୟ :

ଉଦ୍ୟୋଗ, ସେବା ବା ବ୍ୟବସାୟ ପ୍ରତିଷ୍ଠାନର ଜଣେ ସଫଳ ଉଦ୍ୟୋଗୀ ପାରିପାର୍ଶ୍ୱିକ ବ୍ୟବସ୍ଥାକୁ ପ୍ରଭାବିତ କରିବାର ଉପାୟ ନିମ୍ନରେ ଦିଆଗଲା ।

୧. ଅନ୍ୟମାନଙ୍କର କଥାକୁ ଧୈର୍ଯ୍ୟର ସହ ଶୁଣିବା ।

୨. ଅନ୍ୟମାନଙ୍କୁ ଠିକ୍ ଭାବରେ ବୁଝିପାରିବା ।

୩. ନିଜର ମତାମତକୁ ଅନ୍ୟକୁ ପ୍ରଦାନରେ ନେତୃତ୍ୱ ନେବା ।

୪. ତଥ୍ୟ ଉପରେ ପରିବେଶିତ ଓ ଯୁକ୍ତିଯୁକ୍ତ ପ୍ରମାଣ ସହ ମତ ପରିବେଷଣ କରିବା ।

୫. ଅନ୍ୟମାନଙ୍କର ମତାମତକୁ ସମ୍ମାନ ଦେବା ।

୬. ପାରସ୍ପରିକ ବୁଝାମଣା ରକ୍ଷା କରିବା ।

ପାରିପାର୍ଶ୍ୱିକ ଓ ପରିବେଶକୁ ପ୍ରଭାବିତ କରିବା ସାମର୍ଥ୍ୟର ବିକାଶ । (Developing Capabilities for Influencing Environment)

ଉଦ୍ୟୋଗୀର ପାରିପାର୍ଶ୍ୱିକ ପରିବେଶର ପରିବେଷ୍ଟନୀ ନିମ୍ନରେ ପ୍ରଦତ୍ତ କରାଗଲା । ଉଦ୍ୟୋଗୀତାର ସଂସ୍ଥାର ସଫଳ ରୂପାୟନ ପାଇଁ ପରିବେଷ୍ଟନୀକୁ ଉପଯୁକ୍ତ ଭାବେ ପ୍ରଭାବିତ କରିବା ଉଚିତ୍ ।

ସରକାରୀ ଆଇନ ଏବଂ କର ଆଦାୟ କର୍ତ୍ତୃପକ୍ଷ

ଉଦ୍ୟୋଗୀ ସହାୟକ ସଂସ୍ଥା ଯୋଗାଣକାରୀ ପ୍ରଦାନକାରୀ ସଂସ୍ଥା ଗୋଦାମରକ୍ଷକ ।

ଉଦ୍ୟୋଗୀ

କର୍ମଚାରୀ, ଶ୍ରମିକ

ଗ୍ରାହକ / ଖାଉଟି ଖୁଚୁରା ବିକ୍ରେତା ଥୋକ ବିକ୍ରେତା (Dealer)

ସମସ୍ୟା ଦୂରୀକରଣ କାର୍ଯ୍ୟପନ୍ଥା – (Problem Solving Orientation)

ଯେ କୌଣସି ଉଦ୍ୟୋଗରେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ଏକ ସାଧାରଣ କଥା । ତେଣୁ ଉଦ୍ୟୋଗୀ ସମୟାନୁକ୍ରମେ ସମ୍ମୁଖୀନ ସମସ୍ୟାର ଉପଯୁକ୍ତ ସମାଧାନର କୌଶଳର ଦକ୍ଷତାକୁ ସମୟକ୍ରମେ ବିକଶିତ କରିବା ଉଚିତ । ଅସୁବିଧାର ସମ୍ମୁଖୀନ ହେବା ପାଇଁ ଜ୍ଞାନ, କୌଶଳ, ବିବେଚନା ଏବଂ ଶକ୍ତିର ଆବଶ୍ୟକ ହୋଇଥାଏ । ଜଣେ ଉଦ୍ୟୋଗୀ ସମ୍ମୁଖୀନ ହେଉଥିବା ସମସ୍ୟା ଦୂରୀକରଣ ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିପାରିବେ ଯଥା :

- ଏହା ଗ୍ରହଣ କରିନେବା ଉଚିତ ଯେ, କୌଣସି ମୁହୂର୍ତ୍ତରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ ।
- ସମସ୍ୟାର ସମ୍ମୁଖୀନ ହେବା ଏବଂ ତାର ସମାଧାନ ପାଇଁ ଦୃଢ଼ ଆତ୍ମବିଶ୍ୱାସ ।
- ସମସ୍ୟାର ସମାଧାନ ପାଇଁ ବିକଳ୍ପ କାର୍ଯ୍ୟପନ୍ଥାର ଯୋଜନା ।
- ନୂଆ ନୂଆ ଉପାୟର କଳ୍ପନା ।
- ସମସ୍ୟାର ସମାଧାନ ପାଇଁ ସମ୍ବଳ ବିନିଯୋଗ ।

ବ୍ୟବସାୟିକ ଲକ୍ଷ୍ୟପୂରଣ ପାଇଁ ଯୋଜନା

ଲକ୍ଷ୍ୟ ହାସଲ ପାଇଁ ନିମ୍ନଲିଖିତ ନଅଟି ପଦକ୍ଷେପ ନିଆଯାଇପାରେ ।

- ପରିସ୍ଥିତିର ବିଶ୍ଳେଷଣ ।
- ଲକ୍ଷ୍ୟ ନିର୍ଦ୍ଧାରଣ ।
- କାର୍ଯ୍ୟପନ୍ଥାର ତାଲିକା ପ୍ରସ୍ତୁତି ।
- ସମ୍ଭାବ୍ୟ ପ୍ରତିବନ୍ଧକରେ ପୂର୍ବାନୁମାନ ଓ ସମାଧାନ ।
- ସମ୍ବଳର ଅବସ୍ଥିତି ନିର୍ଣ୍ଣୟ ।
- ବିକଳ୍ପ ଉପାୟର ନିର୍ଣ୍ଣୟ ।
- ପରିମାଣର ପୂର୍ବାନୁମାନ ।
- ଯୋଜନା ଅନୁଯାୟୀ କାର୍ଯ୍ୟକ୍ରମ ।
- ନିଜ କାର୍ଯ୍ୟର ବଜାର ପ୍ରତିକ୍ରିୟା ସଂଗ୍ରହ ।

ଉଦ୍ୟୋଗ ସ୍ଥାପନର ପନ୍ଥା ଏବଂ ସେମାନଙ୍କର ଗୁରୁତ୍ୱ

(Approach To Setting Up An Enterprise And Their Importance)

ଉଦ୍ୟୋଗ ସ୍ଥାପନ କରିବାକୁ ଗଲେ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେବା ବିଧେୟ :

୧) ନିଜର ଉଦ୍ଦେଶ୍ୟ ଏବଂ ସାମର୍ଥ୍ୟକୁ କଳନା କରନ୍ତୁ ।

୨) ନୂତନଧରଣର ପରିକଳ୍ପନା ସହ ନିଜକୁ ପରିଚିତ କରାନ୍ତୁ ।

୩) ବଜାର ଚାହିଦା ବିଶ୍ଳେଷଣ ସମ୍ପର୍କରେ ଭଲଭାବରେ ଅନୁଧ୍ୟାନ କରନ୍ତୁ ଏବଂ ସେଥିପାଇଁ ସଂସ୍ଥା, ପତ୍ରିକା ଓ ପୁସ୍ତକର

ସାହାଯ୍ୟ ନିଅନ୍ତୁ।

୪) ଜିଲ୍ଲା ଶିଳ୍ପକେନ୍ଦ୍ରରେ ଅବସ୍ଥାପିତ ବିଭିନ୍ନ ବ୍ୟକ୍ତିବିଶେଷ, ସରକାରୀ, ବେସରକାରୀ ସଂସ୍ଥା ଇତ୍ୟାଦିଙ୍କ ସହ ବରାବର ମତର ଆଦାନ ପ୍ରଦାନ କରନ୍ତୁ।

୫) ନିଜେ ନିଜେ ସବୁକଥା ଚିନ୍ତା କରି ସିଦ୍ଧାନ୍ତରେ ଉପନୀତ ହେବାପାଇଁ ଯଥେଷ୍ଟ ସମୟ ନିଅନ୍ତୁ।

୬) ସମସ୍ତ ଆଲୋଚନା, ନିରୀକ୍ଷଣ, ପରୀକ୍ଷଣ ସମ୍ପର୍କକୁ ଭିତ୍ତିକରି ଶେଷରେ ପ୍ରକଳ୍ପଟିକୁ ମନୋନୀତ କରନ୍ତୁ।

୭) ପ୍ରକଳ୍ପଟିକୁ ନିଜସ୍ୱ ମାଲିକାନା, ଅଂଶୀଦାର ସଂସ୍ଥା, କମ୍ପାନୀ ବା ସମବାୟ ସମିତି ଭାବରେ ପ୍ରତିଷ୍ଠା କରିବେ, ତାହା ନିର୍ଣ୍ଣୟ କରନ୍ତୁ। କାରଣ ସଂସ୍ଥାର ମତ ଉପରେ ଅନେକ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଥାଏ ଏବଂ ସମ୍ବଳ ସଂଗ୍ରହ ମଧ୍ୟ ବଦଳି ଯାଇଥାଏ।

୮) ପ୍ରକଳ୍ପ ରିପୋର୍ଟ ନିଜେ ପ୍ରସ୍ତୁତ କରନ୍ତୁ ଅଥବା ଜିଲ୍ଲାଶିଳ୍ପକେନ୍ଦ୍ର କିମ୍ବା କୌଣସି ଉପଦେଷ୍ଟା ସଂସ୍ଥା (Consultancy Organization) କିମ୍ବା ଇଚ୍ଛୁକ ବେସରକାରୀ ସେବା ସଂସ୍ଥା (NGOS)ର ସାହାଯ୍ୟ ନିଅନ୍ତୁ।

କ୍ର.ସଂ.	ଶିଳ୍ପ (Industry)
୧)	ଉଦ୍ୟୋଗ ସ୍ଥାପନର ସ୍ଥାନ ଏବଂ ଆକାର ସମ୍ପର୍କରେ ନିର୍ଣ୍ଣୟ କରନ୍ତୁ।
୨)	କାରଖାନା ପାଇଁ ଗୃହ ଏବଂ ଆନୁସଂଗିକ ଦ୍ରବ୍ୟର ଯୋଗାଡ଼।
୩)	ଉଦ୍ୟୋଗର ପୁଞ୍ଜିକରଣ (Registration) ପାଇଁ ଜିଲ୍ଲା ଶିଳ୍ପକେନ୍ଦ୍ରରେ ଆବେଦନ କରନ୍ତୁ।
୪)	ସମ୍ପୃକ୍ତ ଅଧିକାରୀଙ୍କଠାରୁ ଆବଶ୍ୟକୀୟ ଅନୁମତି ପତ୍ର (Clearance) ପ୍ରଭୃତି ସଂଗ୍ରହ କରନ୍ତୁ।
୫)	କେଉଁଠାରୁ ଅର୍ଥ ଯୋଗାଡ଼ କରିବେ ତାହା ନିର୍ଣ୍ଣୟ କରନ୍ତୁ।
୬)	କେଉଁଠାରୁ ଯନ୍ତ୍ରପାତି ଯୋଗାଡ଼ କରିବେ, ତାର ଯୋଜନା କରନ୍ତୁ।

କ୍ର.ସଂ.	ବ୍ୟବସାୟ / ସେବା (Business & Service)
୧)	ଉଦ୍ୟୋଗ ସ୍ଥାପନର ସ୍ଥାନ ଏବଂ ଆକାର ସମ୍ପର୍କରେ ନିର୍ଣ୍ଣୟ କରନ୍ତୁ।
୨)	ସେବା / ବ୍ୟବସାୟ କରିବାକୁ ଯାଉଥିବା ଦ୍ରବ୍ୟର ବଜାର ଚାହିଦାକୁ ନିରୀକ୍ଷଣ କରନ୍ତୁ।
୩)	ବ୍ୟବସାୟ ସ୍ଥାନ ନିରୂପଣ କରନ୍ତୁ।
୪)	ସେବାକାର୍ଯ୍ୟ ପାଇଁ ବା ଦୋକାନ ପାଇଁ ଗୃହର ନକ୍ସା ପ୍ରସ୍ତୁତି କରନ୍ତୁ କିମ୍ବା ଭଡ଼ାରେ ଉପଯୁକ୍ତ ଗୃହ ଖୋଜି ଠିକ୍ କରନ୍ତୁ।
୫)	ଦରକାର ହେଉଥିବା ଅନୁମତି ପତ୍ର ସମ୍ପୃକ୍ତ ଅଧିକାରୀଙ୍କଠାରୁ ସଂଗ୍ରହ କରନ୍ତୁ।
୬)	ବ୍ୟବସାୟ ସମ୍ପର୍କୀୟ ପ୍ରକଳ୍ପର ଆବଶ୍ୟକ ଜିନିଷ ଯୋଗାଡ଼ କରନ୍ତୁ।

୭)	ଯନ୍ତ୍ରପାତି ପାଇଁ ସମ୍ପୃକ୍ତ ଯୋଗାଣକାରୀକୁ ବରାଦ ଦିଅନ୍ତୁ।
୮)	ଅନ୍ୟାନ୍ୟ ଆସବାବପତ୍ର ଏବଂ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରନ୍ତୁ।
୯)	ଉଦ୍ୟୋଗରେ ଯନ୍ତ୍ରପାତିର ସ୍ଥାପନ କରନ୍ତୁ ବିଜୁଳିଶକ୍ତି ଏବଂ ଜଳ ଯୋଗାଣର ବ୍ୟବସ୍ଥା କରନ୍ତୁ।
୧୦)	ଆବଶ୍ୟକୀୟ କଞ୍ଚାମାଲ ସଂଗ୍ରହ କରନ୍ତୁ।
୧୧)	ଆବଶ୍ୟକ କର୍ମଚାରୀ / ଶ୍ରମିକଙ୍କୁ ନିଯୁକ୍ତି ଦିଅନ୍ତୁ।
୧୨)	ପରୀକ୍ଷାମୂଳକ ଉତ୍ପାଦନ ଆରମ୍ଭ କରନ୍ତୁ ଓ ଉତ୍ପାଦିତ ଦ୍ରବ୍ୟର ସଠିକ୍ ମୂଲ୍ୟ ନିରୂପଣ କରନ୍ତୁ।
୧୩)	ଉତ୍ପାଦିତ ଦ୍ରବ୍ୟର ବଜାର ବ୍ୟବସ୍ଥା କରନ୍ତୁ ଏବଂ ଉଦ୍ୟୋଗର ସଠିକ୍ ପରିଚାଳନାର ବ୍ୟବସ୍ଥା କରନ୍ତୁ।
୧୪)	ନିୟମିତ ଋଣ ପରିଶୋଧ ପ୍ରତି ଯତ୍ନଶୀଳ ରୁହନ୍ତୁ।

୭)	ଗ୍ରାହକମାନଙ୍କୁ ଆକର୍ଷଣ କରିବା ପାଇଁ ବ୍ୟବସାୟ ବା ସେବା ପ୍ରତିଷ୍ଠାନକୁ ଆକର୍ଷଣୀୟ କରନ୍ତୁ। ବିକଳ୍ପ ଜିନିଷ କ୍ଷେତ୍ରରେ ତାହା ଆକର୍ଷଣୀୟ ଭାବେ ରଖନ୍ତୁ।
୮)	ଖୁଚୁରା ବିକ୍ରେତା (Retailer) ପାଇକାରୀ ବିକ୍ରେତା (Whole Seller) ଏବଂ ବିକ୍ରୟ ପ୍ରଣାଳୀ ସ୍ଥିର କରନ୍ତୁ।
୯)	ନୂତନ ଗ୍ରାହକ ସୃଷ୍ଟି / ଗ୍ରାହକ ସଂପ୍ରସାରଣ ପାଇଁ ଉଦ୍ୟମ କରନ୍ତୁ।
୧୦)	ଖୁଚୁରା ବିକ୍ରୟର ବୃଦ୍ଧି ପାଇଁ ଉନ୍ନତ ବିକ୍ରୟ ପଦ୍ଧତି ସ୍ଥିର କରନ୍ତୁ।
୧୧)	ଗ୍ରାହକ ସେବାକୁ ଫଳପ୍ରଦ ବା ସେମାନଙ୍କର ମନନେବା ପାଇଁ ଚେଷ୍ଟିତ ରୁହନ୍ତୁ।
୧୨)	ଗ୍ରାହକ ସେବାକୁ ଅଗ୍ରାଧିକାର ଦିଅନ୍ତୁ ଓ ଗ୍ରାହକଙ୍କ ଅସୁବିଧାକୁ ସମ୍ବେଦନଶୀଳ ହୁଅନ୍ତୁ।
୧୩)	ନିଜର ଆୟବ୍ୟୟ ଫର୍ଦ୍ଦ (Account) କୁ ଉପଯୁକ୍ତ ଭାବରେ ରଖନ୍ତୁ ଓ ମାସିକ ଲାଭକ୍ଷତିର ହିସାବ ରଖନ୍ତୁ।
୧୪)	ନିୟମିତ ଋଣ ପରିଶୋଧ ପ୍ରତି ଯତ୍ନବାନ ହୁଅନ୍ତୁ।

ବ୍ୟବସାୟ / ସେବାଭିତ୍ତିକ ଉଦ୍ୟୋଗ

(Business / Service Oriented Enterprise)

ବ୍ୟବସାୟ ଉଦ୍ୟୋଗରେ ବିଭିନ୍ନ ପ୍ରକାରର ସାମଗ୍ରୀ ଯଥା ବହି, ଲୁଗା, ଖାଦ୍ୟପଦାର୍ଥ, ଆସବାବପତ୍ରର କିଣାବିକା କାର୍ଯ୍ୟ କରାଯାଇଥାଏ।

ସେବା ଭିତ୍ତିକ ଉଦ୍ୟୋଗରେ ଗ୍ରାହକ ଅର୍ଥବଦଳରେ ଆବଶ୍ୟକ ସେବା ପାଇପାରନ୍ତି। ଏହି ସେବା ଶାରୀରିକ ଶ୍ରମ, ମାନସିକ ଜ୍ଞାନ ଓ କୌଶଳ ଉପରେ ପର୍ଯ୍ୟବେଶିତ ହୋଇଥାଏ।

ଉଦାହରଣ :	ବ୍ୟବସାୟ	ସେବା
	ପାନ ଦୋକାନ	ଲଣ୍ଡ୍ରି
	ଲୁଗା ଦୋକାନ	ଜେରକ୍ସ (Xeroxing)
	ବାସନକୁସନ ଦୋକାନ	ଦର୍ଜୀ (Tailoring)
	ଜଳଖିଆ ଦୋକାନ	ଟି.ଭି. ମରାମତି
	ବହି ଦୋକାନ	ଘଡ଼ି ମରାମତି
	ଫଳରସ ଦୋକାନ ଇତ୍ୟାଦି	ସାଇକେଲ ମରାମତି, ମୋଟରଗାଡ଼ି ମରାମତି, ସେଲୁନ ଇତ୍ୟାଦି

ବ୍ୟବସାୟ ଏବଂ ସେବା ଉଦ୍ୟୋଗଗୁଡ଼ିକ କେତେକ କ୍ଷେତ୍ରରେ ଶିଳ୍ପଦ୍ୟୋଗର ଅଂଶ ଭାବରେ ପରିଗଣିତ ହେଉଥିଲେ ମଧ୍ୟ ସାମଗ୍ରିକ ଭାବରେ ଏସବୁ ମଧ୍ୟରେ ବହୁତ ପାର୍ଥକ୍ୟ ରହିଛି । ଏ ପ୍ରକାରର ଉଦ୍ୟୋଗଗୁଡ଼ିକ ସାଧାରଣତଃ ବ୍ୟବସାୟ ଏବଂ ସେବା ସମ୍ବନ୍ଧୀୟ କାର୍ଯ୍ୟକଳାପ ଯଥା ଦୋକାନଗୃହର ନକ୍ସା (Shop layout) ଦୋକାନ ସଜ୍ଜୀକରଣ, ଦୋକାନର ରକ୍ଷଣାବେକ୍ଷଣ, ବିକ୍ରୟ ପ୍ରଣାଳୀ, ବିକ୍ରିକରିବାର ଦକ୍ଷତା, ଗ୍ରାହକ ସୃଷ୍ଟି ଓ ସଂପ୍ରସାରଣ, ବିଭିନ୍ନ ସେବା କୌଶଳରେ ଜ୍ଞାନ ପ୍ରଭୃତି ବିଷୟ ସହିତ ସଂପୃକ୍ତ ।

ବ୍ୟବସାୟର ସ୍ଥାନ (Location / site)

ବ୍ୟବସାୟ ଉଦ୍ୟୋଗରେ ସଫଳତା ପାଇବାକୁ ହେଲେ ବ୍ୟବସାୟର ଉଚିତ ସ୍ଥାନ ନିରୂପଣ ଅତି ଗୁରୁତ୍ୱପୂର୍ଣ୍ଣ । ସ୍ଥାନ ନିରୂପଣ ବେଳେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଦୃଷ୍ଟିଦେବା ଆବଶ୍ୟକ ।

୧) ବ୍ୟବସାୟର ସ୍ଥାନ ସୁଗମ୍ୟ ଏବଂ ଗ୍ରାହକମାନଙ୍କର ନିକଟବର୍ତ୍ତୀ ବା ଆକର୍ଷଣୀୟ ସ୍ଥାନରେ ହୋଇଥିବ ।

୨) ଉପଯୁକ୍ତ ମଜୁରୀରେ କୁଶଳୀ ଶ୍ରମିକ ଉପଲବ୍ଧ ହେଉଥିବେ ।

୩) ଜମିର ମୂଲ୍ୟ, ଦୋକାନଗୃହର ଭଡ଼ା ଅପେକ୍ଷାକୃତ ଶସ୍ତା ହୋଇଥିବ ।

୪) ବ୍ୟବସାୟ ସ୍ଥାନରେ ଜଳ, ବିଦ୍ୟୁତ୍‌ଶକ୍ତି ଯୋଗାଣର ସୁବିଧା ଥିବ ।

୫) ଭବିଷ୍ୟତରେ ଉକ୍ତ ସ୍ଥାନରେ ବ୍ୟବସାୟର ସଂପ୍ରସାରଣର ସମ୍ଭାବନା ଓ ସୁବିଧା ଥିବ ।

ଦୋକାନ ନକ୍‌ସାଙ୍କନ (Shop Layout)

ଏହା ଆଦର୍ଶ ଦୋକାନର ନକ୍‌ସାଙ୍କନ ବା ନକ୍‌ସାର ପରିକଳ୍ପନାକୁ (Shop Layout) କୁହାଯାଏ । ଏହାର ଉଦ୍ଦେଶ୍ୟ ହେଉଛି – ଦୋକାନରେ ଥିବା ଦ୍ରବ୍ୟ ଏବଂ ଆସବାବପତ୍ରକୁ ଏପରି ଭାବରେ ସଜାଇ ରଖିବା ଉଚିତ୍, ଯାହାଫଳରେ ଏହା ଗ୍ରାହକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିବ ।

ଦୋକାନଟିକୁ ସୁନ୍ଦର ଭାବରେ ସଜାଇରଖିବା, ଦୋକାନର ଆୟତନ, ବିକ୍ରୟ ଦ୍ରବ୍ୟର ପରିମାଣ ଏବଂ ସଜାଇ ରଖିବାର କୌଶଳ ଉପରେ ନିର୍ଭରଶୀଳ ଦୋକାନର ନକ୍‌ସା କିପରି ହେବା ଉଚିତ ତାହା ନିମ୍ନରେ ଦର୍ଶାଯାଇଛି ।

ବିକ୍ରୟ ହେବାକୁ ଥିବା ଦ୍ରବ୍ୟକୁ ନିମ୍ନ ଉପାୟରେ ସଜାଡ଼ି ରଖିବା ଉଚିତ ।

୧) ଦ୍ରବ୍ୟଗୁଡ଼ିକୁ ଅଳ୍ପଉଚ୍ଚତା ବିଶିଷ୍ଟ ଥାକରେ ସଜାଡ଼ି ରଖିବା ଉଚିତ୍, ଯାହାଫଳରେ ଏହା ସହଜରେ ଗ୍ରାହକମାନଙ୍କ ଦୃଷ୍ଟିକୁ ଆସିପାରିବ ।

୨) ଦ୍ରବ୍ୟଗୁଡ଼ିକୁ ପ୍ରବେଶପଥ ଦିଗକୁ ମୁହଁ କରି ସଜାଡ଼ି ରଖିବା ଉଚିତ ।

୩) ଦ୍ରବ୍ୟଗୁଡ଼ିକୁ ଏପରି ସଜାଡ଼ି ରଖିବା ଉଚିତ, ଯାହାଫଳରେ ଏହା ସହଜରେ ହସ୍ତଗତ ହେଉଥିବ ।

୪) ଥାକଗୁଡ଼ିକୁ ଖାଲି ରଖିବା ଉଚିତ ନୁହେଁ ।

ଝରକା ସାଜସଜ୍ଜା (Window Display)

ଏହା ବିକ୍ରୟର ଅଭିବୃଦ୍ଧି ପାଇଁ ଏକ ଉତ୍କୃଷ୍ଟ ପଦ୍ଧତି । ଏକ ସୁନ୍ଦର ପ୍ରଦର୍ଶନ ପ୍ରଣାଳୀ ଦ୍ୱାରା ଗ୍ରାହକମାନଙ୍କର ଦୃଷ୍ଟି ଆକର୍ଷଣ ବା ଆଗ୍ରହ ବୃଦ୍ଧି କରାଯାଇପାରେ । ବାହାରକୁ ମୁହଁ କରିଥିବା ଏବଂ ଥାକମାନଙ୍କରେ ସୁନ୍ଦରଭାବରେ ପ୍ରଦର୍ଶିତ ହୋଇଥିବା ଦ୍ରବ୍ୟ, ଗ୍ରାହକମାନଙ୍କୁ ଖୁବ୍ ଶୀଘ୍ର ଆକର୍ଷିତ କରିଥାଏ । ତଳେ ଦିଆଯାଇଥିବା ଚିତ୍ରରେ ଏହା ପରିଷ୍କାର ବୁଝାପଡୁଛି ।

ପରିଷ୍କାର ପରିଚ୍ଛନ୍ନତା ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ (Cleanness And Proper Maintenance)

ଦୋକାନ ଗୃହର ପରିଚ୍ଛନ୍ନତା ଏବଂ ଉପଯୁକ୍ତ ରକ୍ଷଣାବେକ୍ଷଣ ଗ୍ରାହକମାନଙ୍କୁ ଆକର୍ଷିତ କରିଥାଏ ଓ ଦୋକାନର ପରିଚାଳନାରେ ସୁବିଧା ହୋଇଥାଏ ।

ଦୋକାନଗୃହର ଉଚିତ ରକ୍ଷଣାବେକ୍ଷଣା ପାଇଁ ନିମ୍ନଲିଖିତ ବିଷୟ ଉପରେ ଧ୍ୟାନ ରଖିବା ଉଚିତ୍ ।

(୧) ଦୋକାନ ଗୃହକୁ ପ୍ରତ୍ୟେକ ଦିନ ଓଳାଇ ପୋଛି ପରିଷ୍କାର ରଖିବା ଉଚିତ ।

(୨) କାଚ ଆଲମାରି ଏବଂ କାଚ ନିର୍ମିତ ଆସବାବପତ୍ର ପ୍ରତ୍ୟେକଦିନ ସଫାକରିବା ଉଚିତ୍ ।

(୩) ବିକ୍ରୟ ହୋଇ ନଥିବା ପୁରୁଣା ଦ୍ରବ୍ୟ ସ୍ଥାନରେ ନୂତନ ଦ୍ରବ୍ୟକୁ ସଜାଡ଼ି ରଖିବା ଉଚିତ୍ ।

ଗ୍ରାହକ ସହ ବ୍ୟବହାର ବା ଆଚରଣ / ସଂପର୍କ (Relationship with Consumer)

ଉଦ୍ୟୋଗୀ ଗ୍ରାହକମାନଙ୍କ ସହ ସୁ-ସଂପର୍କ ରଖିବା ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ୍ ।

୧) ଗ୍ରାହକ ବିନା ବ୍ୟବସାୟର ସ୍ଥିତି ନାହିଁ । ଗ୍ରାହକ ହିଁ ବ୍ୟବସାୟର ଲକ୍ଷ୍ମୀ ।

୨) ଆପଣ କେବଳ ସୁପାରିଶ ବା ପରାମର୍ଶ କରିପାରନ୍ତି, କିନ୍ତୁ ଗ୍ରାହକଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ ।

୩) ଗ୍ରାହକଙ୍କୁ ଦ୍ରବ୍ୟର ଗୁଣବତ୍ତା ସଂପର୍କରେ ଅବଗତ କରାନ୍ତୁ । ଗ୍ରାହକଙ୍କର ଅସୁବିଧା ଦୂର କରିବାକୁ ଚେଷ୍ଟା କରନ୍ତୁ ।

୪) ଗ୍ରାହକଙ୍କର ମତାମତ, ବୁଦ୍ଧିମତାକୁ ସମ୍ମାନ ଜଣାନ୍ତୁ ।

୫) ଗ୍ରାହକଙ୍କୁ ସହାସ୍ୟ ବଦନରେ ସ୍ୱାଗତ ଜଣାନ୍ତୁ ଏବଂ ଭଦ୍ରୋଚିତ ବ୍ୟବହାର କରନ୍ତୁ ।

୬) ଗ୍ରାହକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ । ସେମାନଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ ।

୭) ଜଣେ ସନ୍ତୁଷ୍ଟ ଗ୍ରାହକ ଆପଣଙ୍କର ପ୍ରତିଷ୍ଠାନର ଜଣେ ସୁପ୍ରଚାରକ ହୋଇଥାନ୍ତି । ଏଣୁ ଗ୍ରାହକଙ୍କର ବିଶ୍ୱାସ ବଢ଼ିଲା ଭଳି କାର୍ଯ୍ୟ

କରନ୍ତୁ।

୮) ଗ୍ରାହକଙ୍କର କଥାକୁ ଧୈର୍ଯ୍ୟର ସହ ଶୁଣନ୍ତୁ।

ବିକ୍ରୟ ଏବଂ ବିକ୍ରିକରିବାର ଦକ୍ଷତା (Sale and Selling Capability)

ଖୁଚୁରା ବିକ୍ରେତା କିଏ ? - ଖୁଚୁରା ବିକ୍ରେତା କୌଣସି ଦ୍ରବ୍ୟକୁ ପ୍ରକୃତ ଖାଉଟି ଗ୍ରାହକଙ୍କୁ ବିକ୍ରୟ କରିଥାଏ। ଖୁଚୁରା ବିକ୍ରେତା ହେଉଛି ଦ୍ରବ୍ୟର ଉତ୍ପାଦନକାରୀ ଏବଂ ପ୍ରକୃତ ଖାଉଟି ଗ୍ରାହକ ମଧ୍ୟରେ ଶେଷ ସୋପାନ ବା ମାଧ୍ୟମ।

ସେବା ସମ୍ବନ୍ଧୀୟ କାର୍ଯ୍ୟକଳାପ (Service)

ଏଥିରେ ଗ୍ରାହକମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ସନ୍ତୁଷ୍ଟ କରାଯାଇଥାଏ। ସେବା କେଉଁ ପ୍ରକାରର ତାହା ସେବା ପ୍ରଦାନ କରୁଥିବା ବ୍ୟକ୍ତି ଉପରେ ନିର୍ଭର କରେ।

ସେବାର ଲକ୍ଷଣ (Features of Service)

ସେବାକୁ ଦୋକାନରେ ଦ୍ରବ୍ୟ ଭଳି ଗଚ୍ଛିତ କରି ରଖାଯାଇପାରିବ ନାହିଁ। ସେବାକୁ ଦ୍ରବ୍ୟଭଳି ଗଣାଯାଇପାରିବ ନାହିଁ ବା ଦେଖିହେବ ନାହିଁ। ଉଦାହରଣ ସ୍ୱରୂପ ଜଣେ ବସ୍ ପରିଚାଳକ ତାଙ୍କର ବସ୍‌ରେ ଥିବା ସମସ୍ତ ସ୍ଥାନକୁ ବିକ୍ରୟ କରିପାରିବେ ନାହିଁ ବା ଯାତ୍ରୀ (Passenger)ଙ୍କୁ ଭବିଷ୍ୟତରେ ବ୍ୟବହାର ପାଇଁ ଗଚ୍ଛିତ କରି ରଖିପାରିବେ ନାହିଁ।

ସାମାଜିକ ଉଦ୍ୟୋଗୀମାନଙ୍କର ଗୁଣାବଳୀ

- ସମସ୍ତଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିବେ।
- ଗ୍ରାମବାସୀମାନଙ୍କର ବିଶ୍ୱାସ ଭାଜନ ହୋଇଥିବେ।
- ଗାଁରେ ଥିବା ସମସ୍ୟା ବିଷୟରେ ଅନ୍ୟମାନଙ୍କୁ ଭଲ ଭାବରେ ବୁଝାଇପାରୁଥିବେ।
- ଯେ କୌଣସି କାମକୁ ସଠିକ୍ ଭାବରେ ପରିଚାଳନା କରିପାରୁଥିବେ।
- ନିୟମିତ ରୂପେ ନିଜର କାର୍ଯ୍ୟ ବିବରଣୀ ଓ ଅନ୍ୟାନ୍ୟ ଖାତାପତ୍ରଗୁଡ଼ିକ ସଠିକ୍ ଭାବରେ ଲେଖି ରଖୁଥିବେ।
- ଗରିବ, ଭିନ୍ନକ୍ଷମ, ଅସହାୟ ଓ ନିଃସହାୟ ଲୋକମାନଙ୍କ ଅସୁବିଧାକୁ ବୁଝି ସେମାନଙ୍କର ସୁବିଧା କରିବାକୁ ଉଦ୍ୟମ କରୁଥିବେ।
- ଗାଁର ବିକାଶ ପାଇଁ ସମସ୍ତଙ୍କ (ଗ୍ରାମବାସୀ, ପଞ୍ଚାୟତ, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ଲୋକ ପ୍ରତିନିଧି) ସହିତ ଯୋଗାଯୋଗ ରଖୁଥିବେ।
- ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଥିବ ବା ଜାଣିଥିବେ ଅଥବା ଜାଣିବାକୁ ଚେଷ୍ଟା କରୁଥିବେ।
- କାର୍ଯ୍ୟରେ ସାଧୁତା ଓ ସଚ୍ଚୋଟତା ପରିଲକ୍ଷିତ ହେଉଥିବ।
- ନୂଆ କଥା ଶିଖିବା ଓ କାର୍ଯ୍ୟ କରିବା ପାଇଁ ମନୋବୃତ୍ତି ଥିବ।
- ସମସ୍ତଙ୍କ ସହିତ ମିଳିମିଶି କାମ କରୁଥିବେ।

ଉଦୟ
UDAY

ଉଦୟ ପରିକଳ୍ପନା 'ଗ୍ରାମୀଣ ବିଦ୍ୟୁତକରଣ ନିଗମ' (REC), 'ଜାତିସଂଘ ଜନସଂଖ୍ୟା ପାଣ୍ଠି' (UNFPA) ଏବଂ କଳିଙ୍ଗ ଇନ୍‌ଷ୍ଟିଟ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ୍ (KISS)ର ଏକ ମିଳିତ ଉଦ୍ୟମ। ଓଡ଼ିଶାର ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳରେ ଥିବା ଉପେକ୍ଷିତ ଜନଜାତି ସମୁଦାୟର ଯୁବମାନଙ୍କର ସମୁଦାୟକୁ ବୁଝି ଏହାର ସମାଧାନ କରିବା ଏହି ପରିକଳ୍ପନାର ଲକ୍ଷ।

ଉଦୟର ପରିସର

ସିଧା ହିତାଧିକାରୀ: କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାରୁ ୧୫୦୦ ଯୁବ ବର୍ଗ, ଯେଉଁମାନଙ୍କ ବୟସ ୧୮ ରୁ ୩୦ ବର୍ଷ ମଧ୍ୟରେ ହୋଇଥିବ ଏବଂ ଏମାନଙ୍କ ମଧ୍ୟରୁ ଅତି କମରେ ଏକ ତୃତୀୟାଂଶ ମହିଳା ହୋଇଥିବେ।

ପରିକଳ୍ପନାର ଉଦ୍ଦେଶ୍ୟ

- କୌଶଳ ଶିକ୍ଷା ଦ୍ୱାରା ଯୁବମାନଙ୍କ ଦକ୍ଷତା ବୃଦ୍ଧି କରାଇବା।
- ଏମାନଙ୍କର ନେତୃତ୍ୱରେ ବିକାଶ କରିବା ଏବଂ ଏମାନଙ୍କୁ ସଂଗଠିତ କରାଯାଇ ନିଜ ଅଞ୍ଚଳର ସାମାଜିକ ବିକାଶ କାର୍ଯ୍ୟରେ ଯୋଗଦାନ ପାଇଁ ସହାୟତା କରିବା।
- ସରକାରୀ ପ୍ରକଳ୍ପ ଏବଂ ଉଦ୍ୟମ ଗୁଡ଼ିକରୁ ପ୍ରଦତ ସୁବିଧା ସୁଯୋଗ ଗୁଡ଼ିକ ପାଇବା ପାଇଁ ସଚେତନତା ସୃଷ୍ଟି କରିବା ତଥା ସରକାରୀ ବିଭାଗ ତଥା ଅନୁଷ୍ଠାନମାନଙ୍କ ସହିତ ସଂଯୁକ୍ତ କରିବା ପାଇଁ ପଥ ସୁଗମ କରିବା।
- ସମୁଦାୟର ଅନ୍ୟ ଯୁବକମାନଙ୍କ ମଧ୍ୟରେ ପରିବର୍ତ୍ତନର ତରଙ୍ଗ ଉଦ୍ରେକ କରିବା।

ଉଦୟ
UDAY

- Mission UDAY, is aimed at building young leaders from tribal and most vulnerable regions of the state who can become change agents in their communities. The project will encompass training, capacity building and mentoring support so that Youth are able to connect their communities to various welfare programmes, take up social issues and positively influence peers. Mission UDAY aims to;
  - Enable youth from the most vulnerable communities access leadership and skill training
  - Engage young people in social-development processes, through mentoring support
  - Facilitate access to government programmes and schemes, by creating awareness among youth, establishing linkages to government departments and institutes
  - Trigger a ripple effect by enabling the champions of change connect other youth in their communities to various welfare programmes



କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍
କିଟ୍ କ୍ୟାମ୍ପସ୍-୧୦, ଭୁବନେଶ୍ୱର-୭୫୧୦୨୪
ଫୋନ୍ : ୮୧୪୩୯୩୦୧
e-mail : info@kiss.ac.in, web : www.kiss.ac.in